

‘ରାମାୟଣ’ରେ
ମରାଠୀ ଅଭିନେତା
▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-34 ♦MONDAY ♦28 JULY 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୩୪ ♦ସୋମବାର ♦୨୮ ଜୁଲାଇ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ହରିଦ୍ୱାରର ମନସା ଦେବୀ ମନ୍ଦିରରେ ଦଳାଚକଟା

# ୬ ଶ୍ରଦ୍ଧାଳୁ ମୃତ, ୨୯ ଆହତ





**‘କରେଣ୍ଟ’ ଗୁଜବରୁ ଦୁର୍ଘଟଣା**

■ **ହରିଦ୍ୱାର, ୨୭।୭ (ଏଜେନ୍ସି):** ଶ୍ରାବଣର ତୃତୀୟ ସୋମବାର ପାଇଁ ଉତ୍ତରାଖଣ୍ଡର ପବିତ୍ର ସହର ହରିଦ୍ୱାରରେ ପ୍ରବଳ ଗହଳି ଲାଗିଛି। ଏହା ପୂର୍ବରୁ ଏଠାକାର ମନସା ଦେବୀ ମନ୍ଦିରରେ ରବିବାର ସକାଳ ୯ଟା୧୫ରେ ବଡ଼ ଅଘଟଣ ଘଟିଛି। ପାହାଡ଼ ଉପରେ ଥିବା ମାଆଙ୍କ ମନ୍ଦିରକୁ ଶ୍ରଦ୍ଧାଳୁ ପାହାଚ ଚଢ଼ି ଯାଉଥିବାବେଳେ ଦଳାଚକଟା ହୋଇଛି। ଏହି ଦୁର୍ଘଟଣାରେ ୬ ଜଣଙ୍କ ଅକାଳ ମୃତ୍ୟୁ ହୋଇଛି। ୨୯ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୫ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ନିକଟସ୍ଥ ହସ୍ପିଟାଲରେ ଆହତଙ୍କ ଚିକିତ୍ସା ଚାଲିଛି। ମୃତକଙ୍କ ମଧ୍ୟରେ ଉତ୍ତର ପ୍ରଦେଶର ଆରୁଷ (୧୨), ବିବେକ (୧୮), ଓକିଲ ଏବଂ ଶାନ୍ତି, ଉତ୍ତରାଖଣ୍ଡର ବିପିନ ସାଇନି (୧୮), ବିହାର ସକଲ ଦେବ (୧୮) ସାମିଲ ଅଛନ୍ତି। ଏହି ଦୁର୍ଘଟଣାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କୁ ୫୦ ହଜାର ଲେଖାଏଁ ଅନୁକମ୍ପାମୂଳକ ସହାୟତା ଦେବାକୁ ଘୋଷଣା କରିଛନ୍ତି। ସେ ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସେ ମେଡିକାଲରେ ଆହତଙ୍କୁ ଭେଟିଛନ୍ତି।

ମନସା ଦେବୀଙ୍କ ମନ୍ଦିର ଶିବଲିକ ପର୍ବତ ଶ୍ରେଣୀର ବିଲ୍ୱ ପାହାଡ଼ ଉପରେ ରହିଛି। ଏହା ‘ହର କି ପୌଡ଼ି’ରୁ ୩ କିମି ଦୂରରେ ରହିଛି। ଦେଢ଼ କିମି ଚଢ଼ି କିମ୍ବା ରୋପୱେ ମାଧ୍ୟମରେ ଏହି ସ୍ଥାନକୁ ଯାଇହେବ। ଏହି ମନ୍ଦିରକୁ ଯିବା ପାଇଁ ୮୦୦ ପାହାଚ ଚଢ଼ିବାକୁ ପଡ଼ିବ। ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ ମନ୍ଦିରରେ ପହଞ୍ଚିବାକୁ ଆଉ ୨୫ ପାହାଚ ବାକିଥିବାବେଳେ ଦଳାଚକଟା ହୋଇଥିଲା। ଆଜି ପ୍ରବଳ ଭିଡ଼ ଥିଲା। କିଛି ଲୋକ ସେଠାରେ ଥିବା ତାରକୁ ଧରି ଆଗକୁ ବଢୁଥିଲେ। ଏହି ସମୟରେ ତାର ଛିଡ଼ିଯାଇ କରେଣ୍ଟ ଲାଗି ଯାଇଥିଲା। ଏହାକୁ ନେଇ ଧାଁଦୌଡ଼ ସ୍ଥିତି ସୃଷ୍ଟି ହୋଇଥିଲା। କିଛି ଲୋକ ପାହାଚ ଉପରେ ପଡ଼ି ଯାଇଥିଲେ। ପରେ ଅନ୍ୟମାନେ ତାଙ୍କୁ ଜୀବନ ବିକଳରେ ଦଳି ଚାଲି ଯାଇଥିଲେ। ତେଣୁ ଏହି ଲୋକଙ୍କ ମୃତ୍ୟୁ ହୋଇଥିଲା। ତେବେ କରେଣ୍ଟ ଲାଗିବା ଖବରକୁ ହରିଦ୍ୱାର ପୁଲିସ ଗୁଜବ କହିଛି। ଗଢ଼ୱାଲ ଡିଭିଜନର କମିଶନର ବିନୟ ଶଙ୍କର ପାଣ୍ଡେ କହିଛନ୍ତି ଯେ ପ୍ରବଳ ଭିଡ଼ ଯୋଗୁଁ ଦଳାଚକଟା ହୋଇଛି। ସେହିପରି ଆଖଡ଼ା ପରିଷଦର ଅଧ୍ୟକ୍ଷ ରବୀନ୍ଦ୍ର ପୁରି ମନସା ଦେବୀ ମନ୍ଦିରର ମହନ୍ତ ଅଛନ୍ତି। ସେ କହିଛନ୍ତି ଯେ ମନ୍ଦିରକୁ ଯିବାଆସିବା ପାଇଁ ୩ଟି ରାସ୍ତା ରହିଛି। ବର୍ଷା ଯୋଗୁଁ ରାସ୍ତାରେ ସିଉଳି ଲାଗି ଯାଇଥିଲା। ଶ୍ରଦ୍ଧାଳୁ ପଡ଼ି ଯାଉଥିବା ନେଇ ଗୁଜବ ସୃଷ୍ଟି ହେବାରୁ ଦଳାଚକଟା ହୋଇଥିଲା।

# ବନ୍ୟା ଭୟରେ ୬ ଜିଲ୍ଲା

**ପ୍ରଭାବିତ ଜିଲ୍ଲାରେ ନିୟୋଜିତ ଓଡ୍ରାଫ୍ ଓ ଏନ୍‌ଡିଆରଏଫ୍**

**ସମୀକ୍ଷା କଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ**

**ବନ୍ୟା ପ୍ରଭାବିତ ଅଞ୍ଚଳରେ ଚାଲିଛି ଉଦ୍ଧାର କାର୍ଯ୍ୟ**

## ଉତ୍ତର ଓଡ଼ିଶାରେ ୧୧ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ



■ **ଭୁବନେଶ୍ୱର, ୨୭।୭ (ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଏହିସହିତ ଓଡ଼ିଶାରେ ପ୍ରବାହିତ ହେଉଥିବା ପ୍ରମୁଖ ନଦୀଗୁଡ଼ିକର ଉପରମୁଣ୍ଡରେ ମଧ୍ୟ ଭଲ ବର୍ଷା ହୋଇଛି। ଫଳରେ ବର୍ତ୍ତମାନ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଅପରାହ୍ଣ ସୁଦ୍ଧା ଏହି ଜିଲ୍ଲାଗୁଡ଼ିକରେ ୧୧ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ଆସନ୍ତା କାଲି ସୁଦ୍ଧା ଏହି ସଂଖ୍ୟା ଆହୁରି ବଢ଼ିବାର ଆଶଙ୍କା ରହିଛି। ବର୍ତ୍ତମାନ ମୁଖ୍ୟତଃ ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ଜଳକା ଆଦି ନଦୀରେ ଜଳସ୍ତର ଅଧିକ ରହିଥିବାରୁ ଏହି ଅଞ୍ଚଳ ଲୋକେ ଭୟଭୀତ ଅବସ୍ଥାରେ ରହିଛି। ଅନ୍ୟପଟେ ସୁବର୍ଣ୍ଣରେଖାରେ ବନ୍ୟାଜଳ ବୃଦ୍ଧିକୁ ଆଖିରେ ରଖି ବାଲେଶ୍ୱର ଜିଲ୍ଲାବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ▶ପୃଷ୍ଠା-୭

## ବୈତରଣୀରେ ଭାସିଯାଇ ଯୁବକ ମୃତ

■ **ଦଶରଥପୁର, ୨୭।୭ (ସମିସ):** ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ବୈତରଣୀ ନଦୀ ବନ୍ୟା ପାଣିରେ ଭାସିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦଶରଥପୁର ବ୍ଲକ ଜୟନ୍ତରା ପଞ୍ଚାୟତ ଚାନ୍ଦକୁଡ଼ା ଗ୍ରାମର ମକରଧ୍ୱଜ ଜେନାଙ୍କ ପୁଅ ସନ୍ତୋଷ ଜେନା (୩୦) ବୋଲି ସୂଚନା ମିଳିଛି। ସନ୍ତୋଷ ଆଜି ଅପରାହ୍ନ ପ୍ରାୟ ୪ଟା ସମୟରେ ନଦୀ ନିକଟକୁ ଶୌଚ ହେବାକୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ନଦୀ ପାଣିରେ ଭାସିଯାଇଥିଲେ। ଖବର ପାଇ ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ମଲିକ, ବାବୁ ରାମ ମୁର୍ମୁଙ୍କ ▶ପୃଷ୍ଠା-୭

### ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍

# ଓଡ଼ିଶାର ମହିଳାଙ୍କୁ ପ୍ରଶଂସା



**ସାନ୍ତାଳୀ ଶାଢ଼ିର ପୁନରୁଦ୍ଧାର, କୀର୍ତ୍ତନ ମାଧ୍ୟମରେ ବନାଗ୍ନି ସଚେତନତାରେ ମୟୂରଭଞ୍ଜ ଓ କେନ୍ଦୁଝର ମହିଳାଙ୍କ ଉଦ୍ୟମ ପ୍ରେରଣାଦାୟୀ: ମୋଦୀ**

■ **ଭୁବନେଶ୍ୱର, ୨୭।୭ (ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ ‘ମନ୍ କୀ ବାତ୍’ର ୧୨୪ତମ ଅଧ୍ୟାୟରେ ଦେଶର ଉଲ୍ଲେଖନୀୟ ଉପଲବ୍ଧ ଏବଂ ସମୃଦ୍ଧ ଲୋକ ପରମ୍ପରା ବିଷୟରେ ଆଲୋଚନା ବେଳେ ଓଡ଼ିଶାର କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାକୁ ପ୍ରଶଂସା କରିଛନ୍ତି। ଦେଶର ସ୍ୱଦେଶୀ ଆନ୍ଦୋଳନ, ସ୍ଥାନୀୟ ଉତ୍ପାଦ ଏବଂ ସମୃଦ୍ଧ ହସ୍ତଶିଳ୍ପ ପରମ୍ପରା ବିଷୟରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ସାନ୍ତାଳୀ ଶାଢ଼ି ବୁଣୁଥିବା ମୟୂରଭଞ୍ଜର ଆଦିବାସୀ ମହିଳାଙ୍କ ଉଦାହରଣ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ମୟୂରଭଞ୍ଜ ଜିଲ୍ଲାର ୬୫୦ରୁ ଅଧିକ ଆଦିବାସୀ ମହିଳା ପାରମ୍ପରିକ ସାନ୍ତାଳୀ ଶାଢ଼ିର ପୁନରୁଦ୍ଧାର କରି ପାରିଛନ୍ତି। ବର୍ତ୍ତମାନ ଏହି ମହିଳାମାନେ ପ୍ରତ୍ୟେକ ମାସରେ ହଜାର ହଜାର ଟଙ୍କା ରୋଜଗାର କରିପାରୁଛନ୍ତି। ସେମାନେ କେବଳ ବସ୍ତ୍ର ତିଆରି କରୁନାହାନ୍ତି; ବରଂ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ବିଶ୍ୱ ପାଇଁ ଚିନ୍ତାଜନକ ସମସ୍ୟା ପାଲଟିଥିବା ବନାଗ୍ନି ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରୟାସ କରୁଥିବା କେନ୍ଦୁଝରର କୀର୍ତ୍ତନମଣ୍ଡଳୀ ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି, ଭାରତର ବିବିଧତାର ସବୁଠାରୁ ସୁନ୍ଦର ଝଲକ ଦେଶର ଲୋକଗୀତ ଏବଂ ପରମ୍ପରାରେ ଦେଖିବାକୁ ମିଳିଥାଏ। ଏହାର ଅଂଶ ହେଉଛି ଆମର ଭଜନ ଓ କୀର୍ତ୍ତନ। କିନ୍ତୁ ବନାଗ୍ନି ସମ୍ପର୍କରେ ଓଡ଼ିଶାର କେନ୍ଦୁଝର ଜିଲ୍ଲାରେ କୀର୍ତ୍ତନ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଇବା ପାଇଁ ଅଭିନବ ପ୍ରୟାସ କରାଯାଇଛି। ଏଠାରେ ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ ନାମକ ଗୋଟିଏ ଦଳ ଅଛି। ଏହି ଦଳ ଆଜି ଭକ୍ତି ସହିତ ପରିବେଶ ସୁରକ୍ଷାର ମନ୍ତ୍ର ମଧ୍ୟ ଜପୁଛି। ପ୍ରମିଳା ▶ପୃଷ୍ଠା-୭

## ୨୦ ହଜାର ଟଙ୍କାରେ ଶିଶୁକନ୍ୟାକୁ ବିକ୍ରି

■ **ବଲାଙ୍ଗିର, ୨୭।୭ (ସମିସ):** ବଲାଙ୍ଗିର ଜିଲ୍ଲାରେ ପୁଣି ସାମ୍ନାକୁ ଆସିଛି ଶିଶୁ ବିକ୍ରି ଅଭିଯୋଗ। ଦାରିଦ୍ର୍ୟତା ଯୋଗୁଁ ମାତ୍ର ୨୦ ହଜାର ଟଙ୍କାରେ ଶିଶୁ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଥିବାବେଳେ ଅନ୍ୟପଟେ ବ୍ୟକ୍ତିଗତ ଭାବେ ଶିଶୁକୁ ଦେଇଥିବା ପରିବାର ଲୋକ କହିଛନ୍ତି। ତେବେ ସତ୍ୟ ଯାହା ହେଉନା କାହିଁକି ପୁଣି ଏହି ଘଟଣା ଜିଲ୍ଲାରେ ଆଲୋଡନ ସୃଷ୍ଟି କରିଛି। ‘ଦାରିଦ୍ର୍ୟତା ପାଇଁ ଶିଶୁକୁ ବିକିବାକୁ ଆମେ ବାଧ୍ୟ ହେଲୁ। ଆମେ ସ୍ୱାମୀ ସ୍ତ୍ରୀ ଦିନ ମଜୁରିଆ ଭାବରେ କାମ କରୁ। ଭଲ ଘର ଟିଏ ନାହିଁ। ନା କିଛି ସୁବିଧା ଅଛି। ଯାହା ମଜୁରି ମିଳେ ସେଥିରେ ଚଳୁ। ସେଥିପାଇଁ ଜନ୍ମ କଲା ଶିଶୁକୁ ବିକ୍ରି କରିଦେଲୁ’। ଏଭଳି ଭାବରେ ସବୁ କଥାକୁ ଗଣମାଧ୍ୟମ ଆଗରେ ବିକ୍ରି ହୋଇଥିବା ଶିଶୁର ବାପା କହିଥିଲେ। ଶିଶୁକନ୍ୟାକୁ ବିକ୍ରିକରିବା ଖବର ସାମ୍ନାକୁ ଆସିବା ପରେ ସବୁ ସତ ମାନିଛନ୍ତି ବାପା ମାଆ। ବଲାଙ୍ଗିର ଟିଟିଲାଗଡ଼ ବ୍ଲକ୍ ଭାଲେଗାଁ ପଞ୍ଚାୟତ ବାଗଡେର ଗାଁ ନୀଳ ରଣା ଆର୍ଥିକ ଅଭାବ ଯୋଗୁଁ ନିଜ ଦ୍ୱିତୀୟ ଶିଶୁକନ୍ୟାକୁ ବିକ୍ରି କରିଦେଇଥିବା ଅଭିଯୋଗ ▶ପୃଷ୍ଠା-୭

# ମାଲକାନଗିରିରେ ପୁଣି ଲଜ୍ଜା

## ଲିଫ୍ଟ ଦେବା ବାହାନାରେ ନାବାଳିକାଙ୍କୁ ଦୁଷ୍କର୍ମ

■ **କୋରୁକୋଣ୍ଡା, ୨୭।୭ (ସମିସ):** ମାଲକାନଗିରି ଜିଲ୍ଲା ଓରକେଲ ଥାନା ଅଞ୍ଚଳରେ ପୁଣି ଜଣେ ନାବାଳିକା ଦୁଷ୍କର୍ମର ଶିକାର ହୋଇଛି। ଲିଫ୍ଟ ଦେବା ବାହାନାରେ ନାବାଳିକାକୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସୂଚନାନୁଯାୟୀ, ନାବାଳିକା ଜଣକ ଗତ ବର୍ଷ ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମାମୁଁ ଘର କୁଡୁମୁଲୁଗୁମ୍ମା ଫାଣ୍ଡି ଅଞ୍ଚଳରେ ରହୁଥିଲେ। ଗତ ୨୦ ତାରିଖ ଦିନ ନିଜ ଘରକୁ ଆସି ପୁଣି ମାମୁଁ ଘରକୁ ଯାଉଥିବା ବେଳେ ଜଣେ ବାଇକଚାଳକ ତାଙ୍କୁ ଘରେ ଛାଡ଼ି ଦେବାକୁ କହି ଲିଫ୍ଟ ଦେଇଥିଲେ। ସେ ବାଇକ୍‌ରେ ବସିବା ପରେ ବାଇକ୍ ଚାଳକ ତାଙ୍କୁ ମାମୁଁ ଘର ଗ୍ରାମକୁ ନ ନେଇ ଚିତ୍ରକୋଣ୍ଡା ଡ୍ୟାମ୍ ବୁଲାଇବାକୁ କହି ନେଇ ଯାଇଥିଲେ। ସନ୍ଧ୍ୟା ହେବାରୁ ଅନ୍ଧାରର ସୁଯୋଗ ନେଇ ନାବାଳିକାଙ୍କ ସହ ଦୁଷ୍କର୍ମ କରିଥିଲେ। ଏହାପରେ ବାଇକଚାଳକ ରାତିରେ ନାବାଳିକାକୁ ନେଇ ତାଙ୍କ ମାମୁଁ ଘର ଗାଁ ମୁଣ୍ଡରେ ଛାଡି ଚାଲି ଯାଇଥିଲା। ସକାଳେ ନାବାଳିକା ଜଣଙ୍କ ତାଙ୍କୁ ବାଇକଚାଳକ ଦୁଷ୍କର୍ମ କରିଥିବା ▶ପୃଷ୍ଠା-୭



## ଦୁଷ୍କର୍ମ ପୀଡ଼ିତା ନାବାଳିକାଙ୍କ ପ୍ରସବ ପରେ ଶିଶୁ ମୃତ

■ **ଖଇରପୁଟ/କୁଡୁମୁଲୁଗୁମ୍ମା, ୨୭।୭ (ସମିସ):** ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକରେ ଜଣେ ନାବାଳିକାକୁ ଦୁଷ୍କର୍ମ କରି ଗର୍ଭବତୀ କରିଥିବା ଅଭିଯାଗରେ ପୁଲିସ ଜଣକୁ ଗିରଫ କରିଛି।

ସୂଚନା ଅନୁଯାୟୀ, ଜିଲ୍ଲାର ମୁଦୁଲିପଡା ଥାନା ଅଞ୍ଚଳରେ ଜଣେ ନାବାଳିକା ଗର୍ଭବତୀ ଥିବା ନେଇ ତାଙ୍କ ପରିବାର ଲୋକେ ଜାଣିବା ପରେ ତାଙ୍କ ସହ ଦୁଷ୍କର୍ମ ହୋଇଥିବା ପୀଡ଼ିତା ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଗତ ୨୫ ତାରିଖରେ ପୀଡ଼ିତାଙ୍କ ପରିବାର ଓ ଗ୍ରାମବାସୀ ଏବଂ ▶ପୃଷ୍ଠା-୭

### ସରଣ୍ଡା ଜଙ୍ଗଲରେ ଲୁଚାଇ ରଖିଥିଲେ ମାଓବାଦୀ


# ମାଟି ତଳୁ ୩୫ ଲକ୍ଷ ଟଙ୍କା ଜବତ



ସର୍ଚ୍ଚ ଅପରେସନ ବେଳେ ଉଦ୍ଧାର କଲେ ଯବାନ

■ **ରାଉରକେଲା, ୨୭।୭ (ସମିସ):** ମାଓବାଦୀଙ୍କ ସହିଦ ସପ୍ତାହ ପାଳନ ପୂର୍ବରୁ ସୁରକ୍ଷା ବାହିନୀଙ୍କୁ ମିଳିଲା ବଡ ସଫଳତା। ଓଡିଶା-ଝାଡଖଣ୍ଡ ସୀମାନ୍ତବର୍ତ୍ତୀ ସରଣ୍ଡା ଜଙ୍ଗଲର ଚାଇବାସା ନିକଟରେ ମାଟି ତଳେ ପୋତା ଯାଇଥିବା ଅନ୍ୟୁନ ୩୫ ଲକ୍ଷ ଟଙ୍କାକୁ ଝାଡଖଣ୍ଡ ପୁଲିସ ଜବତ କରିଛି। ବିସ୍ଫୋରକ ସାମଗ୍ରୀ ସହ ମାରଣାସ୍ତ୍ର କିଣିବା ପାଇଁ ଏହି ଟଙ୍କାକୁ ମାଓବାଦୀମାନେ ମାଟି ତଳେ ଲୁଚାଇ ରଖିଥିଲେ ବୋଲି ସନ୍ଦେହ କରିଛି ସୁରକ୍ଷା ବାହିନୀ। ସୂଚନାଯୋଗ୍ୟ, ସୋମବାର ଅର୍ଥାତ୍ ଜୁଲାଇ ୨୮ ତାରିଖରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ମାଓ ସଂଗଠନ ପକ୍ଷରୁ ମାଓ ସହିଦ ସପ୍ତାହ ଦିବସ ପାଳନ କରାଯିବ। ଏହି ସହିଦ ସପ୍ତାହ ପାଳନ ଅବସରରେ ମାଓବାଦୀମାନେ ପ୍ରତିବର୍ଷ କୌଣସି ବଡଧରଣର ଅଘଟଣ ତଥା ମାଓ ହିଂସା ଘଟାଇ ଥାନ୍ତି ଅଥବା ଯୋଜନା କରିଥାନ୍ତି। ତେବେ ମାଓବାଦୀଙ୍କ ଦ୍ୱାରା ଏହି ସହିଦ ସପ୍ତାହ ପାଳନର ଅବ୍ୟବହିତ ପୂର୍ବରୁ ଓଡିଶା- ଝାଡଖଣ୍ଡ ସୀମାନ୍ତବର୍ତ୍ତୀ ସରଣ୍ଡା ଜଙ୍ଗଲର ଚାଇବାସା ନିକଟରେ ମାଟି ତଳେ ପୋତା ଯାଇଥିବା ଅନ୍ୟୁନ ୩୫ ଲକ୍ଷ ଟଙ୍କାକୁ ଝାଡଖଣ୍ଡ ପୁଲିସ ଜବତ କରିଥିବା ଝାଡ଼ଖଣ୍ଡ ଆଇଜି ସୂଚନା ଦେଇଛନ୍ତି। ଆଇଜିଙ୍କ ସୂଚନାନୁଯାୟୀ, ମାଓବାଦୀମାନେ ସରଣ୍ଡା ଜଙ୍ଗଲରେ ମାଟି ତଳେ ▶ପୃଷ୍ଠା-୭

## ମୂଲ ଲାଗି ଫେରୁଥିଲେ; ଦଳିଦେଲା ଦନ୍ତା



■ **ଜି.ଉଦୟଗିରି, ୨୭।୭ (ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଅଞ୍ଚଳରେ ଦୀର୍ଘ ମାସ ହେଲା ହାତୀ ଆତଙ୍କରେ ଜୀବିକା ପ୍ରଭାବିତ ପ୍ରଭାବିତ ହୋଇଥିବା ବେଳେ ଏବେ ଜୀବନ ଯିବା ଆରମ୍ଭ ହୋଇଛି। ହାତୀଙ୍କ ଉପଦ୍ରବ ଯୋଗୁ ସନ୍ଧ୍ୟା ହେଲେ ଲୋକେ ଘରୁ ବାହାରୁ ନ ଥିବା ବେଳେ ଜଙ୍ଗଲ ଯିବା ମଧ୍ୟ ବନ୍ଦ ହୋଇଯାଇଛି। ଏଥିଯୋଗୁ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡ଼ିଛି। ଏଭଳି ସ୍ଥିତିରେ ମୂଲ କାମ ସାରି ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ଜଣକୁ ହାତୀ ଆକ୍ରମଣ କରି ମାରି ଦେଇଛି। ଏନେଇ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି।

ଦେଖିଥିବା ଲୋକଙ୍କ କହିବା ପ୍ରକାରେ ମାଲନସୁଗା ଗାଁର ସଞ୍ଜୟ ଏବଂ ସାମନ୍ତ (ସାରୁ) ପଦାସାହିକୁ ମଜୁରୀ କାମ କରିବାକୁ ଯାଇଥିଲେ। ଅପରାହ୍ନ ସାଢ଼େ ପାଞ୍ଚଟା ବେଳେ ମାଲନସୁଗାକୁ ପାଜିମାହା ରାସ୍ତା ଦେଇ ଫେରୁଥିଲେ। ହଠାତ ପାଜିମାହା ନିକଟରେ ଗୋଟିଏ ଦନ୍ତା ହାତୀ ବୁଦାରୁ ବାହାରି ଥିଲା। ହାତୀକୁ ଦେଖି ସଞ୍ଜୟ ଦୌଡି ପଳାଇଥିଲେ। କିନ୍ତୁ ସାମନ୍ତ(୫୫) ହାତୀ ହାବୁଡ଼ରେ ପଡିଯାଇଥିଲେ। ତାଙ୍କୁ ହାତୀ ଦଳି କଚାଡ଼ି ଦେଇଥିଲା। ଏଥିରେ ସାମନ୍ତଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇ ଏଣେତେଣେ ପଡ଼ିଥିବା ଦେଖିବାକୁ ମିଳିଛି। ଏମିତି ମାରିବା ଦେଖି ଲୋକେ ହାତୀ ପାଗଳ ହୋଇ ଯାଇଥିବା କହିଛନ୍ତି। ଖବର ପାଇ ଭୁବନେଶ୍ୱରରେ ରହୁଥିବା ସାମନ୍ତଙ୍କ ବଡ଼ ଭାଇ ଶମ୍ଭୁ ଦିଗାଲ ପହଞ୍ଚି କ୍ଷତିପୂରଣ ଦାବି କରିବା ସହିତ ହାତୀ ଆତଙ୍କର ସ୍ଥାୟୀ ସମାଧାନ ଦାବି କରିଛନ୍ତି। ଘଟଣାସ୍ଥଳରେ ବନ ବିଭାଗ ସହିତ ପୁଲିସ ବିଭାଗ ପହଞ୍ଚି ଅଧିକ ତଦନ୍ତ କରିଛନ୍ତି। ପୂର୍ବରୁ ସାଲାଂଶୁଗା ଗାଁରେ ହାତୀ ଘରେ ପଶିବାରୁ ଅଳ୍ପକେ ଏଗାର ▶ପୃଷ୍ଠା-୭

# ମେଟ୍ରୋ: ଆନ୍ଧ୍ରକୁ ସୁଗନ୍ଧ; ଓଡ଼ିଶାକୁ ଦୁର୍ଗନ୍ଧ !



**▶▶ ବିଜୟୱାଡ଼ା, ଭାଇଜାଗରେ ମେଟ୍ରୋ ଲାଗି ଆନ୍ଧ୍ରର ପ୍ରସ୍ତୁତି**

**▶▶ ବିନା କାରଣରେ ଓଡ଼ିଶା ସରକାର ବାତିଲ କଲେ ପ୍ରକଳ୍ପ**

**▶▶ କଳ୍ପନା-ନନ୍ଦନକାନନ ଫ୍ଲାଇଓଭର ପରେ ମେଟ୍ରୋ: ମନ୍ତ୍ରୀ**

■ **ଭୁବନେଶ୍ୱର, ୨୭।୭ (ସମିସ):** ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ କାର୍ଯ୍ୟାଦେଶକୁ ବାତିଲ୍ କରିବା ପରେ ଅକଳରେ ପଡ଼ିଛନ୍ତି ରାଜ୍ୟ ସରକାର। ମେଟ୍ରୋ ପ୍ରକଳ୍ପକୁ ବାତିଲ ପ୍ରସଙ୍ଗରେ ରାଜନୈତିକ ଦଳଠାରୁ ଆରମ୍ଭ କରି ସାଧାରଣ ନାଗରିକ ବି କ୍ଷୋଭ ପ୍ରକାଶ କରିଛନ୍ତି। ଏହି ସମୟରେ ଡବଲ ଇଞ୍ଜିନ୍ ସରକାରର ସହଯୋଗୀ ଆନ୍ଧ୍ର ଇଞ୍ଜିନ୍ ଭାଇଜାଗ୍ ଓ ବିଜୟୱାଡାରେ ମେଟ୍ରୋ ପ୍ରକଳ୍ପ ପାଇଁ ଅଣ୍ଟା ଭିଡୁଥିବା ଖବର ଆସିବା ପରେ ଓଡ଼ିଶାରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଉଭୟ ଆନ୍ଧ୍ର ଓ ଓଡ଼ିଶାରେ ଗୋଟିଏ ସମୟରେ ସରକାର ଗଠନ ହୋଇଛି। ଓଡ଼ିଶାରେ ବିଜେପି ସରକାର କ୍ଷମତାସୀନ ଓ ଆନ୍ଧ୍ରରେ ବିଜେପି ସହଯୋଗରେ ଟିଡିପି ଶାସନ କରୁଛି। ମାତ୍ର ଆନ୍ଧ୍ର ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼, ଉନ୍ନତ ଏବଂ ବ୍ୟବସ୍ଥିତ କରିବା ଲକ୍ଷ୍ୟ ନେଇ ଆଗକୁ ବଢୁଥିବା ବେଳେ ଓଡ଼ିଶାର ସରକାରଙ୍କ ଆଭିମୁଖ୍ୟ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପୂର୍ବ ବିଜେଡି ସରକାର ମେଟ୍ରୋ ପାଇଁ ଡିପିଆର ପ୍ରସ୍ତୁତ ଠାରୁ ଆରମ୍ଭ କରି ଏଥିପାଇଁ ବଜେଟରେ ଅର୍ଥ ମଧ୍ୟ ବ୍ୟୟବରାଦ କରିଥିଲେ। ପ୍ରଥମ ବର୍ଷ ପାଇଁ ୧ ହଜାର କୋଟି ଟଙ୍କା ବଜେଟରେ ବରାଦ ହୋଇଥିଲା। ଏପରିକି ୨୦୨୭ ମସିହା ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ କରାଯାଇ ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ତ୍ରିଶୁଳିଆରୁ କଟକ ବସ୍‌ଷ୍ଟାଣ୍ଡ ଓ ଭୁବନେଶ୍ୱରରୁ ପୁରୀ ପର୍ଯ୍ୟନ୍ତ ସମ୍ପ୍ରସାରଣ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ପୂର୍ବ ସରକାରଙ୍କ ପ୍ରକଳ୍ପକୁ ଆଗକୁ ବଢ଼ାଇବା ପରିବର୍ତ୍ତେ ଏହି ପ୍ରକଳ୍ପକୁ ସମ୍ପୂର୍ଣ୍ଣ ବାତିଲ କରାଯାଇଛି ।

ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ମେଟ୍ରୋ ପ୍ରକଳ୍ପକୁ ନେଇ ବିଭିନ୍ନ ସମୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ଏପରିକି ମେଟ୍ରୋ ପ୍ରକଳ୍ପ ମାଟି ତଳେ ଯିବ ନା ଉପରେ ଯିବ ସେ ନେଇ ସ୍ପଷ୍ଟ ହୋଇ ପାରି ନ ଥିଲା। ଜଣେ ମନ୍ତ୍ରୀ ଏହା ମାଟି ଉପରେ ▶ପୃଷ୍ଠା-୭

# ଶିବଭକ୍ତ ପାଲଟିଲେ ଜାପାନୀ କୋଟିପତି

**ନୂଆଦିଲ୍ଲୀ,୨୭ ।୭(ଏଜେନ୍ସି):** ଆଧୁନିକ ଯୁଗରେ ଧନ, ପ୍ରତିଷ୍ଠା ଓ ପ୍ରତିପତ୍ତି ସବୁକିଛି ପାଲଟି ଥିବାବେଳେ ଜାପାନର ଜଣେ ଯୁବ ବ୍ୟବସାୟୀ କୋଟି କୋଟି ଟଙ୍କା ସମ୍ପତ୍ତିର ମୋହ ଛାଡି ଶିବଭକ୍ତ ପାଲଟିଛନ୍ତି। ସବୁ କିଛି ତ୍ୟାଗ କରି ଜାପାନରୁ ସେ ଭାରତ ଆସି ଧର୍ମ ଓ ସେବାର ରାସ୍ତାକୁ ବାଛିବା ସହ ଆଜିର ସ୍ୱାର୍ଥସର୍ବସ୍ୱ ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଏହି ବ୍ୟକ୍ତି ହେଉଛନ୍ତି ୪୧ ବର୍ଷୀୟ ହୋଶି ଟାକାୟୁକି। ସେ ଏବେ 'ବାଲା କୁମ୍ଭ ଗୁରୁମଣି' ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି। ଟୋକିଓରେ ୧୫ଟି ସଫଳ ବ୍ୟୁଟି ପ୍ରଡକ୍ଟ ଷ୍ଟୋରର ସେ ମାଲିକ। ୨୦ଜଣ ଜାପାନୀ ଅନୁଗାମୀଙ୍କ ସହ ସେ ଗେରୁଆ ବସ୍ତ୍ର ଧାରଣ କରି ଉତ୍ତରାଖଣ୍ଡରେ ନିଜ ଆତ୍ମାର ଅନ୍ୱେଷଣ ଯାତ୍ରାରେ ନିମଗ୍ନ ରହିଛନ୍ତି। ଏବେ ଶ୍ରାବଣ ମାସରେ ଚାଲିଥିବା କାଉଡି ଯାତ୍ରା ପାଇଁ ସେ ନିଜକୁ ଉତ୍ସର୍ଗ କରିଛନ୍ତି। ଡେରାଡୁନ୍‌ରେ ସେ କାଉଡିଆଙ୍କ ପାଇଁ ଦୁଇଦିନ ଭୋଜନ ଶିବିରର ଆୟୋଜନ କରିଛନ୍ତି। ପୂର୍ବଜନ୍ମରେ ସେ ଉତ୍ତରାଖଣ୍ଡରେ ଜନ୍ମ ଗ୍ରହଣ କରିଥିଲେ ବୋଲି ଜଣେ ଜ୍ୟୋତିଷ ତାଙ୍କୁ କହିଥିଲେ। ଏହାପରେ ସେ ସ୍ୱପ୍ନରେ ଉତ୍ତରାଖଣ୍ଡର ଏକ ଗାଁରେ ନିଜକୁ ଦେଖିଥିଲେ। ସେବେଠାରୁ ତାଙ୍କର ଜୀବନର ଗତିପଥ ବଦଳି ଯାଇଥିଲା। ଦେବଭୂମି ଉତ୍ତରାଖଣ୍ଡ ପ୍ରତି ପ୍ରବଳ ଭଲ ପାଇବା ତାଙ୍କୁ ଭାରତକୁ ଟାଣି ଆଣିଛି। ଏବେ ବି ସେ ଉତ୍ତରାଖଣ୍ଡରେ ନିଜ ଗାଁକୁ ଖୋଜିବାରେ ଲାଗିଛନ୍ତି ବୋଲି କହିଛନ୍ତି। ଶିବଭକ୍ତିରେ ନିଜକୁ ଉତ୍ସର୍ଗ କରିଥିବା ଟାକାୟୁକି ଟୋକିଓସ୍ଥିତ ନିଜ ଘରକୁ ମଧ୍ୟ ଏକ ଶିବ ମନ୍ଦିରରେ ପରିଣତ କରିଛନ୍ତି। ସେ ଜାପାନ୍‌ରେ ଆଉ ଏକ ମନ୍ଦିର ମଧ୍ୟ ନିର୍ମାଣ କରିଛନ୍ତି। ସେହିପରି ସେ ପୁଡୁଚେରୀରେ ୩୫ ଏକର ଜମିରେ ଏକ ବିଶାଳ ଶିବ ମନ୍ଦିର ନିର୍ମାଣ କରିବାକୁ ଯାଉଛନ୍ତି। ଖୁବ୍‌ଶୀଘ୍ର ସେ ଉତ୍ତରାଖଣ୍ଡରେ ମଧ୍ୟ ଏକ ଆଶ୍ରମ ଖୋଲିବେ ବୋଲି କହିଛନ୍ତି।



# ମଦ୍ୟପ ସ୍ୱାମୀ ପାଇଁ ୩ ଝିଅଙ୍କୁ ହତ୍ୟା

**ଥାନେ, ୨୭।୭ (ଏଜେନ୍ସି):** ମହାରାଷ୍ଟ୍ର ଥାନେରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। ମଦ୍ୟପ ସ୍ୱାମୀର ଜୁଲମରେ ଅତିଷ୍ଠ ହୋଇ ପତ୍ନୀ ଚରମ ପଦକ୍ଷେପ ନେଇଛି। ନିଜର ତିନି ନାବାଳିକା ଝିଅଙ୍କୁ ବିଷ ଦେଇ ହତ୍ୟା କରିଛି। ପୁଲିସ ସୂଚନା ଅନୁଯାୟୀ ଅସନୋଲି ଗ୍ରାମର ତାଲେପଡ଼ାର ବାସିନ୍ଦା ସନ୍ଧ୍ୟା ସନ୍ଦୀପ ବେରେ (୨୭) ଗତ ୨୦ ତାରିଖ ରାତିରେ ନିଜର ୫, ୮ ଏବଂ ୧୦ ବର୍ଷର ଝିଅକୁ ଭାତ ଏବଂ ମାଛ ତରକାରୀରେ କୀଟନାଶକ ମିଶାଇ ଖାଇବାକୁ ଦେଇଥିଲେ। ଏହା ପରେ ତିନି ଝିଅଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରେ ଲାଗିଥିଲା। ବାନ୍ତି ଏବଂ ମୁଣ୍ଡ ବୁଲାଇବାରୁ ସମସ୍ତଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଅଧିକ ଜଟିଳ ହେବା ପରେ ଗତ ୨୪ ଏବଂ ୨୫ରେ ତିନି ଝିଅଙ୍କ ମୃତ୍ୟୁ ହୋଇଥିଲା। ଖିନାଭିଲ ପୁଲିସ ଏ ନେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆଜି ମାଆଙ୍କୁ ଗିରଫ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ ସ୍ୱାମୀ ମଦୁଆ ହୋଇଥିବାରୁ ସ୍ତ୍ରୀ ଚିନ୍ତିତ ଥିଲେ। ଏଥିପାଇଁ ସ୍ୱାମୀଙ୍କଠାରୁ ଅଲଗା ହୋଇ ରହୁଥିଲେ। ତେବେ ତିନି ଝିଅଙ୍କ ଯତ୍ନ ନେବା ପାଇଁ ସେ ସଂଘର୍ଷ କରୁଥିଲେ। ଏଥିଯୋଗୁଁ ସେ ଝିଅମାନଙ୍କୁ ମାରି ଥିଲେ।




## ୬ ବର୍ଷ ପରେ 'ମାତୋଶ୍ରୀ'ରେ ରାଜ୍



**ମୁମ୍ବଇ,୨୭ ।୭(ଏଜେନ୍ସି):** ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ସୁପ୍ରିମୋ ରାଜ ଠାକ୍‌ରେ ଦୀର୍ଘ ୬ ବର୍ଷ ପରେ ବଡ଼ ଭାଇ ତଥା ଶିବସେନା ୟୁଟିବି ମୁଖ୍ୟ ଉଦ୍ଧବ ଠାକ୍‌ରେଙ୍କ ଘର ମାତୋଶ୍ରୀରେ ପହଞ୍ଚିଛନ୍ତି। ରାଜ୍ ଏହି ଅବସରରେ ଉଦ୍ଧବଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ପରସ୍ପରକୁ ଆଲିଙ୍ଗନ କରିଥିଲେ। ପୂର୍ବରୁ ୬ ବର୍ଷ ତଳେ ୨୦୧୯ରେ ରାଜ ଶେଷଥର ପାଇଁ ମାତୋଶ୍ରୀ ଯାଇଥିଲେ। ପୁଅ ଅମିତର ବାହାଘର ପାଇଁ ଉଦ୍ଧବ ଓ ତାଙ୍କ ପରିବାରକୁ ରାଜ ନିମନ୍ତ୍ରଣ କରିଥିଲେ। ତେବେ ଔପଚାରିକ ଭାବେ ରାଜ ୨୦୧୨ରେ ମାତୋଶ୍ରୀ ଯାଇଥିଲେ ଓ ସେତେବେଳେ ବାଲାସାହେବ ଠାକ୍‌ରେ ରୋଗଶଯ୍ୟାରେ ଥିଲେ। ୨୦ ବର୍ଷ ପରେ ଗତ ୫ ତାରିଖରେ ଦୁଇ ଭାଇ ରାଜାନୀତି ପାଇଁ ମୁମ୍ବଇର ୱର୍ଲି ଡୋମ୍‌ର ଏକ ରାଲିରେ ଏକାଠି ହୋଇଥିଲେ। ଏବେ ଦୁହେଁ ସାଥି ହୋଇ ରାଜନୀତିରେ ଅବତୀର୍ଣ୍ଣ ହେବେ ବୋଲି ଆଶା କରାଯାଉଛି।

## ସାଂସଦଙ୍କୁ ହ୍ୱିପ୍ ଜାରି କଲା କଂଗ୍ରେସ

**ନୂଆଦିଲ୍ଲୀ, ୨୭ ।୭(ଏଜେନ୍ସି):** ଦେଶର ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ତା'ର ଲୋକସଭା ସାଂସଦଙ୍କୁ ୩ ଧାଡିର ହ୍ୱିପ୍ ଜାରି କରିଛି। ସବୁ ସଦସ୍ୟଙ୍କୁ ଲୋକସଭାରେ ଉପସ୍ଥିତ ରହିବାକୁ ଦଳ ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ଗୃହରେ 'ଅପରେସନ ସିନ୍ଦୂର' ନେଇ ଆଲୋଚନା ପାଇଁ କଂଗ୍ରେସର ନୀତିକୁ ସମର୍ଥନ ଓ ଦଳର ସ୍ଥିତିକୁ ମଜଭୁତ କରିବାକୁ ସବୁ ସଦସ୍ୟଙ୍କୁ ଦିନ ୧୧ଟାରୁ ଉପସ୍ଥିତ ରହିବାକୁ କୁହାଯାଇଛି। ଲୋକସଭାରେ କଂଗ୍ରେସର ୯ ୯ ଜଣ ସାଂସଦ ରହିଛନ୍ତି।


## ରେଭ୍ ପାର୍ଟିରୁ ପୂର୍ବତନ ମନ୍ତ୍ରୀଙ୍କ ଜ୍ୱାଇଁ ଗିରଫ

**ପୁଣେ,୨୭ ।୭(ଏଜେନ୍ସି):** ପୁଣେ ପୁଲିସ ଶନିବାର ଏକ ଆପାର୍ଟମେଣ୍ଟରେ ଚାଲିଥିବା ରେଭ ପାର୍ଟିରେ ଚଢ଼ଉ କରି ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ତଥା ଏନ୍‌ସିପି (ଶରଦ ପାୱାର) ନେତା ଏକନାଥ ଖଡସେଙ୍କ ଜ୍ୱାଇଁ ପ୍ରାଞ୍ଜଲ ଖେବଲକରଙ୍କୁ ଗିରଫ କରିଛି। ଏଠାରୁ ମଦ, ଗଞ୍ଜେଇ ଓ ହୁକ୍କା ଜବତ କରାଯାଇଥିଲା। ପ୍ରାଞ୍ଜଲଙ୍କ ସମେତ ମୋଟ ୭ ଜଣଙ୍କୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରେ ୨ଜଣ ମହିଳା ସାମିଲ ରହିଛନ୍ତି। ଜ୍ୱାଇଁଙ୍କୁ ଗିରଫ ପଛରେ ରାଜନୈତିକ ଷଡ଼ଯନ୍ତ୍ର ରହିଛି ବୋଲି ଏକନାଥ କହିଛନ୍ତି। ପ୍ରାଞ୍ଜଲ ହେଉଛନ୍ତି ଏକନାଥଙ୍କ ଝିଅ ରୋହିଣୀ ଖଡସେଙ୍କ ସ୍ୱାମୀ। ରୋହିଣୀ ଏନ୍‌ସିପିର ମହିଳା ମୋର୍ଚ୍ଚାର ପ୍ରଦେଶ ଅଧ୍ୟକ୍ଷ ଅଛନ୍ତି।

## ଅଷ୍ଟ୍ରେଲିଆରେ ଭାରତୀୟଙ୍କୁ ଆକ୍ରମଣ

**କାନବେରା,୨୭ ।୭(ଏଜେନ୍ସି):** ଅଷ୍ଟ୍ରେଲିଆରେ ଭାରତୀୟଙ୍କ ପ୍ରତି ବେର୍ଣ୍ଣବୈଷମ୍ୟ ଭେଦଭାବ ବଢ଼ିବାରେ ଲାଗିଛି। ଶନିବାର ମେଲବୋର୍ଣ୍ଣର ସେଣ୍ଟ୍ରାଲ ସ୍କୋୟାର ସପିଂ ସେଣ୍ଟର ବାହାରେ ୫ ଜଣ ନାବାଳିକ ଭାରତୀୟ ବଂଶୋଦ୍ଭବ ସୌରଭ ଆନନ୍ଦଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ସେମାନେ ସୌରଭଙ୍କ ହାତର କଟଟିକୁ ହାଣି ଦେଇଛନ୍ତି। ସୌରଭଙ୍କ ମେରୁଦଣ୍ଡ ଓ ମୁଣ୍ଡରେ ମଧ୍ୟ ଆଘାତ ଲାଗିଛି।

## ଜାଲ୍ ଭିସାରେ ବିଦେଶ ଯାଇ ବାହାହେଲେ ସିନୱାରଙ୍କ ପତ୍ନୀ



**ଗାଜା,୨୭ ।୭(ଏଜେନ୍ସି):** ପୂର୍ବତନ ହମାସ ମୁଖ୍ୟ ୟାହା ସିନୱାରଙ୍କ ବିଧବା ପତ୍ନୀ ସାମାର ମୁହମ୍ମାଦ ଅବୁ ଜମାର ଗାଜାରୁ ଲୁଚି ପଳାଇବା ସହ ନକଲି ପାସ୍‌ପୋର୍ଟ ସହ ତୁର୍କୀ ଯାଇ ପୁଣି ଥରେ ବିବାହ କରିଛନ୍ତି। ସାମାର ୨୦୧୧ରେ ସିନୱାରଙ୍କୁ ବିବାହ କରିଥିଲେ। କିନ୍ତୁ ଗତବର୍ଷ ଅକ୍ଟୋବରରେ ସିନୱାର ମୃତ୍ୟୁବରଣ କରିଥିଲେ। ସାମାର ନିଜ ପିଲାଙ୍କ ତୁର୍କୀ ଚାଲିଯାଇଛନ୍ତି।

### ବିହାରରେ ଚାଲିଛି ଜଙ୍ଗଲ ରାଜ୍

# ୭ ମାସରେ ୧୪୩୬ ହତ୍ୟା

**ପାଟନା, ୨୭।୭ (ଏଜେନ୍ସି):**

ବିହାରକୁ ନେଇ ଏବେ ସାରା ଦେଶରେ ଚର୍ଚ୍ଚା ଜାରି ରହିଛି। ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ଭୋଟର ତାଲିକା ଯାଞ୍ଚ (ଏସଆଇଆର) କୁ ନେଇ ବିରୋଧୀ ନିର୍ବାଚନ କମିଶନ ଏବଂ ସରକାରଙ୍କୁ ନିଶାଣ କରୁଥିବାବେଳେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ମେଣ୍ଟ ସରକାରର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜଙ୍ଗଲ ରାଜ୍‌କୁ ନେଇ ପୂର୍ବତନ ଆରଜେଡି ସରକାରଙ୍କୁ ଦୋଷ ଦେଉଥିବା ମେଣ୍ଟ ସରକାର ଏବେ ଆଇନଶୃଙ୍ଖଳାକୁ ନେଇ ହରଡ଼ଘଣାରେ ପଡ଼ିଛି। ନିର୍ବାଚନ ପୂର୍ବରୁ ଏହା ସରକାରଙ୍କ ମୁଣ୍ଡବିନ୍ଧା ପାଲଟିଛି। ସ୍ଥିତି ଏପରି ହୋଇଛି ଯେ ଦିନ ଦ୍ୱିପହରେ ହତ୍ୟା କରାଯାଉଛି। ହସ୍ପିଟାଲରେ ପଶି ସୁଟର ନିର୍ଦ୍ଦ୍ୱନ୍ଦ୍ୱରେ ହତ୍ୟା କରି ଫେରାର ହୋଇ ଯାଉଛନ୍ତି। ଚଳିତ ବର୍ଷ ଜାନୁଆରୀରୁ ଜୁନ୍ ୩୦ ପର୍ଯ୍ୟନ୍ତ ରାଜ୍ୟରେ ୧୩୭୬ ହତ୍ୟା କରାଗଲାଣି। କେବଳ ଜୁଲାଇ ୧ରୁ ୨୨ ମଧ୍ୟରେ ୬୦ରୁ ଅଧିକ ହତ୍ୟା ହେଲାଣି। ଏଥିରେ ରାଜଧାନୀ ପାଟନାରେ ହୋଇଥିବା ୧୧ ହତ୍ୟା ସାମିଲ ରହିଛି। ଏହା ମଧ୍ୟରୁ ୪ଟି ହତ୍ୟା ସୁପାରୀ ଦେଇ କରାଯାଇଥିଲା। ଏହି ସବୁ ପଛରେ ସୁପାରୀ କାରବାରର କଳ ସାମ୍ରାଜ୍ୟ ରହିଛି। ପତିଆରା ରାଜନୀତି, ପ୍ରେମ ବ୍ୟାପାର ହେଉ କି ଜମି ମାମଲା ସବୁଥିରେ ସୁପାରୀ ଦିଆଯାଉଛି। ଅପରାଧୀ ଜେଲ୍‌ରେ ଥାଉ ଅବା ବାହାରେ ୨ ହଜାର ଟଙ୍କାର ଅଗ୍ରୀମ ଦେଇ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁପାରୀରେ ହତ୍ୟା କରାଯାଉଛି। ଆର୍ଥିକ ସ୍ଥିତିକୁ ଦେଖି ହତ୍ୟାର ମୂଲ୍ୟ ସ୍ଥିର କରାଯାଉଛି।

ବିହାରରେ ସୁପାରୀ ହତ୍ୟା ଉଦ୍ୟୋଗ ଚାଲିଥିବା ସତ୍ତ୍ୱେ ପୁଲିସ ମୁଖ୍ୟାଳୟ ପାଖରେ ଏହାର କୌଣସି ତଥ୍ୟ ନାହିଁ। ୩୮ ଜିଲ୍ଲା, ୨ ପୁଲିସ ଜିଲ୍ଲା ଏବଂ ୪ ରେଳ ଜିଲ୍ଲାରେ ଥିବା ୧୩୮୦ ଥାନାରେ ରୁଜୁ ମାମଲାର ବିଶ୍ଳେଷଣ କରିବାରୁ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ପ୍ରାୟ ୩୦ ପ୍ରତିଶତ ହତ୍ୟା ସୁପାରୀ ଦେଇ କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଗତ ୧୭ ତାରିଖରେ ପତିଆରା ପାଇଁ ମେଡିକାଲ ଭିତରେ ବସି ଗ୍ୟାଙ୍ଗଷ୍ଟର ଚନ୍ଦନ ମିଶ୍ରାକୁ ହତ୍ୟା କରାଯାଇଥିଲା। ଏଥିପାଇଁ ୪ ଲକ୍ଷ ଟଙ୍କା ସୁପାରୀ ଦିଆଯାଇଥିଲା। ଚନ୍ଦନ ବାହାରକୁ ପଳାଇ ଆସିଲେ ଅସ୍ତିତ୍ୱ ସଙ୍କଟରେ ପଡ଼ିଯିବ ବୋଲି ଅନ୍ୟ ଗ୍ୟାଙ୍ଗର ସଦସ୍ୟ ଭାବିଥିଲେ। ସେହିପରି ଗତ ୪ ତାରିଖରେ ଜମି ପାଇଁ ପାଟନାର ଗାନ୍ଧୀ ମୈଦାନ ଅଞ୍ଚଳରେ ବ୍ୟବସାୟୀ ଗୋପାଳ ଖେମକାଙ୍କୁ ହତ୍ୟା କରାଯାଇଥିଲା। ଜୁନ୍ ୨୪ରେ ଔରଙ୍ଗାବାଦର ନବୀନଗରରେ ପ୍ରିୟାଂଶୁଙ୍କୁ ଗୁଳି ମାରି ହତ୍ୟା କରାଯାଇଥିଲା। ଏଥିପାଇଁ ପ୍ରିୟାଂଶୁଙ୍କ ପତ୍ନୀ ଗୁଞ୍ଜା ସିଂହ ଚଉଠି ରାତି ଦିନ ପ୍ରେମିକ ସହ ମିଶି ୫ ଲକ୍ଷରେ ସୁପାରୀ ଦେଇଥିଲେ। ଗତ ୧୨ ତାରିଖରେ ରାଜନୀତି ପାଇଁ ବିଜେପି କର୍ମୀ ସୁରେନ୍ଦ୍ର ପ୍ରସାଦଙ୍କୁ ପାଟନାର ଶେଖପୁରାରେ ହତ୍ୟା କରାଯାଇଥିଲା। ଏହି ହତ୍ୟା ପାଇଁ ୨ ଲକ୍ଷ ଟଙ୍କାରେ ଚୁକ୍ତି ହୋଇଥିଲା। ଏଥିପାଇଁ ଅଗ୍ରୀମ ଭାବେ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

**ପ୍ରତି ଦୁଇ ଜଣରେ ଜଣଙ୍କୁ ସୁପାରୀ ଦେଇ ହତ୍ୟା**



- ଜୁଲାଇରେ ୬୦ ଜଣଙ୍କ ଜୀବନ ନେଲେଣି
- ଚଉଠି ରାତିରେ ସ୍ୱାମୀଙ୍କ ସୁପାରୀ
- ୨ ହଜାର ଟଙ୍କାରେ ନେତାଙ୍କୁ ହତ୍ୟା

### ନକଲି ଦୂତାବାସ ମାମଲା

## ୧୬୨ ବିଦେଶ ଗସ୍ତ; ୩୦୦ କୋଟିର ଦୁର୍ନୀତି

**ନୂଆଦିଲ୍ଲୀ, ୨୭।୭ (ଏଜେନ୍ସି):** ଗାଜିଆବାଦରୁ ଜାଲ୍ ଦୂତାବାସ ଚଳାଇବା ମାମଲାରେ ହର୍ଷବର୍ଦ୍ଧନ ଜୈନକୁ ଗିରଫ କରାଯାଇଛି। ସେ ୮ ବର୍ଷ ହେଲା ଏହି ଗୋଲକ ଧନ୍ଦା ଚଲାଇଥିଲା। ଲୋକଙ୍କୁ ଚାକିରି ଦେବା ନାମରେ ମୋଟା ଅଙ୍କର ଅର୍ଥ ଲୁଟୁ ଥିଲା। ଜେରା ସମୟରେ ସେ ବିସ୍ଫୋରକ ତଥ୍ୟ ଦେଇଛି। ଏହି ଦୂତାବାସ ମାଧ୍ୟମରେ ୩୦୦ କୋଟି ଟଙ୍କାର ଦୁର୍ନୀତି ହୋଇଛି, ୧୦ ବର୍ଷରେ ୧୬୨ ବିଦେଶ ଗସ୍ତ ଏବଂ ବିଦେଶ ବ୍ୟାଙ୍କରେ ଅନେକ ଆକାଉଣ୍ଟ ଥିବା ଜଣାପଡ଼ିଛି। ଜଣେ ଆତ୍ମଘୋଷିତ ବିବାଦୀୟ ବାବା ଚନ୍ଦ୍ରାସ୍ୱାମୀ ଏବଂ ସାଉଦି ଆରବର ଅସ୍ତ୍ରଶସ୍ତ୍ର ବ୍ୟବସାୟୀ ଅଦନାନ ଖସୋଗୀ ସହ ମଧ୍ୟ ଜୈନର ସମ୍ପର୍କ ରହିଥିଲା। ୮୦ ଏବଂ ୯୦ ଦଶକରେ ଚନ୍ଦ୍ରାସ୍ୱାମୀଙ୍କ ପ୍ରଭାବ ରହିଥିଲା। ସେ ତିନି ପୂର୍ବତନ ପ୍ରଧାନମନ୍ତ୍ରୀ ପିଭି ନରସିହ୍ମା ରାଓ, ଚନ୍ଦ୍ର ଶେଖର ଏବଂ ଭିପି ସିଂହଙ୍କ ଆଧ୍ୟାତ୍ମିକ ପରାମର୍ଶଦାତା ଥିଲେ। ଆର୍ଥିକ କାରବାରରେ ଅନିୟମିତତା ମାମଲାରେ ଚନ୍ଦ୍ରାସ୍ୱାମୀଙ୍କୁ ୧୯୯୬ରେ ଗିରଫ କରାଯାଇଥିଲା। ସେ ଦିବଂଗତ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ହତ୍ୟାକାରୀଙ୍କୁ ପାଣ୍ଠି ଦେଇଥିବା ମଧ୍ୟ ଅଭିଯୋଗ ଲାଗିଥିଲା। ଚନ୍ଦ୍ରାସ୍ୱାମୀ ହିଁ ଖସୋଗୀ ଏବଂ ଠକ ଅହସାନ ଅଲି ସୈଦ ସହ ଜୈନକୁ ଭେଟ କରାଇ ଥିଲା।

### ଗାଜାରେ ଖାଦ୍ୟ ସଙ୍କଟ

## ୮୧ ଶିଶୁଙ୍କ ସମେତ ୧୨୪ ମୃତ

**ଗାଜା,୨୭ ।୭(ଏଜେନ୍ସି):** ଇସ୍ରାଏଲ ଓ ହମାସ ମଧ୍ୟରେ ଯୁଦ୍ଧ ଜାରି ରହିଥିବାବେଳେ ଗାଜାରେ ଉତ୍କଟ ଖାଦ୍ୟ ସଙ୍କଟ ସୃଷ୍ଟି ହୋଇଛି। ଲୋକେ ଖାଇବାପିଇବାକୁ ନ ପାଇ ମୃତ୍ୟୁକୁ ଚାହିଁ ରହିଛନ୍ତି। ଖାଦ୍ୟ ପାଇଁ ସଂଘର୍ଷ ହେଉଛି। ଦଳଚକଟାରେ ଅନେକ ଲୋକଙ୍କ ମଧ୍ୟ ଜୀବନ ଯାଉଛି। ଏହି ଯୁଦ୍ଧରେ ଏ ପର୍ଯ୍ୟନ୍ତ ଖାଦ୍ୟାଭାବରୁ ୧୨୪ ଜଣ ପ୍ରାଣ ହରାଇଲେଣି। ଏମାନଙ୍କ ମଧ୍ୟରେ ୮୧ ଶିଶୁ ସାମିଲ ଅଛନ୍ତି। ଚଳିତ ମାସରେ ହିଁ କେବଳ ୪୦ ଜଣ ଭୋକରେ ଜୀବନ ହାରିଛନ୍ତି। ଏମାନଙ୍କ ମଧ୍ୟରେ ୧୬ ଜଣ ଛୋଟ ପିଲା ରହିଛନ୍ତି। ଗାଜାରେ ଏବେ ୫୦ ଗ୍ରାମ୍‌ର ବିସ୍କୁଟ ପ୍ୟାକେଟ୍ ଦାମ୍ ୭୫୦ ଟଙ୍କାରେ ପହଞ୍ଚିଛି। ଏଭଳି ସ୍ଥିତିରେ କୁପୋଷଣ ବୃଦ୍ଧି ପାଇଛି ଓ ମୃତ୍ୟୁ ସଂଖ୍ୟା ବଢିବାରେ ଲାଗିଛି।




ଏହା ମଧ୍ୟରେ ଇସ୍ରାଏଲ ପ୍ରଥମଥର ପାଇଁ ଗାଜାରେ ସାହାଯ୍ୟ ଓ ସହାୟତା ପହଞ୍ଚାଇଛି। ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ଅଟା, ଚିନି, ଔଷଧ ଓ ରେଡିମେଡ୍ ଖାଦ୍ୟ ପ୍ୟାକେଟ୍ ଉଡାଜାହାଜରୁ ପକାଇଥିଲା। ଅନ୍ତରାଷ୍ଟ୍ରୀୟ ସଂଗଠନ ସହ ସାଥିହୋଇ ଇସ୍ରାଏଲ ଏହି ପଦକ୍ଷେପ ନେଇଛି।

## ଅସ୍ତ୍ରବିରତି ପାଇଁ ଥାଇଲାଣ୍ଡ, କାମ୍ବୋଡ଼ିଆ ରାଜି: ଟ୍ରମ୍ପ

**ନୂଆଦିଲ୍ଲୀ, ୨୭ ।୭ (ଏଜେନ୍ସି):** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକ ପରେ ଥାଇଲାଣ୍ଡ ଓ କାମ୍ବୋଡିଆ ଅସ୍ତ୍ରବିରତି ପାଇଁ ସମ୍ମତି ପ୍ରକାଶ କରିଛନ୍ତି। ଦୁଇ ଦେଶ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି ବୋଲି ସ୍କଟଲାଣ୍ଡ ଗସ୍ତରେ ଯାଇଥିବା ଟ୍ରମ୍ପ ସୋସିଆଲ ମିଡିଆ ମାଧ୍ୟମରେ ସୂଚନା ଦେଇଛନ୍ତି। ସେ ଏହାକୁ ନେଇ ପୁଣିଥରେ ଭାରତ-ପାକିସ୍ତାନ ଯୁଦ୍ଧ କଥା ମନେ ପକାଇଦେଇଛନ୍ତି। ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟ ଚାଲିଥିବା ଯୁଦ୍ଧକୁ ସଫଳତାର ସହ ରୋକିବାକୁ ଆମେ ସକ୍ଷମ ହୋଇଛୁ ବୋଲି ସେ ଉଲ୍ଲେଖ କରିଛନ୍ତି। ଗତ ୩ ଦିନଧରି ଏହି ଯୁଦ୍ଧ ଜାରି ରହିଥିଲା। ଯଦି ଯୁଦ୍ଧ ବନ୍ଦ ନ ହୁଏ ତେବେ ଆମେରିକା ଏହି ଦୁଇ ଦେଶ ସହ କୌଣସି ବାଣିଜ୍ୟ ତଥା ବ୍ୟବସାୟିକ ଚୁକ୍ତି କରିବ ନାହିଁ ବୋଲି କହିଥିଲା। ଏହିକ୍ରମରେ ଡୋନାଲ୍ଡ ଟ୍ରମ୍ପ ଥାଇଲାଣ୍ଡ କାମଚଳା ପ୍ରଧାନମନ୍ତ୍ରୀ ଫୁମ୍‌ଥାମ ୱେଚାୟାଚାଇ ଓ କାମ୍ବୋଡିଆ ପ୍ରଧାନମନ୍ତ୍ରୀ ହୁନ୍ ମାନେଟ୍‌ଙ୍କ ପୃଥକ ଭାବେ କଥା ହୋଇଥିଲେ। ଅସ୍ତ୍ରବିରତି ପାଇଁ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଟ୍ରମ୍ପଙ୍କୁ ଧନ୍ୟବାଦ ଦେବାସହ କାମ୍ବୋଡିଆକୁ ଏ ନେଇ ଗୁରୁତ୍ୱ ଦେବାକୁ ହେବ ବୋଲି କହିଛନ୍ତି।

### ବିହାର ଏସଆଇଆର୍ ତଥ୍ୟ ଜାରି

## ଭୋଟର ତାଲିକାରୁ ହଟିଲା ୬୫ ଲକ୍ଷ ନାମ

**ପାଟନା, ୨୭।୭ (ଏଜେନ୍ସି):** ନିର୍ବାଚନ କମିଶନ ରବିବାର ବିହାର ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ର ପ୍ରଥମ ପର୍ଯ୍ୟାୟ ତଥ୍ୟ ଜାରି କରିଛନ୍ତି। ଏବେ ବିହାରରେ ୭.୨୪ କୋଟି ଭୋଟର ଅଛନ୍ତି ବୋଲି ଅଥିରେ କୁହାଯାଉଛି। ପୂର୍ବରୁ ଏହା ୭.୮୯ କୋଟି ଥିଲା। ଭୋଟର ତାଲିକା ଯାଞ୍ଚ ପରେ ୬୫ ଲକ୍ଷ ନାମକୁ ତାଲିକାରୁ ହଟାଇ ଦିଆଯାଇଛି। ହଟା ଯାଇଥିବା ନାମ ମଧ୍ୟରେ ପ୍ରାଣ ହରାଇଥିବା ଏବଂ ଅନ୍ୟ ସ୍ଥାନର ସ୍ଥାୟୀ ବାସିନ୍ଦା ହୋଇ ଯାଇଥିବା କିମ୍ବା ଦୁଇ ଥର ତାଲିକାରେ ନାମ ଥିବା ଲୋକ ସାମିଲ ଅଛନ୍ତି। ଏମାନଙ୍କ ମଧ୍ୟରୁ ୨୨ ଲକ୍ଷଙ୍କ ମୃତ୍ୟୁ ହୋଇଗଲାଣି। ୩୬ ଲକ୍ଷ ଭୋଟର ଅନ୍ୟ ସ୍ଥାନକୁ ଚାଲି ଯାଇଛନ୍ତି ଏବଂ ୭ ଲକ୍ଷ ଲୋକ ଅନ୍ୟ କୌଣସି କ୍ଷେତ୍ରର ସ୍ଥାୟୀ ବାସିନ୍ଦା ହୋଇ ସାରିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ସବୁ ଯୋଗ୍ୟ ଭୋଟରକୁ ଏହି ତାଲିକାରେ ସାମିଲ କରାଯିବ।

ଅନ୍ୟପକ୍ଷରେ ବିରୋଧୀ ଦଳଗୁଡିକ ଏସଆଇଆରକୁ ସଂସ୍ଥାଗତ ଅହଙ୍କାର କହିଛନ୍ତି। ଏହା ମଧ୍ୟରେ ଏଡିଆର ଏବଂ ଆରଜେଡି ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ ଦାଏର କରି କୁହାଯାଇଛି ଯେ ଏସଆଇଆର ପ୍ରକ୍ରିୟାରେ ଭୋଟରଙ୍କୁ ଠକାଯାଉଛି। ଅନେକ ସ୍ଥାନରେ ବିଏଲଓ ନିଜେ ଫର୍ମ ପୂରଣ କରୁଛନ୍ତି। ମୃତବ୍ୟକ୍ତିଙ୍କ ନାମରେ ଏହା ଜମା କରୁଛନ୍ତି। ସେହିପରି ଅନ୍ୟ ରାଜ୍ୟରେ ରହୁଥିବା ବିହାରର ସିଂହଭାଗ ପ୍ରବାସୀ ଶ୍ରମିକ ଏସଆଇଆର ବିଷୟରେ ଜାଣିନାହାନ୍ତି ବୋଲି 'ସ୍ୱାନ୍' ପକ୍ଷରୁ ହୋଇଥିବା ସର୍ଭେରୁ ଜଣାପଡ଼ିଛି।

**ବାଦ୍ ପଡ଼ିଲେ ୨୨ ଲକ୍ଷ ମୃତ ଭୋଟର**

### ଆମେରିକାରେ ବୋଇଂ ବିମାନ ଦୁର୍ଘଟଣାଗ୍ରସ୍ତ

# ଅଳ୍ପକେ ବର୍ତ୍ତିଲା ୧୭୯ ଜଣଙ୍କ ଜୀବନ

**ଡେନଭର, ୨୭।୭ (ଏଜେନ୍ସି):**

ଜୁନ୍ ୧୨ରେ ଅହମଦାବାଦରେ ଏୟାର ଇଣ୍ଡିଆର ବୋଇଂ ବିମାନ (୭୮୭-୮) ଦୁର୍ଘଟଣାଗ୍ରସ୍ତ ହୋଇ ମେଡିକାଲ କଲେଜ ଉପରେ ଖସି ପଡ଼ିଥିଲା। ଏଥିରେ ବିମାନର ଜଣେ ଯାତ୍ରୀଙ୍କୁ ଛାଡ଼ି ଅନ୍ୟ ସମସ୍ତଙ୍କ ସମେତ ୨୭୦ ଜଣଙ୍କ ମୃତ୍ୟୁ ହୋଇଥିଲା। ବିଶ୍ୱକୁ ଥରାଇ ଦେଇଥିବା ଏହି ହୃଦୟ ବିଦାରକ ଦୁର୍ଘଟଣା ମନରୁ ଯାଇ ନ ଥିବାବେଳେ ଏବେ ଆମେରିକାର ଡେନଭର ବିମାନବନ୍ଦରରେ ବଡ଼ ଅଘଟଣ ଘଟିଛି। ଅହମଦାବାଦ ଦୁର୍ଘଟଣାର ଚୂଡ଼ାନ୍ତ ରିପୋର୍ଟ ଆସିବା ପୂର୍ବରୁ ବିଦେଶୀ ଗଣମାଧ୍ୟମ ପାଇଲଟ୍‌ଙ୍କୁ ଦୋଷ ଦେଇ କମ୍ପାନୀଙ୍କୁ ଘଣ୍ଟ ଘୋଡ଼ାଇବାକୁ ଚେଷ୍ଟା କରୁଥିବାବେଳେ ଶନିବାର ଅପରାହ୍ଣରେ ଆମେରିକାନ ଏୟାରଲାଇନ୍ସର 'ବୋଇଂ ୭୮୭ ମାକ୍ସ ୮ ବିମାନ' ଦୁର୍ଘଟଣାଗ୍ରସ୍ତ ହୋଇଛି। ଲ୍ୟାଣ୍ଡିଂ ଗିୟର ଫେଲ୍ ହୋଇଯିବା ଯୋଗୁଁ ଏହି ବିମାନର ପଛ ଭାଗରେ ନିଆଁ ଲାଗିଯାଇଛି। ଏଥିଯୋଗୁଁ ରନୱେ ଧୂଆଁମୟ ହୋଇଯାଇଥିଲା। ଏହା ଚାରିଆଡେ ବ୍ୟାପି ଯାଇଥିଲା। ଏହା ଦେଖିବା ପରେ ଯାତ୍ରୀଙ୍କ ମଧ୍ୟରେ ଛନକା ପଶିଥିଲା। ସମସ୍ତେ ଭୟରେ ଥରହର ହୋଇଥିଲେ। ପାଇଲଟ ବିମାନକୁ ଅଟକାଇ ଏମର୍ଜେନ୍ସି ଗେଟ୍ ଖୋଲିଥିଲେ। ଏହି ସ୍ଲାଇଡର ଦେଇ ଯାତ୍ରୀ ଭୟରେ ଦୌଡ଼ି ଦୌଡ଼ି ଜଣକ ପରେ ଜଣେ ବାହାରକୁ ଆସିଥିଲେ। ଏହାର ଭିଡିଓ ଖୁବ୍ ଭାଇରାଲ ହେଉଛି। ଅଳ୍ପକେ ୧୭୩ ଯାତ୍ରୀ ଏବଂ ୬ କ୍ରୁ ସଦସ୍ୟଙ୍କ ଜୀବନ ଅଳ୍ପକେ ବର୍ତ୍ତି ଯାଇଥିଲା। ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। କେବଳ ୬ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଥିଲେ। ଏବେ ପୁଣି ବୋଇଂ ବିମାନର ସୁରକ୍ଷା ବୈଶିଷ୍ଟ୍ୟକୁ ନେଇ ପ୍ରଶ୍ନ ଉଠିଛି। ଅହମଦାବାଦ ଦୁର୍ଘଟଣାକୁ ନେଇ ବୋଇଂ କମ୍ପାନୀ ବଞ୍ଚାଇବାକୁ ପ୍ରୟାସ କରୁଥିବା ଆମେରିକା ଗଣମାଧ୍ୟମ ଏବେ ଚେତିବ ବୋଲି କୁହାଯାଉଛି।

ଆମେରିକା ଏୟାରଲାଇନ୍ସର ଏହି ବିମାନ ମିଆମି ଅଭିମୁଖେ ବାହାରି ଥିଲା। ମାତ୍ର ଉଡ଼ାଣ ଆରମ୍ଭ ହେବା ପୂର୍ବରୁ ଭାରତୀୟ ସମୟ ଶନିବାର ରାତି ୨ଟା ୧୫ରେ ଏହି ଅଘଟଣ ଘଟିଥିଲା। ଏବେ ବିମାନକୁ ସେବାରୁ ବାଦ୍ ଦିଆଯାଇଛି। ଏଥିରେ ଯାନ୍ତ୍ରିକ ତ୍ରୁଟି ଥିଲା। ବିମାନର ଟାୟାର ଖରାପ ହୋଇ ଯାଇଥିଲା ବୋଲି ଏୟାରଲାଇନ୍ସ ପକ୍ଷରୁ କୁହାଯାଉଛି। ଫେଡେରାଲ ଆଭିଏନସ ଆଡମିନିଷ୍ଟ୍ରେସନ (ଏଫଏଏ) ଏବଂ ଏୟାରଲାନ୍ସ ପକ୍ଷରୁ ମାମଲାର ଯାଞ୍ଚ ଆରମ୍ଭ କରାଯାଇଛି। ସେହିପରି ଅନ୍ୟ ଏକ ବିମାନରେ ଯାତ୍ରୀଙ୍କୁ ମିଆମି ନିଆଯାଇଛି। ଏହି ଦୁର୍ଘଟଣା ଯୋଗୁଁ ୮୭ ଉଡ଼ାଣ ପ୍ରଭାବିତ ହୋଇଛି। ଏହା ପୂର୍ବରୁ ଗତ ମାର୍ଚ୍ଚରେ ଏହି ବିମାନବନ୍ଦରରେ ଆମେରିକା ଏୟାରଲାଇନ୍ସର ବୋଇଂ ୭୮୭-୮୦୦ ବିମାନରେ ନିଆଁ ଲାଗି ଯାଇଥିଲା। ଅନ୍ୟପକ୍ଷରେ ଦୁର୍ଘଟଣାଗ୍ରସ୍ତ ବୋଇଂ ବିମାନରୁ ଓହ୍ଲାଇବା ବେଳେ ନିଜ ପିଲାଙ୍କ ବଦଳରେ ଜିନିଷପତ୍ର ବାହାର କରିବାକୁ ପ୍ରାଧାନ୍ୟ ଦେଇଥିବାରୁ ଜଣେ ଯାତ୍ରୀଙ୍କୁ ସମାଲୋଚନାର ଶିକାର ହେବାକୁ ପଡିଛି।

ବୋଇଂ ବିମାନକୁ ଉଡ଼ନ୍ତା କଫିନ କୁହାଯାଏ। ଏ ପର୍ଯ୍ୟନ୍ତ ସାରା ବିଶ୍ୱରେ ଏହି ବିମାନ ୬ ହଜାର ଥର ଦୁର୍ଘଟଣାଗ୍ରସ୍ତ ହେଲାଣି। ଏଥିରୁ ୪୧୫ଟି ଭୟଙ୍କର ଦୁର୍ଘଟଣା ଥିଲା। ଏହି ଦୁର୍ଘଟଣାରେ ୯ ହଜାର ଜୀବନ ନେଲାଣି। କେବଳ ବୋଇଂ ୭୩୭ ବିମାନ ୫୨୯ ଥର ଦୁର୍ଘଟଣାର ଶିକାର ହେଲାଣି। ଏହା ୫,୭୭୯ ଜଣଙ୍କ ମୃତ୍ୟୁର କାରଣ ପାଲଟିଛି।

**ଲ୍ୟାଣ୍ଡିଂ ଗିୟର ଫେଲ୍; ବିମାନରେ ଲାଗିଗଲା ନିଆଁ**




- ଏମର୍ଜେନ୍ସି ସ୍ଲାଇଡରରେ ବାହାରିଲେ ଯାତ୍ରୀ
- ଅହମଦାବାଦ ଦୁର୍ଘଟଣାରେ ଯାଇଥିଲା ୨୭୦ ଜୀବନ
- ଏପର୍ଯ୍ୟନ୍ତ ବୋଇଂ ବିମାନ ନେଲାଣି ୯ ହଜାର ଜୀବନ



ଶ୍ରାବଣ ତୃତୀୟ ସୋମବାର: ଶୈବପୀଠରେ ଜଳଲାଗି ପାଇଁ କଟକଠାରେ ମହାନଦୀର ଗଡ଼ଗଡ଼ିଆ ଘାଟରେ କାଉଡ଼ିଆଙ୍କ ଭିଡ଼ (ଫଟୋ: ବିକାଶ)

# ଫୁଲୁଛି ହୀରାକୁଦ; ୨୦ ଗେଟ୍‌ରେ ବନ୍ୟାଜଳ ନିଷ୍କାସିତ

ସମ୍ବଲପୁର,୨୭।୭(ସମିସ): ଉପରମୁଣ୍ଡରେ ବର୍ଷାର ପରିମାଣ ଟିକେ କମିଛି। କିନ୍ତୁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର କମିନାହିଁ। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୬.୯୯ ମିମି ଏବଂ ତଳମୁଣ୍ଡରେ ୬.୧୯ ମିମି ବର୍ଷା ହୋଇଥିବା ଜଣାପଡ଼ିଛି। ମିଳିଥିବା ରିପୋର୍ଟ ଅନୁସାରେ ରବିବାର ସନ୍ଧ୍ୟା ସୁଦ୍ଧା ହୀରାକୁଦ ଜଳସ୍ତର ୬୧୪.୯୫ ଫୁଟ୍ ପହଞ୍ଚିଥିବା ବେଳେ ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ନଦୀବନ୍ଧର ବାମପଟର ୧୩ଟି ଓ ଡାହାଣପଟର ୭ଟି ମୋଟ ୨୦ଟି ସ୍ଲୁଇସ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୪, ୧୭, ୯୦୭ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩, ୪୫,୮୮୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୩, ୦୫, ୧୮୦ ଘନଫୁଟ, ପାୱାର ଚେନାଲ ଦେଇ ୩୬, ୪୯୬ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୩,୭୭୬ ଘନଫୁଟ ଜଳ ନିଷ୍କାସିତ ହେଉଛି। ତଳମୁଣ୍ଡରେ ପଥର୍ଲାଠାରେ ୫୮୩୧୧ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ଖଇରମାଲଠାରେ ୪୭୨୦୦୦ କ୍ୟୁସେକ୍, ବାରମୁଲଠାରେ ୪୪୮୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୪୮୫୪୩୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ସୂଚନା ରହିଛି।



## ଆଜିଠୁ କମିବ ବର୍ଷା

ଭୁବନେଶ୍ୱର,୨୭।୭(ସମିସ): ଓଡ଼ିଶାଠାରୁ ଦୂରେଇ ଯାଉଛି ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ। ବର୍ତ୍ତମା ଏହା ଦୁର୍ବଳ ହୋଇ ସଦୃଶ ଲଘୁଚାପ ଅବସ୍ଥାରେ ମଧ୍ୟପ୍ରଦେଶ ଉପରେ ରହିଛି। ତେଣୁ ଆସନ୍ତାକାଲିଠାରୁ ଅବପାତ ଓ ଲଘୁଚାପଜନିତ ବର୍ଷାର ପରିମାଣ କମିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ତେବେ ବର୍ତ୍ତମାନ ବାୟୁମଣ୍ଡଳରେ ପ୍ରଚୁର ଜଳୀୟବାଷ୍ପ ରହୁଥିବାରୁ ଦିନବେଳା ଖରା ଓ ଅପରାହ୍ଣରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ପାଇଁ ପାଗ ଅନୁକୂଳ ରହୁଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ଉତ୍ତର ବଙ୍ଗୋପସାଗର, ଓଡ଼ିଶା ଉପକୂଳ ଏବଂ ଏହାର ଆଖପାଖ ଅଞ୍ଚଳକୁ ନ ଯିବାକୁ ପାଣିପାଗ ବିଭାଗ ପରାମର୍ଶ ଦେଇଛି। ସୋମବାର ରାଜ୍ୟର କିଛି ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ସହ ବଜ୍ରପାତ ପାଇଁ ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଭଦ୍ରକ, ଯାଜପୁର, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# ଟିଜିଟି ଶିକ୍ଷକ ନିଯୁକ୍ତିରେ ଓଡ଼ିଆ ଭାଷାକୁ ଉପେକ୍ଷା

■ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପତ୍ରରେ ନାହିଁ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ପଦ
■ ଏଲ୍‌ଟିଆର୍‌ରେ ୩୩ ପ୍ରତିଶତ ବଦଳରେ ମିଳିଥିଲା ୨୫% ସଂରକ୍ଷଣ
■ ହାଇସ୍କୁଲରେ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ନିଯୁକ୍ତି ଦାବିକଲେ ଭାଷାବିତ୍

ଭୁବନେଶ୍ୱର, ୨୭।୭(ସମିସ): ହାଇସ୍କୁଲ ପାଇଁ ପ୍ରଶିକ୍ଷିତ ସ୍ନାତକ ଶିକ୍ଷକ (ଟିଜିଟି) ନିଯୁକ୍ତିରେ ଓଡ଼ିଆ ଭାଷାକୁ ଉପେକ୍ଷା କରାଯାଇଛି। ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ନିଯୁକ୍ତି କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଭୁଲିଯାଇଛି। ଲିଭ୍ ଟ୍ରେନିଂ ଟିଚର୍ (ଏଲ୍‌ଟିଆର୍) ନିଯୁକ୍ତି ବେଳେ ପ୍ରଥମଥର ପାଇଁ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ନିଯୁକ୍ତ କରାଯାଇଥିଲା। ହେଲେ ସମ୍ପ୍ରତି ହେବାକୁ ଯାଉଥିବା ଟିଜିଟି ଶିକ୍ଷକ ନିଯୁକ୍ତିରେ ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି ପାଇଁ କୌଣସି ସ୍ୱତନ୍ତ୍ର ପ୍ରାବଧାନ ନାହିଁ। ଫଳରେ ସରକାରଙ୍କ ଓଡ଼ିଆ ଅସ୍ମିତା ନାରା ଓ ଭାଷାପ୍ରେମ ନେଇ ଭାଷାବିତ୍ ଓ ଶିକ୍ଷାବିତ୍‌ମାନେ ପ୍ରଶ୍ନ ଉଠାଇଛନ୍ତି।

ଉଚ୍ଚ ବିଦ୍ୟାଳୟରେ ଖାଲିଥିବା ଟିଜିଟି ପଦ ପୂରଣ ପାଇଁ ପଦକ୍ଷେପ ନେବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ଗତ ୨୪ ତାରିଖରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତହିଁରେ ଟିଜିଟି କଳା, ଟିଜିଟି ପିସିଏମ୍ ଓ ସିବିଜେଡ୍, ହିନ୍ଦୀ, ସଂସ୍କୃତ, ପିଇଟି ଏବଂ ଉର୍ଦ୍ଦୁ ଶିକ୍ଷକ ପଦ ପୂରଣ କରିବାକୁ କୁହାଯାଇଛି; ହେଲେ ଓଡ଼ିଆ ଭାଷା ପାଇଁ ସ୍ୱତନ୍ତ୍ର ଶିକ୍ଷକ ପାଇଁ କୌଣସି ପ୍ରାବଧାନ ନାହିଁ। ଏହା ପୂର୍ବରୁ ଲିଭ୍ ଟ୍ରେନିଂ ଟିଚର୍ (ଏଲ୍‌ଟିଆର୍) ନିଯୁକ୍ତି ପାଇଁ ପ୍ରକାଶିତ ମୂଳ ବିଜ୍ଞପ୍ତିରେ ମଧ ସ୍ୱତନ୍ତ୍ର ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି ପାଇଁ ପ୍ରାବଧାନ ନଥିଲା। ଏହାକୁ ପରିବର୍ତ୍ତନ କରି ପ୍ରଥମ ଥର ପାଇଁ ଓଡ଼ିଆ ଭାଷା ଶିକ୍ଷକ ପଦ ସୃଷ୍ଟି କରାଗଲା। ଟିଜିଟି କଳା ପାଇଁ ଉଦ୍ଦିଷ୍ଟ ଥିବା ମୋଟ୍ ପଦ ମଧ୍ୟରୁ ୨୫ ପ୍ରତିଶତ ପଦକୁ ଓଡ଼ିଆ ଭାଷା ଶିକ୍ଷକ ଭାବେ ସଂରକ୍ଷଣ ଦିଆଯାଇଥିଲା। ଓଡ଼ିଆ ଅସ୍ମିତାକୁ ପ୍ରାଧାନ୍ୟ ଦେଇ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ନିଯୁକ୍ତ ପାଇଁ ପଦକ୍ଷେପ ନିଆଯାଇଥିବା ସରକାର କହିଥିଲେ। ହେଲେ ଟିଜିଟି ଶିକ୍ଷକ ନିଯୁକ୍ତ କରିବାକୁ ଆରମ୍ଭ ହେଉଥିବା ପ୍ରକ୍ରିୟାରୁ ସରକାର ସ୍ୱତନ୍ତ୍ର ଓଡ଼ିଆ ଭାଷା ଶିକ୍ଷକ ପଦକୁ କିପରି ଭୁଲିଗଲେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅପରପକ୍ଷରେ ଏଲ୍‌ଟିଆର୍ ପରି ଟିଜିଟି କଳା ପାଇଁ ଉଦ୍ଦିଷ୍ଟ ମୋଟ୍ ପଦ ମଧ୍ୟରୁ ୨୫ ପ୍ରତିଶତ ପଦକୁ ଓଡ଼ିଆ ଭାଷା ଶିକ୍ଷକ ଭାବେ ସଂରକ୍ଷଣ ନ ଦେଇ ସ୍ୱତନ୍ତ୍ର ପଦ ସୃଷ୍ଟି କରିବାକୁ ଦାବି ହୋଇଛି। କାରଣ ହିନ୍ଦୀ ଓ ସଂସ୍କୃତ ପରି ଭାଷା ପାଇଁ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତ ହେଉଛନ୍ତି। ଓଡ଼ିଆ ଅସ୍ମିତା କଥା କହୁଥିବା ସରକାର ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ପଦ କାହିଁକି ସୃଷ୍ଟି କରୁନାହାନ୍ତି ବୋଲି ଭାଷାବିତ୍‌ମାନେ ପ୍ରଶ୍ନ କରିଛନ୍ତି। ଓଡ଼ିଆ ଭାଷାକୁ ଲୋକପ୍ରିୟ ଓ ଦୀର୍ଘସ୍ଥାୟୀ କରିବାକୁ ଉଚ୍ଚ ବିଦ୍ୟାଳୟରେ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ନିଯୁକ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଯଦି ସରକାର ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ନିଯୁକ୍ତି ଦେବାରେ ଅସଫଳ ହୁଅନ୍ତି, ତାହେଲେ ଟିଜିଟି କଳା ପାଇଁ ଉଦ୍ଦିଷ୍ଟ ଥିବା ମୋଟ୍ ପଦ ମଧ୍ୟରୁ ୩୩ ପ୍ରତିଶତ ପଦରେ ଓଡ଼ିଆ ଶିକ୍ଷକ ନିଯୁକ୍ତି ଦେବାକୁ ମଧ ସେମାନେ ଦାବି କରିଛନ୍ତି। କାରଣ ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ, ସଂସ୍କୃତ ଏବଂ ସ୍ଥଳ ବିଶେଷରେ ଉର୍ଦ୍ଦୁ, ବଙ୍ଗଳା, ତେଲୁଗୁ ଆଦି ଭାଷା ଭିତ୍ତିକ ବିଷୟକୁ ବାଦ୍ ଦେଲେ କେବଳ ଟିଜିଟି କଳାରେ ମୋଟ୍ ତିନିଟି ବିଷୟ ରହିଛି। ଓଡ଼ିଆ, ଇଂରାଜୀ ଓ ସାମାଜିକ ବିଜ୍ଞାନ (ଇତିହାସ ଓ ଭୂଗୋଳ)। ତିନିଟି ବିଷୟ ପାଇଁ ଶହେ ମାର୍କ ଲେଖାଏଁ ମୋଟ୍ ତିନି ଶହ ମାର୍କ ରହିଛି। ତେଣୁ ଟିଜିଟି କଳା ପଦରୁ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ପଦ ସୃଷ୍ଟି କଲାବେଳେ ଟିଜିଟି କଳା ପଦର ଏକତୃତୀୟାଂଶ ବା ୩୩ ପ୍ରତିଶତ ପଦ ସଂରକ୍ଷିତ ରହିବା ନ୍ୟାୟସଂଗତ। ଏଲ୍‌ଟିଆର୍ ନିଯୁକ୍ତି ବେଳେ ସାମାଜିକ ବିଜ୍ଞାନକୁ ଦୁଇଟି ବିଷୟ ଯଥା ଇତିହାସ ଓ ଭୂଗୋଳ ବିଚାର କରି ଓଡ଼ିଆ ଭାଷାକୁ ୨୫ ପ୍ରତିଶତ ସଂରକ୍ଷଣ ଦିଆଯାଇଥିଲା। ଏଣୁ ଏହାର ପୁନରାବୃତ୍ତି ନ କରି ଓଡ଼ିଆ ଭାଷାକୁ ସମ୍ମାନ ଦେଇ ଶାସ୍ତ୍ରୀୟ ଓଡ଼ିଆ ଭାଷା ପାଇଁ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି କରିବାକୁ ଶିକ୍ଷାବିତ୍ ଓ ଓଡ଼ିଆ ଭାଷାପ୍ରେମୀମାନେ ଦାବି କରିଛନ୍ତି।

■ ବଲାଙ୍ଗୀ ନାବାଳିକା ପୋଡ଼ି ଘଟଣା

## ପୁଣି ଦିଲ୍ଲୀ ଏମ୍ସ ଗଲେ ପୁଲିସ ଓ କ୍ରାଇମ୍‌ବ୍ରାଞ୍ଚ ଟିମ୍

ବଲାଙ୍ଗୀ,୨୭।୭(ସମିସ): ବଲାଙ୍ଗୀ ନାବାଳିକା ପୋଡ଼ି ଘଟଣାକୁ ୯ ଦିନ ପୂରିଥିବାବେଳେ ଏବେ ବି ପୁଲିସ ହାତ ଖାଲି ଥିବା ଦେଖିବାକୁ ମିଳିଛି। ରବିବାର ସକାଳେ ବଲାଙ୍ଗୀ ଥାନାର ଜଣେ ଅଧିକାରୀ ଓ ପୁରୀ ହେଡ୍ କ୍ୱାର୍ଟର ଏସ୍‌ଡିପିଓଙ୍କ ସହ କ୍ରାଇମ୍‌ବ୍ରାଞ୍ଚ ଟିମ୍ ପୀଡ଼ିତାଙ୍କଠାରୁ ପୁନର୍ବାର ବୟାନ ଗ୍ରହଣ କରିବା ପାଇଁ ଦିଲ୍ଲୀ ଏମ୍ସକୁ ଯାଇଛନ୍ତି। ସୋମବାର ସେଠାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରିପାରନ୍ତି ଏହି ଟିମ୍। ଘଟଣା କିପରି ଘଟିଲା ଓ କିଏ ଅଭିଯୁକ୍ତ ବର୍ତ୍ତମାନ ସୁଦ୍ଧା ରହସ୍ୟ ଘେରରେ ଥିବାବେଳେ ପୁଲିସ, କ୍ରାଇମ୍‌ବ୍ରାଞ୍ଚ, ସ୍ପେସାଲ ଟିମ୍‌କୁ ନାକେଦମ୍ ହେବାକୁ ପଡ଼ିଲାଣି। ଶନିବାର ୪ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ ନିମାପଡ଼ା କୋର୍ଟରେ ହୋଇଥିଲା।

୮୭ତମ ଜୟନ୍ତୀରେ ସଙ୍ଗୀତଜ୍ଞ ସିକନ୍ଦର୍ ଆଲାମ୍‌ଙ୍କୁ ବିଜେଡିର ଶ୍ରଦ୍ଧାଞ୍ଜଳି

# ଓଡିଶାର ସାଂସ୍କୃତିକ ଜଗତକୁ ଅବଦାନ ପାଇଁ ସିକନ୍ଦର ଚିର ଅମର: ନବୀନ

ଭୁବନେଶ୍ୱର,୨୭।୭(ସମିସ): ଓଡ଼ିଶାର ସାଂସ୍କୃତିକ ଜଗତକୁ ଅବଦାନ ପାଇଁ ଯଶସ୍ୱୀ ସଙ୍ଗୀତଜ୍ଞ ସିକନ୍ଦର ଆଲାମ ଚିର ଅମର ହୋଇ ରହିଛନ୍ତି ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ସ୍ୱର୍ଗତ ସିକନ୍ଦରଙ୍କ ୮୭ତମ ଜୟନ୍ତୀ ଅବସରରେ ସ୍ମୃତିଚାରଣ କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସ୍ୱର୍ଗତ ସିକନ୍ଦର ଆଲାମ ସ୍ୱକୀୟ ପ୍ରତିଭା ପାଇଁ ଦେଶବିଦେଶରେ ସୁପରିଚିତ ଥିଲେ। ଭକ୍ତି ସଂଗୀତଠାରୁ ଆରମ୍ଭ କରି ଶାସ୍ତ୍ରୀୟ, ପଲ୍ଲୀ ଓ ସୁଗମ ସଙ୍ଗୀତ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସେ ଏକ ନିଜସ୍ୱ ପରିଚୟ ସୃଷ୍ଟି କରିଥିଲେ। ଓଡିଆ ଚଳଚ୍ଚିତ୍ର ଜଗତର ଅନ୍ୟତମ ପ୍ରଭାବଶାଳୀ ଓ ଲୋକପ୍ରିୟ ସଂଗୀତଜ୍ଞ ଭାବରେ ସେ ଦୀର୍ଘ ଦଶନ୍ଧି ଧରି ଅଜସ୍ର ପ୍ରଶଂସକ ସୃଷ୍ଟି କରିପାରିଥିବା ଉଲ୍ଲେଖ କରି ଶ୍ରୀ ପଟ୍ଟନାୟକ ସ୍ୱର୍ଗତ ସିକନ୍ଦର ଆଲାମଙ୍କ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ରବିବାର ଓଡିଶା ବିଧାନସଭା ନିକଟରେ ଥିବା ସିକନ୍ଦରଙ୍କ ପ୍ରତିମୂର୍ତ୍ତିରେ ବିଜୁ ଜନତା ଦଳ ତରଫରୁ ମାଲ୍ୟାର୍ପଣ କରାଯିବା ସହ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଜେଡି ମୁଖପାତ୍ର ତଥା ମିଡିଆ ସଂଯୋଜକ ଲେନିନ ମହାନ୍ତି, ସିକନ୍ଦର ଆଲାମଙ୍କ ଝିଅ ସୋଫିଆ ଆଲାମ ଓ ନାଜିଆ ଆଲାମ, ବିଜେଡି ମୁଖପାତ୍ର ଇପ୍ସିତା ସାହୁ, ସ୍ଥାନୀୟ କର୍ପୋରେଟର ରଞ୍ଜୁଲତା ରାୟ ପ୍ରମୁଖ ସ୍ୱର୍ଗତ ସିକନ୍ଦର ଆଲାମଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



## ଚେକ୍ ବାଉନ୍ସ ସମ୍ପର୍କିତ ଲୋକ ଅଦାଲତ

କଟକ,୨୭।୭(ସମିସ): ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧକ୍ଷ ଜଷ୍ଟିସ ସଙ୍ଗମ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାସ୍ତରୀୟ ଚେକ ବାଉନ୍ସ ଜନିତ (ଏନଆଇ ଆକ୍ଟ ଧାରା ୧୩୮) ମାମଲାଗୁଡ଼ିକ ଲୋକ ଅଦାଲତ ମାଧ୍ୟମରେ ଫଇସଲା କରାଯାଇଛି।

ଆଇନ୍ ସେବା ପ୍ରାଧିକରଣ ତତ୍ତ୍ୱାବଧାନରେ ରାଜ୍ୟର ୧୮ ଜିଲ୍ଲା ଓ ୭ଟି ସବଡ଼ିଭିଜନ ମୁଖ୍ୟାଳୟ ପରିସରରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏହି ଲୋକ ଅଦାଲତରେ ଗ୍ରହଣ କରାଯାଇଥିବା ୭୦୩୮ଟି ମାମଲାରୁ ୧୦୬୮ଟି କେବଳ ଚେକ୍ ବାଉନ୍ସ ମାମଲାର ଆପୋଷ ସହମତିରେ ସମାଧାନ କରାଯାଇଥିଲା ଏଥିପାଇଁ ମୋଟ ୨୧କୋଟି ୯୨ଲକ୍ଷ ୯୮ହଜାର ୧୪୩ ଟଙ୍କା ସ୍ଥିରୀକୃତ ହୋଇଛି।

# ମେଟ୍ରୋ ପାଇଁ ସାନି ଟେଣ୍ଡର ନ ହେଲେ ଆନ୍ଦୋଳନ

ଭୁବନେଶ୍ୱର,୨୭।୭(ସମିସ): ମେଟ୍ରୋ ପ୍ରକଳ୍ପ ପାଇଁ ଟେଣ୍ଡର ନ ହେଲେ ଆସନ୍ତା ଅଗଷ୍ଟ ୨୦ ତାରିଖରେ କଂଗ୍ରେସ ବିକ୍ଷୋଭ କରିବ ବୋଲି ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା ଚେତାବନୀ ଦେଇଛନ୍ତି। ମେଟ୍ରୋ କାମ ନ ହେଲେ ଉଭୟ ସଚିବାଳୟ ଓ ବିଧାନସଭା ଘେରଉ ହେବ ବୋଲି ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ କହିଛନ୍ତି। ସେ କହିଛନ୍ତି ଯେ ମେଟ୍ରୋ ବନ୍ଦ କରି ରାଜ୍ୟ ସରକାର ହୀନରାଜନୀତି କରୁଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାଳେ ମେଟ୍ରୋ ପ୍ରକଳ୍ପ ଯୋଗୁଁ ନାଁ ନେଇଯିବେ ତାହା ବିଚାର କରି ରାଜ୍ୟ ସରକାର ଏହି ଟେଣ୍ଡର ବାତିଲ୍ କରିଛନ୍ତି। ମାତ୍ର ଏହି ନିଷ୍ପତ୍ତି ଦ୍ୱାରା ନବୀନଙ୍କର ଯେଉଁ ସୁନାମ ରହିଛି, ସେଥିରେ ଆଦୌ ପ୍ରଭାବ ପଡ଼ିବ ନାହିଁ। ସେ ଅନେକ କାମ କରିଛନ୍ତି। ସେଥିପାଇଁ ତାଙ୍କୁ ଓଡ଼ିଶା ସର୍ବଦା ମନେ ରଖିବ। ତେଣୁ ରାଜ୍ୟ ସରକାର ଏଭଳି ହୀନ ରାଜନୀତି ବନ୍ଦ କରି ତୁରନ୍ତ ମେଟ୍ରୋ ପାଇଁ ସାନି ଟେଣ୍ଡର ନ କଲେ ଆଗାମୀ ଦିନରେ ବିରାଟ ଆନ୍ଦୋଳନ ହେବ ବୋଲି ଶ୍ରୀ ରାଉତରାୟ ଚେତାବନୀ ଦେଇଛନ୍ତି। ସେହିପରି ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା କହିଛନ୍ତି ଯେ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଲୋକମାନଙ୍କୁ ଦିନରେ ସ୍ୱପ୍ନ ଦେଖାଉଛି। ପ୍ରତିଦିନ ମିଛ କହିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। କେଉଁମାନେ କେତେ ମିଛ କହିବେ ତାହାର ଏକ ତାଲିକା ପ୍ରସ୍ତୁତ ହୋଇଛି। ଏହି ମିଛକୁ ଓଡ଼ିଶାବାସୀ ବିଚାର କରିବେ। ମେଟ୍ରୋ ଟ୍ରେନ୍ ଚଳାଇବା ପାଇଁ ମୁଖ୍ୟମନ୍ତ୍ରୀ ନିଜେ ଘୋଷଣା କରିଥିଲେ। ମେଟ୍ରୋ ଟ୍ରେନ୍ ନେଇ ମୁଖ୍ୟମନ୍ତ୍ରୀ ସ୍ୱପ୍ନ ଦେଖାଇବା ପରେ ପୂର୍ତ୍ତମନ୍ତ୍ରୀ ମେଟ୍ରୋ ଟ୍ରେନ୍‌କୁ ମାଟି ତଳେ ଚଳେଇବା କଥା କହି ନୂଆ ସ୍ୱପ୍ନ ଦେଖାଇଲେ। ଏହି ସ୍ୱପ୍ନର କିଛି ବସ୍ତବତା ନାହିଁ। ଏହା ଏବେ ସ୍ପଷ୍ଟ ହୋଇଯାଇଛି। କଟକ-ପୁରୀ ଆଦିକୁ ମେଟ୍ରୋ ଗଡ଼ାଇବା କଥା ମଧ ବିଜେପି ସରକାରର ମନ୍ତ୍ରୀମାନେ କହିଥିଲେ। ବିଜେପି ଅଚାନକ ଭାବେ ସରକାରକୁ ଚାଲି ଆସିଛି। ଏମାନେ ସରକାର କିପରି ଚଳାଇବେ ଜାଣିପାରୁ ନାହାନ୍ତି। କେହି କାହା କଥା ମାନୁନାହାନ୍ତି। ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କୁ କେବଳ ଭଗବାନ ସାହା। ଯଦି ବିଜେପି ସରକାର ଓଡ଼ିଶାରେ ଶାସନ ଜାରି ରଖେ ତେବେ ରାଜ୍ୟରେ ବିପର୍ଯ୍ୟସ୍ତ କ୍ଷତି ହେବ ବୋଲି ଶ୍ରୀ ଜେନା କହିଛନ୍ତି।




# ସରକାରୀ ବାବୁଙ୍କ ଦୁର୍ନୀତି ନିଶା

## ୧୩ ଜଣ ଅଧିକାରୀଙ୍କ ଘରୁ ଜବତ ହେଲାଣି କୋଟି କୋଟି ଟଙ୍କା



■ ଭିଜିଲାନ୍ସ ଇତିହାସରେ ସର୍ବାଧିକ ୧୦.୩୭ କୋଟି ଟଙ୍କା ଜବତ
■ ଜବତ ଟଙ୍କାକୁ ଅଦାଲତରେ ନିଜର ଦର୍ଶାଇ ପାରୁନାହାନ୍ତି ବାବୁ

ଭୁବନେଶ୍ୱର,୨୭।୭(ସମିସ): ଲୋକଙ୍କ ସେବା ପାଇଁ ସରକାରୀ ବାବୁଙ୍କୁ ନିଯୁକ୍ତି ଦିଆଯାଇଛି। ଲୋକ ସେବା ଅଧିକାରୀ ଭାବେ ପରିଚିତ ଏହି ବାବୁମାନେ ଜନତାଙ୍କ ଟଙ୍କାରେ ଦରମା ମଧ ପାଉଛନ୍ତି। କିନ୍ତୁ ବାବୁମାନେ ଚାକିରି ପାଇବା ପରେ ଲୋକଙ୍କୁ ସେବା ବଦଳରେ ଦୁର୍ନୀତି କରି କୋଟିପତି ହେବା ନିଶାରେ ଲାଗି ପଡ଼ୁଛନ୍ତି। ଚାକିରି ସମୟରେ ଦୁର୍ନୀତି ଏବଂ ଲାଞ୍ଚ ନେଇ ଘରେ ଟଙ୍କାର ପାହାଡ଼ କରୁଛନ୍ତି। କେବଳ ଟଙ୍କା ନୁହେଁ; ମହଣ ମହଣ ସୁନା ମଧ ଘରେ ଗୁପ୍ତ ଟ୍ରେଜେରୀ କରି ରଖୁଛନ୍ତି। ଆହୁରି ମଧ ଅନେକ ସରକାରୀ ବାବୁ ଏହି କଳାଧନରେ ନିଜର ଓ ସଂପର୍କୀୟଙ୍କ ନାମରେ ଏକାଧିକ ପ୍ଲଟ୍ କିଣି ପକାଉଛନ୍ତି।

ଏହିଭଳି ୧୩ ଜଣ ସରକାରୀ ବାବୁଙ୍କ ଘରୁ କୋଟି କୋଟି ଟଙ୍କା ଜବତ କଲାଣି ଭିଜିଲାନ୍ସ ବିଭାଗ। ଭିଜିଲାନ୍ସ ଇତିହାସରେ ସର୍ବାଧିକ ଟଙ୍କା କଟକ ସେତୁ ଏବଂ ନିର୍ମାଣ ନିଗମର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଦୀପ କୁମାର ରଥଙ୍କ ଘରୁ ଜବତ କରାଯାଇଥିଲା। ତାଙ୍କ ଘରୁ ୧୦କୋଟି ୩୭ଲକ୍ଷ ୯ହଜାର ୩୭୦ ଟଙ୍କା ଜବତ କରାଯାଇଥିଲା। ସେହିପରି ବୌଦ୍ଧ ଆରଟିଓ ବସନ୍ତ କୁମାର ମହାପାତ୍ରଙ୍କ ଘରୁ ୯କୋଟି ୬୧ଲକ୍ଷ ୭୭ହଜାର ୪୮୯ଟଙ୍କା, ଗଞ୍ଜାମ, ଭଞ୍ଜନଗର ଜଳସେଚନ(ସିଭିଲ)ର ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସ୍ୱାଇଁଙ୍କଠାରୁ ୮କୋଟି ୧୧ଲକ୍ଷ ୩୮ହଜାର ୬୧୪ ଟଙ୍କା, ଭୁବନେଶ୍ୱର ରାସ୍ତା ଏବଂ କୋଠା(ସିଭିଲ)ର ପୂର୍ବତନ ମୁଖ୍ୟଯନ୍ତ୍ରୀ ତାରାପ୍ରସାଦ ମିଶ୍ରଙ୍କଠାରୁ ୭କୋଟି ୨୭ଲକ୍ଷ ୪୯ ହଜାର ଟଙ୍କା ଜବତ କରାଯାଇଥିଲା। ସେହିପରି ବାଲେଶ୍ୱର ଜଳସେଚନ ବିଭାଗ, ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାସ କୁମାର ପ୍ରଧାନଙ୍କ ଘରୁ ୬କୋଟି ୩୦ଲକ୍ଷ ୧୪ ହଜାର ୯୩୯ ଟଙ୍କା, ବଲାଙ୍ଗିର, ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁନୀଲ କୁମାର ରାଉତଙ୍କଠାରୁ ୫କୋଟି ୭୯ଲକ୍ଷ ୬୫ ହଜାର ୮୪୭ ଟଙ୍କା, ଭୁବନେଶ୍ୱର ଇଡ୍‌କୋ ଜୁନିୟର ମ୍ୟାନେଜର ବିଜୟ କୁମାର ଉଦୟସିଂଙ୍କ ଘରୁ ୫କୋଟି ୩୦ଲକ୍ଷ ୭୨ ହଜାର ୭୧୮ ଟଙ୍କା, ବ୍ରହ୍ମପୁର ଡିଭିଜନର ଓଡ଼ିଶା ପୁଲିସ ହାଉସିଂ ୱେଲଫେୟାର କର୍ପୋରେସନ ଡେପୁଟି ଜେନେରାଲ ମ୍ୟାନେଜର ସୁବାସ ଚନ୍ଦ୍ର ପଣ୍ଡାଙ୍କଠାରୁ ୫କୋଟି ୨୫ଲକ୍ଷ ୭୨ ହଜାର ୭୬୬ ଟଙ୍କା ଜବତ କରାଯାଇଥିଲା। ସେହିପରି ଅନୁଗୁଳ, ତାଳଚେର ଖଣି ଉପନିର୍ଦ୍ଦେଶକ ଧରଣୀଧର ନାୟକଙ୍କଠାରୁ ୪କୋଟି ୭୮ଲକ୍ଷ ୮୩ ହଜାର ୯୭୧ ଟଙ୍କା, ବାଲେଶ୍ୱର ଗ୍ରାମ୍ୟ ଉନ୍ନୟନ ମୁଖ୍ୟଯନ୍ତ୍ରୀ ଏନ.ଭି ହରିହର ରାଓଙ୍କ ଘରୁ ୪କୋଟି ୭ଲକ୍ଷ ୨୦ ହଜାର ୭୮୨ ଟଙ୍କା ଜବତ କରାଯାଇଥିବା ବେଳେ ମାଲକାନାଗିରି ଜଳଛାୟା ଶାଖା ଉପନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ରଙ୍କଠାରୁ ୧.୫କୋଟି ଟଙ୍କା, ମୁଖ୍ୟଯନ୍ତ୍ରୀ ବୈକୁଣ୍ଠନାଥ ଷଡ଼ଙ୍ଗୀଙ୍କ ଘରୁ ୨.୧କୋଟି ଟଙ୍କା ଏବଂ ଧର୍ମଗଡ଼ର ଉପଜିଲ୍ଲାପାଳ ଯୁବ ଆଇଏଏସ୍ ଅଧିକାରୀ ଧୀମାନ ଚକ୍‌ମାଙ୍କ ଘରୁ ୪୭ ଲକ୍ଷ ଟଙ୍କା ଜବତ ହୋଇଥିଲା। ଏହିଭଳି ସରକାରୀ ବାବୁମାନେ କୋଟି କୋଟି ଟଙ୍କା ରୋଜଗାର କରିବା ନିଶାରେ ମନୋନିବେଶ କରୁଥିବାରୁ ଲୋକଙ୍କ ସ୍ୱାର୍ଥ ସାଧନ ହୋଇପାରୁ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# ସେନା ସହ ସିଆଇଏସଏଫର ମିଳିତ ତାଲିମ ଆରମ୍ଭ

କଣିହାଁ, ୨୭ ।୭ (ସମିସ)



ପ୍ରତିବର୍ଷ ବଢୁଥିବା ସୁରକ୍ଷା ଚ୍ୟାଲେଞ୍ଜ ମଧ୍ୟରେ ଏହାର କାର୍ଯ୍ୟକ୍ଷମ ପ୍ରସ୍ତୁତିକୁ ମଜବୁତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ଗ୍ରହଣ କରିଛି କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସଏଫ) । ସିଆଇଏସଏଫ ଭାରତୀୟ ସେନା ସହ ମିଳିତ ତାଲିମ ଆରମ୍ଭ କରିଛି । ଏହା ଅପାରମ୍ପରିକ ଏବଂ ହାଇବ୍ରିଡ୍ ବିପଦ ବିରୋଧରେ ବାହିନୀକୁ ଯୁଦ୍ଧ ପାଇଁ ପ୍ରସ୍ତୁତ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଯୁଦ୍ଧ ପାଇଁ ପ୍ରସ୍ତୁତିର ସ୍ୱତନ୍ତ୍ର ଦୃଷ୍ଟିକୋଣ ସିଆଇଏସଏଫ ଯୁଦ୍ଧ-କଠୋରତା ହେଉଛି ଏହାର କର୍ମଚାରୀମାନଙ୍କୁ ଉଚ୍ଚ-ମୂଲ୍ୟ ଏବଂ ଉଚ୍ଚ-ବିପଦପୂର୍ଣ୍ଣ ପ୍ରତିଷ୍ଠାନ-ଯେପରିକି ବିମାନବନ୍ଦର, ପରମାଣୁ ପ୍ରତିଷ୍ଠାନ, ସରକାରୀ କୋଠା ଏବଂ ସଂସଦରେ ସଙ୍କଟର ତୁରନ୍ତ ଏବଂ ପ୍ରଭାବଶାଳୀ ଭାବେ ପ୍ରତିକ୍ରିୟା ଦେବା ପାଇଁ ପ୍ରସ୍ତୁତ କରିବା । ଡ୍ରୋନ୍ ଅନୁପ୍ରବେଶ, ସମନ୍ୱିତ ଆତଙ୍କବାଦୀ ଆକ୍ରମଣ, ଆଭ୍ୟନ୍ତରୀଣ ଧମକ ଏବଂ ଅନ୍ତର୍ନିହିତ କାର୍ଯ୍ୟ ଭଳି ଜଟିଳ, ଉଚ୍ଚ-ଚାପ ପରିସ୍ଥିତିକୁ ଦ୍ରୁତ, ସଠିକତା ଏବଂ ଶାନ୍ତ ଭାବେ ପରିଚାଳନା କରିବା ଉପରେ ଗୁରୁତ୍ୱ ଦିଆଯାଇଛି । କଶ୍ମୀର ଉପତ୍ୟକାରେ ସେନା ସହିତ ସ୍ୱତନ୍ତ୍ର ତାଲିମ ପ୍ରଥମଥର ପାଇଁ ସିଆଇଏସଏଫ ଉପତ୍ୟକାରେ ଉଚ୍ଚମାନର ଭାରତୀୟ ସେନା ଗଠନରେ ପୂର୍ଣ୍ଣ-ସ୍ତରର ତାଲିମ ବ୍ୟାଚ ପରିଚାଳନା କରୁଛି । ପୂର୍ବରୁ କେବଳ ସୀମିତ ସଂଖ୍ୟକ ସିଆଇଏସଏଫ ଏପରି ଅଭ୍ୟାସ ପାଇଁ ଆସନ ବଣ୍ଟନ କରାଯାଇଥିଲା । ବର୍ତ୍ତମାନ ସିଆଇଏସଏଫ-ସେନା ମଧ୍ୟରେ ଘନିଷ୍ଠ ସମନ୍ୱୟ ପରେ ଏବଂ ଗୁରୁତ୍ୱପୂର୍ଣ୍ଣ ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେନା ବଡ଼ ଦଳକୁ ବ୍ୟାପକ ତାଲିମ ମଡ୍ୟୁଲ୍ ପ୍ରଦାନ କରିବାକୁ ରାଜି ହୋଇଛି । ମଡ୍ୟୁଲ୍ ମଧ୍ୟରେ ରାତି ଅପରେସନ୍, ଜଙ୍ଗଲ ଯୁଦ୍ଧ, ନିକଟ ଯୁଦ୍ଧ କୌଶଳ ଏବଂ ସହନଶୀଳତା-ନିର୍ମାଣ ଅଭ୍ୟାସ ଇତ୍ୟାଦି ଅର୍ନ୍ତଭୁକ୍ତ । ଏହି ମଡ୍ୟୁଲ୍‌ଗୁଡ଼ିକ ସହରାଞ୍ଚଳ ବିପଦ ବିରୋଧୀ ଅପରେସନରେ ସିଆଇଏସଏଫ ପୂର୍ବରୁ ଦୃଢ଼ ଅଭିଜ୍ଞତା ଉପରେ ନିର୍ମାଣ କରିବା ପାଇଁ ଡିଜାଇନ୍ କରାଯାଇଛି । ବର୍ତ୍ତମାନ ଜଟିଳ ଭୂଖଣ୍ଡ ଏବଂ ଉଚ୍ଚ ବିପଦ ଜୋନରେ କାର୍ଯ୍ୟ କରିବାର କ୍ଷମତା ବୃଦ୍ଧି କରୁଛି । ଲକ୍ଷ୍ୟ ହେଉଛି ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଉଭୟ ପରିବେଶରେ ସଶସ୍ତ୍ର ଅନୁପ୍ରବେଶ, ଅନ୍ତର୍ଘାତ ଏବଂ ବହୁମୁଖୀ ଆତଙ୍କବାଦୀ ଆକ୍ରମଣ ଭଳି ଆକସ୍ମିକ ପରିସ୍ଥିତିକୁ ବୃତ୍ତିଗତ ଭାବେ ପରିଚାଳନା କରିବା ପାଇଁ କର୍ମଚାରୀମାନଙ୍କୁ ସଜ୍ଜିତ କରିବା । ଉଲ୍ଲେଖଯୋଗ୍ୟ, ଏହି କ୍ୟୁଆରଟି ସଦସ୍ୟମାନେ ସେନା ମଡ୍ୟୁଲରେ ଯୋଗଦେବା ପୂର୍ବରୁ ଛଅ ମାସର ଏକ କଠୋର ସିଆଇଏସଏଫ ସମାପ୍ତ କରିସାରିଛନ୍ତି । ଆଗକୁ ବଢ଼ିବା ସହ ସିଆଇଏସଏଫ ପ୍ରକାରର ଉନ୍ନତ ଯୁଦ୍ଧ ତାଲିମକୁ ଅଧିକ ୟୁନିଟ୍ ପର୍ଯ୍ୟନ୍ତ ବିସ୍ତାର କରିବାକୁ ଯୋଜନା କରୁଛି, ଯାହା ସବୁଠାରୁ ସମ୍ବେଦନଶୀଳ ଏବଂ ଉଚ୍ଚ-ବିପଦପୂର୍ଣ୍ଣ ସ୍ଥାନଗୁଡ଼ିକରୁ ଆରମ୍ଭ ହେବ ।

# ସାମ୍ବାଦିକାଙ୍କୁ ଦୁର୍ବ୍ୟବହାର କରି ଛେଚା ଖାଇଲେ ୱେବ୍ ସାମ୍ବାଦିକ

## ■ ଓଟିଭି ସାମ୍ବାଦିକ ସମେତ ୩ ଗିରଫ



ଅନୁଗୋଳ, ୨୭ ।୭ (ସମିସ): ଜଣେ ସାମ୍ବାଦିକାଙ୍କୁ ଦୁର୍ବ୍ୟବହାର କରି ଛେଚା ଖାଇଛନ୍ତି ୱେବ ମିଡିଆ ସାମ୍ବାଦିକ ରବି ସେଠୀ । ସୂଚନା ମୁତାବକ ଶନିବାର ସନ୍ଧ୍ୟାରେ ଏ-୨୪ ଚାନେଲର ସାମ୍ବାଦିକା ଆନମ ନାଜ କୌଣସି କାମରେ ହାଟତୋଟା ଆସିଥିଲେ । ବାଟରେ ରବି ତାଙ୍କୁ ଅଟକାଇ ଟଣାଓଟରା କରିବା ସହ ଦୁର୍ବ୍ୟବହାର କରିଥିଲେ । ସାମ୍ବାଦିକା ଏହାକୁ ବିରୋଧ କରିବାରୁ ରବି ସେଠାରୁ ଚମ୍ପଟ ମାରିଥିଲେ । ଘଟଣା ସମ୍ପର୍କରେ ସାମ୍ବାଦିକା ତାଙ୍କ ସାମ୍ବାଦିକ ସ୍ୱାମୀ, ଓଟିଭି ସାମ୍ବାଦିକ ମନୀଲ ମହାରଣା ଓ ଅନ୍ୟ ସାମ୍ବାଦିକଙ୍କୁ ଜଣାଇଥିଲେ । ପରେ ସାମ୍ବାଦିକାଙ୍କ ସ୍ୱାମୀ, ଓଟିଭି ସାମ୍ବାଦିକ ମନୀଲ ମହାରଣା ଓ ଅନ୍ୟ ସାମ୍ବାଦିକମାନେ ରବିଙ୍କୁ ଘଟଣା ସମ୍ପର୍କରେ ପଚାରିବା ପାଇଁ ତାଳଚେର ସହରରେ ଏଣେତେଣେ ଖୋଜିଥିଲେ । ଏକ ଫଳ ଦୋକାନରେ ରବି ଠିଆହୋଇଥିବା ଦେଖି ଘଟଣା ସମ୍ପର୍କରେ ତାଙ୍କୁ ପଚାରିଥିଲେ । ଫଳରେ ସେଠାରେ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହେବାସହ ହାତାହାତି ଯାଏଁ କଥା ଯାଇଥିଲା । କିଛି ସାମ୍ବାଦିକ ଏବଂ ସ୍ଥାନୀୟ ଲୋକେ ମିଶି ରବିଙ୍କୁ ନିର୍ଘୁମ ଛେଚିଥିଲେ । ଏଥିରେ ରବିଙ୍କ ହାତ ଭାଙ୍ଗିଯିବା ସହ ମୁଣ୍ଡରେ ଆଘାତ ଲାଗିଥିଲା । ଏ ନେଇ ରବି ତାଳଚେର ଟାଉନ ଥାନାରେ ଅଭିଯୋଗ କରିଥିଲେ । ମହିଳା ସାମ୍ବାଦିକା ଆନମ ନାଜ ମଧ୍ୟ ରବିଙ୍କ ବିରୋଧରେ ପାଲଟା ଅଭିଯୋଗ କରିଥିଲେ । ତେବେ ରବିଙ୍କ ହାତ ଭାଙ୍ଗିଥିବା ଏବଂ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଯୋଗୁଁ ପୁଲିସ ଓଟିଭି ସାମ୍ବାଦିକ ମନୀଲ ମହାରଣା, ସାମ୍ବାଦିକା ଆନମ ନାଜ ଓ ତାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ରିଲ୍ସ କରି ଯୁବକ ଗିରଫ



ବଇଣ୍ଡା, ୨୭ ।୭ (ସମିସ): ଆଧୁନିକ ଯୁଗରେ ଏବେ ଯୁବପିଢ଼ି ରିଲ୍ସ ପାଇଁ ବିଭିନ୍ନ ସ୍ଥାନରେ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ବଡ଼ ଗୋବିନ୍ଦପୁର ଗ୍ରାମର ଜଳିଆ ଗୋଛାୟତଙ୍କୁ ଶନିବାର ରାତିରେ ପୁଲିସ ଗିରଫ କରିଛି । ତାଙ୍କଠାରୁ ଏକ ଖେଳଣା ବନ୍ଧୁକ ସହ ବୁଲେଟ ବାଇକ୍ ଜବତ କରିଛି । ଏନେଇ ଥାନାରେ ଏକ ମାମଲା ରୁଜୁ କରି ରବିବାର ଜଳିଆଙ୍କୁ କୋର୍ଟ ଚାଲାଣ କରାଯାଇଛି । ଜଳିଆ ଏକ ଖେଳଣା ବନ୍ଧୁକ ଧରି ବୁଲେଟ ବାଇକ୍‌ରେ ବେପାରୁଆ ଭାବେ ରାସ୍ତାରେ ରିଲ୍ସ ବନାଇବା ସହ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିଲେ । ଫଳରେ ଲୋକେ ଭୟଭୀତ ହୋଇପଡ଼ିଥିଲେ । ଅନୁଗୋଳ ଏସପିଙ୍କ ନିର୍ଦ୍ଦେଶ କ୍ରମେ ହଣ୍ଡପା ଥାନା ଆଇଆଇସି ନମିତା ନାୟକ ଚଢ଼ଉ କରି ତାଙ୍କୁ ଗିରଫ କରିଥିଲେ ।

## ଯୁବକଙ୍କୁ ଛୁରୀରେ ଆକ୍ରମଣ ଅଭିଯୋଗ

ବଇଣ୍ଡା, ୨୭ ।୭ (ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ତୁଳିଆପୁର ଗ୍ରାମର ଶୁଭମ ବେହେରାଙ୍କୁ ସେହି ଗ୍ରାମର ସିଦ୍ଧାନ୍ତ ବେହେରା ଛୁରୀରେ ଆକ୍ରମଣ କରିଥିବା ଶୁଭମ ଶନିବାର ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି । ଶୁଭମ ପ୍ରତାପପୁର ଛକ ନିକଟରେ ଠିଆ ହୋଇଥିବା ବେଳେ ସିଦ୍ଧାନ୍ତ ତାଙ୍କୁ ଅଚାନକ ଛୁରୀରେ ଆକ୍ରମଣ କରିଥିଲେ । ଏପରିକି ତାଙ୍କ ମା' ବାସନ୍ତୀ ବେହେରା ମଧ୍ୟ ଏକ ଲୁହା ରଡ୍‌ରେ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି । ସିଦ୍ଧାନ୍ତ ମଧ୍ୟ ପାଲଟା ଅଭିଯୋଗ କରିଛନ୍ତି । ସେ ସ୍କୁଟିରେ ପ୍ରତାପପୁର ଯାଉଥିବା ବେଳେ ଶୁଭମ ତାଙ୍କୁ ରାସ୍ତାରେ ଅଟକାଇ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି । ତାଙ୍କ ଅଭିଯୋଗ କ୍ରମେ ପୁଲିସ ଆଉ ଏକ ମାମଲା ରୁଜୁ କରିଛି ।

## ବଇଣ୍ଡାରେ ଗୀତା ଆବୃତି ପ୍ରତିଯୋଗିତା

ବଇଣ୍ଡା, ୨୭ ।୭ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ହାଇସ୍କୁଲରେ ରବିବାର ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ମଞ୍ଜରୀ ଚଟମ୍ବା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ଦିଲୀପ କୁମାର ପ୍ରଧାନ, ରାଜକିଶୋର ସାହୁ, ଭାସ୍କର ଚନ୍ଦ୍ର ସାହୁ, ଶ୍ରୀକାନ୍ତ କୁମାର ମିଶ୍ର, ସମୀରଣ କରଣ ଯୋଗଦେଇଥିଲେ । ପ୍ରତିଯୋଗୀତାରେ ବ୍ଲକର ବିଭିନ୍ନ ହାଇସ୍କୁଲର ୪୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା । ସଚ୍ଚିଦାନନ୍ଦ ସାହୁ, ନିତ୍ୟାନନ୍ଦ ବାରିକ, ବାସୁଦେବ ବେହେରା, ପଙ୍କଜ କୁମାର ଦାସ, ମାନସ ରଞ୍ଜନ ସାହୁ ସହଯୋଗ କରିଥିଲେ ।

# ଡାକ୍ତରଙ୍କ ପାଦ ପଡୁନି; ହସ୍ପିଟାଲରେ ଝୁଲୁଛି ତାଲା

ରେଙ୍ଗାଲି, ୨୭ ।୭ (ସମିସ): କଣିହାଁ ବ୍ଲକ ବାଲିପଶି ଡାକ୍ତରଖାନାରେ ଝୁଲୁଛି ତାଲା । ସରକାରଙ୍କ ତରଫରୁ ଡାକ୍ତର ନିଯୁକ୍ତ ହୋଇଛନ୍ତି । ହେଲେ ଅଞ୍ଚଳବାସୀ କେବେ ବି ଏହି ଡାକ୍ତରଖାନାରେ ଡାକ୍ତରଙ୍କୁ ଦେଖିନାହାନ୍ତି । ଏମିତି ଅଭିଯୋଗ କରିଛନ୍ତି ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ବାଲିପଶି ଅଞ୍ଚଳର ଲୋକେ । ବାଲିପଶିଠାରେ ସରକାରଙ୍କ ତରଫରୁ ଆୟୁଷ ହସ୍ପିଟାଲ ସ୍ଥାପନ ହୋଇଛି । ଡାକ୍ତରଖାନାରେ ଜଣେ ଡାକ୍ତର ମଧ୍ୟ ନିଯୁକ୍ତ ହୋଇଛନ୍ତି । କିନ୍ତୁ ବର୍ଷ ବର୍ଷ ଧରି ଏହି ମେଡିକାଲରେ ଡାକ୍ତରଙ୍କ ପାଦ ପଡୁନାହିଁ । ଫଳରେ ସବୁବେଳେ ଫାଟକରେ ତାଲା ଝୁଲୁଛି । ଦିନେ କି ଦୁଇଦିନ ନୁହେଁ ଦୀର୍ଘ ୫ ବର୍ଷରୁ ଅଧିକ ସମୟ ହେବ ଏଠାକୁ ଡାକ୍ତର ଆସୁ ନ ଥିବାରୁ ଲୋକେ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି । ଏ ନେଇ ଉଚ୍ଚ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଏପରିକି ଅଞ୍ଚଳବାସୀ ବିଧାୟକଙ୍କୁ ମଧ୍ୟ ଜଣାଇଛନ୍ତି କିନ୍ତୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା କହିଛନ୍ତି ଗ୍ରାମବାସୀ । ଆୟୁଷ ମେଡିକାଲର ମୁଖ୍ୟ କାର୍ଯ୍ୟାଳୟ ଢେଙ୍କାନାଳ ଜିଲ୍ଲାରେ ଥିବାରୁ ଅନୁଗୋଳ ଓ ଢେଙ୍କାନାଳ ଦୁଇ ଜିଲ୍ଲାର ସମସ୍ତ ଦାୟିତ୍ୱ ଡିଏଚ୍ଏମ୍ଓ, ଢେଙ୍କାନାଳଙ୍କ ଅଧୀନରେ । ଏଭଳି ସମସ୍ୟା ବିଷୟରେ କୁଆଡ଼େ ଡିଏଚ୍ଏମ୍ଓ ଜାଣି ମଧ୍ୟ ଚୁପ ବସିଥିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅଞ୍ଚଳବାସୀ । ସ୍ୱାସ୍ଥ୍ୟସେବା ପାଇଁ ଭିତ୍ତିଭୂମି ତିଆରି ହେଲା । ଡାକ୍ତର ମଧ୍ୟ ନିଯୁକ୍ତ ହେଲେ । ହେଲେ ସରକାରଙ୍କ ତରଫରୁ ମୋଟା ଅଙ୍କର ଦରମା ନେଉଥିବା ଡାକ୍ତର ଗାୟବ । ସ୍ଥାନୀୟ ଲୋକେ କୁହନ୍ତି, ଡାକ୍ତରଖାନା ଖୋଲିବା ଦିନରୁ ଦୁଇ ତିନି ଥର ମଧ୍ୟ ଡାକ୍ତରଙ୍କୁ ଦେଖିନାହାନ୍ତି । ଏଥିପ୍ରତି ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।



# ଆମ ପ୍ରତିଭା ଆମ ପରିଚୟ ଅନୁଷ୍ଠାନର ପ୍ରସ୍ତୁତି ବୈଠକ



ତାଳଚେର, ୨୭ ।୭ (ସମିସ): ତାଳଚେରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆମ ପ୍ରତିଭା ଆମ ପରିଚୟ'ର ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଛି । ଅନୁଷ୍ଠାନର ସଭାପତି ଇଂ. ରମେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ସ୍ଥାନୀୟ ଦେଉଳବେଡ଼ାସ୍ଥିତ ମଙ୍ଗଳମ୍ ହଲରେ ଅନୁଷ୍ଠିତ ବୈଠକରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ ଅତିଥି ଭାବେ ଯୋଗଦେଇଥିଲେ । ବୈଠକରେ ଗତବର୍ଷ ଗୁରୁଦିବସ ପାଳନର ସମୀକ୍ଷା କରିବା ପରେ ଆଗାମୀ ସେପ୍ଟେମ୍ବର ୫ ତାରିଖ ଗୁରୁଦିବସକୁ କିପରି ପାଳନ କରାଯିବ ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିବିଶେଷ, ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି । ଅନୁଷ୍ଠାନର ସାଧାରଣ ସମ୍ପାଦକ ତଥା ଅବସରପ୍ରାପ୍ତ ଅଧ୍ୟାପକ ଡ. ନିମାଇଁ ଚରଣ ପ୍ରଧାନଙ୍କର କିଛି ଦିନ ତଳେ ପରଲୋକ ହୋଇଥିବା ବେଳେ ତାଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ତାଙ୍କ ସ୍ଥାନ ପୂରଣ ନିମନ୍ତେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ରମେଶ ଚନ୍ଦ୍ର ବେହେରାଙ୍କୁ ସାଧାରଣ ସମ୍ପାଦକ ଭାବେ ଚୟନ କରାଯାଇଥିଲା । ସେହିପରି ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ଡ. ଉପେନ୍ଦ୍ର ପରିଡ଼ାଙ୍କୁ ମନୋନୀତ କରାଯାଇଥିଲା । ଅବସରପ୍ରାପ୍ତ ଖମାର କଲେଜ ଅଧ୍ୟକ୍ଷ ସରୋଜ ପ୍ରଧାନଙ୍କୁ ସମୀକ୍ଷକ ଭାବେ ଚୟନ କରାଯାଇଥିଲା । କୋଷାଧ୍ୟକ୍ଷ ସଞ୍ଜୟ କୁମାର ସାହୁ ପୂର୍ବ ଭଳି ଦାୟିତ୍ୱ ତୁଲାଇବେ ବୋଲି ନିଷ୍ପତ୍ତି ହୋଇଛି । କାର୍ଯ୍ୟକ୍ରମର ସୁପରିଚାଳନା କରିବା ପାଇଁ ଅର୍ଥ, ଡ୍ରାଫ୍ଟିଂ କମିଟି ସହ ବିଭିନ୍ନ କମିଟି ଗଠନ କରାଯାଇଛି । ବୈଠକରେ ତାଳଚେର କଲେଜର ପୂର୍ବତନ ଅଧ୍ୟକ୍ଷ ଅଶୋକ ଶର୍ମା, ଆଇନ ପରାମର୍ଶଦାତା ନିର୍ମଳ ତ୍ରିପାଠୀ ପ୍ରମୁଖଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ଗୋପାଳ ନାଏକ, ଯୁବନେତା ଦୀନେଶ ପ୍ରଧାନ, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ପ୍ରେସ କ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଡ. ରଶ୍ମିରଞ୍ଜନ ମିଶ୍ର, ବିମଳ ମିଶ୍ର, ବରିଷ୍ଠ ଆଇନଜୀବୀ ଅଜୟ ମିଶ୍ର, ଶୋଭଗିନୀ ଦେବୀ, ନିର୍ମଳ ସାହୁ, ତପନ କୁମାର ମହାରଣା, ପ୍ରକାଶ ସାହୁ, କୁଶବିହାରୀ ସାମଲ, ଜ୍ୟୋତିରଞ୍ଜନ ଦାସଙ୍କ ସମେତ ଅବିଭକ୍ତ ଢେଙ୍କାନାଳ ଅନୁଗୋଳ ଜିଲ୍ଲାର ପାଲଲହଡ଼ା, ଖମାର, ପର୍ଜଙ୍ଗ, ହିନ୍ଦୋଳ, ଅନୁଗୋଳ, ତାଳଚେର, ଛେଣ୍ଡିପଦା ଅଞ୍ଚଳର ବହୁ ସଦସ୍ୟ ଯୋଗଦେଇଥିଲେ ।

# ୟାମାହା ସୋ-ରୁମ୍ ପକ୍ଷରୁ ମାଇଲେଜ୍ ଚେକ୍ ପ୍ରତିଯୋଗିତା



ଅନୁଗୋଳ, ୨୭ ।୭ (ସମିସ): ଅନୁଗୋଳ ଗୁପ୍ତା ମୋଟର୍ସ ସୋ-ରୁମ୍ ପକ୍ଷରୁ ନୂତନ ଏଫଜେଡଏସ ହାଇବ୍ରିଡ୍ ବାଇକର ମାଇଲେଜ୍ ଚେକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଗୁପ୍ତା ମୋଟର୍ସର ମନୋଜ କୁମାର ଗୁପ୍ତା ପ୍ରତିଯୋଗିତାର ଉଦଘାଟନ କରିଥିଲେ । ୟାମାହା ଏଫଜେଡଏସ ହାଇବ୍ରିଡ୍ ବାଇକ୍ ମାଇଲେଜ୍ ଚେକ ପ୍ରତିଯୋଗିତାରେ ୧୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ପ୍ରତିଯୋଗୀମାନେ ସୋ-ରୁମରୁ ବାହାରି ୧ ଲିଟର୍ ପେଟ୍ରୋଲରେ ୮୫.୭ କିମି ଯାତ୍ରା କରି ଦୁଷ୍ମନ୍ତ ନାଏକ ପ୍ରଥମ, ୮୩.୩ କିମି ଯାତ୍ରା କରିଥିବା ମାନଭଞ୍ଜନ ସାହୁ ଦ୍ୱିତୀୟ ଏବଂ ୮୧ କିମି ଯାତ୍ରା କରିଥିବା ଶ୍ରବଣ କୁମାର ତୃତୀୟ ହୋଇଥିଲେ । ବିଜୟୀ ପ୍ରତିଯୋଗୀଙ୍କୁ କମ୍ପାନୀ ପକ୍ଷରୁ ଟ୍ରଫି ଓ ଆର୍ଥିକ ପୁରସ୍କାର ଦିଆଯାଇଥିଲା । କମ୍ପାନୀର ସେଲ୍ସ ମ୍ୟାନେଜର ଶୁଭ୍ରଜିତ ସ୍ୱାଇଁ, ସର୍ଭିସ ମ୍ୟାନେଜର ଅନିର୍ବାଣ ସେନଗୁପ୍ତ ଏବଂ ସ୍ପେୟାର ପାର୍ଟସର ଅରିତ୍ରା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବଇଣ୍ଡାରେ ଚାରାରୋପଣ କାର୍ଯ୍ୟକ୍ରମ



ବଇଣ୍ଡା, ୨୭ ।୭ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ମେଡିକାଲ ନିକଟରେ ବଇଣ୍ଡା ମଣ୍ଡଳ ବିଜେପି ପକ୍ଷରୁ ଚାରାରୋପଣ କରାଯାଇଛି । ଏଥିରେ ରାଜ୍ୟ ସାଧାରଣସମ୍ପାଦକ ସୀମାଞ୍ଚଳ ଖଟେଇ ଯୋଗଦେଇ ଚାରାରୋପଣ କରିଥିଲେ । ସମସ୍ତେ ନିଜ ବାଡ଼ିବଗିଚାରେ ଚାରାରୋପଣ କରିବା ପାଇଁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ମଣ୍ଡଳ ସଭାପତି ହେମେନ୍ତ ବିଶ୍ୱାଳ, ସରୋଜ କୁମାର ସାହୁ, ଅରବିନ୍ଦ ସାହୁ, ଅଜିତ ପଟ୍ଟନାୟକ, ରାଜେନ୍ଦ୍ର ସାହୁ, ପ୍ରଦୀପ ସାହୁ, ଗୋପୀନାଥ ସାହୁ, ମାନସ ସାହୁ, ସ୍ୱୟଂବର ପ୍ରଧାନଙ୍କ ସମେତ ବହୁ ନେତା ଯୋଗଦେଇଥିଲେ ।

## ■ ଗୀତା ଆବୃତ୍ତି ପ୍ରତିଯୋଗିତା

# ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଗୀତା ପାଠ ଏକାନ୍ତ ଆବଶ୍ୟକ

କିଶୋରନଗର, ୨୭ ।୭ (ସମିସ): ଗହମ ଶିବାନନ୍ଦ ସେବାଶ୍ରମ ଆନୁକୂଲ୍ୟରେ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, କିଶୋରନଗରରେ ରବିବାର ବିଦ୍ୟାଳୟସ୍ତରୀୟ ଗୀତା ଆବୃତ୍ତି ଓ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଂଯୋଜକ ଦିଲୀପ କୁମାର ପ୍ରଧାନ ଓ ସହ ସଂଯୋଜକ ଲକ୍ଷ୍ମଣ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି ଓ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ରାଜକିଶୋର ସାହୁ ଯୋଗଦେଇଥିଲେ । ଆଶ୍ରମର ସଦସ୍ୟ ଭାସ୍କର ଚନ୍ଦ୍ର ସାହୁ, ଶ୍ରୀକାନ୍ତ କୁମାର ମିଶ୍ର ଓ ସମୀରଣ କରଣ ପ୍ରମୁଖ ବିଚାରକ ଭାବେ ଯୋଗଦେଇ ମୂଲ୍ୟାୟନ କରିଥିଲେ । ଏଥିରେ କିଶୋରନଗର ସରକାରୀ ଉଚ୍ଚ ବିଦ୍ୟାଳୟ, କଦଳୀମୁଣ୍ଡା ଉଚ୍ଚ ବିଦ୍ୟାଳୟ, ବାମୁର ଯୁବଜ୍ୟୋତି ଉଚ୍ଚ ବିଦ୍ୟାଳୟ ଓ ରାମକୃଷ୍ଣ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ବାମୁର ଉଚ୍ଚବିଦ୍ୟାଳୟ ଛାତ୍ରୀ ଯାଜ୍ଞସେନୀ ଭୋଇ ପ୍ରଥମ, କିଶୋରନଗର ଉଚ୍ଚ ବିଦ୍ୟାଳୟ ଛାତ୍ରୀ ରତ୍ନମଞ୍ଜରୀ ବାରିକ ଓ ରାମକୃଷ୍ଣ ଶିକ୍ଷାନୁଷ୍ଠାନ ଛାତ୍ରୀ କ୍ଷୀତିମଞ୍ଜରୀ ବାରିକ ଯୁଗ୍ମ ଦ୍ୱିତୀୟ ଏବଂ ବାମୁର ଉଚ୍ଚ ବିଦ୍ୟାଳୟ ଛାତ୍ରୀ ତେଜସ୍ୱିନୀ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି । ଶିକ୍ଷକ ଦିଲୀପ କୁମାର ସାହୁ, ଅନୀଲ କୁମାର ପଣ୍ଡା, ଜାଗ୍ରତ ସ୍ୱାଇଁ, ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ, ପୁଷ୍ପାଞ୍ଜଳି ସେଠୀ, ସେବାଶ୍ରମ କର୍ମକର୍ତ୍ତା ପଙ୍କଜ କୁମାର ଦାଶ, ମାନସ ରଞ୍ଜନ ସାହୁ ଓ ସତ୍ୟାନନ୍ଦ ରାଉତ ପ୍ରମୁଖ ସହଯୋଗ କରିଥିଲେ ।



# 'ପ୍ରେମାର୍ଦ୍ଧଶତକ' ପୁସ୍ତକର ହିନ୍ଦୀ ସଂକଳନ ଉନ୍ମୋଚିତ

କଣିହାଁ, ୨୭ ।୭ (ସମିସ)

ଓଡ଼ିଆ ଭାଷା ସାହିତ୍ୟକୁ ରୁଦ୍ଧିମନ୍ତ କରିବା ପାଇଁ ରୀତିଯୁଗୀୟ ସାହିତ୍ୟିକମାନଙ୍କ ଭୂମିକା, ରୀତିଯୁଗୀୟ ସାହିତ୍ୟର ପ୍ରଭାବ ଶୀର୍ଷକ ଆଲୋଚନାଚକ୍ର ଓ ଓଡ଼ିଆ କବି, ସାହିତ୍ୟିକ, ଲେଖକ, ଚିତ୍ରଶିଳ୍ପୀ ଡ. କୁଳମଣି ବିଶ୍ୱାଳଙ୍କ ଦ୍ୱାରା ରଚିତ 'ପ୍ରେମାର୍ଦ୍ଧଶତକ' କବିତା ପୁସ୍ତକର ହିନ୍ଦୀ ସଙ୍କଳନର ଉନ୍ମୋଚନ ଉତ୍ସବ ନୂଆଦିଲ୍ଲୀ ଆଇଆଇଏମସି. ସଭାଗୃହରେ ଶନିବାର ଅନୁଷ୍ଠିତ ହୋଇଛି । ଉତ୍ସବରେ ମୁଖ୍ୟବକ୍ତା ଭାବେ ଭଞ୍ଜ ସାହିତ୍ୟରେ ପ୍ରବୀଣ ବକ୍ତା ବାଗ୍ମୀ ତଥା ରୀତିଯୁଗୀୟ ସାହିତ୍ୟ ଉପରେ ଅଗାଧ ପାଣ୍ଡିତ୍ୟ ଥିବା ଡ. କୃଷ୍ଣକେଶବ ଷଡ଼ଙ୍ଗୀ ଯୋଗଦେଇ ରୀତିଯୁଗୀୟ ସାହିତ୍ୟର ପ୍ରଭାବ ଓଡ଼ିଆ ସାହିତ୍ୟକୁ ରୁଦ୍ଧିମନ୍ତ କରିପାରିଛି ବୋଲି କହିଥିଲେ । ଭଞ୍ଜଙ୍କ 'ବୈଦେହୀଶ ବିଳାଶ', 'ଲାବଣ୍ୟବତୀ', 'କୋଟୀବ୍ରହ୍ମାଣ୍ଡ ସୁନ୍ଦରୀ' ଦୀନକୃଷ୍ଣ ଦାସଙ୍କ 'ରସକଲ୍ଲୋଳ', ଅଭିମନ୍ୟୁଙ୍କ 'ବିଦଗ୍ଧ ଚିନ୍ତାମଣି', କବିସୂର୍ଯ୍ୟ ବଳଦେବ ରଥଙ୍କ 'କିଶୋରଚନ୍ଦ୍ରାନନ ଚମ୍ପୂ', ବ୍ରଜନାଥ ବଡ଼ଜେନାଙ୍କ କାବ୍ୟକବିତା ତଥା ଭକ୍ତିଭାବରେ ଭରା ସଙ୍ଗୀତ ଓଡ଼ିଆ ସାହିତ୍ୟକୁ ବେଶ୍ କାଳଜୟୀ କରିଯାଇଛି । ଆଜି ମଧ୍ୟ ରୀତିଯୁଗର ସାହିତ୍ୟିକମାନଙ୍କ ଦାୟାଦମାନେ ସେମାନଙ୍କ ପଥର ପଥିକ ହୋଇ ବାଟ ଚାଲିବାକୁ ଚେଷ୍ଟା କରିଛନ୍ତି । ଆଜି ଯେଉଁ ପୁସ୍ତକ 'ପ୍ରେମାର୍ଦ୍ଧଶତକ'ର ହିନ୍ଦୀ ସଂସ୍କରଣ ଉନ୍ମୋଚିତ ହେଲା ସେହି ସଙ୍କଳନରେ ମଧ୍ୟ ରୀତିଯୁଗୀୟ ସାହିତ୍ୟର ପ୍ରଭାବ ବାରି ହୋଇପଡୁଛି । କବିତାଗୁଡ଼ିକ ଛୋଟ ହେଲେମଧ୍ୟ ତା'ର ଭାବନା ଓ କବିତା 'ଭାବନା'ର ଭାବନା ମଧ୍ୟ ସ୍ପଷ୍ଟ କରୁଛି ଯେ ରୀତିଯୁଗୀୟ ସାହିତ୍ୟ ନିଶ୍ଚିତ ଭାବେ ଓଡ଼ିଆ ସାହିତ୍ୟକୁ ରୁଦ୍ଧିମନ୍ତ କରି ରଖିପାରିଛି । ବିତ୍ତୀୟ, ପ୍ରଶାସନିକ, ସାହିତ୍ୟିକ କ୍ଷେତ୍ରରୁ ଚିତ୍ରଶିଳ୍ପୀ କ୍ଷେତ୍ର ପର୍ଯ୍ୟନ୍ତ ପରିବ୍ୟାପ୍ତ ଡ. ବିଶ୍ୱାଳ ଜଣେ ଉଚ୍ଚକୋଟୀର ସାହିତ୍ୟିକ ନିଶ୍ଚୟ । ସୃଷ୍ଟିର ସୃଷ୍ଟିକୁ ସ୍ରଷ୍ଟାଙ୍କଠାରୁ ଆଣି ପୁଣି ସୃଷ୍ଟିକୁ ବାଣ୍ଟିବା କଳା ନିଶ୍ଚୟ ଡ. ବିଶ୍ୱାଳଙ୍କ ପାଖରେ ଅଛି ଏଥିରେ ସନ୍ଦେହ ନାହିଁ ବୋଲି ସ୍ୱତନ୍ତ୍ର ବକ୍ତା ଡ. ଦେବେନ୍ଦ୍ର ମାଝୀ ମତବ୍ୟକ୍ତ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ରାମଚନ୍ଦ୍ର ନାଥ, ସଞ୍ଜୀବ ପାଟଜୋଷୀ ଏବଂ ହଜଖାସ ଜଗନ୍ନାଥ ମନ୍ଦିରର ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଓଡ଼ିଶା ବାହାରେ ଓଡ଼ିଆ ଭାଷାର ପ୍ରଚାରପ୍ରସାର ପାଇଁ ସମସ୍ତ ଆଲୋଚକମାନଙ୍କୁ ସାଧୁବାଦ ଜଣାଇବା ସହ ରୀତିଯୁଗର ସାହିତ୍ୟିକମାନଙ୍କ କାଳଜୟୀ ରଚନା ଆମ ପାଇଁ ମହାର୍ଘ୍ୟ ବୋଲି ଭାଷା ଆନ୍ଦୋଳନ, ଓଡ଼ିଶାର ଆବାହକ ପବିତ୍ର ମହାରଥା ବର୍ଣ୍ଣନା କରିଥିଲେ । ସାଂସଦ ଡ. ବିଭୁପ୍ରସାଦ ତରାଇ 'ପ୍ରେମାର୍ଦ୍ଧଶତକ' ହିନ୍ଦୀ ସଂସ୍କରଣକୁ ଉନ୍ମୋଚନ କରି ଓଡ଼ିଆ ଭାଷା ସାହିତ୍ୟକୁ ପ୍ରବାସରେ ବି ଆମ୍ଭେ ବଞ୍ଚାଇ ରଖିବା ପାଇଁ ଚେଷ୍ଟା କରିଛେ, ତାହା ହିଁ ଆମ ମାତୃଭୂମି ମାତୃଭାଷା ପାଇଁ ଅର୍ଘ୍ୟ ବୋଲି କହିଥିଲେ । ସ୍ୱତନ୍ତ୍ର ବକ୍ତା ଭାବେ ସାଂସଦ ସୁକାନ୍ତ ପାଣିଗ୍ରାହୀ ଯୋଗଦେଇ କହିଲେ, ଓଡ଼ିଆ ଭାଷା ସାହିତ୍ୟ ଆମ ଜୀବନଶୈଳୀରେ ଅଭିନ୍ନ ଅଙ୍ଗ । ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଯାହା ଯାହା ଜଗନ୍ନାଥ ସଂସ୍କୃତିରେ ଦେଖିବାକୁ ମିଳେ ତାହା ହିଁ ଆମ ଜୀବନ ଜୀବିକାର ମୂଳମନ୍ତ୍ର ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ରମାକାନ୍ତ ଶର୍ମା, ଡ. ଡିପି ମିଶ୍ର ପ୍ରମୁଖ ନିଜ ମତ ଉପସ୍ଥାପନ କରିଥିଲେ । କଣ୍ଠଶିଳ୍ପୀ ସୁସ୍ମିତା ଦାସ ଡ. କୁଳମଣି ବିଶ୍ୱାଳଙ୍କ ରଚିତ ସଙ୍ଗୀତ ଗାନ କରିଥିଲେ । ଶେଷରେ ସାମ୍ବାଦିକ କିଶୋର ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ ।



# ରସାଳପୁର ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ କର୍ମଶାଳା



ବାଲେଶ୍ୱର,୨୭।୭(ସମିସ): ରସାଳପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଦିବସ ବ୍ୟାପୀ କାର୍ଯ୍ୟକ୍ରମକୁ ଡ଼ା. କୁମାର ଗୋପାଳ ପ୍ରଦୀପ ଉଦଘାଟନ କରି ସାଂପ୍ରତିକ ଶିକ୍ଷା ବ୍ୟବସ୍ଥା ଓ ଶିଶୁଙ୍କୁ ନିର୍ମାଣ କରିବାରେ ମାଆ ମାନଙ୍କ ଭୂମିକା ସଂପର୍କରେ କହିଥିଲେ। ମିଲି ଗୁରୁମା'ଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଗୀତାଞ୍ଜଳି ପାଣିଗ୍ରାହୀ ଯୋଗଦେଇ ପିଲାମାନଙ୍କୁ ବଡ଼ ମଣିଷ ଅପେକ୍ଷା ଭଲ ମଣିଷଟିଏ ଗଢି ତୋଳିବା ପାଇଁ ଆହ୍ୱାନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସମାଜସେବୀ ଶିବାଜୀ ଓ ସଂପାଦକ ଶମ୍ଭୁନାଥ ଯାଦବ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଆଚାର୍ଯ୍ୟା ଦେବସ୍ମିତା ଗୁରୁମା'ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜୟସ୍ମିତା ଗୁରୁମା' କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରତିମା ଗୁରୁମା' ପ୍ରାରମ୍ଭିକ ଭାଷଣ ରଖିଥିବା ବେଳେ ମିତା ଗୁରୁମା' ପଞ୍ଚାଙ୍ଗ ବୋଲିଥିଲେ। ଜ୍ୟୋତ୍ସ୍ନା ଗୁରୁମା' ଅମୃତ ବଚନ ପାଠ କରିବା ବେଳେ ମିଲି ଗୁରୁମା' ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଦୀପ ଗୁରୁଜୀ, ସୁପ୍ରଭାତ ଗୁରୁଜୀ, ବିନୀତା ଗୁରୁମା,ଝୁନି ଗୁରୁମା', ମନୀଷା ଗୁରୁମା', ସରୋଜିନୀ ଗୁରୁମା', ଜ୍ୟୋତି ଗୁରୁମା', ପ୍ରଜ୍ଞାଶ୍ରୀ ଗୁରୁମା', ସୁକନ୍ୟା ଗୁରୁମା' ଓ ସେବୀକା ଅପା ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମାଆମାନେ ଅଂଶଗ୍ରହଣ କରିଥିଲେ।

# ନାବାଳିକାଙ୍କୁ ଅପହରଣ ଓ ଯୌନ ନିର୍ଯାତନା

**ଯୁବକ ଗିରଫ**

ପାଲଲହଡ଼ା,୨୭।୭(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରି ଯୌନ ସମ୍ପର୍କ ରଖିବା ଅଭିଯୋଗରେ ପାଲଲହଡ଼ା ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ଥାନା ଦେଓପୋଷ ଗାଁର ପଞ୍ଚାନନ ସାମଲଙ୍କ ପୁଅ ଟିକୁ ଓରଫ ବାଇଂଠୁ ସାମଲ (୨୧)। ଗତ ୨୪ ତାରିଖ ନାବାଳିକାଙ୍କ ମା' କାମ କରିବା ପାଇଁ ଅନ୍ୟ ଗାଁକୁ ଯାଇଥିବା ବେଳେ ବାପା ପାଲଲହଡ଼ା ଡାକ୍ତରଖାନା ଆସିଥିଲେ। ଏହି ସମୟରେ ନାବାଳିକା ଘରେ ଏକା ଥିବାର ସୁଯୋଗ ନେଇ ଟିକୁ ତାଙ୍କୁ ଅପହରଣ କରି ନେଇଥିଲେ। ସନ୍ଧ୍ୟାରେ ବାପା ମା' ଘରକୁ ଫେରି ଝିଅକୁ ନ ପାଇବାରୁ ଖୋଜାଖୋଜି କରିଥିଲେ। ୨୫ ତାରିଖ ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ପୁଲିସ ତଦନ୍ତ କରି ଶନିବାର ନାବାଳିକାଙ୍କୁ ଲହୁଣୀପଡ଼ା ଥାନା ଦେଓପୋଷ ଗାଁରୁ ଉଦ୍ଧାର କରିଥିଲା। ଟିକୁ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିବା ଜଣାପଡ଼ିବା ପରେ ଥାନା ଅଧିକାରୀ ପ୍ରଦୀପ ମହାନ୍ତଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ଉ କରି ରବିବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଭାରତ ବୁଦ୍ଧିଜୀବୀ ସମ୍ମିଳନୀରେ ସରକାରୀ ଓକିଲ ପରମାନନ୍ଦ ମିଶ୍ର ସମ୍ମାନିତ



ଅନୁଗୋଳ,୨୭।୭(ସମିସ): ଗଭୀର ବୈଶ୍ୱିକ ଶିକ୍ଷା ଅନୁସନ୍ଧାନ ଓ ସାହିତ୍ୟ ପ୍ରତି ଅବଦାନ ପାଇଁ ବରିଷ୍ଠ ଆଇନ ବିଶେଷଜ୍ଞ ସରକାରୀ ଓକିଲ ଓ ଗବେଷକ ଡ. ପରମାନନ୍ଦ ମିଶ୍ରଙ୍କୁ ଇଣ୍ଡିଆ ଇଣ୍ଟେଲେକଚୁଆଲ କନକ୍ଲେଭ (ଭାରତ ବୁଦ୍ଧିଜୀବୀ ସମ୍ମିଳନୀ)-୨୦୨୫ରେ ସମ୍ମାନିତ କରାଯାଇଛି। ଏହି ସମ୍ମାନ ସମାରୋହ ନୂଆଦିଲ୍ଲୀର ହ୍ୟାବିଟାଣ୍ଟ ସେଣ୍ଟରରେ ଆୟୋଜିତ ହୋଇଥିଲା। ରବିବାର ଡ. ମିଶ୍ର ବର୍ଲିଂଟନ ଷ୍ଟେଟ ୟୁନିଭର୍ସିଟି ଓ ଯୁକ୍ତରାଷ୍ଟ୍ର ଆମେରିକାର ମେରିଲ୍ୟାଣ୍ଡ ଷ୍ଟେଟ ୟୁନିଭର୍ସିଟିରୁ ତାଙ୍କ ଡିଲିଟ ଓ ଡକ୍ଟରେଟ ଉପାଧି ମୁଖ୍ୟଅତିଥି ପ୍ରଫେସର ଡ. ଦୀନେଶ ଶର୍ମା ଓ ବିଭିନ୍ନ ଦେଶରୁ ଆସିଥିବା ଅତିଥିମାନଙ୍କ ଗହଣରେ ଅର୍ଜନ କରିଛନ୍ତି। ସେ ଓଡ଼ିଆ ଓ ଇଂରାଜୀ ଭାଷାରେ ଗଭୀର ଗବେଷଣା କାର୍ଯ୍ୟ କରି "ମଧୁମେହ' ଓ ଏବେ ତାଙ୍କ ଗୁରୁତ୍ୱପୂର୍ଣ୍ଣ ଗବେଷଣା ମୂଳକ ପୁସ୍ତକ "ନ୍ୟାରିଗେଟିଂ ମାଟ୍ରିମୋନିଆଲ ଲ' ବର୍ତ୍ତମାନ ସମ୍ମାନିତ ହୋଇଛି। ଏହି ପୁସ୍ତକରେ ଭାରତୀୟ ବିବାହ ଆଇନ ଓ ଅଦାଲତର ପ୍ରକୃତ ଚିତ୍ର ଓ କାରଣ ଉଭାସିତ ହୋଇଛି। ଏହି ଦୁଇ ସମ୍ମାନ ଡ. ମିଶ୍ରଙ୍କ ଦୀର୍ଘଦିନୀୟ ବୈଶ୍ୱିକ ଅନୁଭବ ଜ୍ଞାନ ଓ ନ୍ୟାୟ ଶ୍ରେଣୀରେ ତାଙ୍କ ଅପରିମିତ ଅବଦାନ ପାଇଁ ପ୍ରଦାନ କରାଯାଇଛି। ଅଷ୍ଟ୍ରେଲିଆର ଭିସ ଗାଫନି ଓ ଋଷିଆର ଆମ୍ବାସି ମେଡାଲ ଦେଇ ଡ. ମିଶ୍ରଙ୍କୁ ସମ୍ମାନିତ କରିଥିଲେ।

# ବାଲେଶ୍ୱର ରେଳଷ୍ଟେସନରୁ ୬ ଶିଶୁ ଶ୍ରମିକ ଉଦ୍ଧାର

ବାଲେଶ୍ୱର,୨୭।୭(ସମିସ): ଜେସିଡ଼ି (ଝାଡ଼ଖଣ୍ଡ)ରୁ ବେଙ୍ଗାଲୁରୁ ଯାଉଥିବା ସାପ୍ତାହିକ ଟ୍ରେନରୁ ଶିଶୁ ଶ୍ରମିକ ଚାଲାଣ ବେଳେ ବିଏଡିସି, ସରକାରୀ ରେଳବାଇ ପୁଲିସ ଓ ରେଳ ସୁରକ୍ଷା ବାହିନୀ ମିଳିତ ସହଯୋଗରେ ୬ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କୁ ଉଦ୍ଧାର କରାଯିବ ପରେ ଏହି ନାବାଳକ ମାନଙ୍କୁ ବିଏଡିସି ତରଫରୁ କାଉନସିଲର ଦ୍ୱାରା କାଉନସେଲିଂ କରାଯାଇଥିଲା ଓ ପରବର୍ତ୍ତୀ ଅବସ୍ଥାରେ ଏହି ୬ ଜଣଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ କମିଟିରେ ଉପସ୍ଥାପନା କରାଯାଇଥିଲା। ଏହି ଶିଶୁ ଶ୍ରମିକ ଉଦ୍ଧାର ଅଭିଯାନରେ ସରକାରୀ ରେଳବାଇ ପୁଲିସ ଗଣେଶରାମ ସା, ରେଳ ସୁରକ୍ଷା ବାହିନୀ ତୁଳସି ଶଙ୍ଖୁଆ, ବିଏଡିସିର ସମ୍ପାଦକ ଗୋପାଳକୃଷ୍ଣ କର, ପ୍ରକଳ୍ପ ଅଧିକାରୀ ରାଜଶ୍ରୀ ବେହେରା ବିଏଡିସିର କାର୍ମଚାରୀ ବୃନ୍ଦ ଓ ଅନ୍ୟାନ୍ୟ କର୍ମୀ ସାମିଲ ଥିଲେ। ଏଠାରେ ପ୍ରକାଶ ଥାଉକି, ସମସ୍ତ ଶିଶୁ ଝାଡ଼ଖଣ୍ଡ ରାଜ୍ୟର ଏବଂ ଉକ୍ତ ଶିଶୁ ମାନଙ୍କ ସହିତ ଯାଉଥିବା ୫ ଜଣ ପ୍ରାପ୍ତ ବୟସ୍କ ବ୍ୟକ୍ତିମାନଙ୍କୁ ଜିଆରପି ପୋଲିସ ଦ୍ୱାରା ସନ୍ଦେହରେ ଅଟକ ରଖାଯାଇଛି।

# ଜିଲ୍ଲାସ୍ତରୀୟ ଚେକ୍ ବାଉନ୍ସ ସମ୍ବନ୍ଧିତ ଲୋକ ଅଦାଲତ



ବାଲେଶ୍ୱର,୨୭।୭(ସମିସ): ଚେକ୍ ବାଉନ୍ସ ସମ୍ବନ୍ଧିତ ଏକ ଜିଲ୍ଲାସ୍ତରୀୟ ଲୋକ ଅଦାଲତ ଜିଲ୍ଲା ଜଜ୍‌କୋର୍ଟ, ବାଲେଶ୍ୱର ଏବଂ ତାଲୁକ୍ ଆଇନ୍ ସେବା ସମିତି ସରୋ ଏବଂ ନୀଳଗିରିଠାରେ ଅନୁଷ୍ଠିତ ହୋଇଯାଇଛି। ଏହିଅବସରରେ ଜିଲ୍ଲା ଏବଂ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସତ୍ୟ ନାରାୟଣ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଲୋକ ଅଦାଲତରେ ୧୯୫୮ଟି ଚେକ୍ ବାଉନ୍ସ ସମ୍ବନ୍ଧିତ ମାମଲା ଚିହ୍ନଟ କରାଯାଇ ୧୮୭ ମାମଲାର ଫଇସଲା କରାଯାଇଥିଲା। ଏଥିସହିତ ୪,୪୭,୨୪,୫୧୨ ଟଙ୍କା (ଚାରି କୋଟି ସତଚାଳିଶ ଲକ୍ଷ ଚବିଶ ହଜାର ପାଞ୍ଚ ଶହ ବାର ଟଙ୍କା) ଫାଇନ୍ ଆଦାୟ କରାଯାଇଥିଲା। ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତ ବିଚାରପତି ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ସୁମନ୍ ଜେନା ଲୋକ ଅଦାଲତକୁ ପରିଚାଳନା କରିଥିଲେ।

# ଏପିଜେ ଅବଦୁଲ କାଲାମ ଅବିସ୍ମରଣୀୟ ବ୍ୟକ୍ତିତ୍ୱ: ଓୟୁଜେ




ବାଲେଶ୍ୱର,୨୭।୭(ସମିସ): ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରି ବିଶ୍ୱର ପ୍ରତିରକ୍ଷା ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଦେବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଡ଼. ଏପିଜେ ଅବଦୁଲ କାଲାମ ଆମ ସମସ୍ତଙ୍କ ପ୍ରାତଃ ସ୍ମରଣୀୟ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ଷ୍ଟେସନ୍ ଛକ ଠାରେ ଭାରତ ରତ୍ନ ଡ. ଏପିଜେ ଅବଦୁଲ କାଲାମଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅବସର ପ୍ରାପ୍ତ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ କହିଲେ ଯେ,ଅବଦୁଲ କାଲାମ ଙ୍କ କର୍ମସ୍ଥଳ ଥିଲା ବାଲେଶ୍ୱରର ଚାନ୍ଦିପୁର। ସେ ଚାନ୍ଦିପୁର ରୁ ହିଁ ପ୍ରଥମେ ଉଚ୍ଚ କ୍ଷମତା ସମ୍ପନ୍ନ ଅଗ୍ନି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷା କରି ବିଶ୍ୱବାସୀଙ୍କ ହୃଦକମ୍ପ ବଢାଇ ଦେଇଥିଲେ। ସେ ଦିନ ଠାରୁ ଭାରତ ପ୍ରତିରକ୍ଷା ଗବେଷଣା କ୍ଷେତ୍ରରେ ଆଗକୁ ବଢ଼ିବାରେ ଲାଗିଛି। ୟୁନିୟନର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଓଡ଼ିଶା ଖବରର ସଂପାଦକ ଅମୀୟ କୁମାର ମହାନ୍ତି, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ, ଲକ୍ଷ୍ମୀଧର ଗାଣ, ଲକ୍ଷ୍ମୀଧର ବାରିକ, ହାଇଦର ଖାନ, ମହେଶ୍ୱର ପ୍ରଧାନ, ସୋମନାଥ ସାହୁ, ଅଜିତ କୁମାର ମହାନ୍ତି, ଆଜୀମ ବାଲେଶ୍ୱରୀ, ସେକ ନଜିମ, ଗୋପୀକୃଷ୍ଣ ମହାନ୍ତି, ଅଧିପ୍ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ୟୁନିଅନର ସାଧାରଣ ସଂପାଦକ ବିବେକାନନ୍ଦ ଦାସ ଉପସ୍ଥିତ ସମସ୍ତ ଅତିଥି ଓ ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ।

# ଉକ୍ରଳାରେ ୫୫ତମ ଫେସ୍‌ବୁକ୍ କବିତା ଆସର



ବାଲେଶ୍ୱର,୨୭।୭(ସମିସ): ନୋସି କଲଚୁରାଲ ଏକାଡେମି ଦ୍ୱାରା ମାସର ୪ର୍ଥ ରବିବାରରେ ୫୫ତମ ଫେସବୁକ କବିତା ଆସର ଆୟୋଜିତ ହୋଇଯାଇଛି। ଉକ୍ରଳା ମୁକ୍ତ ମଞ୍ଚରେ ଆୟୋଜିତ ଏହି କବିତା ଆସରରେ ସାମ୍ପ୍ରତିକ ସମାଜ ଓ ପରିବେଶ ଆଧାରିତ ସୁନ୍ଦର ସୁନ୍ଦର ସ୍ୱରଚିତ କବିତା ଆସରରେ କବି କବୟିତ୍ରୀ ମାନେ ପାଠ କରିଥିଲେ। ଫେସବୁକ କବିତା ଆସରର ଆବାହକ ଶିଳ୍ପୀ କେଶୁଦାସ ପୌରୋହିତ୍ୱ କରିଥିବାବେଳେ କବି ଗଗନ ସେଠୀ ଓ ମଧୁସୂଦନ ଦାଶ କବିତା ପାଠୋତ୍ସବ ସଞ୍ଚାଳନ କରିଥିଲେ। ଏହି କବିତା ଆସରରେ ରତିକାନ୍ତ ଦାସ, ପ୍ରବୀର କାମିଲା, ତୃପ୍ତି ପାତ୍ର, ଦେବାଶିଷ ସିଂହ, ଜୟନ୍ତ ହଂସରାଜ, ମଧୁସୁଦନ ମାଝୀ, ଅଜିମ୍ ବାଲେଶ୍ୱରୀ, ସେଖ ଇର୍ସାତ, ପ୍ରଭାକର ସାହୁ, ସଞ୍ଜିବ ଜେନା, ତାପସ ସାହୁ କବିତା ପାଠ କରିଥିଲେ। ଉକ୍ରଳାର କଣ୍ଠଶିଳ୍ପୀ ରଶ୍ମିରେଖା ମହାପାତ୍ର, ନନ୍ଦିନୀ ନାୟକ, ଏକାଦଶୀ ବର୍ମନ, କୁମାର ଜୀବନ, ପ୍ରବୀର କୁମାର କମିଳା ପ୍ରମୁଖ ସଂଗୀତ ପରିବେଷଣ କରିଥିଲେ। ପ୍ରଶାନ୍ତ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

● ଅଲ୍‌ଓଡ଼ିଶା ସବ୍‌ଜୁନିଅର ରାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟ

# ଡବଲ୍ସ ଫାଇନାଲରେ ଅର୍ଣ୍ଣବ ଓ ଆୟଙ୍କ ବିଜୟୀ



ବାଲେଶ୍ୱର,୨୭।୭(ସମିସ): ଜଟଣୀ ଇନଡୋର ଷ୍ଟାଡିୟମରେ ଅନୁଷ୍ଠିତ ଅଲ୍ ଓଡ଼ିଶା ସବ୍ ଜୁନିଅର ରାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟରେ ବାଲେଶ୍ୱର ୧୩ ବର୍ଷରୁ କମ୍ ଜିଲ୍ଲା ଖେଳାଳି ଅର୍ଣ୍ଣବ ଦାସ ତାଙ୍କ ସାଥୀ ଆୟଙ୍କ ସାହୁଙ୍କ ସହ ୧୩ ବର୍ଷରୁ କମ୍ ବାଳକ ଡବଲ୍ସ ଫାଇନାଲରେ ବିଜୟୀ ହୋଇଛନ୍ତି। ସେମାନେ ପାନସୁଏଲ ସେଠୀଙ୍କୁ ପରାସ୍ତ କଲେ ଏବଂ ଫିନଲା ଇଭେଣ୍ଟରେ ଭୁବନେଶ୍ୱରର ଅନୁରୂପ ସାହୁ। ଅର୍ଣ୍ଣବ ଦାସ ମଧ ୧୩ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ବର୍ଗରେ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏହି ସଫଳତା ପାଇଁ ବାଲେଶ୍ୱର ଜିଲ୍ଲା ବ୍ୟାଡ୍‌ମିଣ୍ଟନ ଆସୋସିଏସନ ତାଙ୍କୁ ଅଭିନନ୍ଦନ ଜଣାଉଛି। ଏହି ବିଜୟ ସହିତ ସେ ତାଙ୍କର ଜାତୀୟ ଚୟନ ଆଶାକୁ ଉଜ୍ଜୀବିତ ରଖିଛନ୍ତି। ପୁରସ୍କାର ପ୍ରଦାନ ଉତ୍ସବରେ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନର ସମ୍ପାଦକ ଶ୍ରୀଯୁକ୍ତ ନିଳୀନ କୁମାର, ଉପାଧ୍ୟକ୍ଷ ପ୍ରଦୀପ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ବିଜୟ ଯୋଗୁଁ ବାଲେଶ୍ୱରର ସମସ୍ତ ବ୍ୟାଡମିଣ୍ଟନ ଖେଳାଳି ବହୁତ ଖୁସି ଏବଂ ଭବିଷ୍ୟତରେ ତାଙ୍କର ଆହୁରି ସଫଳତା କାମନା କରୁଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ୨୫ରୁ ଆରମ୍ଭ ହୋଇ ୨୭ ତାରିଖ ପର୍ଯ୍ୟନ୍ତ ଚାଲିଥିଲା।

# ବାଲେଶ୍ୱର ହୋଟେଲ ଆସୋସିଏସନ ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର,୨୭।୭(ସମିସ): ବାଲେଶ୍ୱର ହୋଟେଲ ଆସୋସିଏସର ପଚିଶ ବର୍ଷ ପୂର୍ତ୍ତି ଅବସରରେ ଏକ ରକ୍ତଦାନ ଶିବିର ସ୍ଥାନୀୟ ହୋଟେଲ ହରିପ୍ଲାଜା ପରିସରରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ। ରାଜ୍ୟ ଆସୋସିଏସନର ସଭାପତି ସରୋଜ ବୋଦନୱାଲା ପୌରହିତ୍ୟ କରି ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶିବିରରେ ସଂଖ୍ୟାଧିକ ହୋଟେଲ ମାଲିକ, ସେମାନଙ୍କ ପରିବାରବର୍ଗ ଓ କର୍ମଚାରୀମାନେ ରକ୍ତଦାନ କରିଥିଲେ। ୧୦୩ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ସମ୍ପାଦକ ଆଦର୍ଶ



ସରକାରୀ ଦଳ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଏହି ଶିବିରରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାରେ ରକ୍ତର ଅଭାବ ପୂରଣ ପାଇଁ ଆସୋସିଏସନର ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ। ସଦର ବିଧାୟକ ମାନସ କୁମାର ଦତ୍ତ ଏବଂ ବାଲେଶ୍ୱର ପୌରଧ୍ୟକ୍ଷା ସବିତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭଟ୍ଟର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଆଜୀବନ ଅଧ୍ୟକ୍ଷ ସଂଜୀବ ଦାସ, ଉପସଭାପତି ସଂଗ୍ରାମ ଦାସ, କୋଷାଧ୍ୟକ୍ଷ ମନୋରଞ୍ଜନ ସାହୁ, ଆବାହକ କେକେ ମହାରାଜଙ୍କ ସମେତ ବିପ୍ଳବ ମହାନ୍ତି, ଇଂ ବିଭୂପଦ ଦାସ, ରଞ୍ଜନ ସାହୁ, ସୁମନ ପାଣିଗ୍ରାହୀ, ଉଜ୍ଜଳ କୁମାର ମହାନ୍ତି, ହାଇଦର ଖାଁ ପ୍ରମୁଖ ଆସୋସିଏସନର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ପ୍ରାଣୀ ଚିକିତ୍ସାଳୟ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ଅନୁଗୋଳ,୨୭।୭(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳରେ ପ୍ରାଣୀ ଚିକିତ୍ସାଳୟ ନ ଥିବାରୁ ଲୋକେ ହଇରାଣ ହେଉଛନ୍ତି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏଠାରେ ଏକ ପ୍ରାଣୀ ଚିକିତ୍ସାଳୟ ପ୍ରତିଷ୍ଠା କରିବା ପାଇଁ ଶନିବାର ବରିଷ୍ଠ ବିଜେପି ନେତା ଅରବିନ୍ଦ ସାହୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅରବିନ୍ଦ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଅନୁଗୋଳ ଜିଲ୍ଲା ପ୍ରଭାରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ବଇଣ୍ଡା ଏକ ଜନଗହଳିପୂର୍ଣ୍ଣ ଅଞ୍ଚଳ। ଏଠାରେ ପୂର୍ବରୁ ପ୍ରାଣୀ ଚିକିତ୍ସାଳୟ ଥିଲେ ମଧ୍ୟ ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ୨୦୧୮ରେ ଏହାକୁ ଭାଙ୍ଗି ଦିଆଯାଇଥିଲା। ଇତିମଧ୍ୟରେ ଦୀର୍ଘ ୭ ବର୍ଷ ବିତିଯାଇଥିଲେ ମଧ୍ୟ ନୂଆ ପ୍ରାଣୀ ଚିକିତ୍ସାଳୟ ନିର୍ମାଣ ପାଇଁ ପ୍ରଶାସନ କିମ୍ବା ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହି ପ୍ରାଣୀ ଚିକିତ୍ସାଳୟ ଉପରେ ନୁନୁକାପଶି, ଗାଁ ବଇଣ୍ଡା, ଜାମୁନାଳି ଆଦି ପଞ୍ଚାୟତବାସୀ ନିର୍ଭର କରନ୍ତି। ହେଲେ ଏବେ ସେମାନଙ୍କୁ ସେବା ମିଳିପାରୁ ନାହିଁ। ତୁରନ୍ତ ପ୍ରାଣୀ ଚିକିତ୍ସାଳୟ ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# ନିଆଁ ଦାଉରୁ ରକ୍ଷା ସମ୍ପର୍କିତ ସଚେତନତା



କିଶୋରନଗର,୨୭।୭(ସମିସ): କିଶୋରନଗର ବ୍ଲକ ପରିସରରେ ବାମୁର ଅଗ୍ନିଶମ ବିଭାଗ ପକ୍ଷରୁ ଅଙ୍ଗନବାଡ଼ି କର୍ମୀଙ୍କୁ ନିଆଁ ଦାଉରୁ କିପରି ନିଜକୁ ରକ୍ଷା କରାଯିବ ସେ ସମ୍ପର୍କରେ ଅଗ୍ନିଶମ ଅଧିକାରୀ ସୁଶୀଲ ହେମ୍ବ୍ରମ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ସୁବ୍ରତ କୁମାର ବେହେରା, ସିଡିପିଓ ଆରତୀ ସିଂହ, ଆଇସିଡିଏସର ସଞ୍ଜୀବ ସାହୁ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ସଦାନନ୍ଦଜୀଙ୍କ ଶ୍ରାଦ୍ଧବାର୍ଷିକୀ

ବାଲେଶ୍ୱର,୨୭।୭(ସମିସ): ହଳଦୀପଦାସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରଠାରେ ରାଷ୍ଟ୍ର ଭକ୍ତ ସଦାନନ୍ଦଜୀଙ୍କ ୧୬ତମ ଶ୍ରାଦ୍ଧ ବାର୍ଷିକ ପାଳିତ ହୋଇଯାଇଛି। ବିଦ୍ୟାଳୟର ସମ୍ପାଦକ କ୍ଷୀତିଶ କୁମାର ଜେନାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରତିକାନ୍ତ ଜୌଧୁରୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ସରପଂଚ ରାଧାକୃଷ୍ଣ ଜେନା, ମୁଖ୍ୟବକ୍ତା ଭାବେ ଜୟନ୍ତ କୁମାର ପାଣିଗ୍ରାହୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରବୀନ୍ଦ୍ର କୁମର ପ୍ରଧାନ, ଶିବଚରଣ ମଣ୍ଡଳ, ପୂର୍ଣ୍ଣଚନ୍ଦ୍ର ବେହେରା ଏବଂ ସଦାନନ୍ଦଜୀଙ୍କର ବହୁ ସଂଖ୍ୟକ କାର୍ଯ୍ୟକର୍ତ୍ତା ତଥା ବିଦ୍ୟାଳୟର ଛାତ୍ରଛାତ୍ରୀ, ଗୁରୁଜୀ, ଗୁରୁମା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଜ୍ୟୋସ୍ନାମଣୀ ରଣା ଧନ୍ୟବାଦ ଦେଇଥିଲେ।


TPCODL | TPNODL | TPSODL | TPWODL

(Joint Ventures of Tata Power and Government of Odisha)


**PUBLIC NOTICE**

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.

ସକାଳ
THE SAKALA

# ସମ୍ପାଦକୀୟ



ଅଜ୍ଞାନତାର ଆଧିପତ୍ୟରୁ ଆମେ ମୁକ୍ତ ନ ହେବା ପର୍ଯ୍ୟନ୍ତ ବାସ୍ତବ ଶାନ୍ତି ଉଦ୍ୟମ ସଫଳ ହୋଇପାରିବ ନାହିଁ।
-ଦଲାଇ ଲାମା

## ଅଦୃଶ୍ୟ ଆତଙ୍କ

ପରିବର୍ତ୍ତିତ ପରିସ୍ଥିତିରେ ଆତଙ୍କବାଦର କୌଶଳ ଓ ଲକ୍ଷ୍ୟ ବଦଳି ଯାଇଛି। ଆତଙ୍କବାଦୀମାନେ ଆଉ ଜିହାଦୀ ବା ଜୀବନ ବଳିଦାନ ଦେଇ ଜୀବନ ହାନି ଭଳି ପନ୍ଥା ବଦଳରେ କେବଳ ଧନ ବା ଅର୍ଥନୀତିକୁ ନିଶାଣ କରୁଛନ୍ତି। ସେହି ଅନୁଯାୟୀ ସେମାନଙ୍କର ଅସ୍ତ୍ର ମଧ୍ୟ ବନ୍ଧୁକ ଓ ଗୁଳିରୁ କମ୍ପ୍ୟୁଟର, ମାଉସ୍, କିବୋର୍ଡ ଆଦିକୁ ରୂପାନ୍ତରିତ ହୋଇଛି। ଆଜିର ଡିଜିଟାଲ୍ ବା ଇଣ୍ଟରନେଟ୍ ଜ୍ଞାନକୌଶଳ ସେମାନଙ୍କ ପାଇଁ ଆଣିଦେଇଛି ଆତଙ୍କର ଅପାର ସୁଯୋଗ। ବିଶ୍ୱର କାହିଁ କେଉଁ ନିଭୃତ କୋଣରେ ଘରର ଚାରିକାନ୍ଥ ଭିତରେ ବସି ସେମାନେ ଆତଙ୍କ ରଚିପାରୁଛନ୍ତି ଏବଂ ନିମିଷକେ କୋଟିକୋଟି ଟଙ୍କା ହଡ଼ପ କରୁଛନ୍ତି କିମ୍ବା ତା'ଠାରୁ ଆହୁରି ମୂଲ୍ୟବାନ ତଥ୍ୟ-ସମ୍ପଦର କ୍ଷତି କରିପାରୁଛନ୍ତି। ଦିନକୁ ଦିନ ସାଇବର ଆତଙ୍କ ବା ଡିଜିଟାଲ୍ ଆତଙ୍କର ସାମ୍ରାଜ୍ୟ ପୃଥିବୀରୁ ବାହାରି ଉପଗ୍ରହ ପର୍ଯ୍ୟନ୍ତ ବ୍ୟାପିଚାଲିଛି।

ଭାରତର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ସଦ୍ୟତମ ତଥ୍ୟ ଅନୁଯାୟୀ ଚଳିତବର୍ଷ ଜାନୁଆରୀରୁ ମେ' ମାସ ମଧ୍ୟରେ ଭାରତୀୟମାନେ ପ୍ରାୟ ୭ ହଜାର କୋଟି ଟଙ୍କା ହରାଇଛନ୍ତି। ଏହି ଅଦୃଶ୍ୟ ଆତଙ୍କର ପେଣ୍ଠସ୍ଥଳୀ ମୁଖ୍ୟତଃ ମ୍ୟାଁମାର, କାମ୍ବୋଡ଼ିଆ, ଭିଏତ୍‌ନାମ୍, ଲାଓସ୍ ଓ ଥାଇଲାଣ୍ଡରେ ରହିଥିବା ଜଣାପଡ଼ିଛି। ବିଶେଷକରି ଚୀନ୍‌ର ଶକ୍ତିଶାଳୀ ଛତ୍ରଛାୟା ତଳେ ସାଇବର ଅପରାଧୀ ବା ଅଦୃଶ୍ୟ ଆତଙ୍କବାଦୀମାନେ ଦକ୍ଷିଣ-ପୂର୍ବ ଏସିଆ, ଆଫ୍ରିକା ଓ ଦକ୍ଷିଣ ଆମେରିକାର କେତେକ ଅଞ୍ଚଳରେ ସେମାନଙ୍କ କାର୍ଯ୍ୟକଳାପ ଜାରି ରଖିଛନ୍ତି ଏବଂ ମୁଖ୍ୟତଃ ଭାରତ ହିଁ ସେମାନଙ୍କ ନିଶାଣରେ ରହିଛି। ଆହୁରି ଉଦ୍‌ବେଗଜନକ ହେଲା ଭାରତୀୟ ଆଇଟି ମେଧାବୀମାନଙ୍କୁ ଚାଲାଣ କରି ସେଠାରେ ସାଇବର ଆତଙ୍କବାଦ କାର୍ଯ୍ୟରେ ନିୟୋଜିତ କରାଯାଉଛି।

ନିକଟରେ ଦେଶର ସର୍ବବୃହତ୍ ତଥା ସ୍ୱନାମଧନ୍ୟ ଗବେଷଣା ଅନୁଷ୍ଠାନ ଭାରତୀୟ କୃଷି ଗବେଷଣା ପରିଷଦ(ଆଇସିଏଆର) ଗୁରୁତର ସାଇବର ଆକ୍ରମଣର ଶିକାର ହୋଇଛି ଏବଂ ଅନେକ ମୂଲ୍ୟବାନ ଗବେଷଣାଲବ୍ଧ ତଥ୍ୟ ଚୋରି ହୋଇଯାଇଥିବାର ଅଭିଯୋଗ ହୋଇଛି। ଗତ ଏପ୍ରିଲ୍ ମାସରେ ଦିଲ୍ଲୀସ୍ଥିତ ଆଇସିଏଆର ମୁଖ୍ୟ ସର୍ଭର ସମେତ ହାଇଦ୍ରାବାଦ ସର୍ଭର ଉପରେ ଏହି ଆକ୍ରମଣ ହୋଇଛି। ଏହାଛଡ଼ା ପ୍ରତିରକ୍ଷା ମନ୍ତ୍ରଣାଳୟର ୱେବ୍‌ସାଇଟ୍‌ରୁ ତଥ୍ୟ ଚୋରି ହେବାର ଅନେକ ଥର ଅଭିଯୋଗ ଆସିଛି। ବ୍ୟାଙ୍କ ଓ ଅନ୍ୟାନ୍ୟ ଆର୍ଥିକ ସଂସ୍ଥାର ତଥ୍ୟ ଚୋରି ପ୍ରାୟ ଏକ ସାଧାରଣ ଘଟଣା ହୋଇଯାଇଛି। ତଥ୍ୟ ଚୋରି ବା ସାଇବର ଆତଙ୍କବାଦ କାର୍ଯ୍ୟକଳାପ କେବଳ ଭାରତ ଭିତରେ ସୀମିତ ନାହିଁ। ଅଷ୍ଟ୍ରେଲିଆ, ଜର୍ମାନୀ, ଜାପାନ୍ ଏପରିକି ଆମେରିକା ପରି ଉନ୍ନତ ଜ୍ଞାନକୌଶଳ ଓ ବିକଶିତ ଦେଶମାନେ ମଧ୍ୟ ଏଭଳି ଅଦୃଶ୍ୟ ଆତଙ୍କବାଦର ଶିକାର ହୋଇଚାଲିଛନ୍ତି। ଅଦୃଶ୍ୟ ଆତଙ୍କବାଦ ଯୋଗୁଁ କିଭଳି ଦେଶ-ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ପ୍ରଭାବିତ ହୋଇ ବିଶ୍ୱାସଘାତକତା ସ୍ଥିତି ସୃଷ୍ଟି ହୁଏ ତାହା ମଧ୍ୟ ସାମ୍ନାକୁ ଆସିଛି। ଦୁଇ ସପ୍ତାହ ତଳେ ବ୍ରିଟେନ୍ ସ୍ୱୀକାର କରିଛି ଯେ ୨୦୨୦ରେ ତଥ୍ୟ ଚୋରି ଯୋଗୁଁ ଇଂଲଣ୍ଡରେ ରାଜନୈତିକ ଆଶ୍ରୟ ନେଇଥିବା ପ୍ରାୟ ୧ ଲକ୍ଷ ଆଫ୍‌ଗାନ୍‌ମାନଙ୍କର ବ୍ୟକ୍ତିଗତ ପରିଚୟ ପ୍ରଘଟ ହୋଇଥିଲା ଏବଂ ତାଲିବାନ୍‌ମାନଙ୍କ ରୋଷର ଶିକାର ହେବାକୁ ପଡ଼ିଥିଲା। ଏହାପରେ ବ୍ରିଟିଶ୍ ସରକାର ବାଧ୍ୟ ହୋଇ 'ଆଫ୍‌ଗାନିସ୍ତାନ ରେସ୍‌ପନ୍ସ ରୁଟ୍' ଭଳି ଯୋଜନାକୁ ବନ୍ଦ କରିଥିଲେ। ଏହାଦ୍ୱାରା ଇଂଲଣ୍ଡକୁ ମଧ୍ୟ ପ୍ରଭୂତ ଆର୍ଥିକ କ୍ଷତି ସହିବାକୁ ପଡ଼ିଥିଲା।

ସାଇବର ଆତଙ୍କବାଦୀମାନେ ଆଉ ଦୁଇପାଦ ଆଗକୁ ଯାଇ ଏବେ ଉପଗ୍ରହ ନିୟନ୍ତ୍ରଣ କକ୍ଷର ନେଭିଗେସନ୍ ସିଷ୍ଟମ୍ ବା ଦିଗବାରେଣୀ ସୂଚନା ବ୍ୟବସ୍ଥା ଉପରେ ଆକ୍ରମଣ ଆରମ୍ଭ କରିଛନ୍ତି। ଏହାଫଳରେ ପଣ୍ୟବାହୀ ଜାହାଜ ଓ ବ୍ୟୋମଯାନଗୁଡ଼ିକ ସେମାନଙ୍କ ଗତିପଥ ନିର୍ଣ୍ଣୟ କରିବାରେ ବିଭ୍ରାନ୍ତିର ସମ୍ମୁଖୀନ ହେଉଛନ୍ତି। କେବଳ ଚଳିତ ମାସରେ ହିଁ ଏଭଳି ତିନିଟି ଘଟଣା ଘଟିଛି, ଯାହା ସାଇବର ସୁରକ୍ଷା ବିଶେଷଜ୍ଞଙ୍କୁ ଚିନ୍ତିତ କରିଛି। ଦୁଇସପ୍ତାହ ତଳେ ଜିପିଏସ୍ ଇଣ୍ଟରଫେସ୍‌ରେ ତ୍ରୁଟି ଯୋଗୁଁ ଦିଲ୍ଲୀ-ଜାମ୍ମୁ ବିମାନ ଅଧାବାଟରୁ ଫେରି ଆସିବାକୁ ବାଧ୍ୟ ହୋଇଥିଲା। ତୈଳ ବୋଝେଇ ଏକ ଜାହାଜ ଇରାନ୍‌ର ହର୍ମୁଜ୍ ପ୍ରଣାଳୀର ପ୍ରବେଶ ପଥରୁ କ୍ରମଶଃ ଦୂରେଇ ଚାଲିଥିଲା ଏବଂ ଗତ ମେ' ମାସରେ ଜେଦାହ୍‌ରେ ଏକ ପଣ୍ୟବାହୀ ଜାହାଜ ବନ୍ଦରରେ ପ୍ରବେଶ କରି ନ ପାରି ଚକ୍କର କାଟିଥିଲା। ରୁଷିଆ, ୟୁକ୍ରେନ୍ ଓ ୟୁରୋପ୍‌ରେ ମଧ୍ୟ ଏଭଳି ଘଟଣାମାନ ଦେଖାଯାଇଛି। ୨୦୧୭ରେ ରୁଷିଆର ପ୍ରାୟ ୨୦ଟି ଜାହାଜ ବନ୍ଦରମୁଖୀ ହେବା ପରିବର୍ତ୍ତେ ଦୂରରୁ ଦୂରକୁ ଚାଲିଯାଇଥିଲେ।

ଜିପିଏସ୍ ଇଣ୍ଟରଫେସ୍‌ରେ ଏଭଳି ସାଇବର ଆକ୍ରମଣ ଦ୍ୱାରା ଠିକ୍ ସମୟରେ ଜରୁରିକାଳୀନ ସାମଗ୍ରୀ ପହଞ୍ଚିପାରିବ ନାହିଁ ଏବଂ ପରିବହନ ଖର୍ଚ୍ଚ ବଢ଼ିଚାଲିବ। ବିଶେଷକରି ଯୁଦ୍ଧ ସମୟରେ ଗୋଳବାରୁଦ୍ ଓ ଖାଦ୍ୟସାମଗ୍ରୀ ନେଇ ଯାଉଥିବା ଯୁଦ୍ଧ ପଣ୍ୟଜାହାଜ କିମ୍ବା ଯୁଦ୍ଧବିମାନକୁ ପଥଭ୍ରଷ୍ଟ କରିବାରେ ଏହା ସହାୟକ ହେବ। ଏହାକୁ ସୂକ୍ଷ୍ମ ଭାବେ ଯୋଜନା କରିଛନ୍ତି ଅଦୃଶ୍ୟ ଆତଙ୍କବାଦୀମାନେ। କେବଳ ୨୦୨୪ରେ ଭାରତରେ ଏଭଳି ୭୦୦ ଜିପିଏସ୍ ଇଣ୍ଟରଫେସ୍ ଆକ୍ରମଣ ଠାବ କରାଯାଇଥିଲା। ଜିପିଏସ୍ ଇଣ୍ଟରଫେସ୍ ସିଗ୍‌ନାଲ୍ ଅପହରଣ ଦ୍ୱାରା କେବଳ ଉଡ଼ାଜାହାଜ କିମ୍ବା ଜଳଜାହାଜ ପ୍ରଭାବିତ ହେବେ ନାହିଁ, ବରଂ ଆମ ଦୈନନ୍ଦିନ ଟ୍ରାଫିକ୍ ବ୍ୟବସ୍ଥା ମଧ୍ୟ ଗୁରୁତର ବିଭ୍ରାଟର ସମ୍ମୁଖୀନ ହେବ। ଲୋକେସନ୍ ଡିଟେକ୍ଟ ବା ଗନ୍ତବ୍ୟ ସ୍ଥାନ ନିରୂପଣ ସଠିକ୍ ନ ହେଲେ ଗୋଟିଏ ଅଞ୍ଚଳ ପରିବର୍ତ୍ତେ ଯାତ୍ରୀ ଅନ୍ୟ ଅଞ୍ଚଳରେ ପହଞ୍ଚିଯିବ। ରାଡାର, ଟେଲିଫୋନ୍ ନେଟ୍‌ୱର୍କ, ରେଡିଓ ୱେଭ୍ ଆଦି ବ୍ୟବସ୍ଥାରେ ମଧ୍ୟ ଗୁରୁତର ବିଭ୍ରାଟ ସୃଷ୍ଟି ହୋଇ ଯୋଗାଯୋଗ ବ୍ୟବସ୍ଥା ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯିବ।

ଏଥିରୁ ଅଦୃଶ୍ୟ ଆତଙ୍କବାଦର ସ୍ୱରୂପ ଓ କାୟା କେତେ ବିଶାଳ ଏବଂ ଆଗକୁ କି ରୂପ ନେବାକୁ ଯାଉଛି ତାହା ଅନୁମାନ କରାଯାଇପାରେ। କେତେକ ପ୍ରତିରକ୍ଷା ବିଶେଷଜ୍ଞଙ୍କ ମତରେ ଆଜିର ଯୁଦ୍ଧ ଅଧିକରୁ ଅଧିକ ଉପଗ୍ରହ ସୂଚନା ଆଧାରିତ କମ୍ପ୍ୟୁଟର ଜ୍ଞାନକୌଶଳ ଉପରେ ନିର୍ଭରଶୀଳ। ଯଦି ଶତ୍ରୁପକ୍ଷ ଜିପିଏସ୍ ଇଣ୍ଟରଫେସ୍ ଉପରେ ଆକ୍ରମଣ କରେ ତେବେ କ୍ଷେପଣାସ୍ତ୍ରମାନ ଲକ୍ଷ୍ୟଭ୍ରଷ୍ଟ ହେବ। ଏପରିକି ଶତ୍ରୁ ଦେଶ ବଦଳରେ ନିଜ ଦେଶରେ ହିଁ ବିପ୍ଳବ ସୃଷ୍ଟି କରିବ। ଅଦୃଶ୍ୟ ଆତଙ୍କବାଦୀମାନେ ଯେତେବେଳେ ଉପଗ୍ରହ ପର୍ଯ୍ୟନ୍ତ ପହଞ୍ଚିସାରିଲେଣି ଜନସାଧାରଣଙ୍କ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ ବ୍ୟବସ୍ଥା କେତେ ସୁରକ୍ଷିତ ତାହା ବିଚାରଯୋଗ୍ୟ। କେବଳ ଗୋଟିଏ ଦୁଇଟି ରାଷ୍ଟ୍ର ଏଭଳି ଅଦୃଶ୍ୟ ଆତଙ୍କବାଦକୁ ନିୟନ୍ତ୍ରଣ କରିବାରେ ସକ୍ଷମ ହେବେ ନାହିଁ। ଏଥିପାଇଁ ବିଶ୍ୱର ସବୁରାଷ୍ଟ୍ର ଗୋଟିଏ ମଞ୍ଚରେ ଏକତ୍ର ହୋଇ ମିଳିତ ରଣନୀତି ପ୍ରସ୍ତୁତ କରିବାକୁ ପଡ଼ିବ। ଏଥିପାଇଁ ପ୍ରଥମେ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ବିଶ୍ୱାସର ଭାବନା ସ୍ଥାପନା ହେବା ସର୍ବାଦୌ ଜରୁରୀ।

# ଭାବଗତ ଐକ୍ୟ ଓ ଓଡ଼ିଶା

**ଡ. ପ୍ରଫୁଲ୍ଲ କୁମାର ସାହୁ**

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବାର ନଅ ଦଶନ୍ଧି ପରେ ଓଡ଼ିଶା ବାହାରେ ରହି ଯାଇଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳ ତ ଆଉ ଓଡ଼ିଶାରେ ମିଶିବାର ସମ୍ଭାବନା ନାହିଁ, ବରଂ ବଢ଼ି ବଢ଼ି ଯାଉଛି ଓଡ଼ିଶାରୁ ଆଉ କିଛି ଅଞ୍ଚଳ ହାତଛଡ଼ା ହେବାର ଆଶଙ୍କା। ଗୋଟେ ପାଖରେ କୋଟିଆ ଆନ୍ଧ୍ରର ଆଁ ଭିତରକୁ ଟାଣି ହୋଇ ଯାଉଛି ତ ଆରପଟେ ବାଲିଦ୍ୱୀପକୁ ଅଧିକାର କରିବା ପାଇଁ ଦୀର୍ଘଦିନ ଧରି ପ୍ରୟାସ ଜାରି ରଖିଛି ପଶ୍ଚିମବଙ୍ଗ ସରକାର। ନବରଙ୍ଗପୁର ଜିଲ୍ଲାର ଡାଙ୍ଗିରପଦା, ମୋହୁଣ୍ଡା ଓ ଉଦୟପୁର ଅଞ୍ଚଳରେ ଛତିଶଗଡ଼ ସରକାରଙ୍କ ସହିତ ଲାଗିରହିଛି ସୀମା ବିବାଦ। ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାର ଚଉଦଟି ଗ୍ରାମକୁ ନେଇ ଝାଡ଼ଖଣ୍ଡ ସହିତ ତୁତୁଁନି ବିବାଦ। ବାଲେଶ୍ୱର ଜିଲ୍ଲାର ଭୋଗରାଇ ଓ ଜଳେଶ୍ୱର ବ୍ଲକର ୮୧ ଟି ସୀମାନ୍ତ ଗ୍ରାମକୁ ଅକ୍ତିଆର କରିବା ପାଇଁ ପଶ୍ଚିମବଙ୍ଗ ସରକାର ପକ୍ଷରୁ ଜାରି ରହିଛି ପ୍ରୟାସ। କେନ୍ଦୁଝର ଜିଲ୍ଲାର ଲିମିଟୁର, ପୁରୁଷୋତ୍ତମପୁର, କଙ୍କଡ଼ାପଟ, ଜଗନ୍ନାଥପୁର ଓ ଝାମ୍ପୁର ଗ୍ରାମକୁ ସୀମାଭୁକ୍ତ କରିବା ପାଇଁ ଉପାୟ ପାଞ୍ଚୁଛି ଝାଡ଼ଖଣ୍ଡ। ମାଲକାନଗିରି ଜିଲ୍ଲାର ମାଟାପକା ପଞ୍ଚାୟତରେ ପକ୍କା ସଡ଼କ ନିର୍ମାଣ କରିବା ପଛରେ ଛତିଶଗଡ଼ର ଉଦ୍ଦେଶ୍ୟ ସ୍ପଷ୍ଟ। ଓଡ଼ିଶାର ଏମିତି ଦଶଟି ଜିଲ୍ଲା ଅନ୍ତର୍ଗତ ଶତାଧିକ ଗାଁ, ନଦୀ ନାଳ ଓ ଜଙ୍ଗଲ ଉପରେ ପଡ଼ୋଶୀଙ୍କ ଆଖି। ସେମାନଙ୍କ ବିସ୍ତାରବାଦୀ ମନୋଭାବ କାରଣରୁ ସମାଧାନ ହୋଇ ପାରୁନି ଆନ୍ତରାଜ୍ୟ ସୀମା ବିବାଦ।

ରାଜନୈତିକ-ପ୍ରଶାସନିକ ଉଦାସୀନତା ପାଇଁ ଦିନକୁ ଦିନ ଜଟିଳ ହେବାରେ ଲାଗିଛି ଆନ୍ଧ୍ର-ଓଡ଼ିଶା ଆନ୍ତରାଜ୍ୟ ସୀମା ସମସ୍ୟା। ଓଡ଼ିଶାର ପ୍ରଶାସନିକ ମାନଚିତ୍ର ଅନୁସାରେ କୋଟିଆ ପଞ୍ଚାୟତ ରହିଛି କୋରାପୁଟ ଜିଲ୍ଲାର ପଟାଙ୍ଗି ବ୍ଲକ ଅଧୀନରେ। ୨୮ ଟି ରାଜସ୍ୱ ଗ୍ରାମକୁ ନେଇ ଗଠିତ ଏହି ପଞ୍ଚାୟତର ଲୋକସଂଖ୍ୟା ଆଠ ହଜାରରୁ ଅଧିକ। ଆନ୍ଧ୍ରର ଦାବି ଅନୁସାରେ ଏହି ୨୮ ରାଜସ୍ୱ ଗ୍ରାମ ମଧ୍ୟରୁ ୨୧ଟି ରହିଛି ବିଜୟନଗରମ୍ ଜିଲ୍ଲା ସାଲୁର ମଣ୍ଡଳ ଅନ୍ତର୍ଗତ ଫଗୁଣ ସିନେରି, ଫାଟୁ ସିନେରି ଓ ଗଞ୍ଜେଇ ପଦର ପଞ୍ଚାୟତ ଅଧୀନରେ। ବିବାଦୀୟ ୨୧ ଟି ଗାଁକୁ ନେଇ ଉଭୟ ରାଜ୍ୟ ଏବେ ମୁହାମୁହିଁ। ପୂର୍ବରୁ ଏ ନେଇ ପରସ୍ପର ଭିତରେ ବାରମ୍ବାର ଆଲୋଚନା ସତ୍ତ୍ୱେ ସମାଧାନର ବାଟ ନଫିଟିବାରୁ ମାମଲା ପହଞ୍ଚିଥିଲା ସର୍ବୋଚ୍ଚ ନ୍ୟାୟାଳୟରେ। ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ବିଚାରାଧୀନ ଥିବା ଏହି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇନି ସତ, ହେଲେ ସ୍ଥିତାବସ୍ଥା ବଜାୟ ରଖିବା ନିମନ୍ତେ ରହିଛି (୧୯୬୮)ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ। ମାତ୍ର ବିଡ଼ମ୍ବନାର ବିଷୟ କୋଟିଆ ଉପରେ ନିଜର ଦଖଲ ସାବ୍ୟସ୍ତ କରିବା ପାଇଁ ନ୍ୟାୟାଳୟର ନିର୍ଦ୍ଦେଶକୁ ବାରମ୍ବାର ଅବମାନନା କରୁଛି ଆନ୍ଧ୍ର।





ପୂର୍ବତଟ ପର୍ବତମାଳାର ପାଦଦେଶରେ ଅବସ୍ଥିତ କୋଟିଆ ଗ୍ରାମପୁଞ୍ଜ। ଭାରି ମନୋରମ ତାର ବଣପାହାଡ଼ ଘେରା ପ୍ରାକୃତିକ ପରିବେଶ। ସତୁରି ଦଶକରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କରାଯାଉଥିବା ସର୍ବେକ୍ଷଣରୁ ଜଣାଯାଏ ଏଠାରେ ଅବସ୍ଥିତ ଦେଓମାଳି ଓ ଅନ୍ୟାନ୍ୟ ପାହାଡ଼ ତଳେ ରହିଛି ସୀସା, ଲୁହାପଥର, ବକ୍ସାଇଟ ଓ ଅଭ୍ର ଆଦି ବହୁ ମୂଲ୍ୟବାନ ଖଣିଜ ସଂପଦ। ସ୍ଥାନୀୟ ଲୋକଙ୍କ ମତରେ କୋଟିଆଠାରୁ ଗଞ୍ଜେଇପଦର ପର୍ଯ୍ୟନ୍ତ ଲମ୍ବିଥିବା ପାହାଡ଼ ତଳେ ରହିଛି ସୁନାଖଣି। ବୋଧହୁଏ ଏହି ମୂଲ୍ୟବାନ ଖଣିଜ ପଦାର୍ଥ ଉପରେ ରହିଛି ଆନ୍ଧ୍ରର ଲୋଲୁପ ଦୃଷ୍ଟି। ସେଥିପାଇଁ କୋଟିଆ ଗ୍ରାମପୁଞ୍ଜକୁ ଅକ୍ତିଆର କରିବା ପାଇଁ ଦୀର୍ଘଦିନରୁ ଜାରି ରଖିଛି ପ୍ରୟାସ। ବିଭ୍ରାନ୍ତିକର ତଥ୍ୟ ଉପସ୍ଥାପନ କରି ଛିଡ଼ା କରୁଛି ବିବାଦ। ମାତ୍ର କୋଟିଆର ଇତିହାସ, ଭୂଗୋଳ ତଥା ଦସ୍ତାବିଜ କହୁଛି କୋଟିଆ ହେଉଛି ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ। ତା'ର ସବୁଠୁ ପ୍ରମାଣ ହେଉଛି ୧୯୩୬ ମସିହାରେ ପ୍ରକାଶ ପାଇଥିବା ନକ୍ସା। ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ୨୦ ବର୍ଷ ପରେ ଆନ୍ଧ୍ରର ଜନ୍ମ। ଅଥଚ ଓଡ଼ିଶା ପାଖରୁ କୋଟିଆକୁ ଛଡ଼େଇ ନେବା ପାଇଁ କେତେବେଳେ ପୁଲିସ ଲଗାଇ ସେଠାରେ ପଞ୍ଚାୟତ ନିର୍ବାଚନ କରାଉଛି ତ କେତେବେଳ ଗାଁ ମୁଣ୍ଡରେ ଲଗାଉଛି ତେଲଗୁ ଭାଷାରେ ଲିଖିତ ନାମ ଫଳକ। କେବଳ ଫଳକ ଲଗାଉ ନାହିଁ, ଗାଁ'ର ନାଁ ବଦଳାଇ ନୂଆ ନାଁ ଦେଉଛି ତେଲଗୁ ଢଙ୍ଗରେ।

୨୦୧୧ ଜନଗଣନା ତଥ୍ୟ କହୁଛି ସେଠାକାର ଲୋକମାନେ ଓଡ଼ିଶାର ଅଧିବାସୀ। ତେଣୁ ଖାଦ୍ୟ ସୁରକ୍ଷା ଆଇନ ବଳରେ ଓଡ଼ିଶା ସରକାର ସେମାନଙ୍କୁ ଯୋଗାଇ ଦେଉଛନ୍ତି ଚାଉଳ ଓ ଗହମ ଇତ୍ୟାଦି ରେସନ ସାମଗ୍ରୀ। ସେପଟେ କୋଟିଆବାସୀଙ୍କୁ ନିଜ ରାଜ୍ୟର ବୋଲି ପ୍ରମାଣ କରିବା ପାଇଁ ଆନ୍ଧ୍ର ସରକାର ବି ସେମାନଙ୍କୁ ଚାଉଳ ସହିତ ଦେଉଛି ଡାଲି, ଖାଇବାତେଲ, କିରାସିନି, ସୋଲାର ଲାଇଟ ଓ କମ୍ବଳ ଆଦି ଅନେକ ଜିନିଷ। ସେଠାରେ ବାର୍ଦ୍ଧକ୍ୟ ଭତ୍ତା ବାବଦକୁ ବି ଆନ୍ଧ୍ର ଖର୍ଚ୍ଚ କରୁଛି କୋଟିକୋଟି ଟଙ୍କା। ଆନ୍ଧ୍ରର ଏଭଳି ଉଦ୍ଦେଶ୍ୟମୂଳକ ବଦାନ୍ୟତା କାରଣରୁ ଉଭୟ ରାଜ୍ୟରୁ ରାସନ ସାମଗ୍ରୀ ଓ ଅନ୍ୟାନ୍ୟ ସୁବିଧା ପାଇବାକୁ ଚାହୁଁଛନ୍ତି ସେଠାକାର ଅଧିବାସୀ। ଏହାଦ୍ୱାରା କେବଳ ଓଡ଼ିଶା ନୁହେଁ, ଆନ୍ଧ୍ର ପ୍ରତି ମଧ୍ୟ ରହୁଛି ଲୋକଙ୍କ ଆନୁଗତ୍ୟ। ଏହାକୁ କେହି ହୁଏତ କୋଟିଆବାସୀଙ୍କ ସୁବିଧାବାଦୀ ମାନସିକତା କହିପାରେ, ମାତ୍ର ବାସ୍ତବ ସ୍ଥିତି କହୁଛି ସୀମା ବିବାଦ ପାଇଁ ସାଂଘାତିକ ଭାବରେ ଫସିଛନ୍ତି ସେଠାକାର ଜନଜାତିର ଲୋକେ। ଆନ୍ଧ୍ରପ୍ରଦେଶ ସେଠାରେ ଖାଦ୍ୟ ଶସ୍ୟ ଓ ଅନ୍ୟାନ୍ୟ ଜିନିଷ ମାଗଣାରେ ବାଣ୍ଟୁଛି ସତ, ହେଲେ କୋର୍ଟରୁ କୌଣସି ନିର୍ଣ୍ଣାୟକ ନିଷ୍ପତ୍ତି ଆସି ନଥିବା କାରଣରୁ ଚିନ୍ତା କରୁନି ସେଠାକାର ଦୀର୍ଘମିଆଦୀ ବିକାଶ କଥା। ଅପରପକ୍ଷରେ କୋଟିଆ ପଞ୍ଚାୟତର ଅଧିକାଂଶ ଗାଁକୁ ସବୁଦିନିଆ ରାସ୍ତା ନାହିଁ କି ସବୁ ଗାଁକୁ ଯୋଗାଇ ଦିଆଯାଇପାରିନି ପାନୀୟ ଜଳ। ପିଇବା ପାଣି ପାଇଁ ଅଧିକାଂଶ ଲୋକ ଝରଣା ଉପରେ ନିର୍ଭର କରୁଥିବାବେଳେ ସେଠାରେ ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ଅତ୍ୟନ୍ତ ଦୁର୍ବଳ।

କେବଳ ଓଡ଼ିଶାର ଭୌଗୋଳିକ ସୀମା ଉପରେ ଆକ୍ରମଣ ନୁହେଁ, ଓଡ଼ିଆ ଭାଷାର କଣ୍ଠରୋଧ ପାଇଁ ମଧ୍ୟ ଚାଲିଛି ଷଡ଼ଯନ୍ତ୍ର। ଆମ ସାମ୍ବିଧାନିକ ବ୍ୟବସ୍ଥା କହୁଛି ନିଜ ମାତୃଭାଷାରେ ଶିକ୍ଷା ଲାଭ କରିବା ସମସ୍ତଙ୍କର ଅଧିକାର। ତେଣୁ ରାଜ୍ୟରେ ଥିବା ସଂଖ୍ୟାଲଘୁଙ୍କ ସୁରକ୍ଷା ପାଇଁ ବିଦ୍ୟାଳୟରେ ନିଯୁକ୍ତି ପାଆନ୍ତି ସ୍ୱତନ୍ତ୍ର ଶିକ୍ଷକ। ଓଡ଼ିଶା ସରକାର ଏ ନୀତିକୁ ମାନୁଥିବା ବେଳେ ତାଡ଼କୁ ଖୋଲାଖୋଲି ଉଲଙ୍ଘନ କରୁଛନ୍ତି ପଡ଼ୋଶୀ ରାଜ୍ୟମାନେ। ଝାଡ଼ଖଣ୍ଡରେ ଓଡ଼ିଆ ଭାଷାକୁ ମିଳିଥିଲା ଦ୍ୱିତୀୟ ଭାଷାର ମାନ୍ୟତା। ଝାଡ଼ଖଣ୍ଡ ସରକାର ତା'କୁ ଉଚ୍ଛେଦ କରିନେବା ଫଳରେ ସେଠାରେ ଆଉ ଓଡ଼ିଆ ଭାଷାରେ ପାଠପଢ଼ା ହେବନାହିଁ କି ନିଯୁକ୍ତି ପାଇବେନି ଓଡ଼ିଆ ଶିକ୍ଷକ। ଓଡ଼ିଆ ପରିବର୍ତ୍ତେ ହିନ୍ଦୀ ପଢ଼ିବାକୁ ବାଧ୍ୟ ହେବେ ଓଡ଼ିଆ ପିଲାମାନେ। ଷଢ଼େଇକଳା, ଖରସୁଆଁ, ସିଂହଭୂମି, ମେଦିନାପୁର ଅଞ୍ଚଳରେ ବି ଏଭଳି ବୈମାତୃକ ମନୋଭାବର ଶିକାର ହେଉଛି ଓଡ଼ିଆ ଭାଷା। କୋଟିଆ ଗ୍ରାମପୁଞ୍ଜରେ ଥିବା ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଏବେ ଓଡ଼ିଆ ପରିବର୍ତ୍ତେ ପଢ଼ା ଯାଉଛି ତେଲଗୁ।

ମାତୃଭାଷା ପ୍ରତି ହେୟ ମନୋଭାବ କାରଣରୁ ପଡ଼ୋଶୀଙ୍କ ଅନ୍ୟାୟ ବିରୋଧରେ ତୀବ୍ର ହୋଇପାରୁନି ଓଡ଼ିଆଙ୍କ ସ୍ୱର। ଆନ୍ଧ୍ରର ଦାଦାଗିରି ବିରୋଧରେ ଓଡ଼ିଶା ରାଜନେତାଙ୍କ ଭିତରେ ପ୍ରକାଶ ପାଉନି ଜାତୀୟ ସହମତି। କାରଣ ଏକ ବିଶାଳ ଅତୀତ ଓ ପୁଷ୍କଳ ସଂସ୍କୃତି ସତ୍ତ୍ୱେ ଆମକୁ ଏବେ ଗ୍ରାସିଛି ଭାବଗତ ସଂହତିର ସଂକଟ। କେତେବେଳ ଆମେ ରାଜନୀତିକୁ କେନ୍ଦ୍ର କରି ପରସ୍ପର ଉପରକୁ କାଦୁଅ ଫିଙ୍ଗା ଫିଙ୍ଗି ହେଉଛୁ ତ ଆଞ୍ଚଳିକ ଭାବକୁ ନେଇ ଆମେ ବିଭାଜିତ। ଆମ ଭିତରୁ କ୍ରମଶଃ ଅପସରି ଯାଉଛି ମାତୃଭୂମି ଓ ମାତୃଭାଷା ପ୍ରତି ମମତ୍ୱବୋଧ। ଓଡ଼ିଆ ଆଜି ଓଡ଼ିଆତ୍ୱକୁ ନେଇ ଗର୍ବ କରୁନି, ବରଂ ଲଜ୍ଜାବୋଧ କରୁଛି ନିଜକୁ ଓଡ଼ିଆ କହିବା ପାଇଁ। ଏଭଳି ହୀନମନ୍ୟତା ଯୋଗୁଁ ଓଡ଼ିଆ ଭାଷା ଆଜି ନାନା ଭାବରେ ଅବହେଳା, ଅବଜ୍ଞା ଓ ଉଦାସୀନତାର ଶିକାର। କେବଳ ବିଚ୍ଛିନ୍ନାଞ୍ଚଳ ନୁହେଁ, ଓଡ଼ିଆ ଭାଷା ଆଜି ନିଜ ମାଟିରେ ବି କୋଣଠେସା। ସମ୍ବଲପୁର ଓ ରାଉରକେଲା ଆଦି ଅଞ୍ଚଳରେ ବହୁ ଶିକ୍ଷିତ ଲୋକଙ୍କର କଥିତ ଭାଷା ଓଡ଼ିଆ ନୁହେଁ, ହିନ୍ଦୀ। ବଲାଙ୍ଗୀର ଓ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବଢ଼ି ଚାଲିଛି ହିନ୍ଦୀ ଭାଷାର ପ୍ରଭାବ। ଗଞ୍ଜାମ, କୋରାପୁଟ ଓ ବାଲେଶ୍ୱର ଆଦି ଉପାନ୍ତ ଅଞ୍ଚଳରେ ମାତୃଭାଷାର ସ୍ଥିତି ବିପନ୍ନ।

ଭଦ୍ରକ, ମୋ: ୬୩୭୧୬୪୨୪୬୪

# ସଫଳ ମଣିଷର ଷଡ୍‌ଗୁଣ

**ସରୋଜ କାନ୍ତ ଚୌଧୁରୀ**

ମଣିଷ ପାଇଁ ଜୀବନ ଗଢ଼ିବାର ସଫଳ ସୂତ୍ର ରହିଛି ସନାତନ ଧର୍ମଗ୍ରନ୍ଥ ଭଗବତ୍ ଗୀତାରେ ଭଗବାନଙ୍କ ମୁଖନିଃସୃତ ବାଣୀ ହିସାବରେ। ଏବେ ବି ଏହିସବୁ ଆଧ୍ୟାତ୍ମିକ ଉପଦେଶ ସବୁ ମାନବ ସଂସାଧନ ପରିଚାଳନା ପାଇଁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇପାରୁଛି। ବିଶ୍ଳେଷଣ କଲେ ଜଣାଯିବ ଯେ ପଞ୍ଚାଅଶି ଭାଗ ସଫଳତା ଆସିଥାଏ ସଂପୃକ୍ତ ବ୍ୟକ୍ତିର ମନୋଭାବରୁ ଏବଂ ଧୀଶକ୍ତିର ଉପଯୋଗରୁ। ବାସ୍ତବିକ୍ ଆମର ମୁଖ୍ୟ ସମ୍ପତ୍ତି ହେଲା ଧୀଶକ୍ତି, ଯାହାକୁ ଠିକ ଭାବରେ ବ୍ୟବହାର କରାଯିବା ଉଚିତ ଏବଂ ଅନ୍ୟପକ୍ଷରେ ତାହାକୁ ସୁରକ୍ଷିତ ମଧ୍ୟ କରାଯିବା କଥା। ଭଗବତ୍ ଗୀତା ନିର୍ଦ୍ଧାରଣ କରିଛି ଯେ ସଫଳତା ପାଇବା ପାଇଁ ନିମ୍ନଲିଖିତ ଗୁଣଗୁଡ଼ିକର ଆବଶ୍ୟକତା ରହିଛି।

ଅନ୍ତଃମାନସିକତା: ନିଜର ସ୍ୱଧର୍ମ ବା ଗୁଣ, ଯାହା ଜଣକ ପାଇଁ ଏକ ଅଦ୍ୱିତୀୟ ଈଶ୍ୱରୀୟ ଉପହାର ବୋଲି ବିଚାର କରାଯାଏ, ତାହାକୁ ଚିହ୍ନିବା ଆବଶ୍ୟକ। ବାସ୍ତବ ପକ୍ଷେ ଜଣକର ଆନ୍ତରିକ ଆଗ୍ରହ ଥିବା କାର୍ଯ୍ୟରେ ପରିଶ୍ରମ କରିବା ଉପଭୋଗ୍ୟ ହୋଇଥାଏ। କିନ୍ତୁ ନିଜ ସ୍ୱଧର୍ମ ଅନୁକୂଳ ନଥିବା କାର୍ଯ୍ୟଟି ତା'ପାଇଁ ନୈରାଶ୍ୟଜନକ ଏବଂ କ୍ଳାନ୍ତିକର ବିବେଚିତ ହୋଇଥାଏ। ସେହିଭଳି କାର୍ଯ୍ୟରେ ନିଜର ଶକ୍ତିକୁ ନିୟୋଜିତ କରାଗଲେ ସଫଳତା ଆସିବ। ଏପରିକି ତୁମେ ସମାଜରେ ପ୍ରତିଷ୍ଠିତ ହୋଇପାରିବ। ପ୍ରସିଦ୍ଧ ସିନେ ଅଭିନେତା ରଜନୀକାନ୍ତ ଜଣେ ବସ୍ କଣ୍ଡକ୍ଟର ଭାବରେ ଆରମ୍ଭ କରିଥିଲେ ଜୀବନର ଜୟଯାତ୍ରା। ବର୍ତ୍ତମାନ ସେ କେଉଁଠି? ସେମିତି କ୍ରିକେଟ କିମ୍ବଦନ୍ତୀ ଧୋନି ରେଳ ଟିକେଟ ପରୀକ୍ଷକ ଭାବରେ ଆରମ୍ଭ କରିଥିଲେ ଜୀବନ। କିନ୍ତୁ ଏବେ ସେ ବିଶ୍ୱର ଜଣେ ସଫଳ କ୍ରିକେଟର। ଅତଏବ ନିଜ ଅନ୍ତଃନିହିତ ଇଚ୍ଛାକୁ କାର୍ଯ୍ୟକାରୀ କରିବାରେ ସ୍ୱଧର୍ମ ହିଁ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।

ଅଙ୍ଗୀକାରବଦ୍ଧତା: ଥରେ ନିଜର ସ୍ୱଧର୍ମ ବା ଆନ୍ତରିକ ଇଚ୍ଛାକୁ ଠିକ୍ ଭାବେ ଚିହ୍ନିପାରିଲେ ଏକ ଉଚ୍ଚ ଆଦର୍ଶ ପ୍ରତି ନିଜ ଦୃଷ୍ଟି ସ୍ଥିର କରିବା ଆବଶ୍ୟକ ଏବଂ ନିଜକୁ ନିଜେ ପ୍ରଶ୍ନ କରିବା କଥା କେଉଁଥିପାଇଁ ମୁଁ କାର୍ଯ୍ୟ କରୁଛି? ଏହା କେବଳ ଆର୍ଥିକ ସ୍ୱଚ୍ଛଳତା ପାଇଁ ନା ତା' ମଧ୍ୟରେ ଏକ ଗଭୀର ତଥା ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ଉଦ୍ଦେଶ୍ୟ ରହିଛି? ସ୍ୱତଃ ପ୍ରତିଜ୍ଞାବଦ୍ଧ ହୁଅ ଲକ୍ଷ୍ୟ ପ୍ରତି, ହତୋତ୍ସାହିତ କରୁଥିବା ପ୍ରତିବାଧାକୁ ଅତିକ୍ରମ କରି ଯେପରି ତୁମେ ସଫଳ ହୋଇପାରିବ। କଥା ହେଉଛି ନିଜ ଲକ୍ଷ୍ୟ ପ୍ରତି ଆନ୍ତରିକତା ଓ ନିଜକୁ ବାରମ୍ବାର ଅନୁଶୀଳନ। ଭଗବତ୍ ଗୀତାର କର୍ମଯୋଗରେ ଅନାସକ୍ତ କର୍ମ କରିବା ଛଳରେ କୁହାଯାଇଛି ଗଭୀର ପରିଶ୍ରମର କୌଣସି ବିକଳ୍ପ ନାହିଁ ଏବଂ ଏହା ହିଁ ପରିଶେଷରେ ଲକ୍ଷ୍ୟ ପୂରଣ କରିବାକୁ ସମର୍ଥ ହୁଏ।

ଦକ୍ଷତା: ସଫଳ ପ୍ରୟାସ ପାଇଁ ନିଜକୁ ଦକ୍ଷ କରିବାର ଆବଶ୍ୟକତା ଅଛି। ସେଥିପାଇଁ ସଂପୃକ୍ତ ବିଷୟରେ ଯଥେଷ୍ଟ ଜ୍ଞାନ ଆହରଣ କରିବା ଉଚିତ। ପ୍ରକୃତ ପକ୍ଷେ ଦକ୍ଷତା କେବଳ ମାତ୍ର ତୀକ୍ଷ୍ଣ ବୁଦ୍ଧି ନୁହେଁ, ଏହା ଧୀଶକ୍ତି, ନିରନ୍ତର ଶିକ୍ଷା ବା ଅନୁଭବ ଏବଂ କଠିନ କାର୍ଯ୍ୟର ସମ୍ମିଶ୍ରଣ। ତୀକ୍ଷ୍ଣ କାର୍ଯ୍ୟଧାରା ଦ୍ୱାରା ନିପୁଣତା ହାସଲ କରି ନୂଆ ନୂଆ ଜ୍ଞାନ ପ୍ରତି ସଜାଗ ରହିବା ସାମର୍ଥ୍ୟ ବା ଦକ୍ଷତା ଆଣିଥାଏ। ପ୍ରକୃତପକ୍ଷେ ଦକ୍ଷତା ଆବଶ୍ୟକ କରିଥାଏ ଚାଲୁ ରହିଥିବା ସମକାଳୀନ ଜ୍ଞାନ ଏବଂ ବିକାଶକୁ ଆପେଣାଇବାର ପ୍ରତିଶ୍ରୁତି। ଅର୍ଥାତ୍ ସର୍ବାଧୁନିକ ଟ୍ରେଣ୍ଡ, ଯାନ୍ତ୍ରିକ କୌଶଳ ଏବଂ ସବୁଠୁଁ ଉତ୍ତମ ଅଭ୍ୟାସ ସହିତ ନବୀନ ତମ ଅବସ୍ଥାରେ ରହିବା ଦକ୍ଷତା ପାଇଁ ଅପରିହାର୍ଯ୍ୟ।

ସହଭାଗିତା: ତୁମେ ଯେତେ ବୁଦ୍ଧିମାନ ହୁଅନା କାହିଁକି ଆଶା କରୁଥିବା ଫଳ ହାସଲ କରିବାକୁ ହେଲେ ଦଳଗତ ମନୋଭାବର ଆବଶ୍ୟକତା ରହିଛି। ସହଭାଗିତାରେ କାର୍ଯ୍ୟ କରିବାକୁ ସୁଦୃଢ଼ ସଂଗଠନ ପାଇଁ ବ୍ୟକ୍ତିଗତ ପ୍ରଚେଷ୍ଟା କରାଯିବା କଥା। ତାଳମେଳର ମ୍ୟାଜିକ୍ ହୃଦୟଙ୍ଗମ ସେତିକିବେଳେ କରିହେବ ଯେତେବେଳେ ତୁମେ ପରସ୍ପର ସହିତ ସହଯୋଗ କରି ଆଦାୟ କରୁଥିବା ଫଳ ବ୍ୟକ୍ତିଗତ ଭାବରେ ଆଦାୟ କରୁଥିବା ସମ୍ପୂର୍ଣ୍ଣ ଫଳଠାରୁ ଯଥେଷ୍ଟ ଅଧିକ ହୋଇଥିବାର ଦେଖିପାରିବ।

ଏକାଗ୍ରତା: ତୁମର ଧୀଶକ୍ତି ତୁମ ମନକୁ ବର୍ତ୍ତମାନର କାର୍ଯ୍ୟ ମଧ୍ୟରେ ନିବେଶ କରାଇବା ହିଁ ଏକାଗ୍ରତା। ଦୁର୍ବଳ ମାନସିକତା ମଣିଷର ମନକୁ ଅତୀତର ବ୍ୟସ୍ତତା ଏବଂ ଭବିଷ୍ୟତର ଉତ୍କଣ୍ଠା ଭଳି ଅଫଳପ୍ରଦ ବିଷୟ ମଧ୍ୟକୁ ଠେଲି ଦେଇଥାଏ, ଯାହାଫଳରେ ସକ୍ରିୟତାରେ ଅସୁବିଧା ହୋଇଥାଏ ଏବଂ ତୁମକୁ ଅସଫଳ ହେବାକୁ ପଡ଼େ। ଅପରପକ୍ଷରେ ଧୀଶକ୍ତି ସବଳ ଥିଲେ ତାହା ମନକୁ ବର୍ତ୍ତମାନର କାର୍ଯ୍ୟ କରିବା ଉପରେ ପ୍ରାଥମିକତା ଦେଇଥାଏ ଏବଂ ତା' ଦ୍ୱାରା ସଂପୃକ୍ତ କାର୍ଯ୍ୟଟି ଉତ୍ତମ ରୂପେ ସମ୍ପାଦିତ ହୋଇଥାଏ। ସୁତରାଂ ମନର ଏକାଗ୍ରତା ସର୍ବାଦୌ ଆବଶ୍ୟକ ଜଣେ ସଫଳ ଉଦ୍ୟୋଗୀ ପାଇଁ।

ଦୃଢ଼ତା: ତୁମର ଧୀଶକ୍ତିର ନିର୍ଦ୍ଦେଶନାରେ ସମସ୍ତ କାର୍ଯ୍ୟ କଳ୍ପିତ ଲକ୍ଷ୍ୟକୁ ଭେଦ କରିପାରେ। ଅପରପକ୍ଷରେ ଯଦି ଧୀଶକ୍ତି ଠିକ୍ ଭାବରେ ସତର୍କତା ଅବଲମ୍ବନ ନକରି ପାରେ ତେବେ ମନ ଠିକଣା ବାଟରୁ ବିଚ୍ୟୁତ ହୋଇଯାଏ। ଆଲୋକରଶ୍ମିକୁ ଉତ୍ତଳ ଯବକାଚ ଦ୍ୱାରା ଏକାଭିମୁଖୀ କରି କାଗଜରେ ନିଆଁ ଧରାଇଲା ଭଳି ମନ ଭିତରୁ ଉତ୍ପନ୍ନ ହେଉଥିବା ଧାରଣା ବା ବିଚାରକୁ ଏକ ଲକ୍ଷ୍ୟରେ କେନ୍ଦ୍ରୀଭୂତ କରିପାରିଲେ ତାହା ସଫଳତା ପାଇଁ ଅନମନୀୟ ଦୃଢ଼ତା ସାବ୍ୟସ୍ତ ହେବ। ମାନସିକ ଦୃଢ଼ତା ଅପରିହାର୍ଯ୍ୟ। ମାତ୍ର ଧୀରେ ଧୀରେ ହେଲେ ବି ତୁମେ ଲକ୍ଷ୍ୟଭେଦ କରିପାରିବ।

ସୁତରାଂ ମେଧାଶକ୍ତି କେବଳ ଯଥେଷ୍ଟ ନୁହେଁ ସାଫଲ୍ୟ ବିମଣ୍ଡିତ ହେବାକୁ। ତୁମ ମଧ୍ୟରେ ଥିବା ଅନ୍ତର୍ନିହିତ ଶକ୍ତିକୁ ଉନ୍ମୁକ୍ତ କରିବାକୁ ହେଲେ ଉପରୋକ୍ତ ଛଅଟି ମାନବୀୟ ଗୁଣକୁ ନିଜର କରିବା ଆବଶ୍ୟକ। ଅଧିକନ୍ତୁ ଅସାମାନ୍ୟ ସଫଳତା, ଆନନ୍ଦ ଏବଂ ବ୍ୟକ୍ତିଗତ ପ୍ରତିଷ୍ଠା ପାଇଁ ଏହିଗୁଡ଼ିକ ହିଁ ଚାବିକାଠି।

କଟକ, ମୋ: ୯୪୩୭୩୬୦୯୮୧

# ଆମ ବୃକ୍ଷଲତା ଆମ ଜୀବନ

**ସୌଭାଗ୍ୟସୁନ୍ଦର**

## ଲାଜକୁଳି ଲତା

ଲାଜକୁଳି ଲତା, ଯାହାକୁ ସମ୍ବେଦନଶୀଳ ଉଭିଦ କିମ୍ବା 'ମୋତେ ସ୍ପର୍ଶ କର ନାହିଁ' ଉଭିଦ ମଧ୍ୟ କୁହାଯାଏ, ସାଧାରଣତଃ ଅନାବାଦୀ ଜମି, ଚାଷ ଜମି ଏବଂ ରାସ୍ତାକଡ଼ରେ ଦେଖାଯାଏ। ଏହା କାରିବିଆନ ଏବଂ ଦକ୍ଷିଣ ଓ ମଧ୍ୟ ଆମେରିକାର ମୂଳ ଜାତ, କିନ୍ତୁ ବର୍ତ୍ତମାନ ଦକ୍ଷିଣ ଯୁକ୍ତରାଷ୍ଟ୍ର, ଦକ୍ଷିଣ ଏସିଆ, ପୂର୍ବ ଏସିଆ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଏବଂ ପଶ୍ଚିମ ଆଫ୍ରିକାରେ ଦେଖିବାକୁ ମିଳେ। ଲାଜକୁଳି ଲତା ଏକ କୌତୁହଳପୂର୍ଣ୍ଣ ଆକର୍ଷଣୀୟ ତୃଣ। ସ୍ପର୍ଶ କିମ୍ବା ହଲିବା ଦ୍ୱାରା ସମ୍ବେଦନଶୀଳ ପତ୍ରଗୁଡ଼ିକ ତତ୍‌କ୍ଷଣାତ ସଙ୍କୁଚିତ ହୋଇ ମୋଡ଼ିଯାଏ ଓ ଝୁଲିଯାଏ, କିଛିମିନିଟ୍ ପରେ ପୁଣି ଖୋଲିଯାଏ। ଏହି ପ୍ରତିଫଳନ ହୁଏତ ନିଜର ପ୍ରତିରକ୍ଷା ପାଇଁ ଏକ ପ୍ରାକୃତିକ ବ୍ୟବସ୍ଥା। ସାଧାରଣ ଅବସ୍ଥାରେ ପତ୍ରଗୁଡ଼ିକ ଅନ୍ଧାର ସମୟରେ ବନ୍ଦ ହୋଇଯାଏ ଏବଂ ଆଲୋକରେ ପୁଣି ଖୋଲିଯାଏ। ଏହାକୁ ପ୍ରଥମେ ଫରାସୀ ବୈଜ୍ଞାନିକ ଜିନ୍-ଜ୍ୟାକ୍ ଡି'ଅର୍ଟୋସ୍ ଅଧ୍ୟୟନ କରିଥିଲେ। ୟୁକେରେ ଏହାକୁ ରୟାଲ୍ ହର୍ଟିକଲ୍‌ଚରାଲ୍ ସୋସାଇଟିର ଉଦ୍ୟାନ ମେରିଟ୍ ପୁରସ୍କାର ମିଳିଛି।

ଲାଜକୁଳି ଲତା ଏକ ଦୁର୍ବଳ କାଣ୍ଡ ବିଶିଷ୍ଟ ତୃଣ। ପ୍ରାଥମିକ ଅବସ୍ଥାରେ କାଣ୍ଡ ସିଧା ହୋଇଥାଏ ଏବଂ ପରେ ପରେ ଭୂମି ଉପରେ ପତିତ ହୋଇ ସମାନ୍ତରାଳ ଭାବରେ ବ୍ୟାପିଥାଏ। କାଣ୍ଡ ଘନ କଣ୍ଟାଯୁକ୍ତ। ପତ୍ରର ଡେମ୍ଫ ମଧ୍ୟ କଣ୍ଟାଯୁକ୍ତ। ପୁଷ୍ପଗୁଚ୍ଛ ଏକ ଗୋଲାକାର ବା ଅଣ୍ଡାକାର ୮-୧୦ ମିମି ବ୍ୟାସରେ ଅନେକ ଫିକା ଗୋଲାପୀ କିମ୍ବା ବାଇଗଣୀ ଫୁଲ ଧାରଣ କରିଥାଏ। ଫୁଲଗୁଡ଼ିକ ବହୁତ ଭଙ୍ଗୁର ଓ ନରମ। ଗୋଟିଏ ଦିନରୁ କମ୍ ସମୟ ପାଇଁ ତିଷ୍ଠି ରହନ୍ତି। ପ୍ରତି ଫଳ ଦୁଇରୁ ପାଞ୍ଚ ଖଣ୍ଡରେ ଭାଙ୍ଗିଯାଏ ଏବଂ ପ୍ରାୟ ୨.୫ ମିମି ଲମ୍ବା ଫିକା ବାଦାମୀ ବିହନ ବହନ କରିଥାଏ।

## ପ୍ରକୃତି-ପରିବେଶ

ଭାରତରେ ଏହି ଉଭିଦର ପ୍ରତ୍ୟେକ ଅଂଶ ବିଭିନ୍ନ ରୋଗର ଚିକିତ୍ସା ପାଇଁ ଆୟୁର୍ବେଦ, ସିଦ୍ଧ ଏବଂ ୟୁନାନି ଔଷଧରେ ବ୍ୟବହାର କରାଯାଏ। ସମ୍ପୂର୍ଣ୍ଣ ଉଭିଦଟି ବାତ, ଗୋଡ଼ ଯନ୍ତ୍ରଣା, କର୍କଟ, ଏକ୍‌ଜିମା, ମଳକଣ୍ଟକ, ପତଳା ଝାଡ଼ା, ଅନ୍ତନଳୀ କୃମି, ଅବସାଦ, ମାଂସପେଶୀ ଯନ୍ତ୍ରଣା ଏବଂ ଏଲିଫାଣ୍ଟିଆସିସ ବା ହାତୀଆ ରୋଗ, ଅନିଦ୍ରା, ଅଣ୍ଡକୋଷର ଚିକିତ୍ସା ପାଇଁ ବ୍ୟବହୃତ ହୁଏ। ଋତୁସ୍ରାବ ସମସ୍ୟା, ସଂକ୍ରମଣ, ଦାନ୍ତବିନ୍ଧା, ଡାଇରିଆ, ବସନ୍ତ, ଜ୍ୱର, ଅଲସର, କାମଳ, ରକ୍ତସ୍ରାବ, ଶ୍ୱାସ, ଯକୃତ, ଫିଷ୍ଟୁଲା ଏବଂ ଲ୍ୟୁକୋଡର୍ମା ଚିକିତ୍ସା, ଗର୍ଭାଶୟ ପ୍ରବାହର ଚିକିତ୍ସା, ସାପ ଓ ବିଛା କାମୁଡ଼ା ପାଇଁ ପ୍ରତିଷେଧକ ଭାବେଁ ଏହି ତୃଣ ବ୍ୟବହାର କରାଯାଏ। ପତ୍ରଗୁଡ଼ିକ କାଢ଼ା ଭାବରେ କିମ୍ବା ପେଷ୍ଟ ଭାବରେ ବ୍ୟବହୃତ ହୁଏ। ଏହା ଏହାର ଆଣ୍ଟି-ମାଇକ୍ରୋବାଏଲ୍, ଆଣ୍ଟି-ଫଙ୍ଗାଲ୍, ଆଣ୍ଟି-ଭାଇରାଲ୍ ଗୁଣ ଏବଂ ଆଣ୍ଟି-ମମ୍ପ (ଗାଲ ମୁହଁ ଫୁଲା) କାର୍ଯ୍ୟକଳାପ, ଆଣ୍ଟି-କନଭାଲ୍ସାଣ୍ଟ (ମାଂସ ପେଶୀ ସ୍ୱତଃ ସଙ୍କୋଚନ) ଗୁଣ ପାଇଁ ପ୍ରମାଣିତ ହୋଇଛି। ଏହା ଲିପିଡ୍ ସ୍ତରକୁ ହ୍ରାସ କରେ। ମୂଳକୁ ପାରମ୍ପରିକ ଭାବରେ କାମୋଦ୍ଦୀପକ ଭାବରେ ବ୍ୟବହାର କରାଯାଏ। ଏହାର ପ୍ରଜନନ-ବିରୋଧୀ ଗୁଣ ଥିବାରୁ ଗର୍ଭାବସ୍ଥାରେ ଏହାର ସେବନ ନିଷେଧ। ଉଭିଦର ମୂଳର ରସ ନାଗ ସାପର ବିଷର ମାରାତ୍ମକ ତାକୁ ଲାଘବ କରେ। ଏହି ତୃଣରେ ଫ୍ଲାଭୋନଏଡ୍ସ, ଗ୍ଲାଇକୋସାଇଡ୍ସ, ଟେର୍ପେନୋଏଡ୍ସ, ଆଲକାଲଏଡ୍ସ, କୁମାରିନ୍ସ, ସାପୋନିନ୍ସ, ଟାନିନ୍ସ, ଫେନୋଲ୍ସ, କୁଇନାଇନ୍ସ, ଫ୍ୟାଟି ଏସିଡ୍ସ, ଗ୍ଲାଇକୋସାଇଡ୍ସ, ଅତ୍ୟାବଶ୍ୟକ ତେଲ, ଟାନିନ୍ସ, ଆମିନୋ ଏସିଡ୍ସ, ଆଲକାଲଏଡ୍ସ, ଫାଇଟୋଷ୍ଟେରୋଲ୍, ମିମୋସିନ୍, ଜାସମୋନିକ୍ ଏସିଡ୍, ବେଟୁଲିନିକ୍ ଏସିଡ୍, ଷ୍ଟିଗମାଷ୍ଟେରୋଲ୍, ବିଟା-ସିଟୋଷ୍ଟେରୋଲ୍, ୨-ହାଇଡ୍ରକ୍ସିମିଥାଇଲ୍-କ୍ରୋମାନ୍-୪-ୱାନ୍, ଡାଇମିଥାଇଲ୍ ଆମୋନିୟମ୍ ଲବଣ ଏବଂ ମିମୋପୁଡିନ୍ ରହିଛି।

ଏହାକୁ ଅଷ୍ଟ୍ରେଲିଆର କିଛି ଅଂଶରେ ଆକ୍ରମଣାତ୍ମକ ତୃଣ ଭାବରେ ବିବେଚନା କରାଯା। ମକା, ନଡ଼ିଆ, ଟମାଟୋ, କପା, କଫି, କଦଳୀ, ସୋୟାବିନ୍, ପପେଇ ଏବଂ ଆଖୁ ଆଦି ଫସଲ ଲାଜକୁଳି ତୃଣ ଦ୍ୱାରା ପ୍ରଭାବିତ ହୋଇଥାଏ। ଲାଜକୁଳି ପ୍ରଦୂଷିତ ମାଟିରୁ ତମ୍ବା, ସୀସା, ଟିନ୍ ଏବଂ ଜିଙ୍କ ଭଳି ଭାରୀ ଧାତୁ ଶୋଷଣ କରେ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୂର୍ଣ୍ଣ ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଫସଲ ବୀମା ଯୋଜନାରେ ବ୍ୟାପକ ବାଟମାରଣା

ଭୁବନେଶ୍ୱର,୨୭।୭(ସମିସ): ପୂର୍ବ ପ୍ରଚଳିତ ରାଷ୍ଟ୍ରୀୟ କୃଷି ବୀମା ଯୋଜନାକୁ ପରିବର୍ତ୍ତନ କରି ୨୦୧୬ରୁ ବିଜେପି ଦଳ ଓ ଘରୋଇ ବୀମା କମ୍ପାନୀଙ୍କ ଫାଇଦା ପାଇଁ 'ପ୍ରଧାନମନ୍ତ୍ରୀ ଫସଲ ବୀମା' ଯୋଜନା କାର୍ଯ୍ୟକାରି ହୋଇ ଆସୁଛି। ଦେଶର ପ୍ରାୟ ୧୪କୋଟି ଚାଷୀଙ୍କ ମଧ୍ୟରୁ ୫ କୋଟି ଚାଷୀ

- ତଦନ୍ତ ପାଇଁ ଦାବି କଲା କିଷାନ କଂଗ୍ରେସ
- ପଞ୍ଜୀକରଣ ଅବଧି ୧୫ ପର୍ଯ୍ୟନ୍ତ ବୃଦ୍ଧି

ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ଗତ ୯ ବର୍ଷ ମଧ୍ୟରେ ଫସଲ କ୍ଷତିରେ ଚାଷୀ ବୀମା ସହାୟତା ରାଶି ପାଇବା ତ ଦୂରର କଥା, ସେମାନଙ୍କ ସଂଗୃହୀତ ମୋଟ ପ୍ରିମିୟମ ରାଶି ୨ଲକ୍ଷ ୩ ହଜାର ୬ଶହ କୋଟି ଟଙ୍କାରୁ ଘରୋଇ କମ୍ପାନୀମାନେ ୧ଲକ୍ଷ ୧୦୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଫାଇଦା ଉଠାଇଛନ୍ତି ବୋଲି କିଷାନ କଂଗ୍ରେସ କହିଛି।

ସେହିପରି ଓଡ଼ିଶାରେ ଗତ ୯ ବର୍ଷ ମଧ୍ୟରେ ୫୩ ଲକ୍ଷ ଚାଷୀଙ୍କ ମଧ୍ୟରୁ ପ୍ରାୟ ୨୨ ଲକ୍ଷ ଋଣି ଓ ଅଣଋଣୀ ଚାଷୀଙ୍କ ପ୍ରାୟ ୧୨ ହଜାର ୧୦୦ କୋଟି ଟଙ୍କା ପ୍ରିମିୟମରୁ ୫ ହଜାର କୋଟି ଟଙ୍କା କମ୍ପାନୀ ଓ ସରକାରର ଫାଇଦା ଉଠାଯାଇଛି। ପୂର୍ବରୁ ସରକାରଙ୍କ କର୍ତ୍ତୃତ୍ୱାଧୀନ ବୀମା କମ୍ପାନୀ ଚାଷୀଙ୍କୁ ପ୍ରକୃତ କ୍ଷତିପୂରଣ ଦେଉଥିଲେ। କିନ୍ତୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା କାର୍ଯ୍ୟକାରୀ ହେବାଠାରୁ ଚାଷୀ ଲାଭବାନ ହେବା ପରିବର୍ତ୍ତେ ସରକାର ଓ ଘରୋଇ କମ୍ପାନୀମାନେ ଲାଭଖୋର ପାଲଟିଛନ୍ତି ଏବଂ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବାର ଜରୁରୀ ଆବଶ୍ୟକତା ରହିଛି ବୋଲି ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ଦାବି କରିଛନ୍ତି।

ଚଳିତବର୍ଷ ବୀମା ପଞ୍ଜୀକରଣ ପାଇଁ ଜୁଲାଇ ୩୧ ତାରିଖ ଯେଉଁ ସମୟସୀମା ରଖାଯାଇଛି, ତୁରନ୍ତ ଏହାର ପରିବର୍ତ୍ତନ କରି ବୀମା ପଞ୍ଜିକରଣ ଅଗଷ୍ଟ ୧୫ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ସେ ଦାବି କରିଛନ୍ତି। ଗ୍ରାମ ପଞ୍ଚାୟତ ପରିବର୍ତ୍ତେ ପ୍ରତି ରାଜସ୍ୱଗ୍ରାମକୁ ଏକକ ଫସଲବୀମା ୟୁନିଟ ଭାବେ ଘୋଷଣା ଓ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ସମ୍ବନ୍ଧୀୟ ଅଭିଯୋଗର ସମାଧାନ ପାଇଁ ସର୍ତ୍ତାବଳୀରେ ସ୍ୱତନ୍ତ୍ର ନିୟମ ଉଲ୍ଲେଖ କରିବାକୁ ଶ୍ରୀ ପଟ୍ଟନାୟକ ଦୃଢ଼ ଦାବି କରିଛନ୍ତି। ପ୍ରକାଶଥାଉକି ଚଳିତମାସ ୧୧ ତାରିଖ ଦିନ ଲୋକସଭାର ବିରୋଧି ଦଳ ନେତା ରାହୁଲ ଗାନ୍ଧୀ ସମ୍ବିଧାନ ବଞ୍ଚାଓ ସମାବେଶରେ ଯୋଗଦେବା ଅବସରରେ ଗଞ୍ଜାମ ଜିଲ୍ଲାର ଚାଷୀଙ୍କଠାରୁ ବୀମା ସମ୍ବନ୍ଧୀୟ ତଥ୍ୟ ଜାଣିବାପରେ ସରକାର ଓ ବୀମା କମ୍ପାନୀମାନେ ଯେପରି ଚାଷୀଙ୍କୁ ଲୁଟିଛନ୍ତି ଏହା ଏକ ଜ୍ୱଳନ୍ତ ଉଦାହରଣ ବୋଲି ଅନୁଭବ କରିଥିଲେ। ତେଣୁ ଏହି ସମ୍ବନ୍ଧୀୟ ତଥ୍ୟାବଳୀକୁ ସଂଗ୍ରହ କରାଯାଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଲୋକସଭାର ବିରୋଧି ଦଳ ନେତା ରାହୁଲ ଗାନ୍ଧୀଙ୍କୁ ପୁନଶ୍ଚ ଅବଗତ କରାଯିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

## ୨୮ ରେ ନୂଆଖାଇ ଲଗ୍ନ

ବଲାଙ୍ଗିର,୨୭।୭(ସମିସ): ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ପାଇଁ ବଲାଙ୍ଗିରରେ ରବିବାର ଲଗ୍ନ ଧାର୍ଯ୍ୟ କରାଯାଇଛି। ଆସନ୍ତା ଅଗଷ୍ଟ ୨୮ ତାରିଖ ଦିନ ନୂଆଖାଇ ପର୍ବ ପାଳନ କରାଯିବ ବୋଲି ସୂଚନା ମିଳିଛି। ବଲାଙ୍ଗିର ଜିଲ୍ଲାର ଜ୍ୟୋତିଷ ପଣ୍ଡିତ ମହାସଭା ନବାନ୍ନ ଲଗ୍ନ ନିର୍ଣ୍ଣାୟକ କମିଟି ଦ୍ୱାରା ପୂର୍ବତନ ପାଟଣା ରାଜ୍ୟ ତଥା ମହାରାଜାଙ୍କ ଇଷ୍ଟଦେବୀ ପାଟେଶ୍ୱରୀ ଓ ଦେବୀ ସମଲେଶ୍ୱରୀଙ୍କ ରାଶି ନକ୍ଷତ୍ର ଓ ପରମ୍ପରା ଅନୁଯାୟୀ ଏହି ଲଗ୍ନ ସ୍ଥିର ହୋଇଥାଏ। ତେବେ ଚଳିତବର୍ଷ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଗୁରୁବାର ତୁଳା ଲଗ୍ନରେ ମାହେନ୍ଦ୍ର ବେଳା ସକାଳ ୯ ଘଣ୍ଟା ୪୭ ମିନିଟ୍‌ରୁ ୧୧ ଘଣ୍ଟା ୧୧ ମିନିଟ ମଧ୍ୟରେ ବଲାଙ୍ଗିର ଜିଲ୍ଲାରେ ନବାନ୍ନ ଭକ୍ଷଣ କରାଯିବ ବୋଲି ଉକ୍ତ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ଲଗ୍ନ ଅନୁସାରେ ଜିଲ୍ଲାବାସୀ ନିଜନିଜ ଇଷ୍ଟଦେବୀଙ୍କୁ ନବାନ୍ନ ଲାଗି କରିବାପରେ ସପରିବାର ମିଶି ନୂଆ ଖାଇବେ। ରବିବାର ବଲାଙ୍ଗିର ଶୈଳଶ୍ରୀ ପ୍ୟାଲେସ୍‌ଠାରେ ରାଜପୁରୋହିତ ସନ୍ତୋଷ ଦାଶ ରବିବାର ନୂଆଖାଇ ଲଗ୍ନ ନେଇ ଗଣମାଧ୍ୟମକୁ ସୂଚନା ଦେଇଥିଲେ।

## କୃଷି-ପ୍ରଯୁକ୍ତିକୁ ପ୍ରୋତ୍ସାହିତ କରିବାକୁ ରାଜ୍ୟସ୍ତରୀୟ କର୍ମଶାଳା

ଭୁବନେଶ୍ୱର,୨୭।୭(ସମିସ): କୃଷି ବିଭାଗ ସହଭାଗିତାରେ 'ସୋସିଆଲ ଆଲ୍‌ଫା' ପକ୍ଷରୁ "ଓଡ଼ିଶାରେ କୃଷି-ପ୍ରଯୁକ୍ତିକୁ ପ୍ରୋତ୍ସାହିତ କରିବା' ଉପରେ ଏକ ରାଜ୍ୟସ୍ତରୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶାଳାରେ ପ୍ରଦର୍ଶିତ ପ୍ରଯୁକ୍ତିବିଦ୍ୟା ସହିତ ଚାଷୀମାନେ ଉଦ୍ଭାବନକୁ ବ୍ୟବହାର କରାଯାଇଥିଲା। ଏହି ଅବସରରେ ସୋସିଆଲ ଆଲଫା ପୂର୍ବ ଜୋନ୍‌ର ନିର୍ଦ୍ଦେଶକ ଅୟାନ୍ ଦେବ କହିଲେ, ଗତ ଚାରି ବର୍ଷ ମଧ୍ୟରେ, ସୋସିଆଲ ଆଲଫା ଏବଂ ଏହାର ଅଂଶୀଦାରମାନେ ସମଗ୍ର ଓଡ଼ିଶାରେ ୧୭ଟି କୃଷି-ପ୍ରଯୁକ୍ତିବିଦ୍ୟା ସମାଧାନ ପାଇଲଟ୍ ପ୍ରକଳ୍ପ କରିଛନ୍ତି। ଏହା ୭ହଜାରରୁ ଊର୍ଦ୍ଧ୍ୱ ଗ୍ରାମୀଣ ପରିବାର ପାଖରେ ପହଞ୍ଚିପାରିଛି। ବିଭାଗୀୟ ଅତିରିକ୍ତ ସଚିବ ଶୁଭ୍ରାଂଶୁ ମିଶ୍ର, ପ୍ରଯୁକ୍ତିବିଦ୍ୟା ପ୍ରତି ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ଡକ୍ଟର ଉମାଶଙ୍କର ପାଲ ନବସୃଜନ ପାଇଁ ଆବଶ୍ୟକ ମୌଳିକ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ଉପନିର୍ଦ୍ଦେଶକ ସଂଗ୍ରାମ କେଶରୀ ପଟ୍ଟନାୟକ, ରାଜ୍ୟସ୍ତରୀୟ ଫାର୍ମ ମେସିନାରୀ ତାଲିମ ଏବଂ ପରୀକ୍ଷଣ କେନ୍ଦ୍ରର ନିର୍ଦ୍ଦେଶକ ଦେବବ୍ରତ ଶତପଥୀ କୃଷି ମୂଲ୍ୟ ଶୃଙ୍ଖଳରେ ଇଞ୍ଜିନିୟରିଂ ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। କର୍ମଶାଳାରେ ପାଞ୍ଚଟି କୃଷି-ପ୍ରଯୁକ୍ତିବିଦ୍ୟା ଷ୍ଟାର୍ଟଅପ୍ ପ୍ରଦର୍ଶିତ ହୋଇଥିଲା।

## ଶ୍ରୀଜଗନ୍ନାଥଙ୍କ ଉପରେ ଆଉ ଏକ ସିନେମା ନିର୍ମାଣ ହେବ

ଭୁବନେଶ୍ୱର,୨୭।୭(ସମିସ):'ଶ୍ରୀଜଗନ୍ନାଥଙ୍କ ନବକଳେବର'ର ସଫଳତା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ଆଉ ଏକ ସିନେମା ନିର୍ମାଣର ଯୋଜନା ହୋଇଛି। ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ଲୋକକଥାକୁ ନେଇ ନିର୍ମିତ ହେବାକୁ ଥିବା ଏହି ଚଳଚ୍ଚିତ୍ରର ନାମ 'ମାଳତୀ' ରଖାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ମିଳିଛି।

ଏହି ଫିଲ୍ମର ପ୍ରଯୋଜକ ପୁରୀର। 'ଶ୍ରୀଜଗନ୍ନାଥଙ୍କ ନବକଳେବର' ସିନେମା ପାଇଁ ପ୍ରେରଣା ଦେଇଥିବା ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କର ଆଶୀର୍ବାଦ ଭିକ୍ଷା କରିବା ସହିତ ତାଙ୍କର ଆଗାମୀ ଫିଲ୍ମ ପାଇଁ ଗୁରୁଜୀ ଗୋଟିଏ ଗୀତ ଲେଖିବାକୁ ମଧ୍ୟ ସେ ଅନୁରୋଧ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ 'ଶ୍ରୀଜଗନ୍ନାଥଙ୍କ ନବକଳେବର' ବିପୁଳ ସଫଳତା ଲାଭ କରିବା ପଛରେ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ପ୍ରେରଣା ଓ ଆଶୀର୍ବାଦ ରହିଥିବା ଏହାର ନିର୍ଦ୍ଦେଶକ ତଥା ପ୍ରଯୋଜକ ବିନି ସାମଲ ଗଣମାଧ୍ୟମକୁ କହିଥିଲେ।

ଏ ସମ୍ପର୍କରେ ଗୁରୁଜୀଙ୍କ ପ୍ରତିକ୍ରିୟା ଲୋଡ଼ାଯିବାରେ ସେ କହିଛନ୍ତି ଯେ ଜଗନ୍ନାଥ ତତ୍ତ୍ୱ, ସଂସ୍କୃତି, ଓଡ଼ିଶାର ଇତିହାସ ଏବଂ ଅସ୍ମିତା ଉପରେ କୌଣସି ବି କାର୍ଯ୍ୟ ତାଙ୍କୁ ଭଲ ଲାଗେ। 'ଶ୍ରୀଜଗନ୍ନାଥଙ୍କ ନବକଳେବର' ସିନେମାଟି ଏହା ଉପରେ ଆଧାରିତ ହୋଇଥିବାରୁ ସେ ଏଥିରେ ସଂଶ୍ଳିଷ୍ଟ ହେଲେ। ଏଭଳି ମୁଭି ତାଙ୍କର ପସନ୍ଦ ବୋଲି ଗୁରୁଜୀ କହିଛନ୍ତି।

### ହନୁମାନ ପଇସା ନାମରେ ଠକେଇ

## ୧୫ ଲକ୍ଷ ଠକେଇ ଅଭିଯୋଗରେ ୪ ଗିରଫ



**ନଗଦ ଟଙ୍କା ଓ ଦୁଇ ଚାରିଚକିଆ ଗାଡ଼ି ଜବତ**

ବଲାଙ୍ଗିର/ଟିଟିଲାଗଡ଼,୨୭।୭(ସମିସ): ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଅଞ୍ଚଳରେ ହନୁମାନ ପଇସା ନାମରେ ଠକେଇ ଘଟଣାର ପର୍ଦ୍ଦାଫାଶ କରିଛି ଟିଟିଲାଗଡ଼ ପୁଲିସ। ହନୁମାନ ପଇସା ବାବଦକୁ ପ୍ରାୟ ୧୫ ଲକ୍ଷ ଟଙ୍କା ଠକେଇ ଅଭିଯୋଗ ହୋଇଥିବାବେଳେ ଏହି ମାମଲାରେ ପୁଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛି। କମ୍ ପରିଶ୍ରମ ଓ ଶୀଘ୍ର ଧନୀ ହେବା ନିଶା ବଲାଙ୍ଗିର ଜିଲ୍ଲାରେ ଅନେକଙ୍କୁ ଘାରିଛି। କିଏ ଜୁଆ, କିଏ ସଟ୍ଟା ତ କିଏ ବେଆଇନ କାରବାର କରି ଟଙ୍କା ଆୟ କରୁଥିବା ଦେଖିବାକୁ ମିଳିଥାଏ। କିନ୍ତୁ ଜିଲ୍ଲାରେ ଏବେ ଗୁପ୍ତଧନ ଓ ହନୁମାନ ପଇସା କାରବାର ଜୋର୍‌ସୋର୍‌ରେ ଚାଲିଥିବା ଅଭିଯୋଗ ହୋଇଛି।

ସୂଚନା ଅନୁସାରେ ରବିବାର କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ଥାନା ଅଧୀନ ଖଜୁରୀଗୁଡ଼ା ଗାଁର ଦୀନବନ୍ଧୁ ଗଡ଼ିଆଙ୍କୁ ଟିଟିଲାଗଡ଼ର ଟଙ୍କଧର ପଟେଲ ହନୁମାନ ପଇସା କାରବାର ବିଷୟରେ କହି ତାଙ୍କୁ ଅଧିକ ଟଙ୍କା ଦେବା ପାଇଁ ଲୋଭ ଦେଖାଇଥିଲେ। ଫଳରେ ଦୀନବନ୍ଧୁ ପର୍ଯ୍ୟାୟକ୍ରମେ ୧୫ ଲକ୍ଷ ଟଙ୍କା ଦେଇଥିଲେ। କିନ୍ତୁ ଦୀର୍ଘ ୮ ମାସ ଧରି ଉକ୍ତ ଟଙ୍କା କିମ୍ବା ସେ କହିଥିବା ଟଙ୍କାକୁ ନଦେବାରୁ ବାରମ୍ବାର ପଇସା ପାଇଁ କହିଥିଲେ। କିନ୍ତୁ ଦୀନବନ୍ଧୁ ଟଙ୍କା ଦେଇନଥିଲେ। ଶେଷରେ ୨୫ ତାରିଖରେ ଟଙ୍କା ଦେବାକୁ କହି ଦୀନବନ୍ଧୁଙ୍କୁ ଡ଼କାଇଥିଲେ। କିନ୍ତୁ ସେ ଟଙ୍କା ଦେବା ବଦଳରେ ଟଙ୍କଧର ନିଜ ସମ୍ପର୍କୀୟ ହରିଶ ପଟେଲ, ସତ୍ୟ ନାରାୟଣ କୁମ୍ଭାରଙ୍କ ସହ ମିଶି ଗାଳିଗୁଲଜ କରିଥିଲେ। ସେଠାରୁ ସେ ଖସି ଆସି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁକରି ତଦନ୍ତ କରିଥିବା ବେଳେ ଚାରି ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ ମାନେ ହେଲେ ଟିଟଲାଗଡ଼ର ଟଙ୍କଧର ପଟେଲ, ସୋନପୁର ଥନାପତିପଡ଼ାର ଗିରି ଗୋବର୍ଦ୍ଧନ ଥନାପତି, ମୁରିବାହଲ ଥାନା ଲଖନା ଗାଁର ହରିଶ ପଟେଲ ଓ ସିକପତ୍ରାପାଲି ଗାଁର ସତ୍ୟନାରାୟଣ କୁମ୍ଭାର। ଅଭିଯୁକ୍ତଙ୍କ ପକ୍ଷରୁ ୧୪ ଲକ୍ଷ ୪୭ ହଜାର ଟଙ୍କା, ଏକ ସ୍କର୍ପିଓ ଗାଡ଼ି, ଏକ ବୋଲେରୋ ପ୍ଲସ୍ ଗାଡ଼ି ସହ ମୋବାଇଲ ଜବତ କରିଥିବା ପୁଲିସ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛି। ଏହି ସାମ୍ବାଦିକ ସମ୍ମିଳନୀ ରେ ଏସ ଯଶୋବନ୍ତ ପ୍ରଧାନି ଉପସ୍ଥିତ ଥିଲେ।

### ବୁଢ଼ାବଳଙ୍ଗ ଓ ଜଳକା ନଦୀ ଉପରେ ନଜର

## ବନ୍ୟା ସ୍ଥିତି ସମୀକ୍ଷା କଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ

ସମ୍ବଲପୁର, ୨୭।୭ (ସମିସ): ବର୍ତ୍ତମାନ ବାଲେଶ୍ୱର ଜିଲ୍ଲାର ସ୍ଥିତି ଚିନ୍ତାଜନକ ରହିଛି। ବୁଢ଼ାବଳଙ୍ଗ ଓ ଜଳକା ନଦୀ ଉପରେ ନଜର ରହିଛି। ବାଲେଶ୍ୱର ଜିଲ୍ଲାରେ ବିପଦ ସଂକେତ ୧ ମିଟର ଉପରେ ପାଣି ପ୍ରବାହିତ ହେବା ଆଶଙ୍କା ରହିଛି। ବାଲେଶ୍ୱର ଜିଲ୍ଲାପାଳଙ୍କୁ ସୂର୍ଯ୍ୟାସ୍ତ ପୂର୍ବରୁ ବନ୍ୟା ପ୍ରଭାବିତ ଆଶଙ୍କା ଥିବା ଲୋକଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ରାଜ୍ୟରେ ବାଲେଶ୍ୱର ବ୍ୟତୀତ ଅନ୍ୟ ଜିଲ୍ଲାରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବାବେଳେ ବନ୍ୟା ପ୍ରଭାବିତ ଲୋକଙ୍କ ଜୀବନ ସୁରକ୍ଷିତ ରଖିବା ରାଜ୍ୟ ସରକାରଙ୍କ ପ୍ରାଥମିକ ଦାୟିତ୍ୱ ବୋଲି ସେ ସୂଚନା ଦେଇଛନ୍ତି। ରବିବାର ମଧ୍ୟାହ୍ନରେ ସମ୍ବଲପୁର ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ଓସ୍ୱାନ୍ ହଲ୍‌ରେ ମନ୍ତ୍ରୀ ଶ୍ରୀ ପୂଜାରୀ ଭିଡିଓ କନଫରେନ୍ସିଂ ଜରିଆରେ ସାରା ରାଜ୍ୟର ବନ୍ୟା ସ୍ଥିତି ସମୀକ୍ଷା କରିଥିଲେ। ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବ (ଏସ୍‌ଆରସି) ଓ ବନ୍ୟା ପ୍ରଭାବିତ ଜିଲ୍ଲାର ଜିଲ୍ଲାପାଳମାନେ ସ୍ଥିତି ସମ୍ପର୍କରେ ଅବଗତ କରିଥିଲେ।

ସମୀକ୍ଷା ପରେ ଶ୍ରୀ ପୂଜାରୀ କହିଛନ୍ତି, ପାଣିପାଗ ବିଭାଗର ଆକଳନ ଅନୁସାରେ ମୟୂରଭଞ୍ଜ ଓ କେଉଁଝରର ଦୁଇଟି ଜିଲ୍ଲା ରେଡ୍ ଆଲର୍ଟରେ ଥିଲା ହେଲେ ତାହା ବର୍ତ୍ତମାନ ବିପଦମୁକ୍ତ ରହିଛି। ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା ଜଳ ପତ୍ତନ କମିବା ଆରମ୍ଭ ହେଲାଣି। ରିଲିଫ୍ କେନ୍ଦ୍ରରୁ ଲୋକେ ଫେରିବା ଆରମ୍ଭ କଲେଣି। ଏହି ଜିଲ୍ଲା ଗୁଡ଼ିକର କ୍ଷୟକ୍ଷତି ଆକଳନ କରାଯିବ ଏବଂ ତୁରନ୍ତ ପ୍ରଦାନ ବ୍ୟବସ୍ଥା କରାଯିବ। ବୈତରଣୀ ନଦୀର ଜଳ ପତ୍ତନ ମଧ୍ୟ କମିବାରେ ଲାଗିଛି। ସେହିପରି ଭଦ୍ରକ ଓ ଯାଜପୁର ଜିଲ୍ଲାରେ ମଧ୍ୟ ଲୋକେ ରିଲିଫ୍ କେନ୍ଦ୍ରରୁ ଘରକୁ ଫେରିଲେଣି ବୋଲି ସେ କହିଛନ୍ତି। ସମସ୍ତ ପ୍ରଭାବିତ




ଜିଲ୍ଲାର ରିଲିଫ୍ କେନ୍ଦ୍ର ଗୁଡ଼ିକରେ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ଦିଆଯିବା ଜାରି ରହିବ।

ବାଲେଶ୍ୱର ଜିଲ୍ଲାର ବୁଢ଼ାବଳଙ୍ଗ ଓ ଜଳକା ନଦୀ ଉପରେ ନଜର ରହିଛି। ଏଠାକାର ଅଗ୍ନିଶମ ବାହିନୀ, ଏନ୍‌ଡିଆର୍‌ଏଫ୍ ଓ ଓଡିଆର୍‌ଏଫ୍ ବାହିନୀଙ୍କୁ ସଜାଗ ରଖାଯାଇଚି। ସମ୍ଭାବ୍ୟ ବନ୍ୟା ଦୃଷ୍ଟିରୁ ପ୍ରଭାବିତ ଅଞ୍ଚଳର ଲୋକଙ୍କୁ ସୂର୍ଯ୍ୟାସ୍ତ ପୂର୍ବରୁ ବିଭିନ୍ନ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଠାରେ ପୃଥକ୍ ଭାବେ ମହିଳା ଓ ପୁରୁଷଙ୍କ ରହିବା ସୁବିଧା ସହ ଅନ୍ୟ ବ୍ୟବସ୍ଥା କରାଯାଇଛି। ବନ୍ୟା ପାଣି କମିଯିବା ପରେ ଉପୁଜୁଥିବା ସାପ ଭୟକୁ ଦୂର କରିବା ପାଇଁ ଡାକ୍ତରଖାନାରେ ଯଥେଷ୍ଟ ପରିମାଣର ଔଷଧ ମହଜୁଦ ରଖିବା, ଏକ ଘଣ୍ଟା ମଧ୍ୟରେ ସାପ କାମୁଡ଼ା ପୀଡ଼ିତଙ୍କ ନିକଟରେ ଔଷଧ ପହଞ୍ଚାଇବା, ସ୍ୱାସ୍ଥ୍ୟସେବୀଙ୍କ ସଂଖ୍ୟା ବୃଦ୍ଧି, ପାନୀୟ ଜଳକୁ ବ୍ୟବହାର ଉପଯୋଗୀ କରିବା ଏବଂ ବନ୍ୟାଞ୍ଚଳର ସମସ୍ତ ଜଳ ଉତ୍ସଗୁଡ଼ିକୁ ବିଶୋଧନ କରିବା ଉପରେ ମନ୍ତ୍ରୀ ଶ୍ରୀ ପୂଜାରୀ ଗୁରୁତ୍ୱାରୋପ କରିଛନ୍ତି। ଆସନ୍ତାକାଲି ଶ୍ରାବଣ ସୋମବାର ଥିବାରୁ ପ୍ରଭାବିତ ଅଞ୍ଚଳରେ ପରିଦର୍ଶନ କରୁଥିବା କାଉଡ଼ିଆମାନେ ଯାତ୍ରୁସ୍ୟାତ୍ରୁ ପାଣି ନ ପିଇବାକୁ ସେ ପରାମର୍ଶ ଦେଇଛନ୍ତି। ଆଭାସୀ ସମୀକ୍ଷା ବୈଠକରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଜରୁରୀକାଳୀନ ଅଧିକାରୀ ନୂତନ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବନ୍ୟା ଭୟରେ...

ବନ୍ୟା ପରିସ୍ଥିତି ଯୋଗୁଁ ଅତିରିକ୍ତ ରିଲିଫ୍ କମିଶନର ମନୀଷ ଅଗ୍ରୱାଲଙ୍କୁ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାକୁ ବନ୍ୟାଞ୍ଚଳରେ ପୁନରୁଦ୍ଧାର ଓ ରିଲିଫ୍ କାର୍ଯ୍ୟର ତଦାରଖ କାର୍ଯ୍ୟ ପାଇଁ ପଠାଯାଇଛି।

ରବିବାର ସନ୍ଧ୍ୟା ୬ ଟା ବେଳେ ବୈତରଣୀ ନଦୀର ଆନନ୍ଦପୁରଠାରେ ଜଳସ୍ତର ୩୬.୨୪ ମିଟର ରହିଛି। ଏଠାରେ ବିପଦ ସଂକେତ ସ୍ତର ୩୮.୩୬ ମିଟର ରହିଛି। ଆଖୁଆପଦାଠାରେ ବିପଦ ସଂକେତସ୍ତର ୧୮. ୩୩ ମିଟର ରହିଥିବା ବେଳେ ଜଳସ୍ତର ୧୭.୬୬ ମିଟର ରହିଛି। ଜଳକା ନଦୀରେ ମଥାନୀଠାରେ ବିପଦ ସଙ୍କେତ ୬.୫୦ ମିଟର ରହିଥିବା ବେଳେ ଏଠାରେ ବନ୍ୟା ଜଳ ବିପଦ ସଙ୍କେତ ଉପରେ ଅର୍ଥାତ ଜଳସ୍ତର ୬.୫୨ ମିଟର ଉପରେ ପ୍ରବାହିତ ହେଉଛି। ସୁବର୍ଣ୍ଣରେଖା ନଦୀର ଜାମଶୋଳାଘାଟଠାରେ ବିପଦ ସଙ୍କେତ ସ୍ତର ୪୯.୧୬ ମିଟର ଥିବାବେଳେ ଜଳସ୍ତର ୪୮.୮୬ ମିଟର ରହିଛି। ମାତ୍ର ରାଜଘାଟଠାରେ ନଦୀ ଜଳ ବିପଦ ସଂକେତ ସ୍ତର ୧୦.୩୬ ମିଟର ଠାରୁ ଊର୍ଦ୍ଧ୍ୱରେ ଅର୍ଥାତ୍ ୧୧.୧୭ ମିଟର ଉପରେ ପ୍ରବାହିତ ହେଉଛି।

ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ସମ୍ବଲପୁର, ସୁନ୍ଦରଗଡ଼ ଜିଲ୍ଲାପାଳ ଓ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ସହ ଆଭାସୀ ମାଧ୍ୟମରେ ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି। ରାଜୀବ ଭବନଠାରେ ଗଣମାଧ୍ୟମର ପ୍ରତିନିଧିଙ୍କୁ ସୂଚନା ଦେଇ ସ୍ୱତନ୍ତ୍ର ରିଲିଫ୍ କମିଶନର ଡ଼ି.କେ.ସିଂହ କହିଛନ୍ତି ଯେ ବାଲେଶ୍ୱର ଜିଲ୍ଲାରେ ୫ଟି ଓଡ୍ରାଫ୍ ଟିମ୍ ସହ ଗୋଟିଏ ଏନ୍‌ଡିଆର୍‌ଏଫ୍, ୨୬ଟି ଅଗ୍ନିଶମ ଓ ଜରୁରୀକାଳୀନ ସେବା ବାହିନୀ ନିୟୋଜିତ ହୋଇଛନ୍ତି। ସେହିପରି ମୟୂରଭଞ୍ଜ ଜିଲ୍ଲାରେ ଗୋଟିଏ ଓଡ୍ରାଫ୍ ଦଳ, ୨୩ଟି ଅଗ୍ନିଶମ ବାହିନୀ, ଭଦ୍ରକ ଜିଲ୍ଲାରେ ଗୋଟିଏ ଓଡ୍ରାଫ୍, ଗୋଟିଏ ଏନ୍‌ଡିଆର୍‌ଏଫ୍ ଓ ୧୩ଟି ଅଗ୍ନିଶମ ବାହିନୀ, ଯାଜପୁର ଜିଲ୍ଲାରେ ଗୋଟିଏ ଓଡ୍ରାଫ୍ ଟିମ୍ ସହ ୧୪ଟି ଅଗ୍ନିଶମ ବାହିନୀ ସମେତ ଏହି ସବୁ ଜିଲ୍ଲାରେ ୧୦୬ଟି ବୋଟ୍ ମଧ୍ୟ ଉଦ୍ଧାର ଓ ରିଲିଫ୍ ବଣ୍ଟନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଏବେ ସୁଦ୍ଧା ଏକ ହଜାରରୁ ଅଧିକ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ୯ଟି ଆଶ୍ରୟସ୍ଥଳରେ ରଖାଯାଇଛି। ଅନ୍ୟପଟେ ସୁବର୍ଣ୍ଣରେଖାରେ ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ଶାସନ ସଚିବ ବାଲେଶ୍ୱରରେ ଏକ ଶିବିର(କ୍ୟାମ୍ପ) ରେ ଉପସ୍ଥିତ ରହି ବନ୍ୟା ପରିଚାଳନାକୁ ତଦାରଖ କରୁଛନ୍ତି। ସେହିପରି ଜଳ ସମ୍ପଦ ବିଭାଗର ତଦାରଖ (ମନିଟରିଂ) ସର୍ବୋଚ୍ଚ ଯନ୍ତ୍ରୀ ସୁବର୍ଣ୍ଣରେଖା ନଦୀରେ ବନ୍ୟାସ୍ଥିତି ନିରୀକ୍ଷଣ କରିଛନ୍ତି। ବିଭାଗର ଅନ୍ୟ ଅଧିକାରୀ, ଯନ୍ତ୍ରୀ ଓ କର୍ମଚାରୀମାନେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲା ପ୍ରଶାସନ ସହିତ ସମନ୍ୱୟ ରଖି ବନ୍ୟା ପରିଚାଳନା କାର୍ଯ୍ୟ ପାଇଁ କ୍ଷେତ୍ରସ୍ତରରେ ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି।

### ବୈତରଣୀରେ ଭାସିଯାଇ...

ସମେତ ୨ଟି ଓଡ୍ରାଫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ୨ ଘଣ୍ଟା ଖୋଜାଖୋଜି କରିବା ପରେ ତାଙ୍କ ମୃତଦେହ ମିଳିଥିଲା। ମୃତଦେହ ଠାବ ପରେ ସ୍ଥାନୀୟଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ମୃତ ଶରୀରକୁ ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା, ସେଠାରେ ଡାକ୍ତର ସନ୍ତୋଷଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଯାଜପୁର ବିଧାୟିକା ସୁଜାତା ସାହୁ, ବ୍ଲକ ଅଧକ୍ଷ ଦିଗମ୍ବର ମଲ୍ଲିକ, ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ମନସ୍ୱିନୀ ଦାସ, ପୂର୍ବତନ ସରପଞ୍ଚ କନକପ୍ରଭା ଦାସ, ସମିତିସଭ୍ୟ ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ତାଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଥିଲେ। ଶବ ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

### ଓଡ଼ିଶାର ମହିଳାଙ୍କୁ...

ପ୍ରଧାନ ଏହି ପ୍ରୟାସ ଲାଗି ପ୍ରେରଣା ସାଜିଛନ୍ତି। ଜଙ୍ଗଲ ଓ ପରିବେଶ ସୁରକ୍ଷା ପାଇଁ ସେ ପାରମ୍ପରିକ ଗୀତରେ ନୂଆ ଶବ୍ଦ, ନୂଆ ବାର୍ତ୍ତା ଯୋଡ଼ିଛନ୍ତି। ତାଙ୍କ ଦଳ ଗାଁ ଗାଁ ବୁଲି ଜଙ୍ଗଲରେ ଲାଗୁଥିବା ନିଆଁରୁ କେତେ କ୍ଷତି ହୁଏ, ତାହା ଗୀତ ମାଧ୍ୟମରେ ଲୋକଙ୍କୁ ବୁଝାଉଛନ୍ତି। ଦେଶର ଲୋକ ପରମ୍ପରାଗୁଡ଼ିକ ଆଦୌ ପୁରୁଣାକାଳିଆ ନୁହେଁ; ଏଥିରେ ଆଜି ବି ସମାଜକୁ ଦିଗଦର୍ଶନ ଦେବାର ଶକ୍ତି ରହିଛି ବୋଲି ଏହି ଉଦାହରଣରୁ ପ୍ରମାଣିତ ହୋଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

### ୨୦ ହଜାର ଟଙ୍କାରେ...

ହୋଇଛି। ଗତ ୧ ତାରିଖରେ ନୀଳ ରଣାଙ୍କ ସ୍ତ୍ରୀ କନକରଣା ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ହେଲେ ଆର୍ଥିକ ଅନାଟନ ଯୋଗୁଁ ଶିଶୁ କନ୍ୟାକୁ ମାତ୍ର ୨୦ ହଜାର ଟଙ୍କାରେ ପର ହାତକୁ ଟେକି ଦେଇଥିଲେ। ବରଗଡ଼ ଜିଲ୍ଲା ପାଇକମାଳର ଜଣେ ବ୍ୟକ୍ତିଙ୍କୁ ବିକ୍ରି କରି ଦେଇଥିବା ଜଣାପଡିଛି । ନୀଳ ଜଣେ ଦିନ ମଜୁରିଆ ହୋଇଥିବାରୁ ଘର ଠାରୁ ଆରମ୍ଭ କରି ବହୁ ସମସ୍ୟା ତାଙ୍କ ରହିଛି ଯାହାକୁ ନେଇ ସେ ଜନ୍ମ କଲା ଶିଶୁ କନ୍ୟା କୁ ପାଳନ ପୋଷଣ କରିବା ପାଇଁ ନିଜକୁ ଅକ୍ଷମ ଭାବି ଶେଷରେ ବିକ୍ରି କରିଦେଇଥିବା କହିଛନ୍ତି। ଏନେଇ ଟିଟିଲାଗଡ଼ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଥିବା ଜଣାପଡ଼ିଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ପରିବାର ଅନ୍ୟ ଜଣେ ସଦସ୍ୟ ଭିନ୍ନମତ ଦେଇଥିବା ଜଣାପଡ଼ିଛି। ବିକ୍ରି ନୁହଁ ବ୍ୟକ୍ତିଗତ ଭାବେ ପାଳନ କରିବା ପାଇଁ ଅକ୍ଷମ ଥିବାରୁ ତାଙ୍କୁ ଦେଇ ଦେଇଥିବା କହିଛନ୍ତି।

### ଲିଫ୍ଟ ଦେବା ବାହାନାରେ...

ସମ୍ପର୍କରେ କହିବା ପରେ ମାମୁଁ ଘର ଗାଁ ଲୋକ ଏକ ବୈଠକ ଡାକିଥିଲେ। ଉକ୍ତ ବୈଠକକୁ ବାଇକ୍‌ଚାଳକ ଜଣଙ୍କ ନ ଆସି ଫେରାର୍ ହୋଇ ଯାଇଥଲା। ପୀଡ଼ିତାର ମାମୁଁ ବାଧହୋଇ ଶନିବାର ଓରକେଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏତଲା କ୍ରମେ ପୁଲିସ ଅଭିଯୁକ୍ତ ଦୟା ମାଢ଼ି(୪୫)କୁ ଗିରଫ କରିଥିବା ଅତିରିକ୍ତ ଏସ୍‌ପି ରଶ୍ମିରଞ୍ଜନ ସେନାପତି କହିଛନ୍ତି। ପୁଲିସ ପୀଡିତାକୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀ ମାଇନା କରାଇଛି।

### ଦୁଷ୍କର୍ମ ପୀଡ଼ିତା...

ଅଭିଯୁକ୍ତଙ୍କ ଉପସ୍ଥିତିରେ ଏକ ବୈଠକ ମଧ୍ୟ ହୋଇଥିଲା। ଉଭୟ ପକ୍ଷର ପରିବାର ଲୋକେ ଉପସ୍ଥିତ ରହି ବୈଠକରେ ଆଲୋଚନା କରୁଥିବା ବେଳେ ହଠାତ୍ ପୀଡ଼ିତା ପ୍ରସବ ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ସେଠାରୁ ଉଭୟ ନବଜାତକ ଓ ପୀଡ଼ତାଙ୍କୁ ଖଇରପୁଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିବାର ଲୋକେ ନେଇଥିଲେ। ଡାକ୍ତର ନବଜାତ ଶିଶୁଟିକୁ ମୃତ ଘୋଷଣା କରିଥିଲେ ଓ ନାବାଳିକାର ଚିକିତ୍ସା ଆରମ୍ଭ କରିଥିଲେ। ଏ ନେଇ ମୁଦୁଲିପଡା ଥାନାରେ ପୀଡ଼ିତାଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରିଛି।

### ମାଟି ତଳୁ ୩୫ ଲକ୍ଷ...

ପୁଳାପୁଳା ଟଙ୍କା ଗଚ୍ଛିତ ରଖିଥିବା ନେଇ ଗୁଇନ୍ଦା ବିଭାଗକୁ ସୂଚନା ମିଳିଥିଲା। ଏହି କ୍ରମରେ ସିଆର୍‌ପିଏଫ, କୋବ୍ରା ବାହିନୀ ଓ ଜାଗୁଆର ଫୋର୍ସ ସହାୟତାରେ ଝାଡଖଣ୍ଡ ପୁଲିସ ପକ୍ଷରୁ ଓଡିଶା-ଝାଡଖଣ୍ଡର ସୀମାନ୍ତ ଇଲାକା ସରଣ୍ଡା ଜଙ୍ଗଲରେ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା। ଏହି ସମୟରେ ସରଣ୍ଡା ଜଙ୍ଗଲର ଚାଇବାସା ନିକଟରେ ସୁରକ୍ଷାବାହିନୀ ମାଟି ତଳେ ପଲିଥିନ ଦ୍ୱାରା ଗୁଡା ହୋଇ ପୁଳା ପୁଳା ଟଙ୍କା ପୋତା ଯାଇଥିବା ଦେଖିବାକୁ ପାଇଥିଲେ। ଜବତ ଟଙ୍କାର ପରିମାଣ ୩୫ ଲକ୍ଷରୁ ଉଦ୍ଧରୁ ଟଙ୍କା ହେବ ବୋଲି ସୂଚନା ମିଳିଛି। ଏହାସହ ମାଓବାଦୀଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀକୁ ମଧ୍ୟ ଯବାନମାନେ ଜବତ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ମାଓବାଦୀମାନେ ୫ ଟନ ବିସ୍ଫୋରକ ସାମଗ୍ରୀ ସରଣ୍ଡା ଜଙ୍ଗଲରେ ଥିବା ବାଙ୍କୋ ପଥର ଖଣି ନିକଟରୁ ଲୁଟି ନେଇଥିଲେ। ଯେଉଁଥିରୁ ୩ ଟନ୍ ୮୦୦ କେଜି ବିସ୍ଫୋରକକୁ ରାଉରକେଲା ଓ ଝାଡଖଣ୍ଡ ପୁଲିସ ସରଣ୍ଡା ଜଙ୍ଗଲ ଭିତରୁ ସର୍ଚ୍ଚ ଅପରେଶନ କରି ଉଦ୍ଧାର କରିଛନ୍ତି। ଜବତ ବିସ୍ଫୋରକ ମଧ୍ୟରୁ କିଛି ବିସ୍ଫୋରକକୁ ମାଟି ତଳେ ପୋତି ଲୁଚାଇଥିଲେ।

### ମେଟ୍ରୋ: ଆନ୍ଧ୍ରକୁ ସୁଗନ୍ଧ...

ଯିବ ବୋଲି କହିଲେ ଓ ଅନ୍ୟ ଜଣେ ମନ୍ତ୍ରୀ ଏହାକୁ ମାଟିତଳେ ନିଆଯିବ ବୋଲି ମତ ଦେଲେ। ତେବେ ୨୦୨୪-୨୫ ଏବଂ ୨୦୨୫-୨୬ ଆର୍ଥିକ ବର୍ଷରେ ବଜେଟରେ ବ୍ୟୟବରାଦକୁ ନେଇ ସରକାରଙ୍କ ଆଭିମୁଖ୍ୟ ଉପରେ ସାଧାରଣରେ ଆଶଙ୍କା ପ୍ରକାଶ ପାଇଥିଲା। ୨୦୨୪-୨୫ରେ ରାଜ୍ୟ ସରକାର ମେଟ୍ରୋ ପାଇଁ ୧୦୦୦ କୋଟି ଟଙ୍କାର ବ୍ୟୟବରାଦ କରିଥିବା ବେଳେ ୨୦୨୫-୨୬ରେ ଏହାକୁ ୩୦୦ କୋଟି ଟଙ୍କାକୁ ହ୍ରାସ କରିଥିଲେ। ବ୍ୟୟବରାଦ ହ୍ରାସ କରି ସରକାର ମେଟ୍ରୋ ପ୍ରକଳ୍ପର ତଣ୍ଟି ଚିପିଦେଲେ ବୋଲି ସେତେବେଳେ ବିରୋଧୀ ସମାଲୋଚନା କରିଥିଲେ। ଯାହା ଏବେ ସତ ପ୍ରମାଣିତ ହୋଇଛି।

ଅପରପକ୍ଷେ ଟେଣ୍ଡର ବାତିଲ ହେବା ପରେ ଗୃହ ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ରଖିଥିବା ମନ୍ତବ୍ୟ ପ୍ରକଳ୍ପର ଭବିଷ୍ୟତକୁ ଅନ୍ଧାର କରି ଦେଇଛି। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ଗଠନ କରିଥିଲା ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ବିଭିନ୍ନ ସହରକୁ ଯାଇ ସେଠାରେ ଚାଲୁଥିବା ମେଟ୍ରୋର ସମୀକ୍ଷା କରିବ। ବିଶେଷକରି ଭୁବନେଶ୍ୱର ମେଟ୍ରୋ ମାଟି ତଳେ ଗଡ଼ିବ ନା ଉପରେ ଯିବ, ତାହା କମିଟି ତର୍ଜମା କରିବ। କମିଟି ମୁଖ୍ୟମନ୍ତ୍ରୀଙ୍କୁ ସବିଶେଷ ରିପୋର୍ଟ ଦେବା ପରେ ମୁଖମନ୍ତ୍ରୀ ପରବର୍ତ୍ତୀ ନିଷ୍ପତ୍ତି ନେବେ। ପ୍ରଥମେ କଳ୍ପନା ପଟ୍ଟୁ ନନ୍ଦନକାନନ ଯାଏଁ ପ୍ରଥମେ ଓଭରବ୍ରିଜ ନିର୍ମାଣ ହେବ । ଏହାଦ୍ୱାରା ଟ୍ରାଫିକ୍ ସମସ୍ୟାର ସମାଧାନ ହୋଇପାରିବ। ଏହାପରେ ମେଟ୍ରୋ ତଳେ ଯିବ ନା ଉପରେ ଯିବ, ସେନେଇ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

ମନ୍ତ୍ରୀଙ୍କ ଉପରୋକ୍ତ ବୟାନକୁ ନେଇ ପ୍ରଶ୍ନ କରିଛନ୍ତି ବୁଦ୍ଧିଜୀବୀ। ମନ୍ତ୍ରୀଙ୍କ ବୟାନକୁ ଯଦି ବିଚାରକୁ ନିଆଯାଏ, ତାହେଲ ମେଟ୍ରୋ ପ୍ରକଳ୍ପ ଆରମ୍ଭ ହେବାକୁ ଅତିକମରେ ୫ ବର୍ଷ ସମୟ ଲାଗିବ। କାରଣ କଳ୍ପନାରୁ ନନ୍ଦନକାନନ ଯାଏଁ ଫ୍ଲାଏ ଓଭର ନିର୍ମାଣ କରିବା ସହଜ ନୁହେଁ। ତେଣୁ ମନ୍ତ୍ରୀଙ୍କ ବୟାନ ପରେ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ବହୁ ବର୍ଷ ଆଗକୁ ଘୁଞ୍ଚିଗଲା ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଅପରପକ୍ଷେ କାର୍ଯ୍ୟାଦେଶ ବାତିଲ ହେବା ପରେ ଉକ୍ତ କମ୍ପାନୀଗୁଡ଼ିକ ନିଜର କ୍ଷତିପୂରଣ ପାଇଁ ଆଇନଗତ ପଦକ୍ଷେପ ନେବାକୁ ବିଚାର କରୁଥିବା ସୂଚନା ମିଳିଛି। ଯାହା ରାଜ୍ୟ ସରକାରଙ୍କ ପାଇଁ ଆଗାମୀ ଦିନରେ ଅଡୁଆ ପରିସ୍ଥିତି ସୃଷ୍ଟି କରିବ ବୋଲି ଆଲୋଚନା ହେଉଛି। ପୂର୍ବ ସରକାରଙ୍କ ଡିପିଆର ଅନୁଯାୟୀ ଭୁବନେଶ୍ୱରରେ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ କୌଣସି ଅସୁବିଧା ନଥିଲା। ମାତ୍ର ସରକାର ଉକ୍ତ କାର୍ଯ୍ୟାଦେଶକୁ ବାତିଲ କରିଦେଇ ଏକ ଅଦୂରଦର୍ଶୀ ନିଷ୍ପତ୍ତି ନେଲେ ବୋଲି ସାଧାରଣରେ ଲୋକେ ମତବ୍ୟକ୍ତ କରୁଛନ୍ତି।

### ମୂଲ ଲାଗି ଫେରୁଥିଲେ...

ଜଣ ବର୍ତ୍ତି ଯାଇଥିବା ବେଳେ ପଦାସାହିରେ ଅଳ୍ପକେ ପାଞ୍ଚ ଜଣ ବର୍ତ୍ତି ଯାଇଥିଲେ। ବନ ବିଭାଗ ତରଫରୁ କେବଳ ସତର୍କ ଓ ସତର୍କ ଫଳକ ଲଗାଇ କାମ ସାରି ଦିଆଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ପୁକୁଳିଙ୍ଗିଆ, ପାଜିମାହା ଓ ମାଲାନାସୁଗା ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ହାତୀ ସମସ୍ୟାର ସ୍ଥାୟୀ ସମାଧାନ କରାଯିବାକୁ ଦାବି ହେଉଛି।

## ଟଙ୍କା ପାଇଁ ସ୍ତ୍ରୀକୁ ହାଣିଦେଲା

ଭଦ୍ରକ/ବାସୁଦେବପୁର, ୨୭।୭(ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ବିଦେଇପୁର ପଞ୍ଚାୟତର ପାରାପୋଖରୀ ଗାଁରେ ଗୋପୀନାଥ ଜେନା ସ୍ତ୍ରୀକୁ ଟାଙ୍ଗିଆରେ ହତ୍ୟା କରି ଫେରାର୍ ହୋଇଯାଇଛି।

ସୂଚନା ଅନୁସାରେ, ୨୦ ବର୍ଷ ତଳେ ଅଡୁଆଁ ଗ୍ରାମର ଗୋପୀନାଥ ପାରାପୋଖରୀ ଗାଁର ମହେନ୍ଦ୍ର ଜେନାଙ୍କ କନ୍ୟା ଗୁରୁବାରୀଙ୍କୁ ୨ୟ ବିବାହ କରିଥିଲେ। ଘର ଜ୍ୱାଇଁ ଭାବେ ପାରାପୋଖରୀରେ ରହି ଆସୁଥିବା ଗୋପୀନାଥ ରାସ୍ତା ପାର୍ଶ୍ୱରେ ଏକ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ପାରାପୋଖରୀ ଛକ ଆଗ ରାସ୍ତା ପାର୍ଶ୍ୱରେ ଗୁରୁବାରୀ ଜେନାଙ୍କ ପୈତୃକ ସମ୍ପତ୍ତିକୁ ପ୍ରାୟ ୨୫ ଲକ୍ଷ ଟଙ୍କାରେ ବିକ୍ରି କରିଥିଲେ। ଏହି ଟଙ୍କାକୁ ନେଇ ଗତକାଲି ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ରାତ୍ରିରେ ଶୋଇଥିବା ଅବସ୍ଥାରେ ଗୋପୀନାଥ ଏକ ଟାଙ୍ଗିଆରେ ଗୁରୁବାରୀକୁ ହାଣି ପକାଇ ଫେରାର ହୋଇଯାଇଥିଲା।


**Notice (for Minor)**

By virtue of an affidavit sworn before N.K. Mohanty, Executive Magistrate, Khordha, dated 15.07.2025, I, Pratap Chandra Nayak, Address: At-Kendupalli, Po-Mallipadar, PS-Begunia, District -Khordha, Odisha, 752061 declare that I have changed the name of my son from Janghya Narayan Nayak to Yajna Narayan Nayak. Henceforth, he shall be known as **Yajna Narayan Nayak** for all purposes.

**(Pratap Chandra Nayak)**

**AFFIDAVIT**

I, **Swagatika Barad,** D/o- Rabindra Barad, aged about 29 yrs, resident of AT/PO- Kumarbasta, PS- Khordha, Dist- Khordha, PIN- 752055, Odisha vide affidavit done before the Executive Magistrate, Bhubaneswar on 06/03/2025 do hereby state that, I have changed my name to **Swagat Barad** and gender to Man. Henceforth I shall hereafter be known as **Swagat Barad,** S/o- Rabindra Barad for all purposes.

**Swagat Barad**

ସକାଳ
THE SAKALA



## କେବେ ବଦଳିବ ଡେରାବିଶ ରେଳଯାତ୍ରୀଙ୍କ ଭାଗ୍ୟ

# ବାଜିପଡ଼ା ଷ୍ଟେସନରେ ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ନାହିଁ ସୁବିଧା

ଡେରାବିଶ, ୨୭।୭ (ସମିସ):



ଦୀର୍ଘ ବର୍ଷ ପରେ କେନ୍ଦ୍ରାପଡ଼ାବାସୀ ରେଳ ଲାଇନ ଦେଖିଲେ। ସେତେବେଳେ ଆଶା ଥିଲା ଏହି ରେଳ ରାସ୍ତାରେ ଓଡ଼ିଶାର ଅନ୍ୟ ଷ୍ଟେସନ ଭଳି ଯାତ୍ରୀବାହୀ ରେଳ ଚାଲିବ। ତେବେ ସରକାରଙ୍କ ପକ୍ଷରୁ ଏହି ଉଚ୍ଚତମ ରେଳ ରାସ୍ତାରେ କେବଳ ପାରାଦୀପକୁ ମାଲ ପରିବହନ କରାଗଲା। ପରେ ଜିଲ୍ଲାବାସୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ଏହି ଲାଇନ୍‌ରେ ପ୍ରତ୍ୟେକ ଦିନ ଗୋଟିଏ ଯାତ୍ରୀବାହୀ ଟ୍ରେନ୍ ଚାଲୁଛି। ଏହି ଯାତ୍ରୀବାହୀ ଟ୍ରେନ୍‌ଟି ପାରାଦୀପରୁ କେନ୍ଦୁଝରକୁ ଯାଉଛି। ଏଥିରେ କିଛି ମାତ୍ରାରେ ଯାତ୍ରୀ ମଧ୍ୟ ଡେରାବିଶ ବ୍ଲକ୍‌ର ବାଜିପଡ଼ା ଷ୍ଟେସନରୁ ଯାଉଛନ୍ତି। ଦୁଃଖର ବିଷୟ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ଏକୁଟିଆ ଏହି ରେଳ ଷ୍ଟେସନକୁ ଯାଇ ଟ୍ରେନ୍‌ରେ ବସି ଗନ୍ତବ୍ୟ ସ୍ଥଳକୁ ଯାଇପାରିବେନାହିଁ। କାରଣ ରେଳ ଷ୍ଟେସନର ଘର ଭିତର ଦେଇ ଯିବାକୁ ହେଲେ ତିନିମହଲା ଶିଡ଼ି ଚଢ଼ିଲା ପରେ ଯାଇ ଟିକେଟ୍ କାଉଣ୍ଟରକୁ ଯାଇ ଟ୍ରେନ୍‌ରେ ବସି ଯିବାକୁ ହେବ। ତେବେ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ଅନ୍ୟର ସହଯୋଗରେ ସେ ନା ଟିକେଟ୍ କାଉଣ୍ଟରକୁ ଯାଇପାରିବ, ନା ଟ୍ରେନ୍‌ରେ ବସିପାରିବ।

ଅନ୍ୟପକ୍ଷରେ ଏହି ରେଳପଥର ଉଚ୍ଚତା ପାଖାପାଖି ୨୫ରୁ ୩୦ ଫୁଟ। ଏହି ଷ୍ଟେସନକୁ ଯିବାକୁ ହେଲେ ନିର୍ମିତ ହୋଇଥିବା ରାସ୍ତାଟି ଖୁବ୍ ସଂକୀର୍ଣ୍ଣ ଓ ତୀକ୍ଷ୍ଣ। ଯେଉଁଥିରେ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ଯିବା ତ ଦୂରର କଥା ସାଧାରଣ ଲୋକଟିଏ ସାମାନ୍ୟ ଅସାବଧାନ ହେଲେ ପଡ଼ି ଖଣ୍ଡିଆ ଖାବରା ହେବା ନିଶ୍ଚିତ। ଏଥିସହିତ ରେଳ ବିଭାଗ ପକ୍ଷରୁ ବାଜିପଡ଼ାର ଯେଉଁ ସ୍ଥାନରେ ଏହି ରେଳ ଷ୍ଟେସନଟି ନିର୍ମାଣ କରାଯାଇଛି, ତାହା ଏକ ନିକାଞ୍ଚନ ସ୍ଥାନ। ଏଠାରୁ କୌଣସି ଅଟୋ କିମ୍ବା ବସ୍ ଯାଉ ନ ଥିବା ଜଣାଯାଇଛି। ଏପରିକି ସନ୍ଧ୍ୟାରେ କୌଣସି ଯାତ୍ରୀ ଏହି ଷ୍ଟେସନ୍‌ରୁ ଓହ୍ଲାଇଲେ ନିକଟସ୍ଥ ବସ୍‌ଷ୍ଟାଣ୍ଡକୁ ଯିବା ପାଇଁ କୌଣସି ସୁବିଧା ମଧ୍ୟ ନାହିଁ। ଏଥିସହ ଏଠାରୁ ନିକଟସ୍ଥ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ତିନିମୁହାଣି ବସ୍‌ଷ୍ଟାଣ୍ଡ କିମ୍ବା ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର ଛତା ବସ୍‌ଷ୍ଟାଣ୍ଡ ପାଖାପାଖି ୪ରୁ ୫ କିଲୋମିଟର ଦୂର ହୋଇଥିବାବେଳେ ଷ୍ଟେସନରୁ ସେଠାକୁ ଯିବା ପାଇଁ କୌଣସି ଗାଡ଼ିର ସୁବିଧା ନାହିଁ।

ନିକାଞ୍ଚନ ସ୍ଥାନ ହୋଇଥିବାରୁ ସନ୍ଧ୍ୟା ପରେ ଏହି ସ୍ଥାନରେ ଅସାମାଜିକ ଲୋକଙ୍କ ଆଡ୍ଡା ଜମୁଥିବା ଶୁଣିବାକୁ ମିଳିଛି। ଏପରିକି ବର୍ଷା କିମ୍ବା ଝଡ଼ ତୋଫାନ ହେଲେ ଏହି ଷ୍ଟେସନ୍ ଖୋଲା ସ୍ଥାନ ହୋଇଥିବାରୁ ଯାତ୍ରୀ ଖୁବ୍ ଅସୁବିଧାର ସମ୍ମୁଖୀନ ହୋଇଥା'ନ୍ତି। ତୁରନ୍ତ ରେଳ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଯାତ୍ରୀଙ୍କ ସୁବିଧା, ଷ୍ଟେସନରେ ଯାତ୍ରୀ ରହଣୀ ସ୍ଥଳ ନିର୍ମାଣ କରିବା ସହିତ ଅଧିକ ଯାତ୍ରୀବାହୀ ରେଳ ଚଳଚଳ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବାନାମ୍ବର ଘାଟରୁ ପାଣି ଉଠାଇଲେ ୩୦ ହଜାର କାଉଡ଼ିଆ

ରଘୁନାଥପୁର,୨୭।୭ (ସମିସ): ଶ୍ରାବଣ ମାସ ତୃତୀୟ ସୋମବାରରେ ପାଣି ଢାଳିବାକୁ ରଘୁନାଥପୁର ବ୍ଲକ୍ ତାରପୁର ମହାନଦୀ କୂଳସ୍ଥ ବାନାମ୍ବର ଘାଟରୁ ୩୦ ହଜାରରୁ ଅଧିକ କାଉଡ଼ିଆ ପାଣି ଉଠାଇ ବିଭିନ୍ନ ଶୈବ ପୀଠକୁ ଯାତ୍ରା କରିଛନ୍ତି। ଶନିବାରଠାରୁ ଘାଟକୁ ମାନସିକଧାରୀଙ୍କ ଆଗମନ ହୋଇଥିଲା। ରବିବାର ଏହା କ୍ରମଶଃ ବୃଦ୍ଧି ପାଇଥିଲା। ଟ୍ରାଫିକ



ନିୟନ୍ତ୍ରଣ ପାଇଁ ପୁଲିସକୁ କାଠିକର ପାଠ ହୋଇଥିଲା। କାଉଡିଆ ମହାନଦୀରେ ବୁଡ଼ି ପାଣି ଆଣିବା ପରେ ଏହାକୁ ପୂଜାର୍ଚ୍ଚନା କରିଥିଲେ। ପରେ ବାନାମ୍ବର ମହାଦେବଙ୍କ ଚତୁପାର୍ଶ୍ୱରେ ପ୍ରଦକ୍ଷିଣ କରି ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରିଥିଲେ। ଏଠାରୁ କାଉଡିଆମାନେ ପ୍ରଭୁ ଗୋରେଖନାଥ, ଅଷ୍ଟଶମ୍ଭୁ, ରୁଦ୍ରେଶ୍ୱର, ନୀଳକଣ୍ଠେଶ୍ୱର, ସର୍ପେଶ୍ୱର, ଇଶାଣେଶ୍ୱର ଓ ଅନ୍ୟାନ୍ୟ ଶୈବପୀଠକୁ ଯାତ୍ରା କରିଥିଲେ। ଭିଡକୁ ଦୃଷ୍ଟିରେ ରଖି ପାଣିଉଠା ସ୍ଥଳରେ ରଘୁନାଥପୁର ଥାନା ପୁଲିସ ଓ ଫାୟାର ଅଫିସ ପକ୍ଷରୁ ସୁରକ୍ଷା ଯୋଗାଇ ଦିଆଯାଇଥିଲା। ଏଥିସହ ତାରପୁର ବାଇପାସଠାରୁ ଜଇପୁର ଛକ ପର୍ଯ୍ୟନ୍ତ କାଉଡିଆଙ୍କ ଲମ୍ବା ଲାଇନ ଲାଗିଥିବା ରାସ୍ତାରେ ପୁଲିସ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଥିଲା। ଘାଟ କମିଟି ପକ୍ଷରୁ ବିଷ୍ଣୁ ବିଶ୍ୱାଳ, ବିପିନ ଦାଶ, ବିଜୟ ନାୟକ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟରେ କଉଡିଆଙ୍କୁ ସହଯୋଗ କରିଥିଲେ।

## ପୋଖରୀକୁ ଖସିପଡ଼ିଲା ସିମେଣ୍ଟ ବୋଝେଇ ମିନିଟ୍ରକ୍



ନାଉଗାଁ,୨୭।୭ (ସମିସ): ଏକ ସିମେଣ୍ଟ ବୋଝେଇ ମିନିଟ୍ରକ ନାଉଗାଁ ବଜାରକୁ ଯାଉଥିବା ସମୟରେ ଭାରସାମ୍ୟ ହରାଇ ପଳସାହି ପୋଖରୀ ଭିତରକୁ ଖସିପଡ଼ିଥିଲା। ସ୍ଥାନୀୟ ଲୋକେ ଚାଳକଙ୍କୁ ଗାଡ଼ି ମଧ୍ୟରୁ ଉଦ୍ଧାର କରିଥିଲେ ମଧ୍ୟ ସିମେଣ୍ଟ ନଷ୍ଟ ହୋଇଯାଇଥିବା ଜଣାପଡିଛି। ଘଟଣାସ୍ଥଳରେ ନାଉଗାଁ ଅଗ୍ନିଶମ ବାହିନୀ ପହଞ୍ଚି ଗାଡ଼ିକୁ ଉଦ୍ଧାର କରିବାକୁ ପ୍ରୟାସ କରିଥିଲେ।

## ଡେରାବିଶ କଲେଜରେ ବାହ୍ୟ ବିଷୟ ବିଚାର କାର୍ଯ୍ୟକ୍ରମ

ଡେରାବିଶ, ୨୭।୭ (ସମିସ): ଦୁମୁକାହାଟସ୍ଥ ଡେରାବିଶ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ବାହ୍ୟ ବିଷୟ ବିଚାର କାର୍ଯ୍ୟକ୍ରମ 'ଛାତ୍ରଛାତ୍ରୀଙ୍କ ସମଗ୍ର ଉନ୍ନତି ଓ ନୈତିକତାର ଗୁରୁତ୍ୱ' ବିଷୟବସ୍ତୁ ଉପରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ବୃନ୍ଦାବନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ, ବିଶିଷ୍ଟ ଅତିଥି ଭାବେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ପୂର୍ବତନ ପ୍ରାଧ୍ୟାପକ ନନ୍ଦକିଶୋର ପରିଡ଼ା ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଶାନ୍ତନୁ କୁମାର ମାଟି ଯୋଗଦେଇ ଛାତ୍ରଛାତ୍ରୀ କେବଳ ପ୍ରମାଣପତ୍ର ହାସଲ ପାଇଁ ଶିକ୍ଷାନୁଷ୍ଠାନରେ ପ୍ରବେଶ



କରି ନ ଥା'ନ୍ତି, ବରଂ ସେଠାରୁ ଶୃଙ୍ଖଳା ଜ୍ଞାନ ଆହରଣ, ଚରିତ୍ରଗଠନ, ଉତ୍ତମ ବ୍ୟବହାର ଶିକ୍ଷା, ବନ୍ଧୁତ୍ୱ ଓ ଭାତୃତ୍ୱ ଭାବରେ ବାନ୍ଧିହେବାର ଆତ୍ମୀୟତା ଲାଭ ପାଇଁ ସେମାନଙ୍କ ପ୍ରବେଶର ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ନିହିତ ଥାଏ ବୋଲି କହିଥିଲେ। ଏଥିସହ ଭକ୍ତି, ଜ୍ଞାନ ସହିତ କର୍ମଯୋଗର ସମନ୍ୱୟରେ ବ୍ୟକ୍ତିର ଜୀବନ ସାର୍ଥକ ହୁଏ। ବ୍ୟକ୍ତି ସର୍ବଜନ ହିତାୟ ନୀତିରେ ଜଗତକୁ ଆପଣା କରିପାରେ ବୋଲି ବକ୍ତାମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ବିଶ୍ୱଜିତ ସାହୁ, ଗୁରୁଚରଣ ସେଠୀ, ଷ୍ଟାଲିନ ଦିଗଲ, ଅଧ୍ୟାପିକା ଡଃ ପ୍ରଜ୍ଞା ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନୈତିକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପକ ଡଃ ସନ୍ଦିପ ବଳ କାର୍ଯ୍ୟକ୍ରମର ସଂଯୋଜନା ସହିତ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ରାଜନୀତି ବିଜ୍ଞାନ ବିଭାଗ ସମ୍ମାନ ଶ୍ରେଣୀର ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱାଗତ ଉତ୍ସବର ଆୟୋଜନ କରାଯାଇଥିଲା। ରାଜନୀତି ବିଜ୍ଞାନ ବିଭାଗର କଳ୍ପତରୁ ସାହୁ, ଅଭିଜିତ ମଲିକ, ଅଭିଜିତ ସିଂହ, ଜ୍ୟୋତିର୍ମୟୀ ରାଉତ, ପୁଷ୍ପିତା ମଣ୍ଡଳ, ସୌମ୍ୟରଞ୍ଜନ ଭୋଇ ଓ ପ୍ରକାଶ ପ୍ରମୁଖ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦେସାହି ପଞ୍ଚାୟତରେ ୭ ମାସ ଧରି ଉନ୍ନୟନମୂଳକ କାମ ଠପ୍

ଗୋବିନ୍ଦପୁର, ୨୭।୭ (ସମିସ): ଆଳି ବ୍ଲକ୍ ଅନ୍ତର୍ଗତ ଦେସାହି ପଞ୍ଚାୟତରେ ୭ ମାସ ଧରି ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇଯାଇଛି। ଗତ ଜାନୁଆରୀ ମାସଠାରୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ୫ ମାସ ଅନୁପସ୍ଥିତ ରହିଥିଲେ। ନୂତନ ପଞ୍ଚାୟତ ନିର୍ବାହୀ ଅଧିକାରୀ ନୃସିଂହ ମିଶ୍ର ଏକ ମାସରୁ ଊର୍ଦ୍ଧ୍ୱ ଦିନ ଧରି ଦେସାହି ପଞ୍ଚାୟତ ଦାୟିତ୍ୱ ନେଇଥିଲେ ମଧ୍ୟ ସେ ଅନ୍ୟ ପଞ୍ଚାୟତ କାର୍ଯ୍ୟ କରୁଥିବାରୁ ଦେସାହି ପଞ୍ଚାୟତ କାର୍ଯ୍ୟ ନିର୍ବାହ କରୁନାହାନ୍ତି। ଫଳରେ ଦେସାହି ପଞ୍ଚାୟତରେ ସମସ୍ତ କାର୍ଯ୍ୟ ୭ ମାସ ଧରି ଠପ୍ ହୋଇଯାଇଛି। ପଞ୍ଚାୟତର କୌଣସି ଉନ୍ନୟନମୂଳକ କାମ ହୋଇପାରୁନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ବିଡିଓ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଏଭଳି ନୀତିକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସରପଞ୍ଚ, ନାଏବ ସରପଞ୍ଚ, ୱାର୍ଡ ସଭ୍ୟ, ପିଅନଙ୍କ ଦରମା ଓ ଅନ୍ୟାନ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ସରପଞ୍ଚ ମୋନାଲିସା ଦାସ କହିଛନ୍ତି। ଏ ସମ୍ପର୍କରେ ମତାମତ ନେବାକୁ ଆଜି ବିଡିଓଙ୍କୁ ବାରମ୍ବାର ଫୋନ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ।

## ■ ୧୫ ଛାତ୍ରୀଙ୍କୁ ବିଜ୍ଞାନ ଶିକ୍ଷକଙ୍କ ଅସଦାଚରଣ ଘଟଣା

# ପ୍ରଧାନଶିକ୍ଷକଙ୍କ ଅଭିଯୋଗ ଉପରେ ମାମଲା ରୁଜୁ; ଜେଲ୍ ଗଲେ ଶିକ୍ଷକ

ରାଜନଗର, ୨୭।୭ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରେ ଥିବା ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୧୫ ଜଣ ଛାତ୍ରୀଙ୍କୁ ବିଜ୍ଞାନ ଶିକ୍ଷକ ଅସଦାଚରଣ କରିବା ଘଟଣାରେ ଶିକ୍ଷକଙ୍କୁ କୋର୍ଟ ଚାଲାଣ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଅଭିଯୋଗ ଉପରେ ୯୧ /୨୦୨୫ , ଦଫା ୧୨୬ ( ୨ ) , ୧୧୫ (୨ ) , ୭୪ , ୭୯, ୧୨ ପକ୍‌ସୋ ଆକ୍ଟରେ ମାମଲା ରୁଜୁ ହୋଇଛି। ଆଜି ତାଳଚୁଆ ସାମୁଦ୍ରିକ ଥାନାର ଆଇଆଇସି ବିମଳ ମଲ୍ଲିକ, ରାଜନଗର ଥାନା ଏସଆଇ ଚନ୍ଦ୍ରିକା ମହାପାତ୍ର ପୀଡ଼ିତା ଛାତ୍ରୀଙ୍କ ଘରକୁ ଯାଇ ବୟାନ ରେକର୍ଡ କରିଛନ୍ତି। ପୁଲିସ ବୟାନ ରେକର୍ଡ କରିବା ପରେ ଅଭିଯୁକ୍ତ ବିଜ୍ଞାନ ଶିକ୍ଷକଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି।



ଗତକାଲି ବିଜ୍ଞାନ ଶିକ୍ଷକ ଅମର ପ୍ରସାଦ ମଲ୍ଲିକ ବିଦ୍ୟାଳୟର ଛାତ୍ରୀଙ୍କ ସହିତ ଦୀର୍ଘଦିନ ଧରି ଅସଦାଚରଣ କରିଆସୁଥିଲେ। ୭ ଜଣ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ବିଜ୍ଞାନ ଶିକ୍ଷକ ଅସଦାଚରଣ କରିଥିଲେ। ଜଣେ ଛାତ୍ରୀ କାନ୍ଦି କାନ୍ଦି ଶିକ୍ଷୟିତ୍ରୀଙ୍କୁ ଜଣାଇଥିଲେ। ବିଦ୍ୟାଳୟରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି, ଦୁଇ ପଞ୍ଚାୟତର ସରପଞ୍ଚଙ୍କ ସମ୍ମୁଖରେ ଅଭିଭାବକ ଉପସ୍ଥିତିରେ ଛାତ୍ରୀଙ୍କୁ ସେମାନଙ୍କ ଅଭିଯୋଗ ସମ୍ପର୍କରେ ପଚରାଯାଇଥିଲା। ଛାତ୍ରୀମାନେ ବିଜ୍ଞାନ ଶିକ୍ଷକ ସେମାନଙ୍କ ସହିତ ଗତକାଲି ଓ ପୂର୍ବରୁ କିପରି ଅସଦାଚରଣ କରିଆସୁଥିଲେ, ତାହା କହିଥିଲେ। ଏପରିକି ଏ ସମ୍ପର୍କରେ କାହାରିକୁ ଅଭିଯୋଗ କଲେ ପରୀକ୍ଷାରେ ମାର୍କ କାଟିଦେବେ ବୋଲି ଧମକ ଦେଇ ଅସଦାଚରଣ କରୁଥିବା ଛାତ୍ରୀ ଗୁରୁତର ଅଭିଯୋଗ କରିଥିଲେ। ଅଭିଯୁକ୍ତ ଶିକ୍ଷକଙ୍କୁ ଏ ସମ୍ପର୍କରେ ପଚରାଯିବା ପରେ ଶିକ୍ଷକ ଘଟଣା ସ୍ୱୀକାର କରିବା ସହିତ ଆତ୍ମହତ୍ୟା କରିବାକୁ ଧମକ ଦେଇଥିବା ପ୍ରଧାନଶିକ୍ଷକ ଗଣମାଧ୍ୟମକୁ କହିଥିଲେ। ପ୍ରଧାନଶିକ୍ଷକଙ୍କୁ ସପ୍ତମ ଶ୍ରେଣୀର ୭ ଜଣ ଓ ନବମ ଶ୍ରେଣୀର ୮ ଜଣ ଛାତ୍ରୀ ଲିଖିତ ଭାବେ ଏ ସମ୍ପର୍କରେ ଜଣାଇଥିଲେ। ସମସ୍ତଙ୍କ ସମ୍ମୁଖରେ ପଚରାଉଚରା ସମୟରେ ୫୦ରୁ ଅଧିକ ଛାତ୍ରୀ ଏନେଇ ସମାନ ଅଭିଯୋଗ ଆଣିବା ସହିତ ପରୀକ୍ଷାରେ ସାର ମାର୍କ କାଟିଦେବେ ଓ ଲୋକ ଲଜ୍ଜା ଭୟରେ ସେମାନେ ପୂର୍ବରୁ ଲିଖିତ ଅଭିଯୋଗ କରି ନ ଥିବା ପ୍ରକାଶ କରିଥିଲେ। ଏହାପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ତାଳଚୁଆ ସାମୁଦ୍ରିକ ଥାନାକୁ ଫୋନ ଯୋଗେ ଜଣାଇଥିଲେ। ଆଇଆଇସି ବିମଳ ମଲ୍ଲିକ ବିଦ୍ୟାଳୟରେ ପହଞ୍ଚି ପ୍ରଧାନଶିକ୍ଷକ, ଅଭିଭାବକ, ପୀଡ଼ିତ ଛାତ୍ରୀଙ୍କୁ ପଚରାଉଚରା କରିବା ପରେ ବିଜ୍ଞାନ ଶିକ୍ଷକଙ୍କୁ ଉଠାଇ ଥାନାକୁ ନେଇଥିଲେ। ଘଟଣା ସମ୍ପର୍କରେ ପ୍ରଧାନଶିକ୍ଷକ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ■ ଶୁଣିଲାନି ପ୍ରଶାସନ

# ରାସ୍ତା ନିର୍ମାଣ କଲେ ସମାଜସେବୀ



ଡେରାବିଶ,୨୭।୭ (ସମିସ): ଡେରାବିଶ ବ୍ଲକ୍ ଗୁଆଲସିଂ ପଞ୍ଚାୟତ ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜରାସ୍ତାରୁ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିବା ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଦେଇ ଆଇନ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲକୁ ଦୈନିକ ହଜାର ହଜାର ଛାତ୍ରଛାତ୍ରୀ ଯାଉଥିବାବେଳେ ଡେରାବିଶ ବ୍ଲକ୍‌ର ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ବ୍ଲକ୍ କାର୍ଯ୍ୟାଳୟ, ଡେରାବିଶ କୃଷି କାର୍ଯ୍ୟାଳୟ, ଡେରାବିଶ ବ୍ଲକ ଶିକ୍ଷା କାର୍ଯ୍ୟାଳୟକୁ ଯିବା ପାଇଁ ବ୍ୟବହାର କରିଥା'ନ୍ତି। ପାଖାପାଖି ୩୦୦ ମିଟର ରାସ୍ତାରେ ୩୦୦ରୁ ଊର୍ଦ୍ଧ୍ୱ ବଡ଼ ବଡ଼ ଗାତ ସୃଷ୍ଟି ହୋଇଛି। ଫଳରେ ଏହି ରାସ୍ତା ଦେଇ ଯାଉଥିବା ଲୋକେ ନାହିଁ ନ ଥିବା ହୀନସ୍ତା ହେଉଛନ୍ତି। ଏ ସମ୍ପର୍କରେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାର ନିର୍ମାଣ ପ୍ରତି ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିଲା। ଫଳରେ ଆଜି ସମାଜସେବୀ ପ୍ରାଧ୍ୟାପକ ଡକ୍ଟର ଅଜୟ କୁମାର ରାଉତ ଏହି ରାସ୍ତାକୁ ନିର୍ମାଣ କରାଇଛନ୍ତି। ଶ୍ରୀ ରାଉତ ନିଜେ ଉପସ୍ଥିତ ରହି ଡଷ୍ଟ ପକାଇ ରାସ୍ତାରେ ଥିବା ଖାଲଖମାକୁ ସମତୁଲ କରାଇଥିଲେ। ଶ୍ରୀ ରାଉତଙ୍କୁ ସମାଜସେବୀ ଡଃ ସ୍ମୃତିରଞ୍ଜନ ବେହେରା, ଶିକ୍ଷକ ସମୀର ମଲ୍ଲ ସହଯୋଗ କରିଥିଲେ।

## ■ ଅରୂପା ବାଣିଜ୍ୟ ମେଳା ଉଦ୍‌ଯାପିତ

# ଶେଷ ସନ୍ଧ୍ୟାରେ ଅସମ୍ଭାଳ ଭିଡ଼, ୧ କୋଟିରୁ ଅଧିକ ବ୍ୟବସାୟ

ପାରାଦୀପ, ୨୭।୭ (ସମିସ): ଅରୂପା ପକ୍ଷରୁ ପାରାଦୀପ ବିଜୁ ମଇଦାନରେ ଚାଲିଥିବା ବାଣିଜ୍ୟ ମେଳା ଆଜି ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ସିଏମଇ ସୁଶୀଳ ଚନ୍ଦ୍ର ନାହକ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ କୈଳାସ ଚନ୍ଦ୍ର ସାହୁ ଓ କଳିଙ୍ଗ ମହିଳା ଶକ୍ତିର ସଭାପତି ମନୋରମା ଖଟୁଆ ଉପସ୍ଥିତ ଥିଲେ। ସାଂସ୍କୃତିକ ସଭା ପରେ ମଞ୍ଚରେ ସ୍ଥାନୀୟ ଅଞ୍ଚଳର କଳାକାର ବିଭିନ୍ନ ନୃତ୍ୟ ଗୀତ ପରିବେଷଣ କରିଥିଲେ।




ଆଜି ରବିବାର ପାଇଁ ଉଦ୍‌ଯାପନୀ ସନ୍ଧ୍ୟାରେ ଅସମ୍ଭାଳ ଭିଡ ଦେଖିବାକୁ ମିଳିଥିଲା। ୧୯ ଦିନ ଧରି ଚାଲିଥିବା ଏହି ବାଣିଜ୍ୟ ମେଳାର ପ୍ରତ୍ୟେକ ସାନ୍ଧ୍ୟରେ ବନ୍ଦର ସହର ସମେତ ସ୍ଥାନୀୟ ଅଞ୍ଚଳର ବହୁ ଲୋକ ଆସି କିଛିନା କିଛି ଜିନିଷ କିଣିବା ସହିତ ମୀନାବଜାର ଷ୍ଟଲ, ବେଳାଭୂମି ବୁଲିବା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଇଥିଲେ। ପାଖାପାଖି ୧୫୦ଟି ବିଭିନ୍ନ ଷ୍ଟଲରେ ଆଶାତୀତ ବ୍ୟବସାୟ ହୋଇଥିଲା। ପ୍ରାୟତଃ ଓରମାସ, ହସ୍ତଶିଳ୍ପ ଓ ଟ୍ରାଇଫେଡ ଷ୍ଟଲ୍‌ରେ ଅଧିକ ବ୍ୟବସାୟ ହୋଇଥିଲା। ଏହାବ୍ୟତୀତ ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ଆୟୋଜିତ ଷ୍ଟଲରେ ମଧ୍ୟ ଭଲ ବ୍ୟବସାୟ ହୋଇଥିଲା। ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇଥିବା ଆୟୋଜକ ଅରୂପାର ସିଇଓ ଅଶୋକ ସାହୁ ସୂଚନା ଦେଇଛନ୍ତି। ଅରୂପା ହସ୍ତଶିଳ୍ପ ଓ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ବାଣିଜ୍ୟ ମେଳା ଆୟୋଜନ କରି ସାରା ଓଡ଼ିଶାରେ ପ୍ରଶଂସିତ ହୋଇପାରିଛି ବୋଲି ମୁଖ୍ୟଅତିଥି ଶ୍ରୀ ନାହକ କହିଛନ୍ତି। ବିଶେଷକରି ଏହି ବାଣିଜ୍ୟ ମେଳାରେ ଚାନ୍ଦୁଆ କାମ, କତା କାମ, ସମ୍ବଲପୁରୀ ଡ୍ରେସ, ମାଣିଆ ବନ୍ଧ ଶାଢୀ ଓ ଡ୍ରେସ, ଗୁଜୁରାଟି ବେଡ୍‌ସିଟ, ପଞ୍ଜାବୀ ସୁଟ, ରାଜସ୍ଥାନ ଜୋତା, କୋଲକାତା ଲାଖ ଚୁଡ଼ି, ବନାରସୀ ଶାଢୀ ଷ୍ଟଲ୍‌ର ଚାହିଦା ଥିଲା।

## ଜିଲ୍ଲାପାଳଙ୍କ ବନ୍ୟା ପରିସ୍ଥିତି ସମୀକ୍ଷା ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ମାର୍ଶାଘାଇ,୨୭।୭ (ସମିସ): ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟରେ ନୂତନ ଜିଲ୍ଲାପାଳ ରଘୁରାମ ଆର ଆୟାର ସମ୍ଭାବ୍ୟ ବନ୍ୟା ପରିସ୍ଥିତର ସମୀକ୍ଷା କରିଛନ୍ତି। ପରେ ଲୁଣାନଦୀରେ ବନ୍ୟା ସ୍ଥିତି ଓ ଦୁର୍ବଳ ନଦୀବନ୍ଧ ପରିଦର୍ଶନ କରିଥିଲେ। ମାର୍ଶାଘାଇ ଲକ୍ ଛକ ଡାକବଙ୍ଗଳା ଓ ଆୟତପୁର ପଞ୍ଚାୟତର ଡିହବଳରାମପୁର ନିକଟରେ ଦୁର୍ବଳ ଥିବା ଲୁଣାନଦୀ ଘେରୀବନ୍ଧ ପରିଦର୍ଶନ କରି ତୁରନ୍ତ ପ୍ରତିକାର କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ଜିଲ୍ଲାପାଳ ଶ୍ରୀ ଆୟାର ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଲାବ୍ରୋଟୋରୀ, କର୍ମଚାରୀ ଉପସ୍ଥାନ, ବୋର୍ଡ ସଂଖ୍ୟା, ନିରାମୟ ଔଷଧ କେନ୍ଦ୍ର ପରିଦର୍ଶନ କରିଥିଲେ। ମେଡିକାଲରେ ଓପିଡି ରେଜିଷ୍ଟରରେ ରୋଗୀଙ୍କ ନାମ ପଞ୍ଜୀକରଣ କରାଯାଉ ନ ଥିବାରୁ ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ମେଡିକାଲ ପରିଦର୍ଶନ ସମୟରେ ଡାକ୍ତର ବରୋଦାକାନ୍ତ ମିଶ୍ର, ଡାକ୍ତର ସ୍ୱର୍ଣ୍ଣପ୍ରଭା ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ମାର୍ଶାଘାଇ ବ୍ଲକ ଭିସି କେନ୍ଦ୍ରରେ ଜିଲ୍ଲାପାଳ ଶ୍ରୀ ଆୟାର ବନ୍ୟା ପରିସ୍ଥିତ ମୁକାବିଲା ପାଇଁ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତରେ ସମୀକ୍ଷା କରିଥିଲେ। ଉକ୍ତ ସମୀକ୍ଷା ବୈଠକରେ ଏଡିଏମ୍ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏଡିଏମ୍ଆର, ବ୍ଲକ୍ ସହକାରୀ ତହସିଲଦାର ଶ୍ରୀକାନ୍ତ ପରିଜା, ନିର୍ବାହୀ ଯନ୍ତ୍ରୀ ସୂର୍ଯ୍ୟାଂଶୁ କର, ସିଡିପିଓ ଶୈଳବାଳା ଚାଷୀ, ଜିପିଡିଓ ସୋନାଲି ବେଉରା, ମୁଖ୍ୟ ଲିପିକ ରାଜେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ୍‌ରେ ସମନ୍ୱିତ ଶିଶୁ ବିକାଶ ବିଭାଗ ଅଧୀନରେ ଅଙ୍ଗନବାଡ଼ି ଶିଶୁଙ୍କୁ ଶିଶୁ ଖାଦ୍ୟ ଛତୁଆ ମାନ ଓ ମାସର କେଉଁ ତାରିଖରେ ବଣ୍ଟନ ସମ୍ପର୍କରେ ସିଡିପିଓ ଶୈଳବାଳ ଚାଷୀଙ୍କ ନିକଟରୁ ପଚାରି ବୁଝିଥିଲେ। କୃଷି ବିଭାଗ ଅଧିକାରୀ ପ୍ରଦୀପ୍ତ ଘୋଷଙ୍କୁ ବନ୍ୟା ସମୟରେ ଧାନଚାଷ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବନ୍ୟା ସମୟରେ ବିଦ୍ୟୁତ୍ ସରବରାହ ନିଶ୍ଚିନ୍ତ କରାଯିବା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ତହସିଲ କାର୍ଯ୍ୟାଳୟରେ ରାଜସ୍ୱ ସମ୍ପର୍କିତ କାର୍ଯ୍ୟ ସମୀକ୍ଷା କରିଥିଲେ। ସହକାରୀ ଯନ୍ତ୍ରୀ ପ୍ରଦୀପ ଝଙ୍କାର, ମାନସ ସାହୁ, କୃଷି ଅଧିକାରୀ ପ୍ରଦୀପ୍ତ ଘୋଷ, ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ, ରାଜସ୍ୱ ସୁପରଭାଇଜର ଅଭିମନ୍ୟୁ ସେଠୀ, ପେଣ୍ଟ ସର୍କଲ ରାଜସ୍ୱ ନିରୀକ୍ଷକ ପ୍ରମୋଦ ରାଉତ, ମଞ୍ଜୁଲତା ମାଝି, ଆଶୀର୍ବାଦ ବେହେରା, ପାଉରାମ କିସ୍କୋଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ମଣ୍ଡିରେ ଖରିଫ ଧାନ ବିକ୍ରି ପାଇଁ ଫର୍ମ ବିତରଣ

ରାଜନଗର,୨୭।୭ (ସମିସ): ବାଲିସାହିପାଟଣା ସାହିପାଟଣା ପ୍ରାଥମିକ କୃଷି ସମବାୟ ସମିତି ସମେତ ଭାଟପଡ଼ା, ନୁଧାବସନ୍ତ, କୋଇଲିପୁର, କୁରୁଣ୍ଟି, ତାଳଚୁଆ, ଚାନ୍ଦିବାଉଁଶମୂଳ, ରାଜନଗର, ନାଉକଣା ଅଧୀନ ଧାନମଣ୍ଡିରେ ଆଗାମୀ ୨୦୨୫-୨୬ ବର୍ଷ ଖରିଫ ଧାନ ବିକ୍ରି ପାଇଁ ଚାଷୀଙ୍କୁ ପଞ୍ଜୀକରଣ ଫର୍ମ ବିତରଣ କରାଯାଉଛି। ଚଳିତ ବର୍ଷ ଯେଉଁ ଚାଷୀ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜିକରଣ କରିବେ, ସେମାନଙ୍କ ପାଇଁ କେତେକ ନିୟମ ସରକାର କରିଛନ୍ତି। ପ୍ରଥମେ ସେମାନଙ୍କ ଜମି ପଟ୍ଟା, ବ୍ୟାଙ୍କ ଆକାଉଣ୍ଟ, ଆଧାର



କାର୍ଡ ଆଣିବାକୁ ପଡ଼ିବ। ପରେ ସମବାୟ ସମିତିରେ ଇ-କେୱାଇସି ହେଲେ ଯାଇ ସେମାନେ ମଣ୍ଡିରେ ଧାନ ଦେଇପାରିବେ ବୋଲି ନିୟମ ଲାଗୁ ହୋଇଛି। ଏ ସମ୍ପର୍କରେ ନୁଧାବସନ୍ତ ସମିତିର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଜେନା କହିଛନ୍ତି, ଅଗଷ୍ଟ ମାସ ୨୦ ତାରିଖ ପର୍ଯ୍ୟନ୍ତ ଏହି ଫର୍ମ ଚାଷୀଙ୍କୁ ପ୍ରଦାନ କରାଯିବ। ଚାଷୀ ଅଗଷ୍ଟ ୨୦ ତାରିଖ ସୁଦ୍ଧା ଫର୍ମ ସହିତ ଆଧାର କାର୍ଡ, ବ୍ୟାଙ୍କ ପାସ୍‌ବୁକ, ଜମିର ପଟ୍ଟା ପରି ଆବଶ୍ୟକୀୟ କାଗଜପତ୍ର ଅବିକଳ ନକଲ ଚାଷୀ ସମିତିରେ ଦାଖଲ କରିବା ପାଇଁ ସମୟ ନିର୍ଦ୍ଧାରିତ ହୋଇଛି। ଗତବର୍ଷଠାରୁ ଖରିଫ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସରକାର ୩୧୦୦ ଟଙ୍କା ଧାର୍ଯ୍ୟ କରିଛନ୍ତି। ବ୍ଲକ୍‌ର ୧୫ଟି ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଚାଷୀ ଆଗ୍ରହ ପ୍ରକାଶ କରିଥିବା ସମ୍ପାଦକ ଜ୍ଞାନରଞ୍ଜନ ନାୟକ ସୂଚନା ଦେଇଛନ୍ତି।

## ପୂର୍ତ୍ତ ବିଭାଗର ଅପରିଣାମଦର୍ଶିତା

# ପଟ୍ଟାମୁଣ୍ଡାଇ-ରାଜନଗର ରାସ୍ତାରେ ବଢୁଛି ଦୁର୍ଘଟଣା

ମାଳିପୁର,୨୭।୭ (ସମିସ):

ପଟ୍ଟାମୁଣ୍ଡାଇ-ରାଜନଗର ରାସ୍ତାର ମଦନପୁର ନିକଟରେ ଶନିବାର ଅପରାହ୍ନରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇଜଣଙ୍କ ମୂଲ୍ୟବାନ ଜୀବନ ଯାଇଛି। ଏହି ଦୁର୍ଘଟଣା ପାଇଁ ସ୍ଥାନୀୟ ବାସିନ୍ଦା ପୂର୍ତ୍ତ ବିଭାଗର ଉଦାସିନତାକୁ ଦାୟୀ କରିବା ସହିତ ବିଭାଗ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସ୍ଥାନୀୟ ବୁଦ୍ଧିଜୀବୀଙ୍କ କହିବା ଅନୁଯାୟୀ ଯେଉଁ ଜାଗାରେ ଦୁର୍ଘଟଣା ଘଟି ଦୁଇଜଣଙ୍କ ଜୀବନ ଚାଲିଗଲା, ସେହି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇ ରହିବା ସହିତ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣରେ ତଞ୍ଚକତା କରିବା ସହିତ କାମ ଠିକ୍ ନ ହେବାରୁ ରାସ୍ତାର ଏଭଳି ଦୁରାବସ୍ଥା ସୃଷ୍ଟି ହୋଇଛି। ସୌଭାଗ୍ୟବଶତଃ ବ୍ୟାରିକେଡ୍ ଯୋଗୁଁ ସେଥିରେ ଧକ୍କା ଖାଇ ବସ୍‌ଟି ବନ୍ଧ ତଳକୁ ଖସି ପଡ଼ିବାରୁ ବର୍ତ୍ତିଯାଇଥିଲା ଓ ବସ୍‌ରେ ଥିବା ସମସ୍ତ ଯାତ୍ରୀଙ୍କ ଜୀବନ ରକ୍ଷା ହୋଇଯାଇଥିଲା। ନଚେତ ଏକ ବଡ଼ ଦୁର୍ଘଟଣା ଘଟି ବହୁ ଲୋକଙ୍କ ଜୀବନ ଯାଇଥା'ନ୍ତା।

ଦୁର୍ଘଟଣା ସ୍ଥଳରୁ ମାତ୍ର କିଛି ମିଟର ଦୂରରେ ରାସ୍ତାରୁ ପାଣି ଗଡି ରାସ୍ତା ଧାରରେ ଥିବା ପ୍ରାୟ ୩ ଶହ ମିଟର ଲମ୍ବର ପାଦଚଲା ପଥ ସମ୍ପୂର୍ଣ୍ଣ ଭାବେ ଧୋଇଯାଇ ଗଭୀର ଖାଲ ହେବା ସହିତ ରାସ୍ତା କଡ଼ରେ ଥିବା ବ୍ୟାରିକେଡ୍ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ବର୍ଷାଧିକ କାଳ ହେଲା ତଳେ ପଡିଛି। କେତେବେଳେ ଯଦି ସାମାନ୍ୟ ଅସାବଧାନତା କାରଣରୁ କୌଣସି ଭାରୀଯାନର ଚକ ପିଚୁଧାର ବାହାରକୁ ଚାଲିଯାଏ, ତେବେ ବଡ଼ଧରଣର ଦୁର୍ଘଟଣା ଘଟିପାରେ। ରାସ୍ତାରେ ପାଦଚଲା ରାସ୍ତା ସମ୍ପୂର୍ଣ୍ଣ ଧୋଇ ଯାଇଥିବାରୁ ପଦାଚାରୀ ମଧ୍ୟ ଦୁର୍ଘଟଣାର ଶିକାର ହୋଇପାରନ୍ତି। ଅନେକ ଅଭିଯୋଗ ପରେ



କିଛିଦିନ ତଳେ ପଟ୍ଟାମୁଣ୍ଡାଇ ନିର୍ବାହୀ ଯନ୍ତ୍ରୀ କୃପାସିନ୍ଧୁ ଧଳ ଓ ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ପହଞ୍ଚି ସ୍ଥାନୀୟବାସିନ୍ଦାଙ୍କ ସହିତ ଆଲୋଚନା କରି ଖୁବଶୀଘ୍ର ନଷ୍ଟ ହୋଇଥିବା ସ୍ଥାନକୁ ଖୁଣ୍ଟ ପୋତି ବାଲି ବସ୍ତା ପକାଇ ମରାମତି କରିବା ସହିତ ପଟ୍ଟାମୁଣ୍ଡାଇରୁ ମଦନପୁର ପର୍ଯ୍ୟନ୍ତ ରାସ୍ତାର ଯେଉଁ ସବୁ ସ୍ଥାନରେ ଖାଲ ସୃଷ୍ଟି ହୋଇଛି, ତାକୁ ମଧ୍ୟ ବର୍ଷାଦିନ ପୂର୍ବରୁ ମରାମତି ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ମାସାଧିକ କାଳ ବିତିଯାଇଥିଲେ ବି ମରାମତି କରା ନ ଯିବାରୁ ବନ୍ୟା ବନ୍ଧ ରାସ୍ତା ଅଲଭାରରୁ ମଦନପୁର ପର୍ଯ୍ୟନ୍ତ ମରଣଯନ୍ତାରେ ପରିଣତ ହୋଇଛି। ଯେଉଁଥିପାଇଁ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏଣୁ ରାସ୍ତାରେ ଥିବା ଖାଲଖମା ଯଥାଶୀଘ୍ର ମରାମତି କରିବାକୁ ଉତିକଣ ସଂଗ୍ରାମ ପରିଷଦର ସଭାପତି ରମାକାନ୍ତ ଦାଶ, ଆଶିଷ ମଲିକ, ରଞ୍ଜନ ରାଉତ, ଅଜୟ ସେନ, ଦିବାକର ବେହେରା, ଦେବାଶିଷ ରାଉଳ, ସର୍ବେଶ୍ୱର ସେଠୀ, ନିରଞ୍ଜନ ଦାସ, ବୁଟୁନା ପଣ୍ଡା, ଅର୍ଜୁନ ସାହୁ, ଅତନୁ ମଲିକ, ବୃନ୍ଦାବନ ପରିଡ଼ା ପ୍ରମୁଖ ଦାବି କରିଛନ୍ତି।

## ଗ୍ୟାସ ସିଲିଣ୍ଡର ଚୋରି; ୨ ଗିରଫ

ଖଜୁରିଆକଟା, ୨୭ ।୭ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନଏସି ଅଞ୍ଚଳରୁ ଗ୍ୟାସ ସିଲିଣ୍ଡର ଚୋରି ଅଭିଯୋଗରେ ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।





ହିନ୍ଦୋଳ ଏନଏସି ରାଜମୋହନପୁର ଗ୍ରାମ ୱାର୍ଡ ନଂ-୧୩ର ପୂର୍ବତନ କାଉନସିଲର ବସୁମତୀ ସାହୁଙ୍କ ଫାର୍ମରୁ ଦୁର୍ବୃତ୍ତ ଗ୍ୟାସ ସିଲିଣ୍ଡର ଚୋରିକରି ଖଜୁରିଆକଟା ଅଞ୍ଚଳରେ ବିକ୍ରି ଉଦ୍ୟମ କରୁଥିଲେ। ବସୁମତୀଙ୍କ ସ୍ୱାମୀ ପୂର୍ବତନ ସମିତିସଭ୍ୟ ଲକ୍ଷ୍ମଣ ସାହୁ ଏ ନେଇ ହିନ୍ଦୋଳ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଚଢ଼ଉ କରି ୱାର୍ଡ ନଂ-୧୩ର ତପନ ନାଏକ ଓ ବଣ୍ଟି ନାଏକଙ୍କୁ ଗିରଫ କରିଛି। ତାଙ୍କଠାରୁ ଚୋରି ସାମଗ୍ରୀ ଉଦ୍ଧାର କରାଯାଇଛି। ଏ ନେଇ ଥାନାରେ ମାମଲା ରୁଜୁକରି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗିରଫ ବଣ୍ଟି ଓ ତପନ ପୂର୍ବରୁ ମଧ୍ୟ ଅନେକ ଚୋରି ଘଟଣାରେ ସମ୍ପୃକ୍ତ ଥିବା ପୁଲିସ ସୂଚନା ଦେଇଛି।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡାଇରିଆ ୱାର୍ଡରେ ଦୁର୍ଗନ୍ଧ

ଢେଙ୍କାନାଳ, ୨୭ ।୭ (ସମିସ)

ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟର ଡାଇରିଆ ୱାର୍ଡରେ ଦୁର୍ଗନ୍ଧ ସହ କର୍ମଚାରୀମାନେ ରୋଗୀଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ଆମ ଆଦମୀ ପାର୍ଟି କର୍ମକର୍ତ୍ତାମାନେ ଚିକିତ୍ସାଳୟ ପରିଦର୍ଶନ

● ସଫା ହେଉନି ଶୌଚାଳୟ
● ରୋଗୀଙ୍କ ପ୍ରତି କର୍ମଚାରୀ ଦୁର୍ବ୍ୟବହାର



କରିଥିଲେ। ଏହି ସମୟରେ ସଦସ୍ୟମାନେ ଡାଇରିଆ ୱାର୍ଡରେ ଦୁର୍ଗନ୍ଧ ସହ ଏଠାରେ ଥିବା ଶୌଚାଳୟ, ରୋଗୀମାନଙ୍କ ବେଡ୍‌ସିଟ ସଫା ହେଉ ନ ଥିବା ଦେଖିଥିଲେ। ସେହିପରି ରୋଗୀମାଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ ଆସିଥିଲା। ସରକାରଙ୍କ ତରଫରୁ ପ୍ରତ୍ୟହ ଖାଦ୍ୟ ସୂଚୀ ଟଙ୍ଗାଯାଇଛି। କେଉଁ ଦିନ କେଉଁ ରଙ୍ଗର ବେଡ୍‌ସିଟ ରୋଗୀଙ୍କ ପାଇଁ ବିଛାଯିବ ତାହାର ତାଲିକା ମଧ୍ୟ ଟଙ୍ଗା ହୋଇଛି। ତେବେ ରୋଗୀ ଏବଂ ସମ୍ପର୍କୀୟମାନେ ନିମ୍ନମାନର ଖାଦ୍ୟ ପାଇଁ ଓ ପ୍ରତ୍ୟେକ ଦିନ ବେଡ୍‌ସିଟ ବଦଳାଯାଉ ନ ଥିବା ଅଭିଯୋଗ କରିଥିଲେ। ଏଭଳି ଅବ୍ୟବସ୍ଥା ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲେ ଜୋରଜବରଦସ୍ତ କଟକ ବଡ଼ ଡାକ୍ତରଖାନା ପଠାଇ ଦିଅନ୍ତି। ତେଣୁ ଭୟରେ କେହି ଅଭିଯୋଗ କରନ୍ତି ନାହିଁ ବୋଲି କହିଥିଲେ। ସେହିପରି ଆଇଡି ୱାର୍ଡର ଶୌଚାଳୟ ଅନେକ ଦିନରୁ ଖରାପ ହୋଇ ତାଲା ପଡ଼ିଛି। ମହିଳା ରୋଗୀମାନେ (କାହାର ଗୋଡ଼ କଟିଛି ତ କାହାର ହାତ ବନ୍ଧା ହୋଇଛି) ନ ଅନ୍ୟ ୱାର୍ଡର ଶୌଚାଳୟକୁ ଯିବାକୁ ଅସମର୍ଥ ହୋଇଥିଲେ ମଧ୍ୟ ବଡ଼ କଷ୍ଟରେ ଝାଡ଼ା ପରିସ୍ରା ଯାଉଛନ୍ତି। ଅଭିଯୋଗଗୁଡ଼ିକ ସମ୍ପର୍କରେ ପାର୍ଟିରେ ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ ହସ୍ପିଟାଲ ମ୍ୟାନେଜରଙ୍କ ସହିତ ଫୋନରେ ଯୋଗାଯୋଗ କରିବାରୁ ସେ କହିଥିଲେ ଯେ ମୁଁ ସବୁ ଦେଖି ସମାଧାନ କରିବି। ସୂଚନାଯୋଗ୍ୟ, ଗତ ୨୫ ତାରିଖ ଆମ ଆଦମୀ ପାର୍ଟି ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହିତ ଅନ୍ୟ ଅଧିକାରୀମାନଙ୍କୁ ହସ୍ପିଟାଲର ଅବ୍ୟବସ୍ଥା ସମ୍ପର୍କରେ ଅବଗତ କରିଥିଲେ। ଏହା ସତ୍ତ୍ୱେ ସ୍ଥିତିରେ ସୁଧାର ଆସି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏହାର ସମାଧାନ ନ ହେଲେ ଆଗାମୀ ଦିନରେ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ନଗର ସଭାପତି ଦେବାଶିଷ ନନ୍ଦ, ଅଭିମନ୍ୟୁ ଦଳେଇ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ କାର୍ଯ୍ୟକ୍ରମ



ଢେଙ୍କାନାଳ, ୨୭ ।୭ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୨୪ତମ ମନ କୀ ବାତ କାର୍ଯ୍ୟକ୍ରମ ରବିବାର ଢେଙ୍କାନାଳସ୍ଥିତ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ କାର୍ଯ୍ୟାଳୟରେ ନଗର ମଣ୍ଡଳ କାର୍ଯ୍ୟକର୍ତ୍ତା ଓ ନେତୃବୃନ୍ଦ ଶୁଣିଥିଲେ। ଢେଙ୍କାନାଳ ବିଜେପି ନଗର ମଣ୍ଡଳ ସଭାପତି ବିକାଶ କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ମିଡିଆ ସେଲ ପ୍ରଭାରୀ ନବକିଶୋର ଗୁରୁ, ଜିଲ୍ଲା ଉପସଭାପତି ବିଷ୍ଣୁ ପ୍ରସାଦ ଲେଙ୍କା, ମାତୃପ୍ରସାଦ ନନ୍ଦ, ଜିଲ୍ଲା କୋଷାଧ୍ୟକ୍ଷ ସଞ୍ଜୀବ ମହାପାତ୍ର, ସାଂସଦଙ୍କ ପୌର ପ୍ରତିନିଧି ରୁଦ୍ରନାରାୟଣ ତ୍ରିପାଠୀ, ମନ୍ତ୍ରୀଙ୍କ ପ୍ରତିନିଧି ସନ୍ତୋଷ କୁମାର ରାଉତ, ଜ୍ଞାନରଞ୍ଜନ ନାୟକ, ନଗର ମଣ୍ଡଳ ଓବିସି ମୋର୍ଚ୍ଚା ସଭାପତି ସନ୍ତୋଷ ବେହେରା, ନଗରମଣ୍ଡଳ ପୂର୍ବତନ ସଭାପତି ଧ୍ରୁବଚରଣ ସ୍ୱାଇଁ, କାଉନସିଲର ସୂର୍ଯ୍ୟପ୍ରତାପ ରାଉତ, ପ୍ରଦୀପ ମଲ୍ଲିକ, ବରିଷ୍ଠ ନେତା ସତ୍ୟାନନ୍ଦ ମହାପାତ୍ର, ରଞ୍ଜନ ସାହୁ, ମାନସ ହୋତା, ବିଭୂତି ଷେଣ୍ଢେ, ଉଲି ନାୟକ, ରୀତା ସାହୁ, ଧ୍ରୁବଚରଣ ସ୍ୱାଇଁ, ଦେବାଶିଷ ପାଣି, ଦୀପକ ପଟ୍ଟନାୟକ, ସୁଚିତ୍ର ବେହେରା, ବାଦଲ ବେହେରା, ରାଜେନ୍ଦ୍ର ପ୍ରଧାନ, ବିକଳ ବେହେରା, ସଞ୍ଜୟ ରାଉତ, ସମରେନ୍ଦ୍ର ଶତପଥୀ, ସଞ୍ଜୟ ସାହୁ, ରିଙ୍କୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

■ ହିନ୍ଦୋଳ ଉପଖଣ୍ଡରେ ସ୍ୱଳ୍ପ ବର୍ଷା

## ପାଣି ପମ୍ପରେ ଚାଲିଛି ଚାଷକାର୍ଯ୍ୟ



ଢେଙ୍କାନାଳ, ୨୭ ।୭ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର ଅନେକ ଅଞ୍ଚଳରେ ସ୍ୱଳ୍ପ ବର୍ଷା ଯୋଗୁଁ ଚାଷକାର୍ଯ୍ୟ ଠପ ହୋଇପଡ଼ିଛି। ଅନେକ ଗ୍ରାମରେ ପାଣି ଅଭାବ ଯୋଗୁଁ ରୁଆକାର୍ଯ୍ୟ ବନ୍ଦ ହୋଇଥିବା ବେଳେ କେତେକ ସ୍ଥାନରେ ପାଣି ପମ୍ପ ସାହାଯ୍ୟରେ ଜଳସେଚନ କରି ଚାଷକାର୍ଯ୍ୟ କରାଯାଉଛି।

ହିନ୍ଦୋଳ ବ୍ଲକରେ ୩୫ ପଞ୍ଚାୟତ ରହିଛି। ଚଳିତ ବର୍ଷ ଜୁନ ମାସରେ ଏହି ବ୍ଲକରେ ମୋଟ ୨୦୭ମିମି ଏବଂ ଜୁଲାଇ ମାସରେ ୧୨ ବର୍ତ୍ତମାନ ସୁଦ୍ଧା ୧୧୬ ମିମି ବର୍ଷା ରେକର୍ଡ କରାଯାଇଛି। ଚାଷୀମାନେ ଜୁନ ମାସରୁ ଧାନ ତଳି ପକାଇ ରୋଇବା ପାଇଁ ଚାହିଁ ରହିଛନ୍ତି। କିନ୍ତୁ ସ୍ୱାଭାବିକଠାରୁ କମ ବର୍ଷା ହେଉଥିବାରୁ ବିଲରେ ପାଣି ନାହିଁ। ଫଳରେ ତଳି ବୁଢ଼ା ହେବା ସହ ଜମିରେ ପାଣି ନ ଥିବାରୁ ଚାଷ କାର୍ଯ୍ୟ ଆଗେଇ ପାରୁନାହିଁ। ଅନେକ ସ୍ଥାନରେ ଚାଷୀମାନେ ପାଣି ପମ୍ପ ସାହାଯ୍ୟରେ ଜମିକୁ ପାଣି ମଡ଼ାଇ ଚାଷ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ବମ୍ପା ଗ୍ରାମର ଚାଷୀମାନେ ଜମିକୁ ପମ୍ପରେ ପାଣି ମଡ଼ାଉଥିବା ଦେଖିବାକୁ ମିଳିଥିବା ବେଳେ ଜଗନ୍ନାଥପୁର, ଗଞ୍ଜରା, ପଟାଲୁ, ବାବନ୍ଧ ସହିତ ଅନେକ ଗ୍ରାମରେ ସମାନ ଅବସ୍ଥା ଦେଖିବାକୁ ମିଳିଛି। ବ୍ଲକରେ ଜଳସେଚନ ଅଭାବ ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି।

■ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ସମ୍ମିଳନୀ

## ପେନସନ ଓ ଅନୁଦାନ ଦାବିରେ ଆନ୍ଦୋଳନ ପାଇଁ ସଜବାଜ



ଢେଙ୍କାନାଳ, ୨୭ ।୭ (ସମିସ): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଜିଲ୍ଲାସ୍ତରୀୟ ସମ୍ମିଳନୀ ଓଷ୍ଟା ଶିକ୍ଷକ ଭବନରେ ଅନୁଷ୍ଠିତ ହୋଇଛି। ଓଷ୍ଟାର ଜିଲ୍ଲା ସଭାପତି ଶ୍ରୀରାମ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ରାଜ୍ୟ ସଂଘ କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଆଗାମୀ ଆନ୍ଦୋଳନ ସମ୍ପର୍କରେ ମାର୍ଗ ପ୍ରସ୍ତୁତ କରି କହିଥିଲେ। ସରକାରଙ୍କ ସହ ପେନସନ ଓ ଅନୁଦାନ ନିମନ୍ତେ ବାରମ୍ବାର ଆଲୋଚନା କରାଯାଇଥିଲେ ମଧ୍ୟ କିଛି ଫଳପ୍ରଦ ହୋଇନାହିଁ। ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗତ ସରକାରରେ ବିରୋଧୀ ଦଳ ଭୂମିକାରେ ଥିବାବେଳେ ଆମ ସରକାର ଆସିଲେ ପେନସନ ଓ ଅନୁଦାନ ଦାବି ନିଶ୍ଚିତ ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଶାସନର ବର୍ଷାଧିକ କାଳ ବିତିଯାଇଥିଲେ ବି ଦାବି ପ୍ରତି ଅଣଦେଖା କରାଯାଇଛି। ଦାବି ହାସଲ ପାଇଁ ବର୍ତ୍ତମାନ ଆନ୍ଦୋଳନର ସମୟ ଆସିଛି। ସମସ୍ତେ ଏକ ହୋଇ ଲଢ଼େଇ କରିବାକୁ ମହାପାତ୍ର ଆହ୍ୱାନ ଦେଇଥିଲେ। ରାଜ୍ୟସଂଘ ଉପସଭାପତି ପ୍ରମୋଦ କୁମାର ସ୍ୱାଇଁ ଆନ୍ଦୋଳନକୁ ତୀବ୍ର କରିବା ଉପରେ ମତ ରଖିଥିଲେ। ଜିଲ୍ଲା ସଂଘ ସମ୍ପାଦକ ଶଶିକାନ୍ତ ଦାସ ଅଗଷ୍ଟ ୨ ତାରିଖ ବ୍ଲକ ସ୍ତର ଓ ୮ ତାରିଖ ଜିଲ୍ଲା ସ୍ତରରେ ଆନ୍ଦୋଳନ କରାଯିବ ବୋଲି ସୂଚନା ଦେଇଥିଲେ। ଜିଲ୍ଲାସ୍ତରୀୟ ଆନ୍ଦୋଳନରେ ପ୍ରତ୍ୟେକ ସ୍କୁଲ୍‌ରେ ୨ ଜଣ ରହି ଆଉ ସମସ୍ତ ଶିକ୍ଷକ କର୍ମଚାରୀ ସଦର ମହକୁମାକୁ ଆସି ରାଲି ଓ ଧାରଣା ସମାବେଶରେ ଉପସ୍ଥିତ ରହିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଦାବି ହାସଲ ପାଇଁ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ। ଏଥି ପୂର୍ବରୁ ବ୍ଲକ୍ ସ୍ତରରେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବା ଉପରେ ସଭାପତି ଗୁରୁତ୍ୱ ଦେଇଥିଲେ। ଢେଙ୍କାନାଳ ଓଷ୍ଟାର ପୂର୍ବତନ ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ, ପୂର୍ବତନ ସମ୍ପାଦକ ବିଭୂତି ସାମଲ, ପୀତାମ୍ବର ଦାଶ ପ୍ରମୁଖଙ୍କ ସମେତ ଜିଲ୍ଲା କର୍ମକର୍ତ୍ତା, ସମସ୍ତ ବ୍ଲକରୁ ଆସିଥିବା କର୍ମକର୍ତ୍ତା, ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ବୈଠକରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସଂଘ ଉପସଭାପତି ଶୁଭସ୍ମିତା ବେଉରା ଧନ୍ୟବାଦ ଦେଇଥିଲେ।

## କପିଳାସରେ ୨ଲକ୍ଷ ଭକ୍ତଙ୍କ ସମାଗମ ସମ୍ଭାବନା

ଗଁଦିଆ, ୨୭ ।୭ (ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଶୈବପୀଠ କପିଳାସରେ ଶ୍ରାବଣ ମାସ ୩ୟ ସୋମବାର ୨ ଲକ୍ଷରୁ ଊର୍ଦ୍ଧ୍ୱ କାଉଡ଼ିଆଙ୍କ ସମାଗମ ହେବା ସମ୍ଭାବନା ରହିଛି। ଏଥିପାଇଁ ଦେବୋତ୍ତର ବିଭାଗଠାରୁ ଆରମ୍ଭ କରି ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। କପିଳାସର ବାବା ଚନ୍ଦ୍ରଶେଖରଙ୍କଠାରେ ଜଳଲାଗି ପାଇଁ ଶନିବାରଠାରୁ ଭକ୍ତମାନେ କାନ୍ଧରେ ପାଣିଭାର ଧରି ପୀଠ ଅଭିମୁଖେ ବାହାରି ସାରିଛନ୍ତି। ରବିବାର ମଧ୍ୟରାତ୍ରି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଆଗମନ ଜାରି ରହିବ ବୋଲି କୁହାଯାଉଛି। ଢେଙ୍କାନାଳ ଜିଲ୍ଲା ସମେତ ପଡ଼ୋଶୀ ଯାଜପୁର, କଟକ, ଅନୁଗୋଳ, କେନ୍ଦୁଝର, ଭଦ୍ରକ, ପୁରୀ, ଜଗତସିଂହପୁର ତଥା ରାଜଧାନୀ ଭୁବନେଶ୍ୱରରୁ କାଉଡ଼ିଆମାନେ ଆସୁଥିବା ଦେଖିବାକୁ ମିଳିଛି। ରବିବାର ଗଁଦିଆ, ଟାଙ୍ଗୀ, ଢେଙ୍କାନାଳ ଆଡୁ ରାସ୍ତାରେ କାଉଡ଼ିଆଙ୍କ ଲମ୍ବା ଧାଡ଼ି ଲାଗି ରହିଛି। ପାଗ ଅନୁକୂଳ ଥିବା ସହ ସମୟେ ସମୟେ ସ୍ୱଳ୍ପ ବର୍ଷା ଯୋଗୁଁ ଭକ୍ତମାନେ ବିଶେଷ କଷ୍ଟ ଅନୁଭବ ନ କରି ଗୋଟିଏ ଲକ୍ଷରେ ଚାଲୁଥିବା ଦେଖିବାକୁ ମିଳିଛି। ଭିଡ଼କୁ ଦୃଷ୍ଟିରେ ରଖି ଦେବୋତ୍ତର ବିଭାଗ ପକ୍ଷରୁ ଭକ୍ତଙ୍କ ବିଶ୍ରାମ ପାଇଁ ୫ଟି ଅସ୍ଥାୟୀ ବିଶ୍ରାମସ୍ଥଳୀ କରାଯାଇଛି। ଏଥିସହ ଫ୍ୟାନ ଓ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ହୋଇଛି। ରାସ୍ତାରେ ଆଲୋକ ବ୍ୟବସ୍ଥା କରାଯାଇଛି। ଶାନ୍ତିଶୃଙ୍ଖଳା ପାଇଁ ଗଁଦିଆ ଅତିରିକ୍ତ ତହସିଲଦାର ସୌଭାଗ୍ୟ କୁମାର ମହାନ୍ତି ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଛନ୍ତି। ଗଁଦିଆ ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନଙ୍କର ନେତୃତ୍ୱରେ ପୁଲିସ ଅଧିକାରୀ ଓ



କର୍ମଚାରୀ ମୁତୟନ ରହିଛନ୍ତି। ସୋମବାର ଭୋର ସମୟରେ ଠାକୁରଙ୍କ ନୀତିକାନ୍ତି ପରେ ମନ୍ଦିର ଦ୍ୱାର ଖୋଲାଯିବ। ସିଂହଦ୍ୱାରରୁ ଧାଡ଼ିରେ ଠିଆହୋଇ ଭକ୍ତମାନେ ଜଳଲାଗି କରିବା ସହ ଠାକୁରଙ୍କ ଦର୍ଶନ କରିବେ।

## ୨ ବଖରା ଘର ଜଳିଗଲା



କାମାକ୍ଷାନଗର, ୨୭ ।୭ (ସମିସ): କାମାକ୍ଷାନଗର ବ୍ଲକ କନ୍ତିଓକାଟେଣି ଗାଁରେ ରବିବାର ସକାଳେ ଅଗ୍ନିକାଣ୍ଡ ଘଟି ୨ ବଖରା ଜଳିଯାଇଛି। ଗାଁର ବୈଷ୍ଣବ ମହାରଣାଙ୍କ ଘରେ କୌଣସି କାରଣରୁ ନିଆଁ ଲାଗିଥିଲା। ଏଥିରେ ତାଙ୍କ ୨ ବଖରା ଘର ସହ ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। କାମାକ୍ଷାନଗର ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲେ।

## ଶୁଣ୍ଢି ସମାଜର ବୈଠକ ଅନୁଷ୍ଠିତ



ଗଁଦିଆ, ୨୭ ।୭ (ସମିସ): ସ୍ଥାନୀୟ ଏକ ହୋଟେଲ ପରିସରରେ ଶୁଣ୍ଢି ସମାଜର ବୈଠକ ବରିଷ୍ଠ ସଦସ୍ୟ ଅନନ୍ତ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟତଃ ଆସନ୍ତା ୧୦ ତାରିଖ ସିନର୍ଜି ଇଞ୍ଜିନିୟରିଂ କଲେଜରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ବୈଠକ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଗଁଦିଆ ବ୍ଲକର ଆବାହକ ପ୍ରଦୀପ କୁମାର ସାହୁ, ହେମନ୍ତ କୁମାର ସାହୁ, ଜୟନ୍ତ କୁମାର ସାହୁ, ମହେନ୍ଦ୍ର କୁମାର ସାହୁ, ସୁଦାମ କୁମାର ସାହୁ, ସୁବାସ ଚନ୍ଦ୍ର ସାହୁ, ଶଙ୍କର ପ୍ରତାପ ସାହୁଙ୍କ ସମେତ ବହୁ ସଭ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଶିବଶକ୍ତି ମହାନ୍ତି ଓଡ଼ାପଡ଼ା ବିଜେପି ମଣ୍ଡଳ ସଭାପତି

ଢେଙ୍କାନାଳ, ୨୭ ।୭ (ସମିସ): ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ଶିବଶକ୍ତି ମହାନ୍ତିଙ୍କୁ ଓଡ଼ାପଡ଼ା ବିଜେପି ମଣ୍ଡଳ ସଭାପତି ଭାବେ ଢେଙ୍କାନାଳ ଜିଲ୍ଲା ବିଜେପି ସଭାପତି ରାସବିହାରୀ ବେହେରା ଘୋଷଣା କରିଛନ୍ତି। ଏ ନେଇ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜିଲ୍ଲା ମିଡିଆ ସେଲ ପ୍ରଭାରୀ ନବକିଶୋର ଗୁରୁ ଜଣାଇଛନ୍ତି।

## ଗୋରୁ ବୋଝେଇ ପିକଅପ ଜବତ

■ ମାଫିଆ ଫେରାର

ହିନ୍ଦୋଳ, ୨୭ ।୭ (ସମିସ): ହିନ୍ଦୋଳ ଥାନା ସରାସିଙ୍ଗ ଛକରୁ ରବିବାର ପୁଲିସ ଏକ ଗୋରୁ ବୋଝେଇ ପିକଅପ ଜବତ କରିଛି। ଗାଡ଼ିରୁ ୭ଟି ଗୋରୁ ଉଦ୍ଧାର କରାଯାଇଛି। ତେବେ ମାଫିଆମାନେ ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି। ଏ ନେଇ ଥାନାରେ ଏକ ମାମଲା ରଜୁକରି ପୁଲିସ ତଦନ୍ତ ଜାରି ରଖିଛି। ଚୋରା ଗୋରୁ ଚାଲାଣ ହେଉଥିବା ଖବର ପାଇ ହିନ୍ଦୋଳ ଏସଡିପିଓଙ୍କ ନିର୍ଦ୍ଦେଶରେ ଥାନା ଅଧିକାରିଣୀ ଚାରୁଲତା ସାହୁ ସଦଳବଳ ଚଢ଼ଉ କରିଥିଲେ।

## ଗାଈ ସହ ବାଇକ୍ ଧକ୍କା; ଯୁବକ ଗୁରୁତର

ପରଜଙ୍ଗ, ୨୭ ।୭ (ସମିସ): ୫୩ନଂ ଜାତୀୟ ରାଜପଥର ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମୁକ୍ତାପଶି ଛକରେ ରବିବାର ସନ୍ଧ୍ୟାରେ ଗାଈ ସହିତ ଧକ୍କା ହେବାରୁ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ କାମାକ୍ଷାନଗର ଆଲତୁମା ଗ୍ରାମର ବାଙ୍କ ଦେହୁରୀଙ୍କ ପୁଅ ବିକାଶ ଦେହୁରୀ (୧୮)। ବିକାଶ ବାଇକରେ ନିଜ ଘରକୁ ଯାଉଥିବା ବେଳେ ମୁକ୍ତାପଶି ଛକରେ ଏକ ଗାଈ ସହ ଧକ୍କା ହୋଇଥିଲେ। ସ୍ଥାନୀୟଲୋକେ ତାଙ୍କୁ ଉଦ୍ଧାର କରି ଏନଏଚ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପରଜଙ୍ଗ ମେଡିକାଲ ପଠାଇଛନ୍ତି।

# ବର୍ଷା ଦିନରେ ବିଶୁଦ୍ଧ ପାନୀୟ ଜଳ ସଙ୍କଟ

ଢେଙ୍କାନାଳ, ୨୭ ।୭ (ସମିସ)

ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ଓ ହିନ୍ଦୋଳ ବ୍ଲକରେ ଆରମ୍ଭ ହୋଇଛି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ। ବ୍ରାହ୍ମଣୀ ନଦୀରୁ ପାନୀୟ ଜଳ ଯୋଗାଣ ପାଇଁ ପ୍ରକଳ୍ପ କାର୍ଯ୍ୟ ଚାଲିଥିବାବେଳେ ଏହାର ବାସ୍ତବତାକୁ ନେଇ ପ୍ରଶ୍ନ ଉଠିଛି। ଦୀର୍ଘଦିନ ତଳୁ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ସରକାର ବଦଳିଯିବା ପରେ କାମ ସମ୍ପୂର୍ଣ୍ଣ ହେବା ତ ଦୂର କଥା ବିଶୁଦ୍ଧ ପାନୀୟ ଜଳ ଏବେ ସ୍ୱପ୍ନ ହୋଇପଡ଼ିଛି।

ବର୍ତ୍ତମାନ ସୁଦ୍ଧା ପାଇପ ଯୋଗେ ୩୯ ଗ୍ରାମରେ ପାନୀୟ ଜଳ ଯୋଗାଣ କରାଯାଉଛି। ପାଇପ ଯୋଗେ ପାନୀୟ ଜଳ ପ୍ରକଳ୍ପ ଯୋଜନାରେ ଅଧିକାଂଶ ପ୍ରକଳ୍ପ ବିଫଳ ହୋଇଥିବା ବେଳେ ଓଡ଼ାପଡ଼ା ବ୍ଲକବାସୀଙ୍କୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ସରକାରଙ୍କ ତରଫରୁ ମେଗା ପାନୀୟ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ବ୍ଲକରେ ପାନୀୟ ଜଳର ଚାହିଦା ୦.୦୦୬୭୬ ବିସିଏମ ରହିଥିବା ବେଳେ ୦.୧୮୨୭୫ ବିସିଏମ ସର୍ଫେସ ଜଳ ମିଳୁଛି। ୦.୦୨୦ ବିଏସ୍‌ଏମ୍ ଭୂତଳ ଜଳ ପ୍ରାପ୍ତ ହେଉଛି। ବ୍ଲକରେ ଥିବା ଅଧିକାଂଶ ଗ୍ରାମରେ ଫେବ୍ରୁଆରୀରୁ ଜୁଲାଇ ମାସ ପର୍ଯ୍ୟନ୍ତ ପାନୀୟ ଜଳ ସଙ୍କଟ ଅଧିକ ରହୁଥିବା ବେଳେ ବର୍ଷା ଦିନରେ ବିଶୁଦ୍ଧ ପାନୀୟ ଜଳ ସଙ୍କଟ ଲାଗିରହିଥାଏ। ମୁଖ୍ୟତ ନଦୀକୂଳରେ ଥିବା ଗ୍ରାମଗୁଡ଼ିକରେ ଅଧିକ

● ଓଡ଼ାପଡ଼ାରେ ମେଗା ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣକୁ ନେଇ ପ୍ରଶ୍ନବାଚୀ



ପାନୀୟ ଜଳ ସଙ୍କଟ ଦେଖିବାକୁ ମିଳୁଥିବା ବେଳେ ବର୍ଷା ଯୋଗୁଁ ଖୋଲା କୂଅ ପାଣି ଦୂଷିତ ହୋଇଥାଏ। ତେବେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ବ୍ଲକର ନାଧରାଠାରେ ଏକ ମେଗା ପ୍ରକଳ୍ପ ନିର୍ମାଣ କରିବା ପାଇଁ ସ୍ଥିର ହୋଇଥିଲା। ତତକାଳନୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହାର ଶିଳାନ୍ୟାସ କରାଯାଇଥିଲା। ଡିଏମଏଫ୍, ଓଏମବିଏଡିସି, ରାଜ୍ୟ ବକ୍ସି ଜଗବନ୍ଧୁ ନିଶ୍ଚିତ ପାନୀୟ ଜଳ ଯୋଗାଣ ବା ବସୁଧା, ନାବାର୍ଡ ସହାୟତାରେ ଆରଆଇଡିଏଫ ଏବଂ ଜେଏମସି ଓ ଜେଡବ୍ଲୁଆଇସି ଯୋଜନାରେଏହି ପ୍ରକଳ୍ପ ନିର୍ମାଣ ହେଉଛି। ଠିକାଦାରଙ୍କ ଦ୍ୱାରା ପାଇପ ବିଛାଇବା କାର୍ଯ୍ୟ ଜୋରସୋରରେ ଆରମ୍ଭ ହୋଇଥିଲା। ଓଡ଼ାପଡ଼ାଠାରୁ ପ୍ରାୟ ୧୫ କିମି ଦୂରରେ ଥିବା ଗୁଣ୍ଡିଚାପଡ଼ା ପଞ୍ଚାୟତ ଏବଂ କଣ୍ଟାବଣିଆ ସହ ବିଭିନ୍ନ ପଞ୍ଚାୟତରେ ଏହି କାର୍ଯ୍ୟ ଚାଲୁରହିଛି। କିନ୍ତୁ ଏହି ଯୋଜନାର ବାସ୍ତବିକତା କେତେ ତାକୁ ନେଇ ଏବେ ଆଲୋଚନା ହେଉଛି। ନାଧରା ନିକଟରୁ ଗୁଣ୍ଡିଚାପଡ଼ା ଏବଂ ଅନ୍ୟ ସ୍ଥାନକୁ ପାଣି ଯୋଗାଣ କେତେଦୂର ସଫଳ ହେବା ତାହା ସମୟ କହିବ। ବିଜେଡି ସରକାର ବଦଳି ଯିବା ପରେ ପାନୀୟ ଜଳପ୍ରକଳ୍ପ କାର୍ଯ୍ୟ ଠପ ହୋଇପଡ଼ିଛି। ଗ୍ରାମଗୁଡ଼ିକରେ ପାଇପ ନଷ୍ଟ ହୋଇଯାଇଥିବା ବେଳେ ଷ୍ଟାଣ୍ଡପୋଷ୍ଟ ବି ଭାଙ୍ଗିଗଲାଣି। ପ୍ରତି ଗ୍ରାମରେ ବଡ଼ ବଡ଼ ଟାଙ୍କି କରାଯାଇଥିବାବେଳେ ତାହା କେବଳ ଆକାଶକୁ ମୁଣ୍ଡଟେକି ଠିଆ ହୋଇଛି। ବର୍ଷାଦିନେ ବିଶୁଦ୍ଧ ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ଏ ଦିଗରେ ପଦକ୍ଷେପ ନେବା ସହିତ ତୁରନ୍ତ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି।

## ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ କାର୍ଯ୍ୟକ୍ରମ

ପରଜଙ୍ଗ, ୨୭ ।୭ (ସମିସ): ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୨୪ତମ ମନ କି ବାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆକାଶବାଣୀ, ଦୂରଦର୍ଶନ, ନମୋ ଆପ୍ ମାଧ୍ୟମରେ ଏହାର ସିଧା ପ୍ରସାରଣ କରାଯାଇଥିଲା। ପରଜଙ୍ଗ ବ୍ଲକ ବଡ଼ଝରା ପଞ୍ଚାୟତ କାର୍ଯ୍ୟାଳୟରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ମନ କି ବାତ କାର୍ଯ୍ୟକ୍ରମ



ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପିନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ସାହୁ, ଅନ୍ତର୍ଯ୍ୟାମୀ ସାହୁ, ବ୍ଲକ ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ସରପଞ୍ଚ ରୁନୁ ପ୍ରଧାନ, ମଣ୍ଡଳ ସଭାପତି ବାପୁନ ସାହୁ, ବୈଷ୍ଣବ ନାଥ, ଅନିଲ ଭୂତିଆ, ରମେଶ ଚନ୍ଦ୍ର ସାହୁ, ଦୋଳଗୋବିନ୍ଦ ବେହେରାଙ୍କ ସମେତ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୬୩ ● ପାଉଣ୍ଡ ୧୧୬.୫୪
- ୟୁରୋ ୧୦୧.୦୮ ● ୟେନ୍ ୦.୫୮

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୧,୬୦୦ (ନୂଆଦିଲ୍ଲୀ)
- ରୁପା : ୧,୧୬,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୪୬୩.୦୦
- ନିଫ୍ଟି ୨୪,୮୩୭.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଅଗଷ୍ଟ ପହିଲାରୁ ୟୁପିଆଇ ନିୟମରେ ବଡ଼ ପରିବର୍ତ୍ତନ

# ଦିନକୁ ବାଲାନ୍ସ ଚେକ୍ ଲିମିଟ୍ ୫୦ ଥର

ନୂଆଦିଲ୍ଲୀ,୨୭।୭ (ଏଜେନ୍ସି)




ଅଗଷ୍ଟ ପହିଲାରୁ ୟୁପିଆଇ ନିୟମରେ ହେବାକୁ ଯାଉଛି ଏକ ବଡ ପରିବର୍ତ୍ତନ। ଏଥିରେ ୟୁଜରମାନେ କିଛି ନୂଆ ଜିନିଷ ଦେଖିବାକୁ ପାଇବେ। ଦୈନିକ ଫୋନ୍ ପେ', ଗୁଗୁଲ୍ ପେ' କିମ୍ବା ପେଟିଏମ୍ ଭଳି ୟୁପିଆଇ ଆପ୍‌ରୁ ପେମେଣ୍ଟ କରୁଥିବା ୟୁଜରଙ୍କ ପାଇଁ ଏହି ପରିବର୍ତ୍ତନ ବେଶ ଗୁରୁତ୍ୱପୂର୍ଣ୍ଣ। ନିଆ ନିୟମରେ ବାଲାନ୍ସ ଚେକ୍ ଲିମିଟ୍ ଧାର୍ଯ୍ୟ କରାଯିବା ସହିତ ଟ୍ରାଞ୍ଜାକ୍‌ସନ୍ ଷ୍ଟାଟସ୍ ଚେକ୍ ନେଇ ବି ସୀମା ସ୍ଥିର କରାଯାଇଛି। ୟୁଜରଙ୍କ ପାଇଁ ଦୈନିକ ବାଲାନ୍ସ ଚେକ୍ କରିବା ସୀମା ୫୦ ଥର ରହିବ। ୟୁପିଆଇ ନିୟମରେ ଏହିଭଳି ଆହୁରି ଅନେକ କିଛି ପରିବର୍ତ୍ତନ କରାଯାଇଛି।

ନ୍ୟାସନାଲ ପେମେଣ୍ଟସ କର୍ପୋରେଶନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ୟୁପିଆଇକୁ ଅଧିକ ଦ୍ରୁତତର, ସୁରକ୍ଷିତ ଏବଂ ଭରସାଯୋଗ୍ୟ କରିବା ପାଇଁ ଏହି ନୂଆ ନିୟମ ଲାଗୁ କରିବାକୁ ଯାଉଛି। ଏହି ପରିବର୍ତ୍ତନର ପ୍ରଭାବ ଲୋକଙ୍କ ଦୈନନ୍ଦିନ ଡିଜିଟାଲ ପେମେଣ୍ଟ ଉପରେ ପଡ଼ିବ। ଭାରତରେ ପ୍ରତି ମାସରେ ୟୁପିଆଇ ମାଧ୍ୟମରେପ୍ରାୟ ୧୬୦୦ କୋଟିରୁ ଅଧିକ କାରବାର ହୋଇଥାଏ। କିନ୍ତୁ ଅନେକ ଥର ସର୍ଭରରେ ସମସ୍ୟା ତଥା ପେମେଣ୍ଟରେ ବିଳମ୍ବ ହେଉଥିବା ନେଇ ଅଭିଯୋଗ ଆସିଥାଏ। ଏହି ସମସ୍ୟାଗୁଡ଼ିକୁ କମ୍ କରିବା ପାଇଁ ଏନ୍‌ପିସିଆଇ ୟୁପିଆଇ ନିୟମରେ ୭ଟି ବଡ଼ ପରିବର୍ତ୍ତନ ଆଣିଛି। ପ୍ରଥମ ପରିବର୍ତ୍ତନ ହେଉଛି ବାଲାନ୍ସ ଚେକ୍ କରିବାର ସୀମା ନିର୍ଦ୍ଧାରଣ। ଏବେ ୟୁଜର ଦିନକରେ ନିଜ ୟୁପିଆଇ ଆପ୍ ଜରିଆରେ ମାତ୍ର ୫୦ ଥର ବାଲାନ୍ସ ଚେକ୍ କରିପାରିବେ। ବାରମ୍ବାର ବାଲାନ୍ସ ଚେକ୍ କରିବା ଦ୍ୱାରା ସର୍ଭର ଉପରେ ଚାପ ପଡ଼ିଥାଏ, ଯାହାଦ୍ୱାରା କାରବାର ଧୀମା ହୋଇଯାଏ। ତେଣୁ ଏହି ନିୟମ ଅଣାଯାଇଛି। ଉପଭୋକ୍ତା ନିଜ ମୋବାଇଲ ନମ୍ବର ସହ ଲିଙ୍କ୍ ହୋଇଥିବା ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଦୈନିକ ମାତ୍ର ୨୫ ଥର ଚେକ୍ କରିପାରିବେ। ଏହାଦ୍ୱାରା ସିଷ୍ଟମ୍‌ରେ ଅନାବଶ୍ୟକ ଚାପ କମ୍ ହେବ ଏବଂ ଜାଲିଆତି ଆଶଙ୍କା ମଧ୍ୟ ହ୍ରାସ ପାଇବ। ଏହାବ୍ୟତୀତ ନେଟ୍‌ଫ୍ଲିକ୍ସ କିମ୍ବା ମ୍ୟୁଚୁଆଲ ଫଣ୍ଡ କିସ୍ତି ଭଳି ଅଟୋପେ' ଟ୍ରାଞ୍ଜାକସନ୍ ଏବେ ୩ଟି ଟାଇମ୍ ସ୍ଲଟ୍‌ରେ ପ୍ରୋସେସ୍ ହେବ। ଏଥିପାଇଁ ସମୟ ହେଉଛି ସକାଳ ୧୦ଟା ପୂର୍ବରୁ, ଅପରାହ୍ନ ୧ରୁ ୫ଟା ଏବଂ ରାତି ୯ ଟା ୩୦ ପରେ। ଏହାଦ୍ୱାରା ଭିଡ଼ ରହୁଥିବା ସମୟରେ ସର୍ଭର ଉପରେ ଚାପ କମ୍ ହେବ। ଚତୁର୍ଥ ପରିବର୍ତ୍ତନ ଟି ହେଉଛି, ଟ୍ରାଞ୍ଜାକ୍‌ସନ ଷ୍ଟାଟସ୍ ଚେକ୍ କରିବାର ସୀମା। ଏଣିକି ଉପଭୋକ୍ତା କୌଣସି ବିଫଳ ଟ୍ରାଞ୍ଜାକ୍‌ସନ୍‌ର ଷ୍ଟାଟସ୍ ଦିନରେ କେବଳ ୩ ଥର ଚେକ୍ କରିପାରିବେ ଏବଂ ପ୍ରତିଟି ଚେକ୍ ମଧ୍ୟରେ ୯୦ ସେକେଣ୍ଡର ଗ୍ୟାପ୍ ରହିବା ଜରୁରୀ। ବାରମ୍ବାର ଷ୍ଟାଟସ ଦେଖିବା ଦ୍ୱାରା ସିଷ୍ଟମ୍ ଧୀମା ହୋଇଥାଏ।

**୩ଟି ଟାଇମ୍ ସ୍ଲଟ୍‌ରେ ପ୍ରୋସେସ୍ ହେବ ଅଟୋ ପେ' ଟ୍ରାଞ୍ଜାକସନ୍**

ଜୁନ୍ ୩୦ ପୂର୍ବରୁ ଏକ ନିୟମ ଲାଗୁ ହୋଇଛି, ଯାହା ଅନ୍ତର୍ଗତ ପେମେଣ୍ଟ କରିବା ପୂର୍ବରୁ ହିଁ ରିସିଭର୍‌ଙ୍କ ପଞ୍ଜୀକୃତ ବ୍ୟାଙ୍କ ନେମ୍ ଦେଖିବାକୁ ମିଳିବ। ଏହାଦ୍ୱାରା ଭୁଲ ଆକାଉଣ୍ଟରେ ଟଙ୍କା ଚାଲିଯିବାର ଭୟ ରହିବ ନାହିଁ ଏବଂ ଜାଲିଆତି ଆଶଙ୍କା କମିବ। ଚାର୍ଜବ୍ୟାକ୍ ତଥା ପେମେଣ୍ଟ ରିଭର୍ସାଲ ଲିମିଟ୍ ଧାର୍ଯ୍ୟ କରାଯାଇଛି। ୩୦ ଦିନରେ ୧୦ ଥର ଏବଂ କୌଣସି ଜଣେ ବ୍ୟକ୍ତି କିମ୍ବା ସଂସ୍ଥାରୁ ୫ ଥର ହିଁ ଚାର୍ଜବ୍ୟାକ୍ ମାଗିପାରିବେ। ଏହାବ୍ୟତୀତ ଏନ୍‌ପିସିଆଇ ବ୍ୟାଙ୍କ ଏବଂ ଆପ୍‌ଗୁଡ଼ିକୁ ନିର୍ଦ୍ଦେଶ ଦେଇଛି ଯେ, ସେମାନେ ୟୁପିଆଇ ବ୍ୟବହାରକୁ ଅନୁଧ୍ୟାନ କରନ୍ତୁ। ଯାହାଦ୍ୱାରା ସିଷ୍ଟମ୍‌ରେ ହେରଫେର ହେବ ନାହିଁ। ଏହି ପରିବର୍ତ୍ତନର ଉଦ୍ଦେଶ୍ୟ ହେଉଛି ୟୁପିଆଇକୁ ଆହୁରି ଅଧିକ ଉନ୍ନତ କରିବା। ବାରମ୍ବାର ବାଲାନ୍ସ ଚେକ୍ କରିବା କିମ୍ବା ଷ୍ଟାଟସ୍ ରିଫ୍ରେସ୍ କରିବାର ଅଭ୍ୟାସ ଛାଡ଼ିବେ ୟୁଜର। ଅଟୋପେ' ପାଇଁ ନନ୍-ପିକ୍ ସମୟକୁ ଧ୍ୟାନରେ ରଖି ଏବଂ ପେମେଣ୍ଟ ପୂର୍ବରୁ ରିସିଭର୍‌ଙ୍କ ନାଁ ଦେଖିବା ପାଇଁ ୟୁଜରଙ୍କୁ ଆହ୍ୱାନ ଦିଆଯାଇଛି। ଏହି ନିୟମ ସିଷ୍ଟମ୍‌କୁ ଦ୍ରୁତ ଏବଂ ସୁରକ୍ଷିତ କରିବ, ଯାହାଦ୍ୱାରା ୟୁଜର ନିର୍ବିଘ୍ନରେ ଡିଜିଟାଲ ପେମେଣ୍ଟ କରିପାରିବେ।

# ଏସିଡିଟି ଔଷଧ ରାନିଟିଡିନ୍‌ରେ କ୍ୟାନ୍ସର ସୃଷ୍ଟିକାରୀ ଉପାଦାନ

ନୂଆଦିଲ୍ଲୀ,୨୭।୭(ଏଜେନ୍ସି): ଏସିଡିଟି ବା ଅମ୍ଳ ଓ ଗାସ୍ ସମସ୍ୟା ଦୂର କରିବା ପାଇଁ ବ୍ୟବହୃତ ଔଷଧ ରାନିଟିଡିନ୍‌ରେ କ୍ୟାନ୍ସର ସୃଷ୍ଟିକାରୀ ଉପାଦାନ ରହିଛି। ଏହି ଔଷଧରେ ସମ୍ଭାବ୍ୟ କର୍କଟ-କାରକ ତତ୍ତ୍ୱର ସ୍ତର ବା ଗୁଣାବତ୍ତା ନିରୀକ୍ଷଣ କରିବାକୁ ସେଣ୍ଟ୍ରାଲ୍ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ୍ ଅର୍ଗାନାଇଜେସନ୍ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଔଷଧ ନିୟାମକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ନିକଟରେ ଡ୍ରଗ୍ସ ଟେକ୍ନିକାଲ୍ ଆଡଭାଇଜରୀ ବୋର୍ଡ (ଡିଟିଏବି)ର ୯୨ତମ ବୈଠକରେ ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ୍ ଅଫ୍ ଇଣ୍ଡିଆ (ଡିସିଜିଆଇ) ଡ. ରାଜୀବ ସିଂହ ରଘୁବଂଶୀଙ୍କ ଦ୍ୱାରା କରାଯାଇଥିବା ସୁପାରିଶ ପରେ ଏହି ପଦକ୍ଷେପ ନିଆଯାଇଛି। ଗତ ବର୍ଷ ଡିସେମ୍ବରରେ ଗଠିତ ଏକ ବିଶେଷଜ୍ଞ କମିଟି ଦ୍ୱାରା ଦାଖଲ କରାଯାଇଥିବା




- **ଔଷଧର ଫର୍ମୁଲେସନ୍‌ରେ ସମ୍ଭାବ୍ୟ କର୍କଟକାରକ ତତ୍ତ୍ୱ ସ୍ତରର ଯାଞ୍ଚ ନିର୍ଦ୍ଦେଶ**
- **ଔଷଧ ନିୟାମକମାନଙ୍କୁ ସିଡିଏସ୍‌ସିଓଙ୍କ ନିର୍ଦ୍ଦେଶ**

ରିପୋର୍ଟକୁ ବୋର୍ଡ ଇତି ମଧ୍ୟରେ ସମୀକ୍ଷା କରିଛି। ବୋର୍ଡ ସୁପାରିଶ କରିଛି ଯେ ଏନ୍‌ଡିଏମ୍‌ଏର ଉପସ୍ଥିତିକୁ ଦୃଷ୍ଟିରେ ରଖି ରାନିଟିଡିନର ଦୀର୍ଘକାଳୀନ ସୁରକ୍ଷା ମୂଲ୍ୟାଙ୍କନ କରିବା ପାଇଁ ଭାରତୀୟ ଚିକିତ୍ସା ଗବେଷଣା ପରିଷଦ (ଆଇସିଏମ୍‌ଆର୍) ଏକ ଅଧ୍ୟୟନ କରିବ। ଜିସିଏ କହିଛି ଯେ ରାନିଟିଡିନ୍ ପ୍ରସ୍ତୁତ କରୁଥିବା ସମସ୍ତ ଔଷଧ କମ୍ପାନୀଗୁଡ଼ିକ ଏହା ନିଶ୍ଚିତ କରିବା ଉଚିତ ଯେ ସେମାନଙ୍କ ଔଷଧରେ ଏନ୍‌ଡିଏମ୍‌ଏର ପରିମାଣ ନିୟନ୍ତ୍ରଣ କରାଯାଇଛି। ଏହା ଏକ ସମ୍ଭାବ୍ୟ କର୍କଟ ସୃଷ୍ଟିକାରୀ ଉପାଦାନ, ଯାହାର ଉପସ୍ଥିତି ମାନବ ସ୍ୱାସ୍ଥ୍ୟ ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରିପାରେ। ଏଠାରେ ସୂଚନାଯୋଗ୍ୟ ଯେ, ଏନ୍‌ଡିଏମ୍‌ଏ ହେଉଛି ଏକ ପ୍ରକାରର ରାସାୟନିକ ପଦାର୍ଥ ଯାହା ବହୁ ପରିମାଣରେ ଶରୀରରେ ପ୍ରବେଶ କରେ, ତେବେ ଯକୃତକୁ ଏହା କ୍ଷତି ପହଞ୍ଚାଇବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଏହା କର୍କଟ ରୋଗ ମଧ୍ୟ ସୃଷ୍ଟି କରିପାରେ। ଅନ୍ତର୍ଜାତୀୟ ସଂଗଠନଗୁଡ଼ିକ ଏହାକୁ ସମ୍ଭାବ୍ୟ କର୍କଟ ରୋଗ ସୃଷ୍ଟିକାରୀ ପଦାର୍ଥ ଭାବରେ ଚିହ୍ନିତ କରିଛନ୍ତି। ପୂର୍ବରୁ ମଧ୍ୟ, ଆନ୍ତର୍ଜାତୀୟ ସ୍ତରରେ ରାନିଟିଡିନକୁ ନେଇ ଚିନ୍ତା ପ୍ରକାଶ ପାଇଥିଲା, ଯାହା ପରେ କିଛି ଦେଶ ମଧ୍ୟ ଏହି ଔଷଧକୁ ବଜାରରୁ ଫେରାଇ ନେଇଥିଲେ।

# ୧୨ ହଜାର କର୍ମଚାରୀଙ୍କୁ ଛଟେଇ କରିବ ଟିସିଏସ୍

ନୂଆଦିଲ୍ଲୀ,୨୭।୭(ଏଜେନ୍ସି): ଭାରତର ସର୍ବବୃହତ ଆଇଟି ସେବା ପ୍ରଦାନକାରୀ ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ୍) ଏହାର କର୍ମଚାରୀ ସଂଖ୍ୟାରେ ହ୍ରାସ ଘଟାଇବାକୁ ନିଷ୍ପତ୍ତି ନେଇଛି। କମ୍ପାନୀ ଏହାର କର୍ମଚାରୀ ସଂଖ୍ୟାରେ ପ୍ରାୟ ୨ ପ୍ରତିଶତ ଛଟେଇ କରିବ। ଆଗାମୀ ବର୍ଷ ମଧ୍ୟରେ ପ୍ରାୟତଃ ମଧ୍ୟମ ଏବଂ ବରିଷ୍ଠ ସ୍ତରରେ ଥିବା ୧୨ ହଜାରରୁ ଅଧିକ କର୍ମଚାରୀଙ୍କୁ କମ୍ପାନୀ ଛଟେଇ କରିବ ବୋଲି କହିଛି।

ଏକ ସାକ୍ଷାତକାରରେ ଏହି ସୂଚନା ଦେଇଛନ୍ତି ଟିସିଏସ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କେ. କୃତିବାସନ୍। ଟେକ୍ନୋଲୋଜିରେ ଦ୍ରୁତ ପରିବର୍ତ୍ତନକୁ ନଜରରେ ରଖି ଟିସିଏସ୍‌କୁ ଅଧିକ ସ୍ମାର୍ଟ ଓ ଭବିଷ୍ୟତକୁ ଆଖି ଆଗରେ ରଖି କାମ କରିବାକୁ ପଡ଼ିବ। କମ୍ପାନୀର ବ୍ୟାପକ ରଣନୀତିରେ ଏହା ଅଂଶ ବୋଲି କୃତିବାସନ କହିଛନ୍ତି। ତେବେ କମ୍ପାନୀ କାହିଁକି କର୍ମଚାରୀ ସଂଖ୍ୟା ହ୍ରାସ କରିବାକୁ ଚାହୁଁଛି ବୋଲି ପଚାରାଯିବାରୁ କୃତୀବାସନ କହିଛନ୍ତି ଶିଳ୍ପରେ ପରିବର୍ତ୍ତନ ଘଟୁଛି। କାମ କରିବାର ଉପାୟ ବଦଳୁଛି, ଏବଂ ପ୍ରତ୍ୟେକ କମ୍ପାନୀ ନିଜର ସଫଳତା ପାଇଁ ଭବିଷ୍ୟତ ପାଇଁ ପ୍ରସ୍ତୁତି କରିବା ସହ ଚତୁର ହେବା ନିହାତି ଆବଶ୍ୟକ। ଆମେ ଏଆଇ ଏବଂ ଅପରେଟିଂ ମଡେଲ ପରିବର୍ତ୍ତନ ଭଳି ନୂଆ ଟେକ୍ନୋଲୋଜି ଆଣୁଛୁ। କମ୍ପାନୀ ଆଗକୁ ଆବଶ୍ୟକ ଦକ୍ଷତାର ନିକଟରୁ ମୂଲ୍ୟାଙ୍କନ କରି ସେହି ଅନୁସାରେ ଏଆଇକୁ ନିୟୋଜିତ କରାଯିବ। ଆମେ ସହଯୋଗୀମାନଙ୍କୁ କ୍ୟାରିଅର ଅଭିବୃଦ୍ଧି ଏବଂ ନିୟୋଜିତ ସୁଯୋଗ କିପରି ପ୍ରଦାନ କରିପାରିବୁ ସେଥିପାଇଁ ଆମେ ସେମାନଙ୍କ ଉପରେ ବହୁତ ବିନିଯୋଗ କରିଛୁ। ଜୁନ୍ ୨୦୨୫ ସୁଦ୍ଧା ଟିସିଏସ୍‌ରେ ସାରା ବିଶ୍ୱରେ ୬ ଲକ୍ଷ ୧୩ ହଜାର କର୍ମଚାରୀ ରହିଛନ୍ତି। ଏଥିରୁ ୨ ପ୍ରତିଶତ ହ୍ରାସ, ଅର୍ଥାତ୍ ପ୍ରାୟ ୧୨,୨୦୦ ଚାକିରି ସହିତ ସମାନ। ତେବେ ଏହି ଛଟେଇ ମଧ୍ୟମ ପରିଚାଳନା ଏବଂ ବରିଷ୍ଠ ସ୍ତର ହେବ।

**ବରିଷ୍ଠ ସ୍ତରରେ ଅଧିକାଂଶ ହେବେ ବିଦା**

ଜୁନିୟର ସ୍ତରରେ ହେବ ନାହିଁ ବୋଲି ସିଇଓ କହିଛନ୍ତି। ତେବେ ଏଆଇ ପାଇଁ ଯେ ଏହି ନିଯୁକ୍ତି ଯାଉଛି ତାହା ନୁହେଁ,ଭବିଷ୍ୟତର ଦକ୍ଷତା ହାସଲ କରିବାକୁ କମ୍ପାନୀମାନେ ଏପରି କରୁଛନ୍ତି। ତେବେ ପ୍ରଭାବିତ କର୍ମଚାରୀଙ୍କ ପାଇଁ ଛୁଟି ପ୍ୟାକେଜ, ନୋଟିସ୍ ଅବଧି ପାଇଁ ଦରମା, ବର୍ଦ୍ଧିତ ସ୍ୱାସ୍ଥ୍ୟ ବୀମା ଏବଂ ସ୍ଥାନାନ୍ତର ସହାୟତା ପ୍ରଦାନ କରାଯିବ ବୋଲି ସିଇଓ ନିଶ୍ଚିତ କରିଛନ୍ତି।

# ପରମାଣୁ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଘରୋଇ ସହଭାଗିତା ଉପରେ ଗୁରୁତ୍ୱ

ନୂଆଦିଲ୍ଲରୀ, ୨୭।୭ (ଏଜେନ୍ସି): ପରମାଣୁ ଶକ୍ତି ପ୍ରକଳ୍ପଗୁଡ଼ିକର କାର୍ଯ୍ୟକ୍ଷମତା ଉନ୍ନତ କରିବା ପାଇଁ କମ୍ ମୂଲ୍ୟର ପାଣ୍ଠି ଏବଂ ଘରୋଇ କ୍ଷେତ୍ରର ଅଂଶଗ୍ରହଣ ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପିକେ ମିଶ୍ର ଶୁକ୍ରବାର କହିଛନ୍ତି। ସେ କହିଛନ୍ତି ଯେ ସରକାର ଘରୋଇ କ୍ଷେତ୍ରକୁ ଆକର୍ଷିତ କରିବା ପାଇଁ ଆର୍ଥିକ ବିକଳ୍ପ ଏବଂ ନିୟାମକ ଢାଞ୍ଚାକୁ ଉନ୍ନତ କରିବା ଉଚିତ। ଭାବା ପରମାଣୁ ଗବେଷଣା କେନ୍ଦ୍ରରେ ବୈଜ୍ଞାନିକ ଅଧିକାରୀଙ୍କ ୬୮ ତମ ବ୍ୟାଚ୍‌କୁ ସମ୍ବୋଧିତ କରି ମିଶ୍ର ଗବେଷକମାନଙ୍କୁ ଖର୍ଚ୍ଚ ହ୍ରାସ ରଣନୀତିରେ ନବସୃଜନ କରିବାକୁ ଉତ୍ସାହିତ କରିଥିଲେ। ସେ କହିଥିଲେ ଯେ ପରମାଣୁ ଶକ୍ତିକୁ ଭାରତର ପସନ୍ଦିତ ଶକ୍ତି ଉତ୍ସ କରାଯାଇପାରିବ।

ମହାକାଶ କ୍ଷେତ୍ରର ଅପାର ସମ୍ଭାବନାକୁ ଉଲ୍ଲେଖ କରି ମିଶ୍ର କହିଛନ୍ତି ଯେ ପରମାଣୁ ଶକ୍ତି ପାଇଁ ସମାନ ପଦକ୍ଷେପ କଳ୍ପନା କରାଯାଇଛି, ଯାହା ସ୍ୱଚ୍ଛ ଶକ୍ତି ଏବଂ ଜାତୀୟ ସୁରକ୍ଷା ପାଇଁ ଆବଶ୍ୟକ। ସେ ପରମାଣୁ ଶକ୍ତିର ସାମାଜିକ ପ୍ରଭାବ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ କର୍କଟ ରୋଗ ଚିକିତ୍ସା ଏବଂ କୃଷି ସଂରକ୍ଷଣ ପାଇଁ ରେଡିଓଆଇସୋଟୋପ୍ ବ୍ୟବହାର ଏବଂ ବର୍ଜ୍ୟଜଳ ଚିକିତ୍ସା ଏବଂ କୃଷି ସଂରକ୍ଷଣ ପାଇଁ ବିକିରଣ କୌଶଳ ଉଲ୍ଲେଖ କରିଥିଲେ। ଶ୍ରୀ ମିଶ୍ର ବୈଜ୍ଞାନିକ ସମ୍ପ୍ରଦାୟକୁ ଗବେଷଣା ପ୍ରୟୋଗଶାଳାରୁ ଉଦ୍ଭାବିତ ସ୍ପିନ୍-ଅଫ୍ ପ୍ରଯୁକ୍ତିବିଦ୍ୟାକୁ ବାଣିଜ୍ୟିକୀକରଣ କରିବାକୁ ମଧ୍ୟ ଅନୁରୋଧ କରିଛନ୍ତି। ଶ୍ରୀ ମିଶ୍ର ବୈଜ୍ଞାନିକମାନଙ୍କୁ ଗବେଷଣାରୁ ଉଦ୍ଭାବିତ ପ୍ରଯୁକ୍ତିବିଦ୍ୟାକୁ କେବଳ ପ୍ରୟୋଗଶାଳା ପର୍ଯ୍ୟନ୍ତ ସୀମିତ ନ ରଖିବାକୁ, ବରଂ ସେଗୁଡ଼ିକୁ ବାଣିଜ୍ୟିକ ଭାବରେ ଆଗକୁ ନେବାକୁ ମଧ୍ୟ କହିଥିଲେ ଯାହା ଦ୍ୱାରା ସାଧାରଣ ଲୋକମାନେ ଏହାର ଲାଭ ପାଇପାରିବେ। ସେ କହିଥିଲେ ଯେ ଜଳବାୟୁ ସଙ୍କଟର ମୁକାବିଲା ପାଇଁ ପରମାଣୁ ଶକ୍ତି ଏକ ସ୍ଥାୟୀ ଏବଂ ସ୍ୱଚ୍ଛ ଶକ୍ତି ବିକଳ୍ପ ହୋଇପାରିବ। ଏଥିପାଇଁ, ସୁରକ୍ଷା ସହିତ ଜଡିତ ଗବେଷଣା ଏବଂ ନିୟମ ସମୀକ୍ଷା ମଧ୍ୟ ଆବଶ୍ୟକ। ସେ କହିଛନ୍ତି ଯେ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବା ସର୍ବୋଚ୍ଚ ପ୍ରାଥମିକତା ହେବା ଉଚିତ।




## ଟିପିସିଓଡିଏଲ୍ ପକ୍ଷରୁ ବନ ମହୋତ୍ସବ ପାଳିତ



ଭୁବନେଶ୍ୱର,୨୭।୭(ସମିସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ବିଭିନ୍ନ ସ୍ଥାନରେ ବନ ମହୋତ୍ସବ ପାଳନ କରାଯାଇଛି। ବୃକ୍ଷରୋପଣ ମାଧ୍ୟମରେ ସବୁଜିମା ବୃଦ୍ଧି ଉପରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ଗୋଷ୍ଠୀ ସଦସ୍ୟମାନଙ୍କୁ ବୃକ୍ଷରୋପଣ ଅଭିଯାନରେ ସାମିଲ ହେବା ପାଇଁ ଉତ୍ସାହିତ କରାଯିବା ସହ ବୃକ୍ଷର ସୁରକ୍ଷା ଓ ଯତ୍ନ ନେବା ପାଇଁ ଉତ୍ସାହିତ କରାଯାଇଥିଲା। ପରିବେଶ ସନ୍ତୁଳନ ବଜାୟ ରଖିବା ଏବଂ ଏକ ଉନ୍ନତ ଭବିଷ୍ୟତ ପାଇଁ ପରିବେଶର ନିରନ୍ତରତା ସୁନିଶ୍ଚିତ କରିବାରେ ଜଙ୍ଗଲ ଏବଂ ବୃକ୍ଷର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ମହିନ୍ଦ୍ରା ଏକ୍ସୟୁଭି ୩ଏକ୍ସଓ ରେଭେକ୍ସ ସିରିଜ୍ ବଜାରରେ



ଭୁବନେଶ୍ୱର, ୨୭।୭(ସମିସ): ଏସ୍‌ୟୁଭି ନିର୍ମାତା ମହିନ୍ଦ୍ରା ଏଣ୍ଡ ମହିନ୍ଦ୍ରା ଲିମିଟେଡ୍ ପକ୍ଷରୁ ମଞ୍ଚେଶ୍ୱର ସ୍ଥିତ ଉତ୍କଳ ଅଟୋମୋବାଇଲ୍ସଠାରେ ଏକ୍ସୟୁଭି ୩ଏକ୍ସଓ ରେଭେକ୍ସ ସିରିଜ୍‌ର ବଜାର ପ୍ରବେଶ ହୋଇଯାଇଛି। ଏହାର ମୂଲ୍ୟ ୮.୯୪ ଲକ୍ଷ ଟଙ୍କା ରହିଛି। ଏକ୍ସୟୁଭି ୩ଏକ୍ସଓ ଏକ ବର୍ଷରୁ କମ୍ ସମୟମଧ୍ୟରେ ୧ ଲକ୍ଷରୁ ଅଧିକ ବିକ୍ରି ହାସଲ କରି ଏକ ବଡ଼ ସଫଳତା ପାଇଛି, ଯାହା ମହିନ୍ଦ୍ରାର ସବୁଠାରୁ ଦ୍ରୁତ ବିକ୍ରି ହେଉଥିବା ଏସ୍‌ୟୁଭି। ରେଭେକ୍ସ ସିରିଜ୍‌ର ଆକର୍ଷଣୀୟ ଫିଚସ, ନୂଆ ଡିଜାଇନ୍ ଏବଂ ସର୍ବୋତ୍ତମ କାର୍ଯ୍ୟଦକ୍ଷତା ଯାହାକି ଏକ୍ସୟୁଭି ୩ଏକ୍ସଓକୁ ଆହୁରି ଆକର୍ଷଣୀୟ କରିଛି। ଅନନ୍ୟ ବ୍ୟକ୍ତିତ୍ୱ ପ୍ରତିଫଳିତ କରୁଥିବା ଗାଡି ଖୋଜୁଥିବା ବ୍ୟକ୍ତିମାନଙ୍କୁ ଲକ୍ଷ୍ୟ ରଖି ମହିନ୍ଦ୍ରା ଏକ୍ସୟୁଭି ୩ଏକ୍ସଓ ରେଭେକ୍ସ ସିରିଜ୍ ବଜାରକୁ ଛାଡିଛି।

## ଦିଲ୍ଲୀରେ ଖୋଲିବ ନାଇଟ୍ ମାର୍କେଟ

ନୂଆଦିଲ୍ଲୀ,୨୭।୭(ଏଜେନ୍ସି): ଜାତୀୟ ରାଜଧାନୀ ଦିଲ୍ଲୀରେ ରାତ୍ରି ଜୀବନକୁ ପ୍ରୋତ୍ସାହନ ଦେବା ପାଇଁ ଏନଡିଏମସି ଏବେ ନାଇଟ୍ ମାର୍କେଟ୍ ଖୋଲିବାକୁ ଯାଉଛି। ଏହି ମାର୍କେଟ୍ ରାତି ୧୦ଟାରେ ଖୋଲିବ ଓ ସକାଳ ପର୍ଯ୍ୟନ୍ତ ଚାଲିବ। ଏହି ବଜାର ଖୋଲିବା ପଛରେ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ଓ ଦିଲ୍ଲୀ ନାଇଟ୍ ଲାଇଫକୁ ପ୍ରୋତ୍ସାହନ ଦେବା ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏଣୁ ଇନ୍ଦୋର ଭଳି ପ୍ରାରମ୍ଭିକ ପର୍ଯ୍ୟାୟରେ ୫୬ଟି ଦୋକାନକୁ ନେଇ ନାଇଟ୍ ମାର୍କେଟ ଆରମ୍ଭ କରାଯିବ ବୋଲି ଜଣାପଡିଛି। ଏହି ମାର୍କେଟ୍ ଖୋଲିବା ପାଇଁ ଏନଡିଏମସି ଏବେ କନଟ ପ୍ଲେସ୍ ଓ ଲୋଧି ରୋଡକୁ ବିକଳ୍ପ ଭାବେ ଦେଖୁଛନ୍ତି। ଏବେ ଏହି ଅଞ୍ଚଳରେ ସର୍ଭେ କରି ଦେଖାଯାଉଛି କେଉଁ ଅଞ୍ଚଳରେ ମାର୍କେଟ ବସାଯିବ, ଯାହା ଦ୍ୱାରା ପର୍ଯ୍ୟଟକଙ୍କୁ ସୁରକ୍ଷା ଓ ଭଲ ପରିବେଶ ମିଳିପାରିବ। ଏହି ବଜାର ରାତି ୧୦ଟାରୁ ସକାଳ ପର୍ଯ୍ୟନ୍ତ ଚାଲିବ।

## ଡ୍ରାଗନ୍‌କୁ ଆମେରିକାର ଚିପ୍ ରପ୍ତାନି କଟକଣା

# ଗଳାବାଟ ଦେଇ ଚୀନ୍ ଗଲା ଏନ୍‌ଭିଡିଆ ଏଆଇ ଚିପ୍ସ

ୱାଶିଂଟନ୍,୨୭।୭(ଏଜେନ୍ସି)



**ଫ୍ଲାଇଂ ସୁଟ୍‌କେସ୍‌ରେ ଥାଇଲ୍ୟାଣ୍ଡ ଦେଇ ଚୋରା ଚାଲାଣ**

ଏହାପରେ ଚୋରା ଚାଲାଣକାରୀମାନେ ତିନି ମାସ ମଧ୍ୟରେ ଏନଭିଡିଆର ଅତି କମ୍‌ରେ ୧ ବିଲିୟନ ଡଲାର ମୂଲ୍ୟର ଉନ୍ନତ ଏଆଇ ଚିପ୍ସ ଚୀନକୁ ବିକ୍ରି କରିଛନ୍ତି। ଏହି ଚୋରା ଚାଲାଣ ଥାଇଲ୍ୟାଣ୍ଡ ମାଧ୍ୟମରେ କରାଯାଇଥିଲା କୁହାଯାଉଛି। ଏକ ରିପୋର୍ଟରେ ଏ ନେଇ ଦାବି କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ ଏନଭିଡିଆର ଉଚ୍ଚମାନର ବି୨୦୦ ପ୍ରୋସେସର, ଯାହା ଚୀନରେ ବିକ୍ରି ପାଇଁ ନିଷିଦ୍ଧ, ସେଠାରେ କଳା ବଜାରରେ ବ୍ୟାପକ ଭାବରେ ଉପଲବ୍ଧ। ରିପୋର୍ଟରେ ବିକ୍ରି ଚୁକ୍ତିନାମା, କମ୍ପାନୀ ଡକ୍ୟୁମେଣ୍ଟ ଏବଂ ଡିଲ୍ ବିଷୟରେ ସିଧାସଳଖ ଜ୍ଞାନ ଥିବା ଅନେକ ଲୋକଙ୍କୁ ଉଦ୍ଧୃତ କରି ଏହି ଦାବି କରାଯାଇଛି।

ଅନ୍ୟପକ୍ଷରେ, ଚୋରା ଚାଲାଣ ଖବର ପରେ, ବିଶ୍ୱର ସବୁଠାରୁ ମୂଲ୍ୟବାନ କମ୍ପାନୀ ଏନଭିଡିଆ ଡାଟା ସେଣ୍ଟରରେ ଅନଧିକୃତ ଚିପ୍ସ ବ୍ୟବହାର ବିରୁଦ୍ଧରେ ଏକ କଡ଼ା ଚେତାବନୀ ଜାରି କରିଛି। କମ୍ପାନୀ କହିଛି ଯେ ବେଆଇନ ଭାବରେ ଏପରି ଚିପ୍ସ କିଣିବା ବୈଷୟିକ ଏବଂ ଆର୍ଥିକ ଉଭୟ ଭାବରେ 'କ୍ଷତିର ଚୁକ୍ତି'। ଅପରପକ୍ଷେ ଆମେରିକାର ବାଣିଜ୍ୟ ବିଭାଗ, ହ୍ୱାଇଟ୍ ହାଉସ୍ ଏବଂ ଥାଇ ସରକାର ଏପର୍ଯ୍ୟନ୍ତ ଏହି ବିଷୟରେ କୌଣସି ମନ୍ତବ୍ୟ ଦେଇନାହାଁ। ରିପୋର୍ଟ ଅନୁଯାୟୀ, ମେ ମାସରେ ଅନେକ ଚୀନ୍ ବିତରକ ଚୀନ୍‌ର ଏଆଇ ଗ୍ରୁପଗୁଡ଼ିକୁ ସେବା ପ୍ରଦାନ କରୁଥିବା ଡାଟା ସେଣ୍ଟରଗୁଡ଼ିକର ଯୋଗାଣକାରୀଙ୍କୁ ବି୨୦୦ ବିକ୍ରି କରିବା ଆରମ୍ଭ କରିଥିଲେ। ଏଆଇ ଏବଂ ଅନ୍ୟାନ୍ୟ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ପାଇଁ ବଜାରରେ ବିଶ୍ୱବ୍ୟାପୀ ପ୍ରାଧାନ୍ୟ ହାସଲ କରିବାକୁ ଆମେରିକା ଏବଂ ଚୀନ୍ ସଂଘର୍ଷ କରୁଛନ୍ତି। ଏନ୍‌ଭିଡିଆ ଗତ ସପ୍ତାହରେ କହିଥିଲା ଯେ ଟ୍ରମ୍ପ ପ୍ରଶାସନ ଏଚ୍୨୦ ଭଳି ଚିପ୍ସ ବିକ୍ରି ଉପରେ ରପ୍ତାନି କଟକଣା ଉଠାଇବା ପରେ ଏହାକୁ ଚୀନ୍‌ରେ ପୁନଃ ବିକ୍ରୟ କରିବାକୁ ଅନୁମତି ଦିଆଯିବ। ଏହି କଟକଣାଗୁଡ଼ିକ ଏପ୍ରିଲ୍‌ରେ ଲାଗୁ କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ଏହା ପୂର୍ବରୁ ତିନି ମାସ ମଧ୍ୟରେ ଗ୍ୱାଙ୍ଗଡୋଙ୍ଗ, ଝେଜିୟାଙ୍ଗ ଏବଂ ହ୍ୱେଇ ପ୍ରଦେଶରେ ଚୀନ୍ ବିତରକମାନେ ଏନ୍‌ଭିଡିଆ ର ବି୨୦୦ ସହିତ ଏଚ୍୧୦୦ ଏବଂ ଏଚ୍୨୦୦ ଭଳି ଅନ୍ୟାନ୍ୟ ନିଷିଦ୍ଧ ପ୍ରୋସେସରଗୁଡ଼ିକୁ ବିକ୍ରି କରିଥିଲେ। ଦକ୍ଷିଣ-ପୂର୍ବ ଏସୀୟ ଦେଶଗୁଡ଼ିକ ଏପରି ବଜାର ପାଲଟିଛନ୍ତି ଯେଉଁଠାରୁ ଚୀନ୍ ଗୋଷ୍ଠୀଗୁଡ଼ିକ ନିଷିଦ୍ଧ ଚିପ୍ସ ହାସଲ କରିଛନ୍ତି। ରିପୋର୍ଟରେ କୁହାଯାଇଛି ଯେ ଆମେରିକାର ବାଣିଜ୍ୟ ବିଭାଗ ସେପ୍ଟେମ୍ବରରୁ ଥାଇଲ୍ୟାଣ୍ଡ ଭଳି ଦେଶରେ ଉନ୍ନତ ଏଆଇ ଉତ୍ପାଦଗୁଡ଼ିକ ଉପରେ ଅଧିକ ରପ୍ତାନି ନିୟନ୍ତ୍ରଣ ଲାଗୁ କରିବା ବିଷୟରେ ଆଲୋଚନା କରୁଛି।

**ଫ୍ଲାଇଂ ସୁଟ୍‌କେସ୍ କ'ଣ**

ଗତ ମାସରେ ଏକ ରିପୋର୍ଟରେ କୁହାଯାଇଥିଲା ଯେ ଚୀନ୍ କମ୍ପାନୀଗୁଡ଼ିକ ଉଚ୍ଚ-ସ୍ତରୀୟ ଏଆଇ ଚିପ୍ସ ଉପରେ ଆମେରିକାର କଟକଣାକୁ ଏଡ଼ାଇବା ପାଇଁ 'ଅପାରମ୍ପରିକ' ପଦ୍ଧତି ଗ୍ରହଣ କରୁଛନ୍ତି। ଏହା ଅଧୀନରେ, ଏଆଇ ପ୍ରଶିକ୍ଷିତ ହାର୍ଡ ଡ୍ରାଇଭ୍ ସୁଟକେସ୍‌ରେ ଅନ୍ୟ ଦେଶକୁ ପରିବହନ କରାଯାଉଛି। ଏଗୁଡ଼ିକୁ 'ଫ୍ଲାଇଂ ସୁଟକେସ୍' ନାମ ଦିଆଯାଇଛି। ଉଦାହରଣ ସ୍ୱରୂପ, ମାର୍ଚ୍ଚ ମାସରେ ଏକ ଘଟଣାରେ ଚାରି ଜଣ ଚୀନ୍ ଇଞ୍ଜିନିୟର ବେଜିଂରୁ ମାଲେସିଆ ଯାତ୍ରା କରିଥିବା ରିପୋର୍ଟ ହୋଇଛି। ସେମାନଙ୍କ ପାଖରେ ୮୦ ଟେରାବାଇଟ୍ ଡାଟା ଧାରଣ କରିଥିବା ୧୫ ଟି ହାର୍ଡ ଡ୍ରାଇଭ୍ ଭର୍ତ୍ତି ସୁଟକେସ୍ ଥିଲା। ମାଲେସିଆର ଏକ ଡାଟା ସେଣ୍ଟରରେ, ସେମାନେ ଉନ୍ନତ ଏନ୍‌ଭିଡିଆଇ ଚିପ୍ସ ସହିତ ସଜ୍ଜିତ ପ୍ରାୟ ୩୦୦ ସର୍ଭର ବ୍ୟବହାର କରି ଏକ ଏଆଇମଡେଲ୍ ବିକଶିତ କରିଥିଲେ, ଯାହାକୁ ସେମାନେ ପରେ ଚୀନକୁ ଫେରାଇ ଆଣିଥିଲେ।

## 'ଟାଟା ଡ୍ୟୁରେକୋ' ଓଡ଼ିଶାର ଏନ୍‌ଏଚ୍ ନିର୍ମାଣକୁ ସୁଦୃଢ଼ କରୁଛି

ନୂଆଦିଲ୍ଲୀ, ୨୭।୭: ଟାଟା ଷ୍ଟିଲ୍‌ର ଇଣ୍ଡଷ୍ଟ୍ରିଆଲ ବାଇ-ପ୍ରଡକ୍ଟ ମ୍ୟାନେଜମେଣ୍ଟ ଡିଭିଜନ (ଆଇବିଏମଡି) ପକ୍ଷରୁ ଏହାର ଅଭିନବ ତଥା ପରିବେଶ ଉପଯୋଗୀ ଗ୍ରାଉଣ୍ଡ ଗ୍ରାନୁଲେଟେଡଜ୍ ବ୍ଲାଷ୍ଟ ଫର୍ଣ୍ଣେସ୍ ସ୍ଲାଗ୍ (ଜିଜିବିଏ) ଉତ୍ପାଦ-ଟାଟା ଡ୍ୟୁରୋକୋର ସଫଳ ପ୍ରୟୋଗ କରାଯାଇଛି। ଏହାକୁ ଜାତୀୟ ରାଜପଥ ୫୩ର ୭୬ କିମି ରାସ୍ତାକୁ ଚଉଡ଼ା କରିବାରେ ବ୍ୟବହାର କରାଯାଇଛି। ଓଡ଼ିଶାର ଚଣ୍ଡିଖୋଲରୁ ପାରାଦୀପ ପର୍ଯ୍ୟନ୍ତ ଜାତୀୟ ରାଜପଥକୁ ଏବେ ଚାରି ଲେନ୍‌ରୁ ୬ ଲେନ୍‌କୁ ସମ୍ପ୍ରସାରଣ କରାଯାଉଛି, ଯାହା ହଜାର ହଜାର ଲୋକଙ୍କ ପାଇଁ ଗମନାଗମନ ସଂଯୋଗ, ସୁରକ୍ଷା ଓ ଯାତାୟାତ ଦକ୍ଷତାରେ ଉନ୍ନତି ଆଣିବ। ଏହି ସବୁଜ ଉତ୍ପାଦ ଜିଜିବିଏସ୍ ହେଉଛି ସିମେଣ୍ଟର ଏକ ଆଂଶିକ ବିକଳ୍ପ, ଯାହାକୁ ଇସ୍ପାତ ଉତ୍ପାଦନରୁ ବାହାରୁ ଥିବା ବ୍ଲାଷ୍ଟ ଫର୍ଣ୍ଣେସ୍ ସ୍ଲାଗକୁ ପ୍ରକ୍ରିୟାକରଣ କରି ପ୍ରସ୍ତୁତ କରାଯାଉଛି ଏବଂ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ଟାଟା ଷ୍ଟିଲ୍ ଆଇବିଡିଏମ୍‌ର ଇନ୍‌ଚାର୍ଜ ଦୀପଙ୍କର ଦାସଗୁପ୍ତା କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଚିନ୍ତାରେ ରହିପାରନ୍ତି। ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖା ଦେଇ ପାରେ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିପାରେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୭୪୨- ପାର୍ସିଆ ଓ ଅଷ୍ଟ୍ରିଆ ଶାନ୍ତି ବୁଝାମଣାରେ ସ୍ୱାକ୍ଷର କଲେ।
- ୧୮୫୮ - ପ୍ରଥମ ଥର ଫିଙ୍ଗର୍ ପ୍ରିଣ୍ଟ ବ୍ୟବହାର କରାଗଲା।
- ୧୯୧୪- ପ୍ରଥମ ବିଶ୍ୱଯୁଦ୍ଧର ଆରମ୍ଭ।
- ୧୯୫୯ - ଗ୍ରେଟ୍ ବ୍ରିଟେନ୍‌ରେ ଡାକକୋଡ୍‌ର ପ୍ରଚଳନ ଆରମ୍ଭ ହେଲା।
- ୧୯୭୯ - ଚୌଧୁରୀ ଚରଣ ସିଂହ ଭାରତର ପ୍ରଧାନମନ୍ତ୍ରୀ ହେଲେ।
- ୧୯୯୫- ଭିଏତ୍‌ନାମ ଆସିଆନ୍‌ର ସଦସ୍ୟ ହେଲା।
- ୨୦୧୬- ବଙ୍ଗୀୟ ଲେଖିକା ମହାଶ୍ୱେତା ଦେବୀଙ୍କ ପରଲୋକ।

## ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ




କଥାରେ ଅଛି, ପ୍ରକୃତି ସୁସ୍ଥ ରହିଲେ ମାନବ ସମାଜ ସୁସ୍ଥ ରହିବ। ପରିବେଶ ସୁରକ୍ଷା ଓ ସଂରକ୍ଷଣ ପ୍ରତି ଲୋକଙ୍କୁ ଅବଗତ ତଥା ସଚେତନ କରାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୨୮ ତାରିଖକୁ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ଭାବେ ପାଳନ କରାଯାଉଛି। ଭବିଷ୍ୟତ ପିଢ଼ିଙ୍କ ପାଇଁ ପରିବେଶ ସଂରକ୍ଷଣ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ ସୁସ୍ଥ ପୃଥିବୀ ଗଠନ ଦିଗରେ ସମସ୍ତଙ୍କର ଗୁରୁଦାୟିତ୍ୱର ସଚେତନତା ବାର୍ତ୍ତା ନେଇ ପ୍ରକୃତି ସଂରକ୍ଷଣ ଦିବସ ପାଳନ କରାଯାଉଛି। ଏହି ଦିନର ମୂଳ ଉଦ୍ଦେଶ୍ୟ ହେଉଛି, ଏକ ସୁସ୍ଥ ପରିବେଶ ପାଇଁ ପ୍ରକୃତିର ସୁରକ୍ଷା ଏବଂ ଜୈବ ବିବିଧତା ବିଷୟରେ ସଚେତନତା ସୃଷ୍ଟି କରିବା ଯାହା ମାନବ ଜାତିର ସମୃଦ୍ଧି ପାଇଁ ଜରୁରି। ଜୀବନ ଧାରଣ ପାଇଁ ଆବଶ୍ୟକୀୟ ସାଧାରଣ ସାମଗ୍ରୀ ଯଥା ଜଳ, ବାୟୁ, ମୃତ୍ତିକା, ଖଣିଜ ଦ୍ରବ୍ୟ, ଗଛ, ପଶୁପକ୍ଷୀ ଓ ଖାଦ୍ୟ ଆଦି ଯୋଗାଇଛି ଧରିତ୍ରୀ ମାତା। ହେଲେ କ୍ରମଶଃ ମନୁଷ୍ୟର ଆବଶ୍ୟକତା ପୂରଣ କରିବାକୁ ଯାଇ ଆରମ୍ଭ ହୋଇଥିବା ଔଦ୍ୟୋଗିକ ବିକାଶ ଓ ଆହୁରି ଅନେକ ମାନବିକ କାର୍ଯ୍ୟକଳାପ ପ୍ରକୃତିକୁ ନଷ୍ଟ କରିଦେଇଛି। ମଣିଷ ଯାହା ବି କରୁ ନା କାହିଁକି ସେ ଏହା ଭୁଲିବା କଥା ନୁହେଁ କି ଏହାର ପ୍ରତ୍ୟେକ କ୍ରିୟାର ପ୍ରଭାବ ପ୍ରକୃତି ଉପରେ ପଡିଥାଏ। ଏସବୁକୁ ନଜରରେ ରଖି ପ୍ରକୃତିର ସଂରକ୍ଷଣ ଏକାନ୍ତ ଆବଶ୍ୟକ। ଅନ୍ୟପକ୍ଷରେ ପ୍ରକୃତିର ଅସନ୍ତୁଳନ ଯୋଗୁଁ ବର୍ତ୍ତମାନ ଗ୍ଲୋବାଲ ୱାର୍ମିଂ, ବିଭିନ୍ନ ଅଜଣା ରୋଗ, ପ୍ରାକୃତିକ ବିପର୍ଯ୍ୟୟ ଓ ବର୍ଦ୍ଧିତ ତାପମାତ୍ରା ଆଦି ସାଧାରଣ ଘଟଣାରେ ପରିଣତ ହୋଇଛି। ତେଣୁ ଆଗାମୀ ପିଢ଼ି ପାଇଁ ସୁରକ୍ଷିତ ପରିବେଶ ଗଢ଼ିବାକୁ ହେଲେ ପ୍ରକୃତିକୁ ସୁରକ୍ଷା ଦେବା ଏକାନ୍ତ ଆବଶ୍ୟକ। ସୁସ୍ଥ ଓ ସ୍ଥିର ପରିବେଶ ହିଁ ଏକ ସୁସ୍ଥ ସମାଜର ମୂଳଦୁଆ। ପରିବେଶ ବଞ୍ଚିଲେ ଜୀବନ ତିଷ୍ଠି ରହିବ। ଏଣୁ ମାନବଜାତିକୁ ପୃଥିବୀ ଓ ଏହାର ସମ୍ବଳର ଉପଯୁକ୍ତ ସଂରକ୍ଷଣ କରିବା ଦରକାର। ଜାଣତରେ ହେଉ ଅବା ଅଜାଣତରେ, ମଣିଷ ପ୍ରକୃତିକୁ ଦେଉଥିବା କଷ୍ଟକୁ ଅନୁତାପ କରିବାର ଆଜି ଦିନଟିଏ। ତେବେ କେବଳ ଯେ, ଏଥିପାଇଁ ପଶ୍ଚାତାପ କଲେ ହେବନି, ପ୍ରକୃତିର ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା ଦିଗରେ ଠୋସ୍ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ। ବର୍ତ୍ତମାନ ପ୍ରଯୁକ୍ତି ବିଦ୍ୟାର ଦ୍ରୁତ ବିକାଶ ସାଙ୍ଗକୁ ଜଳବାୟୁ ପରିବର୍ତ୍ତନ, ପରିବେଶ ପ୍ରଦୂଷଣ, ବଢୁଥିବା ତାପମାତ୍ରା ଏବଂ ମୃତ୍ତିକା କ୍ଷୟ ଆଦି ଯୋଗୁଁ ପ୍ରାକୃତିକ ପରିବେଶ ବହୁମାତ୍ରାରେ ପ୍ରଭାବିତ ହେଉଛି। ଏଣୁ ପୃଥିବୀ ସମେତ ପାଣି, ପବନ, ଖଣିଜ ପଦାର୍ଥ ଆଦିର ସୁବିନିଯୋଗ କରିବା ଦିଗରେ ସମସ୍ତଙ୍କୁ ସଚେତନ ରହିବା ଆବଶ୍ୟକ। ଏହିଦିନ ବୃକ୍ଷରୋପଣ, ଜଳ ଓ ବିଜୁଳି ଅପଚୟ କମ୍ କରିବା ଲାଗି ମଧ୍ୟ ବାର୍ତ୍ତା ଦିଆଯାଏ।

## ବିଶ୍ୱ ହେପାଟାଇଟିସ୍ ଦିବସ



ହେପାଟାଇଟିସ୍ ଏବଂ ଯକୃତ ସମ୍ବନ୍ଧୀୟ ରୋଗକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଜୁଲାଇ ୨୮ ତାରିଖକୁ 'ବିଶ୍ୱ ହେପାଟାଇଟିସ୍ ଦିବସ' ଭାବେ ପାଳନ କରାଯାଏ। ହେପାଟାଇଟିସ୍ ଯକୃତ ସହିତ ଜଡ଼ିତ ଏକ ଗୁରୁତର ରୋଗ। ଏହି ଦିବସ ଭୂତାଣୁ ଜନିତ ହେପାଟାଇଟିସ୍ ଏବଂ ଏହାର ବିଭିନ୍ନ ଜଟିଳତା ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପାଳନ କରାଯାଇଥାଏ। ହେପାଟାଇଟିସ୍ ଏମିତି ଏକ ସଂକ୍ରାମକ ରୋଗ ଯାହା ଆମ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯକୃତ ପ୍ରତି ବିପଦ ସୃଷ୍ଟି କରିଥାଏ। ହେପାଟାଇଟିସ୍ ସାଧାରଣତଃ ୫ ପ୍ରକାରର- ହେପାଟାଇଟିସ୍ ଏ, ବି, ସି, ଡି ଏବଂ ଇ। ତେବେ ହେପାଟାଇଟିସ୍ ବି ଓ ସି ସବୁଠୁ ବିପଜ୍ଜନକ। ଏ ଦୁଇ ହେପାଟାଇଟିସ୍ ଭାଇରସ୍ ଯକୃତକୁ ଗୁରୁତର ଭାବେ ପ୍ରଭାବିତ କରିଥାନ୍ତି। ୨୦୩୦ ସୁଦ୍ଧା ଜନସ୍ୱାସ୍ଥ୍ୟ ବିପଦ ଭାବରେ ଭାଇରାଲ ହେପାଟାଇଟିସ୍‌କୁ ଦୂର କରିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସମସ୍ତ ଦେଶକୁ ମିଳିତ ଭାବରେ କାର୍ଯ୍ୟ କରିବାକୁ ଆହ୍ୱାନ କରୁଛି। ବିଶ୍ୱ ହେପାଟାଇଟିସ୍ ଆଲାଏନ୍ସ ଅନୁସାରେ, ୯୦ ପ୍ରତିଶତ ହେପାଟାଇଟିସ୍ ବି ଓ ୮୦ ପ୍ରତିଶତ ଲୋକ ହେପାଟାଇଟିସ୍ ସି ଦ୍ୱାରା ସଂକ୍ରମିତ ହେଉଥିଲେ ମଧ୍ୟ ସେମାନେ ଯେ ରୋଗରେ ପୀଡ଼ିତ, ତାହା ଜାଣିପାରନ୍ତି ନାହିଁ। ତେଣୁ ସେମାନଙ୍କ ପାଇଁ ହେପାଟାଇଟିସ୍ ପରବର୍ତ୍ତୀ ପର୍ଯ୍ୟାୟରେ ମାରାତ୍ମକ ହୋଇଥାଏ। କେହି କେହି ଯକୃତ କ୍ୟାନସର୍‌ରେ ବି ପୀଡ଼ିତ ହେବାର ଆଶଙ୍କା ରହିଥାଏ। ଏହି ରୋଗର ଲକ୍ଷଣ ଚିହ୍ନିବା କଷ୍ଟକର ହୋଇଥାଏ। ଜ୍ୱର, ଥକାପଣ, ପେଟ ଯନ୍ତ୍ରଣାରୁ ଏହି ରୋଗ ଆରମ୍ଭ ହୁଏ। ଧୀରେ ଧୀରେ ଏହାର ଲକ୍ଷଣ ବୃଦ୍ଧି ପାଇଥାଏ। ଏଥିରେ, ବ୍ୟକ୍ତିର ଚର୍ମ ଏବଂ ଆଖି ହଳଦିଆ ପଡ଼ିଯାଏ। ଓଜନ ହ୍ରାସ ଘଟେ। ହେପାଟାଇଟିସ୍ ବି ଏବଂ ସି ହେଲେ ଏହି ଲକ୍ଷଣଗୁଡ଼ିକ ପ୍ରାୟତଃ ଦେଖାଯାଏ। ହେପାଟାଇଟିସ୍‌କୁ ପ୍ରତିହତ କରିବା ପାଇଁ ଟିକା ହେଉଛି ସବୁଠାରୁ ପ୍ରଭାବଶାଳୀ ଅସ୍ତ୍ର। ଏହାବାଦ୍ ସୁସ୍ଥ ଖାଦ୍ୟ ଗ୍ରହଣ କରି ହେପାଟାଇଟିସ୍‌ରୁ ନିଜକୁ ରକ୍ଷା କରିହେବ। ଏହାସହ ମସଲାଯୁକ୍ତ, ଅଧିକ ଫ୍ରାଏଡ୍ ଏବଂ ଅପରିଷ୍କାର ଖାଦ୍ୟ ଖାଇବାଠାରୁ ଦୂରେଇ ରହିବା ଆବଶ୍ୟକ। ଯଦି ହେପାଟାଇଟିସ୍‌ର ଲକ୍ଷଣ ଦୃଶ୍ୟମାନ ହୁଏ, ତେବେ ଏହାକୁ ଅଣଦେଖା କରିବା ଅନୁଚିତ। ଲକ୍ଷଣ ଦେଖିବା ପରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି। ସଚେତନତା ହିଁ ଏହି ରୋଗକୁ ଦୂରେଇ ଦିଆଯାଇ ପାରିବ।

## 'ରାମାୟଣ'ରେ ମରାଠୀ ଅଭିନେତାଙ୍କ ଏଣ୍ଟ୍ରି



ନୀତେଶ ତିୱାରୀଙ୍କ 'ରାମାୟଣ' ର ରିଲିଜ୍‌କୁ ଏବେ ସାରା ଦେଶ ଅପେକ୍ଷା କରିଛି। ଏଥିରେ ରଣବୀର କପୁର, ସାଇପଲ୍ଲବୀ, ଯଶ୍ ଲିଡ୍ ରୋଲରେ ନଜର ଆସିବେ। ଟେଲିଭିଜନ ଜଗତର ଲୋକପ୍ରିୟ ଅଭିନେତା ରବି ଦୁବେ ଏଥିରେ ଲକ୍ଷ୍ମଣ ଭୂମିକାରେ ଦେଖାଯିବେ। ନିକଟରେ ଫିଲ୍ମ ସେଟ୍‌ରୁ ଏକ ଫଟୋ ଭାଇରାଲ ହୋଇଥିଲା। ଏଥିରୁ ଜଣାପଡୁଛି ଏହାର ପ୍ରଥମ ଭାଗର ସୁଟିଂ ଶେଷ ହୋଇଯାଇଛି। ଏହି ଫିଲ୍ମ ଦୁଇଟି ପାର୍ଟରେ ରିଲିଜ୍ ହେବ। ଅନେକ ଦିନରୁ ଏଥିରେ କିଏ ଭରତ ଭୂମିକାରେ ନଜର ଆସିବେ ସେନେଇ କଳ୍ପନାଜଳ୍ପନା ଲାଗି ରହିଥିଲା। ଏଥିରେ ମରାଠୀ ଫିଲ୍ମ ଅଭିନେତା ଆଦିନାଥ କୋଠାରେ ଭରତ ଭୂମିକାରେ ଦେଖାଯିବେ ବୋଲି ଫାଇନାଲ ହୋଇଯାଇଛି। ନିକଟରେ ଆଦିନାଥ ଏକ ସାକ୍ଷାତକାରରେ ଏକଥା କହିଛନ୍ତି। ଆଦିନାଥ କହିଥିଲେ ଯେ, 'ଏହା ମୋ ପାଇଁ ଏକ ଆଶୀର୍ବାଦ। ଏହା ଭାରତରେ ନିର୍ମାଣ କରାଯାଉଥିବା ସବୁଠୁ ବଡ଼ ଫିଲ୍ମ। ଏଥିପାଇଁ ମୁଁ ମୁକେଶ ଛାବରା ସାର୍‌ଙ୍କ ନିକଟରେ ଋଣୀ। ସେ ମୋତେ କାଷ୍ଟ କରିଛନ୍ତି ଓ ନୀତେଶ ସାର୍ ମୋତେ ଭରତ ଭୂମିକା ପାଇଁ ବାଛିଛନ୍ତି। ମୋ ଉପରେ ବିଶ୍ୱାସ କରି ଏଭଳି ଏକ ଚରିତ୍ରର ଗୁରୁଦାୟିତ୍ୱ ନମିତ ମଲହୋତ୍ରା ସାର୍ ଦେଇଥିବାରୁ ମୁଁ ମଧ୍ୟ ତାଙ୍କ ନିକଟରେ ଋଣୀ।' ଏଠାରେ ପ୍ରକାଶ ଥାଉ କି, ଆଦିନାଥ ଜଣେ ଆଗଧାଡ଼ିର ମରାଠୀ ଫିଲ୍ମ ନିର୍ମାତା ଓ ଅଭିନେତା। ସେ ରଣବୀର ସିଂହଙ୍କ ଫିଲ୍ମ '୮୩' ଜରିଆରେ ବଲିଉଡ୍‌ରେ ପାଦ ରଖିଥିଲେ।

## ମହାଦେବଙ୍କ ପ୍ରିୟ ରାଶି

ଶ୍ରାବଣ ମାସରେ ଭଗବାନ ଶିବଙ୍କୁ ପୂଜାର୍ଚ୍ଚନା କରିବାର ବିଶେଷ ମହତ୍ତ୍ୱ ଅଛି। ମହାଦେବଙ୍କ ଉପାସନା କରିବା ଦ୍ୱାରା ଜୀବନର ସମସ୍ତ ସମସ୍ୟା ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେହିପରି କିଛି ରାଶି ଏଭଳି ଅଛି, ଯାହାକି ମହାଦେବଙ୍କ ପ୍ରିୟ ହୋଇଥିବା ବେଳେ ସେମାନଙ୍କ ଉପରେ ଶିବଙ୍କ ବିଶେଷ କୃପାପ୍ରାପ୍ତି ଥାଏ ବୋଲି କୁହାଯାଏ।



**ମେଷ:** ଏହି ରାଶି ବ୍ୟକ୍ତିଙ୍କ ଉପରେ କୌଣସି ସମସ୍ୟା ଆସିଲେ, ଦେବ ଦେବ ମହାଦେବଙ୍କ ଆରାଧନା କରିବା ଆବଶ୍ୟକ। ମେଷ ରାଶି ବ୍ୟକ୍ତିବିଶେଷଙ୍କୁ ଶ୍ରାବଣ ମାସରେ ସବୁଦିନ ଶିବଲିଙ୍ଗ ଉପରେ ଜଳଲାଗି କରିବା ଉଚିତ।

**ମକର:** ମକର ମଧ୍ୟ ଶିବଙ୍କ ପ୍ରିୟ ରାଶି। ଶ୍ରାବଣ ମାସରେ ଏହି ରାଶିର ଲୋକେ ଭଗବାନ ଶିବଙ୍କୁ ପ୍ରସନ୍ନ କରିବା ପାଇଁ ଶିବଲିଙ୍ଗ ଉପରେ ଜଳ ଏବଂ ଶମି ପତ୍ର ଚଢ଼ାଇବା ଶୁଭଙ୍କର। ଏହାସହ ଶିବ ଚାଳିଶା ମଧ୍ୟ ପାଠ କରିବା ଉଚିତ।

**କୁମ୍ଭ:** ଏହି ରାଶି ଉପରେ ମଧ୍ୟ ଶିବଙ୍କ କୃପା ସଦା ବଜାୟ ରହେ ବୋଲି କୁହାଯାଏ। ଏହି ରାଶିର ସ୍ୱାମୀ ଶନି ଦେବ ହୋଇଥିବାରୁ ଏହା ଶିବଙ୍କ ପ୍ରିୟ ରାଶି। ଶ୍ରାବଣ ମାସରେ ଭଗବାନ ଶିବଙ୍କ ରୁଦ୍ରାଭିଷେକ କରିବା ସହ ଶିବଲିଙ୍ଗରେ ଆଖୁ ରସ ଚଢ଼ାଇବା ଶୁଭ।

**ମୀନ:** ମୀନ ରାଶି ଲୋକଙ୍କ ମଧ୍ୟରେ ଦିବ୍ୟ ଚେତନା ଗୁଣ ଅଛି। ଏହି କାରଣ ଯୋଗୁଁ ଉକ୍ତ ରାଶି ଲୋକଙ୍କ ଉପରେ ମହାଦେବଙ୍କ ବିଶେଷ କୃପା ପ୍ରାପ୍ତି ଥାଏ। ଶ୍ରାବଣ ମାସରେ ମୀନ ରାଶିର ବ୍ୟକ୍ତିମାନେ ଶିବଙ୍କ ବିଶେଷ ପୂଜାର୍ଚ୍ଚନା କରିବା ଉଚିତ। ଏହାଦ୍ୱାରା ଜୀବନରେ କୌଣସି ସମସ୍ୟା ସାମ୍ନା କରିବାକୁ ପଡ଼ି ନ ଥାଏ।

## ସ୍ୱସ୍ତି

## ଶ୍ରାବଣରେ ରୁଦ୍ରାଭିଷେକ



ଭଗବାନ ଶିବଙ୍କୁ ପ୍ରସନ୍ନ କରିବାର ସବୁଠୁ ପ୍ରଭାବୀ ଉପାୟ ହେଉଛି ରୁଦ୍ରାଭିଷେକ। ତେବେ ଶ୍ରାବଣ ମାସରେ ରୁଦ୍ରାଭିଷେକ କରିବାର ମାହାତ୍ମ୍ୟ ଅଧିକ। ଧାର୍ମିକ ମାନ୍ୟତାନୁସାରେ, ଜୀବନରେ କୌଣସି କଷ୍ଟ କିମ୍ବା ମନୋକାମନା ଥିଲେ, ଶ୍ରାବଣମାସରେ ରୁଦ୍ରାଭିଷେକ କରିବା ଦରକାର। ରୁଦ୍ରାଭିଷେକ ଦ୍ୱାରା ରୋଗ ମଧ୍ୟ ଦୂର ହୁଏ। କୁହାଯାଏ, ରୁଦ୍ରାଭିଷେକରେ ପ୍ରସନ୍ନ ହୋଇ ମହାଦେବ ଭକ୍ତଙ୍କ ସମସ୍ତ ମନୋବାଞ୍ଛା ପୂରଣ କରନ୍ତି। ଶ୍ରାବଣମାସର ଯେକୌଣସି ଦିନରେ ରୁଦ୍ରାଭିଷେକ କରିବା ଅତ୍ୟନ୍ତ ଶୁଭ ହୋଇଥାଏ। ତେବେ ଶ୍ରାବଣ ଶିବରାତ୍ରୀ, ଶ୍ରାବଣ ସୋମବାରରେ ରୁଦ୍ରାଭିଷେକ କଲେ ଅନେକ ପରିବର୍ତ୍ତନ ଜୀବନରେ ଦେଖିବାକୁ ମିଳିଥାଏ। ରୁଦ୍ରାଭିଷେକ ଦ୍ୱାରା ରାହୁ, କେତୁ, ଶନି ଗ୍ରହ ଶାନ୍ତ ହୋଇଥାନ୍ତି। ଏହାଦ୍ୱାରା କାଳସର୍ପ ଦୋଷରୁ ମଧ୍ୟ ମୁକ୍ତି ମିଳିଥାଏ।

## ଘରେ କଳା ରଙ୍ଗ ଟାଇଲ୍ ଲଗାଉଥିଲେ...

ବାସ୍ତୁଶାସ୍ତ୍ର ଅନୁସାରେ, ଘରେ ଟାଇଲ ଲଗାଇବା ସମୟରେ ଏହାର ରଙ୍ଗ ଉପରେ ବିଶେଷ ଧ୍ୟାନ ଦେବା ଆବଶ୍ୟକ। ଭୁଲ୍ ରଙ୍ଗର ଟାଇଲ୍ ଜୀବନରେ ସମସ୍ୟା ସୃଷ୍ଟି କରିପାରେ। ତେଣୁ ଘରେ କେଉଁ ରଙ୍ଗ ଟାଇଲ୍ ଲଗାଇବା ଅନୁଚିତ, ସେ ସମ୍ପର୍କରେ ଜାଣିବା।



- ଘରେ କଳା ରଙ୍ଗ ଟାଇଲ୍ ଆଦୌ ବ୍ୟବହାର କରନ୍ତୁ ନାହିଁ। କଳା ରଙ୍ଗ ନକାରାତ୍ମକର ପ୍ରତୀକ। ଏହାଦ୍ୱାରା ଘରେ ନକାରାତ୍ମକ ଶକ୍ତି ଅଧିକ ରହେ।
- ଯେଉଁ ଘରେ କଳା ରଙ୍ଗ ଟାଇଲ୍ ଉପଯୋଗ କରାଯାଏ, ସେଠାରେ ରାହୁର ପ୍ରଭାବ ଅଧିକ ରହେ। ରାହୁ କ୍ରୁର ଗ୍ରହ ହୋଇଥିବାରୁ ଜୀବନରେ ବିଭିନ୍ନ ଅସୁବିଧା ସାମ୍ନା କରିବାକୁ ପଡ଼େ।
- କଳା ରଙ୍ଗ ଟାଇଲ୍ ବ୍ୟବହାର ଦ୍ୱାରା ରାହୁ ଗ୍ରହ ସକ୍ରିୟ ହୁଏ। ଫଳରେ ପରିବାର ସଦସ୍ୟଙ୍କ ଚିନ୍ତାଧାରାକୁ ପ୍ରଭାବିତ କରିଥାଏ।
- ଯେଉଁ ଘରେ ରାହୁଙ୍କ ପ୍ରଭାବ ଅଧିକ ଥାଏ, ପ୍ରେମ ଜୀବନ ସୁଖମୟ ହୋଇ ନ ଥାଏ। ଛୋଟ ଛୋଟ କଥାରେ ବିବାଦ ଦେଖା ଦିଏ।
- ଘରେ ସବୁବେଳେ ଧଳା, ଗୋଲାପି, ଆକାଶୀ ରଙ୍ଗ ଟାଇଲ ଲଗାଇବା ଉଚିତ। ଏହି ରଙ୍ଗ ଘରର ବାସ୍ତୁ ଉପରେ ସକାରାତ୍ମକ ପ୍ରଭାବ ପକାଏ। ତା'ସହ ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଏ।

## ସ୍ୱପ୍ନ ସୂଚାଏ ଧନହାନି

ସ୍ୱପ୍ନ ସମସ୍ତେ ଦେଖନ୍ତି। କିଛି ସ୍ୱପ୍ନ ଉତ୍ତମ ଭବିଷ୍ୟତକୁ ଇଙ୍ଗିତ କରୁଥିବା ବେଳେ ଆଉ କିଛି ଅସୁବିଧାକୁ ଦର୍ଶାଏ। ସେହିପରି ସ୍ୱପ୍ନ ଜ୍ୟୋତିଷ ଅନୁସାରେ କିଛି ସ୍ୱପ୍ନ ଧନ ହାନି ଦିଗକୁ ମଧ୍ୟ ସୂଚାଏ।

- ସ୍ୱପ୍ନରେ ନିଜେ ନିଜ ଆସବାବପତ୍ରକୁ ଭଙ୍ଗାଭଙ୍ଗି କରୁଥିବା ଦେଖିଲେ, ଶୀଘ୍ର ଆର୍ଥିକ ସଙ୍କଟ ଦିଗକୁ ଇଙ୍ଗିତ କରେ।
- ନିଜକୁ ଦେବାଳିଆ ଘୋଷଣା କରୁଥିବା ସ୍ୱପ୍ନ ଦେଖିଲେ ବ୍ୟବସାୟ ବାଧପ୍ରାପ୍ତ ହୁଏ।
- ସ୍ୱପ୍ନରେ ପେଚା ଦେଖିବାର ଅର୍ଥ ଧନହାନି ହେବା। ଏହାବାଦ୍ ଅନ୍ୟାନ୍ୟ କଷ୍ଟକୁ ବି ସାମ୍ନା କରିବାକୁ ପଡ଼ିଥାଏ।
- କୌଣସି ଧନୀ ବ୍ୟକ୍ତି ସ୍ୱପ୍ନରେ ପକ୍ଷୀ କ୍ରନ୍ଦନ କରୁଥିବା ଦେଖିଲେ, ଏଥିରୁ ଶୀଘ୍ର ଅର୍ଥ ସଙ୍କଟ ଦେଖାଦେବାର ସୂଚନା ମିଳେ। ଏହା ଦ୍ୱାରା ଧନ, ବୈଭବ, ଐଶ୍ୱର୍ଯ୍ୟ ଆଦି ସବୁ ନଷ୍ଟ ହୋଇଥାଏ।

ଗିଲ୍‌ଙ୍କ ରେକର୍ଡ | ଷ୍ଟୋକ୍ସ ଶ୍ରେଷ୍ଠ ଖେଳାଳି | ୩୧ରୁ ନିର୍ଣ୍ଣାୟକ ଟେଷ୍ଟ

# ଶତକ ମାରି ମ୍ୟାଚ୍ ଡ୍ର କଲେ ସୁନ୍ଦର-ଜାଡେଜା

ଓଲ୍ଡ ଟ୍ରାଫୋର୍ଡ, ୨୭।୭ (ଏଜେନ୍ସି)

ଅଧିନାୟକ ଶୁବମନ ଗିଲ୍ (୧୦୩)ଙ୍କ ୯ମ, ରବୀନ୍ଦ୍ର ଜାଡେଜା (୧୦୭*)ଙ୍କ ୫ମ, ୱାଶିଂଟନ ସୁନ୍ଦର (୧୦୧*)ଙ୍କ ଶତକ ଓ ଲୋକେଶ ରାହୁଲଙ୍କ ୯୦ ରନ୍ ସହାୟତାରେ ଇଂଲଣ୍ଡ ସହ ଏଠାରେ ଶେଷ ହୋଇଥିବା ଚତୁର୍ଥ ଟେଷ୍ଟକୁ ଭାରତ ଡ୍ର ରଖିବାରେ ସମର୍ଥ ହୋଇଛି। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ୩୧୧ ରନ୍‌ରେ ପଛୁଆ ଥିବା ଭାରତ ମ୍ୟାଚ୍‌ର ୫ମ ତଥା ଶେଷ ଦିନ ଖେଳ ଶେଷ ବେଳକୁ ୪ ୱିକେଟ ହରାଇ ୪୨୫ ରନ୍ କରିବା ଫଳରେ ଏହି ମ୍ୟାଚ୍‌ର ଫଳାଫଳ ନିର୍ଣ୍ଣିତ ହୋଇପାରି ନାହିଁ। ଏହି ମ୍ୟାଚ୍‌ରେ ୧୪୧ ରନ୍ କରିବା ସହ ୬ଟି ୱିକେଟ ନେଇଥିବା ଇଂଲଣ୍ଡର ଅଧିନାୟକ ବେନ୍ ଷ୍ଟୋକ୍ସଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଚତୁର୍ଥ ଟେଷ୍ଟ ଡ୍ର ରହିବା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ପୂର୍ବପରି ୨-୧ରେ ଅଗ୍ରଣୀ ରହିଛି। ସିରିଜ୍‌ର ୫ମ ତଥା ନିର୍ଣ୍ଣାୟକ ମ୍ୟାଚ୍ ଲଣ୍ଡନର କେନିଙ୍ଗଟନ ଓଭାଲରେ ଜୁଲାଇ ୩୧ରୁ ଆରମ୍ଭ ହେବ।

ଏହି ମ୍ୟାଚ୍‌ରେ ଭାରତ ପ୍ରଥମ ଇନିଂସରେ ୩୫୮ ରନ୍ କରିଥିଲା। ଜବାବରେ ଭାରତୀୟ ବୋଲିଂ ନିଷ୍ପ୍ରଭ ହେବା ଫଳରେ ଇଂଲଣ୍ଡ ପ୍ରଥମ ଇନିଂସରେ ୬୬୯ ରନ୍‌ର ରେକର୍ଡ ସ୍କୋର କରିଥିଲା। ଫଳରେ ୩୧୧ ରନ୍‌ରେ ପ୍ରଥମ ଇନିଂସ



ପଛୁଆ ରହିଥିବା ଭାରତ ୫ଟି ସେସନରେ ମ୍ୟାଚ୍ ବଞ୍ଚାଇବା ନେଇ ଆଶଙ୍କା ପ୍ରକାଶ ପାଇଥିଲା। ଭାରତ ଦ୍ୱିତୀୟ ଇନିଂସ ଆରମ୍ଭ କରି କ୍ରିସ୍ ଓକ୍ସ ବୋଲିଂ କରିଥିବା ପ୍ରଥମ ଓଭରରେ ଦୁଇ ୱିକେଟ ହରାଇବା ଫଳରେ ଏହି ଆଶଙ୍କା ଅଧିକ ଦୃଢ଼ୀଭୂତ ହୋଇଥିଲା। କିନ୍ତୁ ଭାରତୀୟ ଖେଳାଳି ଅନ୍ୟ ଯୋଜନା ନେଇ ଖେଳିଥିଲେ। ପ୍ରଥମେ ତୃତୀୟ ୱିକେଟ ଯୋଡିରେ ଲୋକେଶ ରାହୁଲ ଓ ଶୁବମନ ଗିଲ୍ ୪୨୧ ବଲ୍‌ରେ ୧୮୮ ଏବଂ ପରେ ପଞ୍ଚମ ୱିକେଟରେ ୱାଶିଂଟନ ସୁନ୍ଦର ଓ ରବୀନ୍ଦ୍ର ଜାଡେଜା ଆଉଟ ନ ହୋଇ ୩୩୪ ବଲ୍‌ରୁ ୨୦୩ ରନ୍ କରିବା ଫଳରେ ଭାରତ ମ୍ୟାଚ୍‌କୁ ଡ୍ର କରିବାରେ ସମର୍ଥ ହୋଇଥିଲା। ଏଭଳି ଫ୍ଲାଟ୍ ପିଚ୍‌ରେ ଯଦି ଇଂଲଣ୍ଡ ୬ଶହରୁ ଅଧିକ ରନ୍ କରିପାରିଲା, ତେବେ ଆମେ ମଧ୍ୟ ଏହା ପାରିବୁ ବୋଲି ସାଥି ଖେଳାଳିଙ୍କୁ ଗିଲ କହିବା ଫଳରେ ମ୍ୟାଚ୍‌ରେ ରୋମାଞ୍ଚ ବଢ଼ିଥିଲା। ଭାରତୀୟ ଟିମ୍ ଏହାକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି ସଫଳ ହୋଇଥିଲା। ଭାରତ ପକ୍ଷରୁ ଗିଲ ଚଳିତ ଟେଷ୍ଟ ସିରିଜ୍‌ରେ ଚତୁର୍ଥ ଟେଷ୍ଟ ଶତକ ହାସଲ କରିଥିଲେ। ସେ ୨୩୮ ବଲ୍‌ରୁ ୧୨ ଚୌକା ସହ ୧୦୩ ଓ ରାହୁଲ ୨୩୦ ବଲ୍‌ରୁ ୮ ଚୌକା ସହ ୯୦ ରନ୍ କରିଥିଲେ। ଗିଲ୍ ଚଳିତ ସିରିଜ୍‌ରେ ୭୨୨ ରନ୍ କରିବା ସହ ଅନେକ ରେକର୍ଡ ଭାଙ୍ଗିଛନ୍ତି। ଏମାନଙ୍କ ଆଉଟ ପରେ ସୁନ୍ଦର ଓ ଜାଡେଜା ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରି ଇଂଲଣ୍ଡ ବୋଲରଙ୍କୁ ନିଷ୍ପ୍ରଭ କରିଦେଇଥିଲେ। ଜାଡେଜା ଏଠାରେ ୫ମ ଶତକ ହାସଲ କରିଥିଲେ। ନଂ-୬ରେ ବ୍ୟାଟିଂ କରି ଶତକ ହାସଲ କରିବାରେ ଜାଡେଜା ପ୍ରଥମ ଭାରତୀୟ ଖେଳାଳି ହୋଇଛନ୍ତି। ଅନ୍ୟ ପକ୍ଷରେ ସୁନ୍ଦରଙ୍କ ଟେଷ୍ଟ କ୍ରିକେଟରେ ଏହା ପ୍ରଥମ ଶତକ। ଉଭୟ ଖେଳାଳି ଶତକ ହାସଲ କରିବା ନିକଟରେ ପହଞ୍ଚିବା ପରେ ଇଂଲଣ୍ଡ ଅଧିନାୟକ ଷ୍ଟୋକ୍ସ ମ୍ୟାଚ୍‌କୁ ଡ୍ର ରଖିବା ଲାଗି ପ୍ରସ୍ତାବ ଦେଇଥିଲେ। କିନ୍ତୁ ଭାରତୀୟ ଖେଳାଳିମାନେ ଏହାକୁ ଅଗ୍ରାହ୍ୟ କରିବା ସହ ଶତକ ହାସଲ କରିଥିଲେ। ଏହା ଫଳରେ ଚଳିତ ସିରିଜ୍‌ରେ ପ୍ରଥମ ୪ଟି ଟେଷ୍ଟରୁ ଭାରତୀୟ ଖେଳାଳିମାନେ ୧୧ଟି ଶତକ ହାସଲ କରିଛନ୍ତି ଓ ୭ମଥର ୩୫୦ରୁ ଉଦ୍ଧ୍ୱର୍ ରନ୍ କରିବାରେ ସମର୍ଥ ହୋଇଛନ୍ତି।

### ସଂକ୍ଷିପ୍ତ ସ୍କୋର


**ଭାରତ ପ୍ରଥମ ଇନିଂସ**: ୩୫୮ (ସୁଦର୍ଶନ-୬୧, ଜୟସ୍ୱାଲ-୫୮, ପନ୍ତ-୫୪, ଷ୍ଟୋକ୍ସ-୫/୭୨, ଆର୍ଚର-୩/୭୩)।

**ଇଂଲଣ୍ଡ ପ୍ରଥମ ଇନିଂସ**: ୬୬୯ (ଜୋ ରୁଟ୍-୧୫୦, ବେନ୍ ଷ୍ଟୋକ୍ସ-୧୪୧, ଜାଡେଜା-୪/୧୪୩, ସୁନ୍ଦର-୨/୧୦୭, ବୁମ୍‌ରା-୨/୧୧୨)।

**ଭାରତ ଦ୍ୱିତୀୟ ଇନିଂସ**: ୪୨୫/୪, ୧୪୩ ଓଭର (ୱାଶିଂଟନ ସୁନ୍ଦର-୧୦୧*, ରବୀନ୍ଦ୍ର ଜାଡେଜା-୧୦୭*, ଶୁବମନ ଗିଲ-୧୦୩, ରାହୁଲ-୯୦, କ୍ରିସ୍ ଓକ୍ସ-୨/୬୭, ବେନ୍ ଷ୍ଟୋକ୍ସ-୧/୩୩, ଆର୍ଚର-୧/୭୮)।

## ରେକର୍ଡ କଲେ ଗିଲ୍; ନେତୃତ୍ୱ ପଦାପର୍ଣରେ ସର୍ବାଧିକ ଶତକ

ଓଲ୍ଡ ଟ୍ରାଫୋର୍ଡ,୨୭।୭ (ଏଜେନ୍ସି): ଇଂଲଣ୍ଡ ବିପକ୍ଷରେ ପ୍ରଥମଥର ନେତୃତ୍ୱ ନେଇଥିବା ଭାରତୀୟ ଅଧିନାୟକ ଶୁବମନ ଗିଲ୍ ପଦାର୍ପଣ ଟେଷ୍ଟ ସିରିଜ୍‌ରେ ଚତୁର୍ଥ ଶତକ ହାସଲ କରିଛନ୍ତି। ଏହା ଫଳରେ ଟେଷ୍ଟ ନେତୃତ୍ୱ ପଦାର୍ପଣରେ ସର୍ବାଧିକ ଶତକ ହାସଲ କରିବାରେ ବିଶ୍ୱରେ ପ୍ରଥମ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ଅଷ୍ଟ୍ରେଲିଆର ୪ଜଣ ଅଧିନାୟକ ୱାରୱିକ୍ ଆର୍ମଷ୍ଟ୍ରଙ୍ଗ୍, ଡନ୍ ବ୍ରାଡ୍‌ମ୍ୟାନ୍, ଗ୍ରେଗ୍ ଚାପେଲ ଓ ଷ୍ଟିଭେନ ସ୍ମିଥ୍, ଭାରତର ବିରାଟ କୋହଲି ସେମାନଙ୍କ ନେତୃତ୍ୱ ପଦାର୍ପଣରେ ୩ଟି ଲେଖାଏଁ ଶତକ ହାସଲ କରିଥିଲେ। ଅଧିନାୟକ ଭାବେ ଗୋଟିଏ ଟେଷ୍ଟ ସିରିଜ୍‌ରେ ୪ଟି ଲେଖାଏଁ ଶତକ ହାସଲ କରିବାରେ ସେ ଅଷ୍ଟ୍ରେଲିଆର ଡନ୍ ବ୍ରାଡମ୍ୟାନ୍ (ବନାମ ଭାରତ) ଓ ଭାରତର ସୁନୀଲ ଗାଭାସ୍କର (ବନାମ ୱେଷ୍ଟଇଣ୍ଡିଜ୍)ଙ୍କ ସହ ସମକକ୍ଷ ହୋଇଛନ୍ତି। ଗୋଟିଏ ଟେଷ୍ଟ ସିରିଜ୍‌ରେ ୪ଟି ଶତକ ହାସଲ କରିବାରେ ସୁନୀଲ ଗାଭାସ୍କର (୨ଥର) ଓ ବିରାଟ କୋହଲିଙ୍କ ପରେ ତୃତୀୟ ଖେଳାଳି।



ଓଲ୍ଡ ଟ୍ରାଫୋର୍ଡରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟରେ ସେ ୧୦୩ ରନ୍ କରିବା ଫଳରେ ଏହି ସିରିଜ୍‌ରେ ଗୋଟିଏ ଟେଷ୍ଟ ବାକିଥାଇ ୭୨୨ ରନ୍‌ରେ ପହଞ୍ଚି ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହା ମଧ୍ୟରେ ଗୋଟିଏ ଦ୍ୱିଶତକ ସହ ୪ଟି ଶତକ ରହିଛି। ଅଧିନାୟକ ଭାବେ ଗୋଟିଏ ଟେଷ୍ଟ ସିରିଜ୍‌ରେ ଅଷ୍ଟ୍ରେଲିଆର ଡନ୍ ବ୍ରାଡ୍‌ମ୍ୟାନ୍ ସର୍ବାଧିକ ୮୧୦ ରନ୍ କରିଛନ୍ତି।

ଭାରତର ଦ୍ୱିତୀୟ ଇନିଂସରେ ରାହୁଲ ଓ ଗିଲ୍ ସେମାନଙ୍କ ତୃତୀୟ ୱିକେଟ ପାର୍ଟନରସିପ୍‌ରେ ୪୨୧ ବଲ୍ ଖେଳିଥିଲେ। ଏକବିଂଶ ଶତାବ୍ଦୀରେ ଇଂଲଣ୍ଡରେ ଭାରତ ଖେଳିଥିବା ଟେଷ୍ଟରେ ପାର୍ଟନରସିପ୍‌ରେ ଏହା ସର୍ବାଧିକ ବଲ୍। ପୂର୍ବରୁ ୨୦୦୨ରେ ହେଡିଂଲେରେ ଐତିହାସିକ ବିଜୟରେ ରାହୁଲ ଦ୍ରାବିଡ୍ ଓ ସଞ୍ଜୟ ବାଙ୍ଗର ପାର୍ଟନରସିପ୍‌ରେ ୪୦୫, ସଚିନ ତେନ୍ଦୁଲକର ଓ ସୌରଭ ଗାଙ୍ଗୁଲି ୩୫୭ଟି ବଲ୍ ଖେଳିଥିଲେ।

● ମହିଳା ଚେସ୍ ବିଶ୍ୱକପ୍ ଫାଇନାଲ୍

## ହମ୍ପି-ଦିବ୍ୟା ଦ୍ୱିତୀୟ ଗେମ୍ ଡ୍ର

ନୂଆଦିଲ୍ଲୀ, ୨୭।୭ (ଏଜେନ୍ସି): ଭାରତର ଦୁଇ ଖେଳାଳି କୋନେରୁ ହମ୍ପି ଓ ଦିବ୍ୟା ଦେଶମୁଖଙ୍କ ମଧ୍ୟରେ ଜର୍ଜିଆରେ ଆଜି ଅନୁଷ୍ଠିତ ଦ୍ୱିତୀୟ ଗେମ୍ ଡ୍ର ରହିଛି। ଗତକାଲି ଖେଳାଯାଇଥିବା ପ୍ରଥମ ଗେମ୍ ମଧ୍ୟ ଡ୍ର ରହିଥିଲା। ଏହା ଫଳରେ ଆସନ୍ତାକାଲି ଟାଇଟଲ ନିର୍ଣ୍ଣୟ ଲାଗି ଟାଇବ୍ରେକର ମୁକାବିଲା ହେବ। ଏଥିରେ ଯେଉଁ ଖେଳାଳି ବିଜୟୀ ହେବେ, ସେ ମହିଳା ଚେସ୍ ବିଶ୍ୱକପ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିବେ।

## ଓସ୍କାର ଜିତିଲେ ବେଲଜିଆନ୍ ଗ୍ରାଁ ପ୍ରି

ବ୍ରସେଲ୍ସ, ୨୭।୭ (ଏଜେନ୍ସି): ଲାଣ୍ଡୋ ନୋରିସ୍‌ଙ୍କୁ ପଛରେ ପକାଇ ମ୍ୟାକ୍‌ଲରେନ୍ ଡ୍ରାଇଭର ଓସ୍କାର ପିଆସ୍ତ୍ରୀ ବର୍ଷା ବାଧାପ୍ରାପ୍ତ ବେଲଜିଆନ୍ ଗ୍ରାଁ ପ୍ରି ଟାଇଟଲ ବିଜୟୀ ହୋଇଛନ୍ତି। ନୋରିସ୍ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲାବେଳେ ଚାର୍ଲସ ଲେକ୍ଲେର୍କ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଗତକାଲି ଅନୁଷ୍ଠିତ ସ୍ପ୍ରିଣ୍ଟ ରେସ୍‌ରେ ପିଆସ୍ତ୍ରୀ ହାରିଯାଇଥିଲେ।

## ଦୀପରଞ୍ଜନଙ୍କୁ କାଂସ୍ୟ ପଦକ

ଭୁବନେଶ୍ୱର, ୨୭।୭ (ସମିସ): ଓଡ଼ିଶାର ଦୀପରଞ୍ଜନ ବିଶୋଇ ୱେଲ୍ସର କାର୍ଡିଫ୍‌ଠାରେ ଅନୁଷ୍ଠିତ ବ୍ରିଟିଶ ଆଣ୍ଡ ଇରିଶ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି।



ପୁରୁଷ ଯୁଗଳ ଏସଏଲ୩-ଏସ୍‌ଏଲ୍୪ କାଟାଗୋରୀରେ ଓଡ଼ିଶାର ଦୀପରଞ୍ଜନ ଓ ଉତ୍ତରାଖଣ୍ଡର ମନୋଜ ସରକାର ସେମିଫାଇନାଲରେ ପରାଜିତ ହୋଇଥିଲେ। ଫଳରେ ଉଭୟଙ୍କୁ କାଂସ୍ୟ ପଦକ ମିଳିଥିଲା। ଏହି ଲେଭଲ-୧ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇ ସଫଳତା ହାସଲ କରିଥିବାରୁ ଦୀପରଞ୍ଜନ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ପାରା ସ୍ପୋର୍ଟ୍ସ ଆସୋସିଏସନକୁ ଧନ୍ୟବାଦ ଜଣାଇଛନ୍ତି।

ଗ୍ରୀନ୍ ବେଜ୍ କ୍ଲାସିକ୍ ସ୍ନୁକର

## ରୁମିତ ଓ ମିଶାଲ ମୁଖ୍ୟ ଡ୍ର’ରେ

ଭୁବନେଶ୍ୱର, ୨୭।୭ (ସମିସ): ଆଇଆର୍‌ସି ଭିଲେଜ୍‌ସ୍ଥିତ ଭିନଣ୍ଟେଜ କ୍ଲବ ପରିସରରେ ଚାଲିଥିବା ଗ୍ରୀନ୍ ବେଜ୍ କ୍ଲାସିକ ଅଲ୍ ଓଡ଼ିଶା ଓପନ୍ ୧୦-ରେଡ୍ ସ୍ନୁକର ଚାମ୍ପିଅନସିପର ମୁଖ୍ୟ ଡ୍ର’ ସ୍ପଷ୍ଟ ହୋଇଛି।



ଉଦୀୟମାନ ଖେଳାଳି ରୁମିତ ଗୁପ୍ତା ଓ ମିଶାଲ ସ୍ୱାଇଁଙ୍କ ସମେତ ୧୬ଜଣ ଖେଳାଳି ଯୋଗ୍ୟତା ପର୍ଯ୍ୟାୟ ମୁକାବିଲାରେ ଡବଲ ବିଜୟ ହାସଲ କରି ମୁଖ୍ୟ ଡ୍ର’ରେ ପ୍ରବେଶ କରିଛନ୍ତି। ଅନ୍ୟ ଖେଳାଳିମାନେ ହେଲେ ଚେତନ ଆନନ୍ଦ, ଜ୍ଞାନ ଦାସ, ନିଶି ପ୍ରକାଶ ଦାସ୍, ଅମିତ ସିଂ, ସତ୍ୟଦୀପ ଦାସ, ଜିତେନ ଷଡଙ୍ଗୀ, ଜାକିର ଅଲି ଖାନ୍, ରାହୁଲ ହାଲି, ବରୁଣ ପୂର୍ବା, ପ୍ରକାଶ ସାହୁ, ପି. ଗୋବିନ୍ଦ ରାଓ ଓ ଅଲତାଫ ଅଲି। ଆସନ୍ତାକାଲିଠାରୁ ମୁଖ୍ୟ ଡ୍ର ଖେଳ ଆରମ୍ଭ ହେବ।

## ସାହାଣୀ କପ୍ | ଫାଇନାଲରେ କଟକ-ସମ୍ବଲପୁର



କଟକ,୨୭।୭(ସମିସ): ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ଚାଲିଥିବା ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍‌ର ଫାଇନାଲରେ କଟକ ଓ ସମ୍ବଲପୁର ଦଳ ଭେଟ ହେବେ। ଦ୍ୱିତୀୟ ସେମିଫାଇନାଲରେ ରବିବାର କୋରାପୁଟକୁ ପରାସ୍ତ କରି ସମ୍ବଲପୁର ଫାଇନାଲରେ ପ୍ରବେଶ କରିଥିଲା। ସମ୍ବଲପୁର ଟାଇବ୍ରେକର୍‌ରେ ୧(୫)-୧(୪) ଗୋଲରେ ବିଜୟୀ ହୋଇଥିଲା। କଟକ ଫାଇନାଲରେ ସ୍ଥାନ ସୁରକ୍ଷିତ କରି ସାରିଛି। କଟକ ଓ ସମ୍ବଲପୁର ଭିତରେ ଦୁଇଟି ଫାଇନାଲ ମ୍ୟାଚ୍ ଖେଳାଯିବ। ୧ ତାରିଖରେ ବୌଦ୍ଧରେ ଏବଂ ୩ ତାରିଖରେ କେନ୍ଦୁଝରରେ ଫାଇନାଲ ମୁକାବିଲା ହେବ।

## ରାଜ୍ୟ ସ୍କୁଲ ଓପନ ଚେସ୍ | ଆଦ୍ୟ ଅଦ୍ୱିତ୍, ସାଇ ସ୍ୱାଗତ ଚାମ୍ପିଅନ



ଭୁବନେଶ୍ୱର, ୨୭।୭ (ସମିସ): ଓଡ଼ିଶା ରାଜ୍ୟ ଚେସ ସଂଘ ଓ ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ (ବିଜେଇଏମ୍) ସ୍କୁଲ ଆନୁକୂଲ୍ୟରେ ଦ୍ୱିତୀୟ ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତା ସ୍କୁଲର ଦ୍ୱିତୀୟ କ୍ୟାମ୍ପସରେ ଆଜି ଅନୁଷ୍ଠିତ ହୋଇଛି। ଦୁଇଟି ବିଭାଗ ଯଥା ମିନି ଓ ସବଜୁନିଅର କାଟାଗୋରୀରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହା ମଧ୍ୟରୁ ମିନିରେ ସାଇ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ଆଦ୍ୟ ଅଦ୍ୱିତ୍ ଦାସ ଚାମ୍ପିଅନ ପୋଖରୀପୁଟ ଡିଏଭି ସ୍କୁଲ୍‌ର ସାଇ ସ୍ୱାଗତ ପରିଜା ରନର୍ସ ଅପ୍ ହୋଇଥିଲେ। ଚନ୍ଦ୍ରଶେଖରପୁର ଡିଏଭିର ମୟଙ୍କ ବରାଳ ତୃତୀୟ ଓ ଖଣ୍ଡଗିରି ମଦର୍ସ ପବ୍ଲିକ୍ ସ୍କୁଲ୍‌ର ରେୟାଂଶ ମହାନ୍ତି ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ସେହିପରି କଟକ ଏସ୍‌ସିବି ମେଡିକାଲ କଲେଜ୍ ଡିଏଭି ପବ୍ଲିକ୍ ସ୍କୁଲ୍‌ର ସାଇ ସ୍ୱାଗତ ପଣ୍ଡା ଓ କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ ସ୍ୱରୂପ ସାହୁ ରନର୍ସ ଅପ୍ ହୋଇଛନ୍ତି। ଭୁବନେଶ୍ୱର ଏପିଜେର ପ୍ରାଂଶୁ ଦାଶ ତୃତୀୟ ଓ ଜଟଣୀ ପୂର୍ବତଟ ରେଳବାଇ ଏମ୍‌ଏଚ୍‌ଏସ୍ ସ୍କୁଲ୍‌ର ହିମାଂଶୁ ଶେଖର ସାହୁ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାକୁ ବିଜେଇଏମ୍ ପ୍ରିନ୍ସିପାଲ ବରଦା ପ୍ରସାଦ ପାଇକରାୟ ଉଦ୍‌ଘାଟନ କରିଥିଲାବେଳେ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

## ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତକୁ ୧୨ ପଦକ

ଭୁବନେଶ୍ୱର, ୨୭।୭ (ସମିସ):

ଜର୍ମାନୀରେ ଶେଷ ହୋଇଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୩୨ତମ ସଂସ୍କରଣ ଭାରତୀୟ ଦଳ ୧୨ ପଦକ ଜିତି ଅଭିଯାନ ଶେଷ କରିଛି। ଯେଉଁଥିରେ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳ ୨ ସ୍ୱର୍ଣ୍ଣ ଏବଂ ୫ଟି ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ରହିଛି। ପଦକ ତାଲିକାରେ ଭାରତ ୨୦ତମ ସ୍ଥାନରେ ରହିଛି। ତୀରନ୍ଦାଜୀରେ ସବୁଠୁ ସଫଳ ପ୍ରଦର୍ଶନ କରି ଭାରତ ୨ଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ସହ ଗୋଟିଏ କାଂସ୍ୟ ପଦକ ଜିତିଥିଲା। ଏହାପରେ ଆଥ୍‌ଲେଟିକ୍ସରେ ୩ଟି ରୌପ୍ୟ ଓ ୨ଟି କାଂସ୍ୟ ପଦକ ଆସିଥିଲା। ଉଦ୍‌ଯାପନୀ ଦିବସରେ ଭାରତ ୫ଟି ପଦକ ଜିତିଥିବାବେଳେ ସମସ୍ତ କ୍ରୀଡ଼ାବିତ୍ କିଟ୍ ବିଶ୍ୱବିଦ୍ୟାଳୟର ରହିଥିଲେ। ଟ୍ରିପଲ ଜମ୍ପରେ ପ୍ରବୀଣ ଚିତ୍ରାଭେଲ୍, ୩୦୦୦ ମିଟର ବାଧାଦୌଡ଼ରେ ଅଙ୍କିତା ଓ ମହିଳା ୫୦୦୦ ମିଟରରେ ସୀମା ରୌପ୍ୟ ପଦକ ଏବଂ ୨୦ କିମି ଚାଲି ଟିମ୍ ଇଭେଣ୍ଟ ଓ ୪ ଗୁଣା ୧୦୦ ମିଟର ପୁରୁଷ ରିଲେ ଦଳ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ରିଲେ ଦଳରେ ଓଡ଼ିଶାର ଅନିମେଶ କୁଜୁର, ଲାଲୁ ପ୍ରସାଦ ଭୋଇ, ଜୟରାମ ଦଣ୍ଡପତି ସଦସ୍ୟ ରହିଥିଲେ। ପଦକ ବିଜୟୀ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। ଏହି ମେଗା ଇଭେଣ୍ଟରେ ଭାରତରୁ ୩୦୦ ଆଥ୍‌ଲେଟ୍ ଭାଗନେଇଥିବାବେଳେ ସେଥିରେ କିଟ୍‌ର ୪୦ଜଣ ଏବଂ ଉତ୍କଳ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜଣେ ରହିଥିଲେ।






PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS